

ବିକଶିତ ଛତିଶଗଡ଼ ସ୍ୱପ୍ନ ପୂରଣ କରିବୁ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଭାରତ-ପାକ୍ ମ୍ୟାଚ୍ ନେଇ ଜବାବ | ୭

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୬୫ Vol. 22 No-165 14 SEPTEMBER 2025 SUNDAY, BHUBANESWAR ରବିବାର, ୧୪ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦







## ସଂକ୍ଷେପରେ...

### ୨୭ରେ ଓଡ଼ିଶା ଆସିବେ ମୋଦୀ

ଭୁବନେଶ୍ୱର,୧୩।୯(ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ତାରିଖରେ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ବ୍ରହ୍ମପୁରରେ ଆୟୋଜିତ ଯୁବ ସମାବେଶରେ ସେ ସାମିଲ ହେବେ। ଓଡ଼ିଶାରେ ବିଜେପିର ସଂଗଠନ କିପରି ଅଧିକ ଶକ୍ତିଶାଳୀ ହୋଇପାରିବ ସେ ନେଇ ମଧ୍ୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

### କେନ୍ଦ୍ରୀୟ ଡେପୁଟେସନରେ ଯିବେ ଶାଳିନୀ ପଣ୍ଡିତ

ଭୁବନେଶ୍ୱର,୧୩।୯(ଭାସ୍କର ନ୍ୟୁଜ): ବରିଷ୍ଠ ଆଇଏଏସ୍ ଅଧିକାରୀ ଶାଳିନୀ ପଣ୍ଡିତ କେନ୍ଦ୍ରୀୟ ଡେପୁଟେସନରେ ଯିବେ। ୫ବର୍ଷ ପାଇଁ ତାଙ୍କର ଅବଧି ରହିଛି। ତାଙ୍କ ସମେତ ୩୫ ଅଧିକାରୀ ଡେପୁଟେସନରେ ଯିବା ନେଇ ଅନୁମୋଦନ ଦିଆଯାଇଛି।


### ମାର୍କେଟ କମ୍ପ୍ଲେକ୍ସ ଭୁଶୁଡ଼ି ଜଣେ ମୃତ

କୋରାପୁଟ,୧୩।୯(ଭାସ୍କର ନ୍ୟୁଜ): କୋରାପୁଟ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ମାର୍କେଟ କଂପ୍ଲେକ୍ସର ଛାତ ଭୁଶୁଡ଼ି ପଡିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି।

ସେନ୍‌ସେକ୍ସ: ୮୧,୯୦୪.୭୦
ସର୍ବାଧିକ: ୩୦.୨ ଡିଗ୍ରୀ
ସର୍ବନିମ୍ନ: ୨୭.୪ ଡିଗ୍ରୀ

**୧୩।୯।୨୦୨୫ ର ମତାମତ**

ଓଏଏସ୍ ଟପର ଲାଞ୍ଚ ନେବା ଠିକ୍ କି?




**ଆଜିର ପ୍ରସଙ୍ଗ**

ସରକାରୀ ଅଫିସରେ ଏଆଇର ବ୍ୟବହାର ଜରୁରି କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଶୂନ ଦୁର୍ଘଟଣା ପ୍ରଚାର ରଥର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ସତର୍କତା ଦୁର୍ଘଟଣାରୁ ରକ୍ଷା କରିବ




### କେନ୍ଦୁଝରର ୧୩ ଟି ବ୍ଲକରେ ଗଡ଼ିଲା ପ୍ରଚାର ରଥ
### ଓଡିଶାକୁ ଦୁର୍ଘଟଣା-ଶୂନ୍ୟ ରାଜ୍ୟ ଭାବେ ଗଢିବା ଆହ୍ୱାନ
### ସୁରକ୍ଷା କେବଳ ସରକାରଙ୍କର ନୁହେଁ ପ୍ରତିଟି ବ୍ୟକ୍ତିର ଦାୟିତ୍ୱ

ଭୁବନେଶ୍ୱର/କେନ୍ଦୁଝର,୧୩।୯ (ଭାସ୍କର ନ୍ୟୁଜ): 'ସମୃଦ୍ଧ ଓଡିଶା, ବିକଶିତ ଓଡ଼ିଶା'ର ପ୍ରତିଶ୍ରୁତିକୁ ଆଗକୁ ବଢାଇ ନେଇ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଜି କେନ୍ଦୁଝର ଠାରେ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଆୟୋଜିତ "ଜିରୋ ଆକ୍ସିଡେଣ୍ଟ ଡେ" ବା ଶୂନ ଦୁର୍ଘଟଣା ଦିବସ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡିଶାକୁ ଏକ ଦୁର୍ଘଟଣା ଶୂନ୍ୟ ରାଜ୍ୟ ଭାବେ ଗଢିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିରୋ ଆକ୍ସିଡେଣ୍ଟ ସେଲ୍ଫି ପଏଣ୍ଟକୁ ଉଦ୍ଘାଟନ କରିବା ସହିତ ସଡକ ସୁରକ୍ଷା ବାର୍ତ୍ତା ପ୍ରଚାରକ ମାନଙ୍କୁ ସେହିଠାରେ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାର ସମସ୍ତ ୧୩ ଟି ବ୍ଲକରେ ସଡକ ସୁରକ୍ଷା ସଚେତନତା ତଥା ଶୂନ ଦୁର୍ଘଟଣା ବାର୍ତ୍ତା ପ୍ରଚାର ରଥର ଶୁଭାରମ୍ଭ କରିଥିଲେ ଓ ସିଗନେଚର କ୍ୟାମ୍ପେନକୁ ଉଦ୍ଘାଟନ କରିଥିଲେ। ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସୁରକ୍ଷା କେବଳ ସରକାରଙ୍କର ଦାୟିତ୍ୱ ନୁହେଁ। ଏଥି ପ୍ରତି ସଚେତନ ହେବା ପ୍ରତ୍ୟେକ ବ୍ୟକ୍ତିଙ୍କର ସାମୂହିକ ଦାୟିତ୍ୱ। ଭୁବନେଶ୍ୱରରେ ଶୂନ ଦୁର୍ଘଟଣା ଦିବସର ଏକ ବିଶେଷ ସଫଳତା ପରେ କେନ୍ଦୁଝର ଏହି ଅଭିଯାନକୁ ଆଗକୁ ନେବାରେ ଓଡ଼ିଶାର ପ୍ରଥମ ଜିଲ୍ଲା ହୋଇଛି। ଆମର ଲକ୍ଷ୍ୟ ହେବ, ଶୂନ ଦୁର୍ଘଟଣା ଦିବସ ସଚେତନତା ବାର୍ତ୍ତାକୁ ପ୍ରତି ସହର, ଗାଁ ଏପରିକି ଘରେ ଘରେ ପହଞ୍ଚାଇବା। ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରାଇବା। ସମସ୍ତ କ୍ଷେତ୍ରରେ ସତର୍କତା ହିଁ ଆମକୁ ଏସବୁ ଦୁର୍ଘଟଣାରୁ ବଞ୍ଚେଇ ପାରିବ। କେନ୍ଦୁଝର ଜିଲ୍ଲା • ପୃଷ୍ଠା ୫ ଦେଖନ୍ତୁ

## ମଣିପୁରରେ ପ୍ରଧାନମନ୍ତ୍ରୀ

# ମଣିପୁର 'ମଣି' ଉତ୍ତର-ପୂର୍ବକୁ ଚମକାଇବ

### ଶାନ୍ତି, ବିକାଶ, ବିଶ୍ୱାସର ବାର୍ତ୍ତା ଦେଲେ
### ସଦ୍‌ଭାବନା ସହ ସହଯୋଗର ଆହ୍ୱାନ
### ୮,୫୦୦ କୋଟିର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ



ଇମ୍ଫାଲ,୧୩।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ମଣିପୁରର ଚୁରାଚାନ୍ଦପୁରରେ ପହଞ୍ଚି ସେଠାରେ ହିଂସାଦ୍ୱାରା ପ୍ରଭାବିତ ଲୋକଙ୍କୁ ଭେଟିଛନ୍ତି। ସେ ରାଜ୍ୟରେ ଶାନ୍ତି, ବିକାଶ ଓ ବିଶ୍ୱାସର ବାର୍ତ୍ତା ଦେଇଛନ୍ତି। ମଣିପୁରର ସାମାଜିକ ଏବଂ ଆର୍ଥିକ ବିକାଶ ପାଇଁ ଭାରତ ସରକାରଙ୍କ ଦ୍ୱାରା କରାଯାଇଥିବା ପ୍ରୟାସ ଉପରେ ମଧ୍ୟ ଆଲୋକପାତ କରିଛନ୍ତି। ମୋଦୀ କହିଛନ୍ତି ଯେ ଏବେ ମଣିପୁରର ପ୍ରତ୍ୟେକ ନାଗରିକ ବିକାଶ ପଥରେ ଆଗକୁ ବଢୁଛନ୍ତି ଏବଂ ଏହି ରାଜ୍ୟ ଆଶାର ନୂତନ ଉଦାହରଣ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ଏଥିସହ ମଣିପୁରର ଯୁବକମାନଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ସରକାରଙ୍କ ପ୍ରୟାସ ହେଉଛି ମଣିପୁରର ପ୍ରତ୍ୟେକ ନାଗରିକ ବିକାଶର ଲାଭ ପାଆନ୍ତୁ। ମଣିପୁର ନାମରେ ମଣି ରହିଛି ଯାହା ସମଗ୍ର ଉତ୍ତର-ପୂର୍ବ ଅଞ୍ଚଳର ଚମକକୁ ବୃଦ୍ଧି କରିବ ବୋଲି ମୋଦୀ କହିଛନ୍ତି। ମୋଦୀ ଆହୁରି କହିଛନ୍ତି ଯେ ହିଂସା ମଣିପୁରକୁ ପ୍ରଭାବିତ କରିଛି। କିନ୍ତୁ ଏବେ ସମସ୍ତ ସମ୍ପ୍ରଦାୟ ଶାନ୍ତିପଥରେ ଆଗକୁ ବଢୁଛନ୍ତି। ସମସ୍ତ ସଂଗଠନ ଏବଂ ଗୋଷ୍ଠୀକୁ ସାମାଜିକ ସଦ୍ଭାବନା ଓ ପାରସ୍ପରିକ ବୁଝାମଣା ସହ ଆଗକୁ ବଢିବାକୁ ଆହ୍ୱାନ ଦେଇଛନ୍ତି। ଅନେକ ଗୋଷ୍ଠୀ ମଧ୍ୟରେ ଚୁକ୍ତିନାମା ମଧ୍ୟ ହୋଇଛି। ପ୍ରଧାନମନ୍ତ୍ରୀ ଆଶ୍ୱାସନା ମଧ୍ୟ ଦେଇଛନ୍ତି ଯେ ଭାରତ ସରକାର ଏବଂ ମଣିପୁର ସରକାର ବିସ୍ଥାପିତ ଲୋକଙ୍କୁ • ପୃଷ୍ଠା ୫ ଦେଖନ୍ତୁ

## ଭିସୁଟ୍‌ର ସମାବର୍ତ୍ତନ ସମାରୋହରେ ଧର୍ମେନ୍ଦ୍ର

# ଓଡ଼ିଶା 'ନ୍ୟୁ ଏଜ୍ ଅର୍ଥନୀତି'ର ନେତୃତ୍ୱ ନେବ ଭିସୁଟ୍




ବୁର୍ଲା,୧୩।୯(ଭାସ୍କର ନ୍ୟୁଜ): ଦଶନ୍ଧି ଦଶନ୍ଧି ଧରି ଭିସୁଟ ରାଜ୍ୟ ତଥା ଦେଶରେ ବୈଷୟିକ ଶିକ୍ଷାର ପ୍ରସାର କରିଆସୁଛି। ଗରିବ ଓ ସାଧାରଣ ଘରୁ ଆସି ଭିସୁଟରେ ପଢୁଥିବା ପିଲାମାନେ ଆମ ଦେଶର ବୈଜ୍ଞାନିକ ଓ ଇଞ୍ଜିନିୟରିଂ ଶକ୍ତିର ପ୍ରତୀକ ହୋଇଛନ୍ତି ବୋଲି ଶନିବାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍), ବୁର୍ଲାର ୧୬ତମ ସମାବର୍ତ୍ତନ ସମାରୋହରେ ଓଡ଼ିଶା ରାଜ୍ୟପାଳ ଡଃ. ହରିବାବୁ କମ୍ଭମପାଟିଙ୍କ ସହ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଡିଗ୍ରୀ, ଉପାଧି ଓ ପଦକ ଲାଭ କରିଥିବା ଛାତ୍ରଛାତ୍ରୀ ଓ ଗବେଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଶ୍ରୀ ପ୍ରଧାନ। ସେ କହିଛନ୍ତି, ଛାତ୍ରଛାତ୍ରୀ ଓ ଗବେଷକମାନଙ୍କ ପାଇଁ ବିଶ୍ୱମାନର ଗୁଣାତ୍ମକ ଶିକ୍ଷାର ସୁଯୋଗ ପ୍ରଦାନ କରି ଭିସୁଟ ଆଗାମୀ • ପୃଷ୍ଠା ୫ ଦେଖନ୍ତୁ

## ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ କଲେ ସିଇଓ

# ଅକ୍ଟୋବର ୯ରେ ଚୂଡ଼ାନ୍ତ ଭୋଟର ତାଲିକା

### ଉପନିର୍ବାଚନ ପାଇଁ ହେବ ଏସ୍ଏସ୍ଆର୍
### ଆପତ୍ତି ଦାଖଲ କରିବା ଅବଧି ୧୫ରୁ ୨୯
### ମତଦାନ କେନ୍ଦ୍ରର ହେବ ପୁନଃବ୍ୟବସ୍ଥାପନ, ପରିବର୍ତ୍ତନ




ଭୁବନେଶ୍ୱର,୧୩।୯(ଭାସ୍କର ନ୍ୟୁଜ): ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଶନିବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ ଚଳିତ ୧୫ ତାରିଖ ସୁଦ୍ଧା ଚିଠା ଭୋଟର ତାଲିକା ପ୍ରକାଶ କରାଯିବ। ଭୋଟରମାନେ ଯେଉଁମାନଙ୍କର ଦାବି ଓ ଆପତ୍ତି ଦାଖଲ କରିବାର ଥିବ, ସେମାନେ ୧୫ରୁ ୨୯ ତାରିଖ ମଧ୍ୟରେ ଏହା ଦାଖଲ କରିପାରିବେ। ଅକ୍ଟୋବର ୭ ତାରିଖ ସୁଦ୍ଧା ଦାବି ଓ ଆପତ୍ତିଗୁଡ଼ିକର ସମାଧାନ କରାଯିବ। ସେହିପରି ଅକ୍ଟୋବର ୯ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ନୂଆପଡ଼ାରେ ଉପନିର୍ବାଚନ ପାଇଁ ରାଜନୈତିକ ଦଳମାନେ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଗତ ସାଧାରଣ ନିର୍ବାଚନରେ ଏହି ଆସନରୁ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ବିଜୟଲାଭ କରିଥିଲେ। ତେଣୁ ସେହି ବିଜୟଧାରା ବଜାୟ ରଖିବା ପାଇଁ ବିଜେଡି ଉଦ୍ୟମ କରିବ। ସେହି ନିର୍ବାଚନରେ ସ୍ୱାଧୀନପ୍ରାର୍ଥୀ ଦ୍ୱିତୀୟ ସ୍ଥାନରେ ଥିବାବେଳେ ବିଜେପି ତୃତୀୟ ଓ କଂଗ୍ରେସ ଚତୁର୍ଥ ସ୍ଥାନରେ ରହିଥିଲା। ତେବେ ରାଜ୍ୟରେ ବିଜେପି ସରକାର ଥିବାରୁ ଏହି ଆସନରେ ଜିତି ବିଧାନସଭାରେ ନିଜର ସଦସ୍ୟ ସଂଖ୍ୟା ବଢାଇବାକୁ ଚାହିଁବ। ନୂଆପଡ଼ା ଉପନିର୍ବାଚନ ପ୍ରସଙ୍ଗରେ ବିଜେପି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି ଯେ ଏହି ଉପନିର୍ବାଚନରେ ବିଜେପିର ବିଜୟ ସୁନିଶ୍ଚିତ। ସେ କହିଥିଲେ, ଓଡ଼ିଶାରେ ବିଜେପି ସରକାର ଗଠନ କରିବ ବୋଲି କେହି ଆଶା କରିନଥିଲେ। କିନ୍ତୁ ଓଡ଼ିଶାରେ ବିଜେପି ସରକାର ଗଠନ କରିଛି। ଓଡ଼ିଶାରୁ ୨୦ ବିଜେପି ସାଂସଦ ଲୋକସଭାକୁ ଯାଇଛନ୍ତି। ତେଣୁ ନୂଆପଡ଼ା ଉପନିର୍ବାଚନରେ ମଧ୍ୟ ବିଜେପି ବିଜୟୀ ହେବେ ବୋଲି ସେ ଦୃଢୋକ୍ତି ବାଢିଥିଲେ। ୨୦୨୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ବିଜୟଲାଭ କରିଥିବାବେଳେ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



କଂଗ୍ରେସ ବିଜେଡି ଟକରା ଟକରି
ବିଜେପି ଘଷୁଛି ନଖ,
କଟକ ଅବସ୍ଥା ନ କହିଲେ ଭଲ
ଉପରକୁ ଚକଚକ ।
ଭାଇଚାରା ଖାଲି ଡାକ,
ବିଧାୟିକା ଆଉ ମେୟର କଳିରେ
ପ୍ରଗତିରେ ଲାଗେ ବ୍ରେକ ।

## ମୋହନ ସରକାରଙ୍କ ନିଷ୍ପତ୍ତି

# ଏଆଇରେ ଚାଲିବ ଶାସନ



ଭୁବନେଶ୍ୱର,୧୩।୯(ଭାସ୍କର ନ୍ୟୁଜ): ପ୍ରଶାସନକୁ ଚଳଚଞ୍ଚଳ ଓ ପ୍ରଶାସନିକ ଅଧିକାରୀଙ୍କୁ ଦକ୍ଷ କରିବ ଆର୍ଟିଫିସିଆଲ ଇଣ୍ଟେଲିଜେନ୍‌ସ। ବିନା ଭୁଲରେ ଚୁଟ୍‌କିରେ ହେବ ଲୋକଙ୍କ କାମ। ଏଥିପାଇଁ ସରକାରୀ ବ୍ୟବସ୍ଥା ସହ ଏଆଇକୁ ଯୋଡ଼ିବା ପାଇଁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟର ମୋହନ ସରକାର। ଯାହାଦ୍ୱାରା ଡବଲ ଇଞ୍ଜିନ ସରକାରରେ ଦ୍ରୁତବେଗରେ ବିକାଶର ଗତି ବଢିପାରିବ। କୌଣସି ସରକାରୀ କାମରେ ଦ୍ୱନ୍ଦ୍ୱ ରହିଲେ ଏଆଇ କରିବ ସମାଧାନ। ସୁଶାସନ ଓ ପ୍ରଶାସନିକ ସଂସ୍କାର ପାଇଁ ସରକାରୀ ବ୍ୟବସ୍ଥାରେ ଏଆଇର ବହୁଳ ବ୍ୟବହାର କରାଯିବ। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଓ କମିଶନରଙ୍କୁ ଚିଠି ଲେଖି ଅବଗତ କରିଛି। ପ୍ରତିଦିନର ସରକାରୀ କାର୍ଯ୍ୟରେ ଏଆଇର ବ୍ୟବହାର କରାଯିବ। ଯାହା ସରକାରୀ କର୍ମଚାରୀଙ୍କ କାର୍ଯ୍ୟପ୍ରଣାଳୀକୁ ସୁଗମ କରିବା ସହ କାର୍ଯ୍ୟଦକ୍ଷତା ବୃଦ୍ଧି କରିବ। ବିଭାଗ ଓ ବାବୁମାନଙ୍କୁ କ୍ରିୟାଶୀଳ କରିବା ପାଇଁ ସରକାର ଏବେ ଏଆଇକୁ ଅସ୍ତ୍ର କରିଛନ୍ତି। ଆଗକୁ ପ୍ରତିବିଭାଗ ଏଆଇ ଟୁଲ୍ • ପୃଷ୍ଠା ୫ ଦେଖନ୍ତୁ

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ

# କୋର୍ଟ ପରିସରରେ ରିଲ୍-ସେଲ୍‌ଫି ମନା



ନୂଆଦିଲ୍ଲୀ,୧୩।୯: ଶନିବାର ଦେଶର ସର୍ବୋଚ୍ଚ ଅଦାଲତ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୁପ୍ରିମକୋର୍ଟର ମର୍ଯ୍ୟାଦା ଏବଂ ସୁରକ୍ଷା ପାଇଁ ଏକ ସର୍କୁଲାର ଜାରି କରିଛନ୍ତି। ସରକାରୀ ଉଦ୍ଦେଶ୍ୟ ବ୍ୟତୀତ କୋର୍ଟର ଉଚ୍ଚସ୍ତରୀୟ ସୁରକ୍ଷା ଅଞ୍ଚଳରେ ରିଲ-ସେଲ୍‌ଫିକୁ ମନା କରିଛନ୍ତି। ଏ ନେଇ ସୁପ୍ରିମକୋର୍ଟ ବାର୍ ପକ୍ଷରୁ ଚିନ୍ତାପ୍ରକଟ ପରେ ସୁପ୍ରିମକୋର୍ଟ ଅଦାଲତ ପରିସରରେ ରିଲ୍ ଏବଂ ସେଲଫି ଉପରେ ନିଷେଧାଦେଶ ଦେଇଛନ୍ତି। ସୁପ୍ରିମକୋର୍ଟର ମହାସଚିବଙ୍କ ଦ୍ୱାରା ଜାରି କରାଯାଇଥିବା ସର୍କୁଲାରରେ ତୁରନ୍ତ ପ୍ରଭାବଶାଳୀ କଠୋର ନିର୍ଦ୍ଦେଶାବଳୀ ସଂପର୍କରେ ଉଲ୍ଲେଖ କରାଯାଇଛି। ଏଥିରେ ସ୍ପଷ୍ଟଭାବେ ଉଲ୍ଲେଖ କରାଯାଇଛି ଯେ ଆଇନଜୀବୀ, ମାମଲା ରୁଜୁକାରୀ, ପ୍ରଶିକ୍ଷାର୍ଥୀ ଓ ଗଣମାଧ୍ୟମ କର୍ମଚାରୀଙ୍କୁ ଉଚ୍ଚସ୍ତରୀୟ ସୁରକ୍ଷା କ୍ଷେତ୍ର ଭିତରେ ରିଲ ତିଆରି କରିବା, ଫଟୋ ଉଠାଇବା କିମ୍ବା ଭିଡିଓ ରେକର୍ଡ କରିବା ପାଇଁ କ୍ୟାମେରା, ମୋବାଇଲ ଫୋନ୍ କିମ୍ବା ଟ୍ରାଇପଡ଼ ଏବଂ ସେଲ୍‌ଫି ଷ୍ଟିକ୍ ଭଳି ଉପକରଣ ବ୍ୟବହାର କରିବାକୁ ବିଶେଷଭାବେ ମନା କରାଯାଇଛି। ଗଣମାଧ୍ୟମ ସାକ୍ଷାତକାର ଏବଂ ସିଧା ସମ୍ବାଦ ପ୍ରସାରଣ ଜାରି ରହିବ। କିନ୍ତୁ ଏଗୁଡ଼ିକ କେବଳ କମ୍ ସୁରକ୍ଷା ଅଞ୍ଚଳର ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଲନ୍‌ରେ କରାଯିବ। ଯଦି କୌଣସି ଓକିଲ, ମୋକଦ୍ଦମା ରୁଜୁକାରୀ, ପ୍ରଶିକ୍ଷାର୍ଥୀ କିମ୍ବା ଆଇନ କିରାଣି ଉପରୋକ୍ତ ନିର୍ଦ୍ଦେଶାବଳୀର ଉଲ୍ଲଂଘନ କରନ୍ତି ତେବେ ସଂପୃକ୍ତ • ପୃଷ୍ଠା ୫ ଦେଖନ୍ତୁ

## ଚଳିତ ମାସରେ ମନ୍ତ୍ରିମଣ୍ଡଳ

# ସମ୍ପ୍ରସାରଣ: ତୋମାର



ଭୁବନେଶ୍ୱର,୧୩।୯(ଭାସ୍କର ନ୍ୟୁଜ): ଚଳିତ ମାସରେ ବହୁତ କିଛି ହେବାକୁ ଯାଉଛି। ବୋର୍ଡ, ନିଗମ ଅଧ୍ୟକ୍ଷ ପଦ ପୂରଣ ହେବା ସହ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରାଯିବ। ଏହାଛଡ଼ା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଚଳିତମାସ ୨୭ ତାରିଖରେ ଓଡ଼ିଶା ଆସୁଛନ୍ତି। ଖୁବ୍‌ଶୀଘ୍ର ଏ ନେଇ କାର୍ଯ୍ୟକ୍ରମ ନିର୍ଣ୍ଣୟ କରାଯିବ। ଖାଲି ସେତିକି ନୁହେଁ, ଅଟକି ରହିଥିବା ସରକାରୀ ଓକିଲ ନିଯୁକ୍ତି ପ୍ରକ୍ରିୟା ବି ଶେଷ କରାଯିବ। ଏଭଳି ଏକ ବଡ଼ ସୂଚନା ଶନିବାର ଦେଇଛନ୍ତି ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଲ ସିଂ ତୋମାର। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଓଡ଼ିଶା ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ। ପ୍ରଧାନମନ୍ତ୍ରୀ ଯେତେବେଳେ ଓଡ଼ିଶା ଗସ୍ତରେ ଆସନ୍ତି, ସେତେବେଳେ ଓଡ଼ିଶାକୁ କିଛି ନା କିଛି ଦେଇକରି ଯାଇଥାନ୍ତି। ପ୍ରଧାନମନ୍ତ୍ରୀଙ୍କ ଫୋକସରେ ସବୁବେଳେ ଓଡ଼ିଶା ରହିଥାଏ। ଦେଶର ଅନ୍ୟରାଜ୍ୟ ତୁଳନାରେ ଓଡ଼ିଶାକୁ ଏକବର୍ଷରେ ପ୍ରଧାନମନ୍ତ୍ରୀ ୭ଥର ଗସ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଫୋକସରେ ଯୁବବର୍ଗ ମଧ୍ୟ • ପୃଷ୍ଠା ୫ ଦେଖନ୍ତୁ



ଗୋପତା, (ଭାସ୍କର ନ୍ୟୁଜ୍): ଭାରତୀୟ ସଂସ୍କୃତିର ମହାନାୟକ ଓ ସନାତନ ଧର୍ମର ଶ୍ରେଷ୍ଠ ପ୍ରଚାରକ ତଥା ପ୍ରତ୍ୟେକ ଯୁବ ଭାରତୀୟଙ୍କ ପ୍ରେରଣାର ଉତ୍ସ 'ସ୍ୱାମୀ ବିବେକାନନ୍ଦ' ଚିକାଗୋ ଧର୍ମ ସମ୍ମିଳନୀରେ ଦେଇଥିବା ଉଜ୍ଜୟିନୀ ବକ୍ତୃତା ଦ୍ୱାରା ସାରା ବିଶ୍ୱକୁ ବିମୋହିତ କରିଦେଇଥିଲେ। ସେହି ସ୍ମୃତିକୁ ସ୍ମରଣୀୟ କରିବାପାଇଁ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, ଶାଖା-କୁଶୁପୁର ତରଫରୁ "ବିଶ୍ୱ ଭ୍ରାତୃତ୍ୱ ଦିବସ" ପାଳିତ ହୋଇଯାଇଅଛି। ଏହି ଅବସରରେ ସ୍ଥାନୀୟ କୁଶୁପୁର ସ୍ଥିତ ଶ୍ରୀ ଶ୍ରୀ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ଭାବେ ପୁରୀର ମହିପ୍ରକାଶ ମଠର ସ୍ୱାମୀ ରମେଶାନନ୍ଦ ସରସ୍ୱତୀ, ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାମୀ ଶୁଭାନନ୍ଦ ମହାରାଜ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ନୀତି ଆଦର୍ଶ, ବାଣୀ ଓ ଜୀବନଶୈଳୀକୁ ପାଥେୟ କରି ଆଜିର ଯୁବକ ମାନେ ଆଧୁନିକ ସମାଜକୁ ଜୟ କରି ବିଶ୍ୱବିଜୟୀ ହୋଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ପୁରୀ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ହରମୋହନ ମିଶ୍ର ଯୋଗଦେଇ ସ୍ୱାମିଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ବିବେକାନନ୍ଦ କେନ୍ଦ୍ର କୁଶୁପୁର ଶାଖାର ସଂଯୋଜକ ବେଣୁଧର ପାଇକରାୟଙ୍କ ସଭାପତିତ୍ୱ ଓ କୋଣାର୍କ ଭଗବତୀ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରବିନ୍ଦ୍ରନାଥ ପ୍ରଧାନ ଅତିଥି ପରିଚୟ ଓ ରଶ୍ମୀରଂଜନ ପଟ୍ଟନାୟକ ବିବେକାନନ୍ଦ କେନ୍ଦ୍ରର ପରିଚୟ ପ୍ରଦାନ କରିଥିଲେ।



## ସମଗ୍ର ଶିକ୍ଷା ଦିଗହରା

# ୭ ଶ୍ରେଣୀକୁ ୩ ଶିକ୍ଷକ ଶିକ୍ଷୟିତ୍ରୀ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଶିକ୍ଷାକୁ ସାର୍ବଜନୀନ ଓ ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରାଇବା ନିମନ୍ତେ ସରକାର ସମଗ୍ର ଶିକ୍ଷା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଛାତ୍ର ଛାତ୍ରୀଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ, ପୋଷାକ, ଜୋତା ଓ ମୋଜା ଯୋଗାଇ ଦେଉଛନ୍ତି। ବିଦ୍ୟାଳୟ ଗୃହକୁ ସର୍ବାଙ୍ଗ ସୁନ୍ଦର ରୂପେ ଗଢି ତୋଳିବା ପାଇଁ ଲକ୍ଷଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ସରକାର ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରୁଥିଲା ବେଳେ ବିଦ୍ୟାଳୟର ଶିକ୍ଷକ ଅଭାବ ଜନିତ ସମସ୍ୟା ପ୍ରତି ଗୁରୁତ୍ୱାରୋପ କରୁନଥିବା କାରଣରୁ ଅଭିଭାବକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ଏକ ନଗ୍ନ ନମୁନା ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ଗ୍ରମପଂଚାୟତ ଲାଲବାଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ଶିକ୍ଷକ ଅଭାବ ଜନିତ କାରଣରୁ ଶିକ୍ଷାଦାନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବାର ଛାତ୍ରା ଭିଭାବକ ମହଲରେ ଅଭିଯୋଗ ହୋଇଛି। ଲାଲବାଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ୭ଟି ଶ୍ରେଣୀ ରହିଛି। ଏହି ଶ୍ରେଣୀରେ ୧୦୨ଜଣରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଚଳିତ ବର୍ଷ ସରକାରଙ୍କ ତରଫରୁ ଏହି ବିଦ୍ୟାଳୟରେ ବାଲ ବାଟିକା ଶ୍ରେଣୀ ନୂତନ ଭାବେ ଖୋଲାଯାଇଛି। ତେବେ ବାଲ ବାଟିକାକୁ ମିଶାଇଲେ ବିଦ୍ୟାଳୟରେ ୮ଟି ଶ୍ରେଣୀ ରହିଛି। ତେବେ ୮ଟି ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ଶିକ୍ଷାଦାନ ଦେବା ନିମନ୍ତେ ମାତ୍ର ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକରେ ସମଗ୍ର ଶିକ୍ଷା ଯୋଜନାରେ ଦୈନନ୍ଦିନ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ବିଦ୍ୟାଳୟର ଜଣେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ନେବା ନିମନ୍ତେ ଯିବାକୁ ପଡୁଛି। ଏପରିକି କୌଣସି କାରଣରୁ ଜଣେ ଶିକ୍ଷକ ଅନୁପସ୍ଥିତ ରହିଲେ କିମ୍ବା ଶାରିରୀକ ଭାବେ ଅସୁସ୍ଥ ହେଲେ ବିଦ୍ୟାଳୟରେ ମାତ୍ର ୨ଜଣ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି। ତେବେ ୮ଟି ଶ୍ରେଣୀକୁ ୩ଜଣ ଶିକ୍ଷକ କିପରି ଶିକ୍ଷାଦାନ ଦେଉଥିଲେ ଓ ଶିକ୍ଷାର ଗୁଣାତ୍ମକ ବିକାଶ କିପରି ହେଉଥିବ ତାହା ସହଜେ ଅନୁମେୟ। ଅପରପକ୍ଷରେ ଏହି ବ୍ଲକର ବହୁ ବିଦ୍ୟାଳୟରେ ଆବଶ୍ୟକତା ଠାରୁ ଅଧିକ ଶିକ୍ଷକ ରହିଥିଲେ ମଧ୍ୟ ସେମାନଙ୍କୁ ବଦଳୀ କରାଯାଉନାହିଁ। କିନ୍ତୁ ଏହି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବାରମ୍ବାର ବଦଳୀ କରାଯାଉଥିବା କାରଣରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଏପରିକି ଏହି ବିଦ୍ୟାଳୟର ଗୋଟିଏ କକ୍ଷରେ ଏକାଧିକ ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ବସାଇ ପାଠ ପଢାଇବାକୁ ଶିକ୍ଷକଶିକ୍ଷୟିତ୍ରୀ ବାଧ୍ୟ ହେଉଛନ୍ତି। ତେବେ ଏହି ବିଦ୍ୟାଳୟର ଆବଶ୍ୟକିୟ ଶିକ୍ଷକ ପଦବୀଗୁଡିକ ପୁରଣ ନିମନ୍ତେ ପ୍ରଶାସନିକ ସ୍ତରରେ ଆନ୍ତରିକତା ପ୍ରକାଶ ପାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ବିଦ୍ୟାଳୟର ଶିକ୍ଷକ ପଦବୀ ପୁରଣ କରାଯିବା ନିମନ୍ତେ ଅଭିଭାବକ ମହଲରେ ଦୃଢ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଛାତ୍ର ଛାତ୍ରୀମାନେ ବାଧ ହୋଇ ଆନ୍ଦୋଳାନାତ୍ମକ ପନ୍ଥା ଅବଲମ୍ବନ କରିବା ସମ୍ଭାବନାକୁ ଏଡାଇ ଦିଆଯାଇ ନପରେ ବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଇଛି।

## ଜୟନ୍ତୀ ଓ ନବୀନଙ୍କୁ ଢେଙ୍କାନାଳ ବିଜେପିର ଅଭିନନ୍ଦନ





ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଅମିତ ଶାହା ଯୁବା ଭାରତ ବ୍ରିଗ୍ରେଡ୍ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ଢେଙ୍କାନାଳ ପୌରାକ୍ଷା ଜୟନ୍ତୀ ପାତ୍ର ଓ ରାଜ୍ୟ ବରିଷ୍ଠ ଉପଦେଷ୍ଟା ଭାବେ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ ନିଯୁକ୍ତି ପାଇ ଥିବାରୁ ଉଭୟଙ୍କୁ ଢେଙ୍କାନାଳ ବିଜେପି ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏହି ଅବସରରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲା ସଭାପତି ରାସ ବିହାରୀ ବେହେରା, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପ୍ରେମାନନ୍ଦ ଜେନା, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରୋଜ ନଳିନୀ ମହାଳିକ, ରାଜ୍ୟ କୃଷକ ମୋର୍ଚ୍ଚା ପୂର୍ବତନ ଉପସଭାପତି ରାମ ଚନ୍ଦ୍ର ପାତ୍ର, ଜିଲ୍ଲା ମିଡ଼ିଆ ପ୍ରଭାରୀ ନବ କିଶୋର ଗୁରୁ, ଜିଲ୍ଲା ଉପସଭାପତି ପବିତ୍ର କୁମାର ବିଶ୍ୱାଳ, ବିଷ୍ଣୁ ପ୍ରସାଦ ଲେଙ୍କା, ମାତୃ ପ୍ରସାଦ ନନ୍ଦ, ସନାତନ ବେହେରା, ଶିବପ୍ରସାଦ ସାହୁ, ଇତିଶ୍ରୀ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ସୁନିଲ ଶର୍ମା, ରତିକାନ୍ତ ସାହୁ, ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ମମତା ସ୍ୱାଇଁ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ପ୍ରଶାନ୍ତ ପ୍ରଧାନ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ସହଦେବ ପୃଷ୍ଟି, ଅନୁସୂଚିତ ଜାତି ଜିଲ୍ଲା ସଭାପତି ଲକ୍ଷ୍ମୀଧର ଦଳେଇ, ରାଜ୍ୟ ପରିଷଦ ସଦସ୍ୟା ଭାରତୀ ସ୍ୱାଇଁ, ରାଜ୍ୟ ଯୁବମୋର୍ଚ୍ଚା ସଦସ୍ୟ ସତ୍ୟ ରଞ୍ଜନ ଭୂୟାଁ, ନଗର ମଣ୍ଡଳ ସଭାପତି ବିକାଶ ସାହୁ, ପୂର୍ବତନ ସଭାପତି ଧ୍ରୁବଚରଣ ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ରୁଦ୍ରନାରାୟଣ ତ୍ରିପାଠୀ, ମନ୍ତ୍ରୀଙ୍କ ପ୍ରତିନିଧି ନିରୋଦ କୁମାର ସାହୁ, ସନ୍ତୋଷ ରାଉତ, ଜ୍ଞାନରଞ୍ଜନ ନାୟକ, ସମସ୍ତ ବିଜେପି କାଉନସିଲର ପ୍ରମୁଖ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଛନ୍ତି। ତତ୍ ସଙ୍ଗେ ସଙ୍ଗେ ଉଭୟଙ୍କ ନେତୃତ୍ୱରେ ଆଗାମୀ ଦିନରେ ଢେଙ୍କାନାଳ ତଥା ରାଜ୍ୟରେ ମହିଳା ଓ ଯୁବ ସଂଗଠନ ଆହୁରି ସୁଦୃଢ ହେବ ବୋଲି ଆଶା ବ୍ୟକ୍ତ କରିଛନ୍ତି।

## ପରକୀୟା ପ୍ରୀତି ସନ୍ଦେହରେ କଙ୍ଗାରୁକୋଟ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ପରକ୍ରିୟା ପ୍ରୀତି ସନ୍ଦେହରେ କଙ୍ଗାରୁ କୋର୍ଟ ଏଭଳି ଏକ ଅମାନବୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ବେଗୁନିଆ ଗାଁରେ, ଦୁଇ ଯୁବକ ଓ ଜଣେ ମହିଳାଙ୍କୁ ଏକ ଇଲେକ୍ଟ୍ରି ଖୁଣ୍ଟରେ ବାନ୍ଧି ଅମାନୁଷିକ ଭାବେ ନିସ୍ତୁକ ପିଟିଲେ ଗାଁ ଲୋକେ। ସୂଚନା ଅନୁସାରେ ଗତକାଲି ମହିଳା ଜଣକ ହାଟ ସଉଦା କରିବାରେ ସାହାଯ୍ୟ କରିବା ପାଇଁ ନିକଟସ୍ଥ କାଶୀପାଳ ଗାଁରୁ ତାଙ୍କ ସମ୍ପର୍କୀୟ ଦୁଇଜଣ ଦିଅରଙ୍କୁ ଡାକି ଯଶିପୁର ଆସିଥିଲେ। ହେଲେ ବଜାରରୁ ଅପରାହ୍ନ ୪ ଟା ସମୟରେ ଏକ ବାଇକ ଯୋଗେ ନିଜ ଗାଁ'କୁ ଫେରି ଆସିବା ପରେ ଦୁଇ ଯୁବକଙ୍କ ସହ ମହିଳାଙ୍କୁ ଦେଖି ହଠାତ ମହିଳାଙ୍କ ପରିବାର ଲୋକଙ୍କ ସହ ଗାଁ ଲୋକେ ସେମାନଙ୍କୁ ଗାଁ ଛକରୁ ବାଡିଆପିଟା ଆରମ୍ଭ କରିଥିଲେ। ନିକଟସ୍ଥ ଏକ ପଡିଆରେ ଥିବା ଏକ ଇଲେକ୍ଟ୍ରି ଖୁଣ୍ଟରେ ତିନି ଜଣଙ୍କୁ ବାନ୍ଧି ବିଧା ଗୋଇଠା ସହ ଠେଙ୍ଗା ବାଡ଼ି ଚପଲ ସାହାଯ୍ୟରେ ନିସ୍ତୁକ ପିଟିଥିଲେ ଗାଁ ଲୋକେ। ସନ୍ଧ୍ୟା ସମୟରେ ଖବର ପାଇ ଯଶିପୁର ପୋଲିସେ ଲୋକଙ୍କ ଠାରୁ ଉଦ୍ଧାର କରି ସେମାନଙ୍କୁ ଯଶିପୁର ମେଡିକାଲରେ ଭର୍ତ୍ତି କରି ଥାନାରେ ଏକ ମାମଲା ରୁଜୁ କରିବା ସହ ଦୁଇଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି ଯଶିପୁର ପୋଲିସ।

## ୭୭ ବର୍ଷରେ ପଦାର୍ପଣ କଲା ନନ୍ଦପୁରର ସାର୍ବଜନୀନ ଦୁର୍ଗାପୂଜା



ତିହିଡ଼ି, (ଭାସ୍କର ନ୍ୟୁଜ୍): ତିହିଡ଼ି ବ୍ଲକ ଅଟକ ପଞ୍ଚାୟତର ନନ୍ଦପୁର ବଜାରରେ ସାର୍ବଜନୀନ ଦୁର୍ଗାପୂଜା ଆଜକୁ ୭୭ ବର୍ଷ ହେଲା ପାଳିତ ହୋଇଆସୁଛି। ଏହି ପୂଜା ପ୍ରଥମେ ୧୯୪୮ ମସିହାରେ ତାଳପଦାର ଜମିଦାର ଇନ୍ଦ୍ରମଣି ମହାପାତ୍ର ଆରମ୍ଭ କରିଥିଲେ। ୧୯୫୦ ମସିହା ପର୍ଯ୍ୟନ୍ତ ଏକ କୁଡ଼ିଆ ଘରେ ମା'ଙ୍କର ପୂଜାର୍ଚ୍ଚନା କରାଯାଉଥିଲା। ପରେ ସ୍ୱର୍ଗତ ରବି ଭୋଇ, ବାଇଧର ପତି, ବାଞ୍ଛାନିଧି ଭୋଇ, ଗୟାଧର ଜେନା ଏବଂ ବାଇଧର ନାୟକଙ୍କ ଉଦ୍ୟମରେ ଏଠାରେ ଏକ ମନ୍ଦିର ନିର୍ମାଣ କରାଯାଇ ସର୍ବଜନୀନ ଦୁର୍ଗାପୂଜା ଆରମ୍ଭ କରାଯାଇଥିଲା। ସେତେବେଳେ ଏମାନେ କଟକରୁ କାରିଗର ଶ୍ରୀଧର ରଣାଙ୍କୁ ଆଣି ମା'ଙ୍କର ମୃଣ୍ମୟ ମୂର୍ତ୍ତି ତିଆରି କରୁଥିଲେ। ମା'ଙ୍କୁ ସ୍ଥାନୀୟ ଅଞ୍ଚଳର ପ୍ରାୟ ୩୦ଖଣ୍ଡ ଗାଁର ଲୋକେ ପ୍ରତ୍ୟକ୍ଷ ଦେବୀ ବୋଲି ମାନି ଆସୁଛନ୍ତି। ଏମାନଙ୍କର ବିପଦଆପଦରେ ମା' ଆପେ ଆପେ ଆସି ଛିଡ଼ାହୁଅନ୍ତି ବୋଲି ବିଶ୍ୱାସ ରହିଛି। ଏପରିକି ପାଖ ଅଞ୍ଚଳର ଯେ କେହିଲୋକ ଗାଁ ଛାଡ଼ି ସହରକୁ ଯାଏ ବା ଆସେ ଅବା ବହୂଭୁଆଶୁଣି ଓ ଝିଅମାନେ ବାପଘର କିମ୍ବା ଶ୍ୱଶୁର ଘରକୁ ଯିବାପାଇଁ ବାହାରିଲେ ଆଗ ମା'ଙ୍କ ପୀଠକୁ ଦର୍ଶନକରି ଯାଆନ୍ତି। ପୂଜା ସମୟ ବାଦେ ଅନ୍ୟ ସମୟରେ ଦେବୀଙ୍କ ପ୍ରତିମା ମନ୍ଦିରରେ ନଥିଲେ ମଧ ମା'ଙ୍କ ଖାଲିପଡ଼ିଥିବା ଆସ୍ଥାନକୁ ମୁଣ୍ଡିଆମାରି ସେମାନେ ଶୁଭମନାସି ଯାଇଥାନ୍ତି। ଏଠାକାର ପୂଜାବିଧି ବି ନିଆରା। ପ୍ରତ୍ୟେକ ବର୍ଷ ମା'ଙ୍କ ମୃଣ୍ମୟ ମୂର୍ତ୍ତିତିଆରି ପାଣି ଗଣେଶ ଚତୁର୍ଥୀରୁ ମାଟିଉଠା ଏବଂ ରାଧାଷ୍ଟମୀରେ ଏକମାଟିଆ ଓ ମହାଳୟାରେ ଖଡ଼ିଚଢ଼ା ଓ ରଙ୍ଗକାର୍ଯ୍ୟ କରାଯାଇଥାଏ। ମା'ଙ୍କ ଆବାହନ କାଳରୁ ଏଠାରେ ପୂଜା ସମୟରେ ମା'ଙ୍କ ନିକଟରେ କଖାରୁ ବଳି ପ୍ରଥା ରହିଆସିଛି। ତେବେ ଏହି ପ୍ରତ୍ୟକ୍ଷ ଦେବୀଙ୍କର ଅଲୌକିକ ମହିମା ନିଆରା। ୧୯୯୦ ମସିହା ପୂଜା ସମୟରେ ପୂଜକଙ୍କ ବ୍ୟତିକ୍ରମ ଯୋଗୁଁ ପୂଜକଙ୍କ ଆସ୍ଥାନ ତଳୁ ନାଗସାପଟିଏ ବାହାରି ଫଣା ଟେକିଥିବା କଥା ଲୋକମୁଖରେ ଶୁଣାଯାଏ। ପୂଜକ ନିଜ ଭୁଲ ବୁଝିପରି ନିଜେ ମାର୍ଜନା ହୋଇ ମା'ଙ୍କୁ ଶାନ୍ତ କରାଇବା ପରେ ନାଗ ଦେବତା ଉଭେଇ ଯାଇଥିଲେ। ତେବେ ଅନ୍ୟ ଏକ ଅଲୌକିକ ଘଟଣା ହେଲା ଏକଦା ଜନୈକ ଘାତକ ଛେଳିଟିଏ ମାରିବାକୁ ନେଇଥିଲାବେଳେ ଛେଳିଟି ଘାତକର ହାତରୁ ଖସିଆସି ସିଧା ମା'ଙ୍କ ମନ୍ଦିର ବେଢ଼ାରେ ପହଞ୍ଚିଥିଲା। ମା'ଙ୍କ ଦୈବୀକୃପାରୁ ଏହି ଛେଳିଟି ନିଶ୍ଚିତ ମୃତ୍ୟୁ ମୁଖରୁ ବଞ୍ଚିଯାଇଥିବାରୁ ଘାତକ ଛାଡ଼ି ପଳାଇ ଯାଇଥିଲା। ୫ଦିନ ଧରି ଏଠାରେ ମା'ଙ୍କର ଶରଦୀୟ ପୂଜା ଲାଗିରହେ। ଆକର୍ଷଣୀୟ ତୋରଣ ସାଙ୍ଗକୁ ଲାଇଟର ସାଜସଜ୍ଜା ମଧ୍ୟରେ ପ୍ରତିଦିନ ହଜାରହଜାର ଲୋକ ଏଠାରେ ମା'ଙ୍କୁ ଦର୍ଶନ କରିବାସହ ଅନ୍ନପ୍ରସାଦ କରାଯାଇଥାଏ। ଗତବର୍ଷ ଠାରୁ ପଲିଥିନ୍‌ରେ ଭୋଗ ନନେବା ପାଇଁ କମିଟି ପକ୍ଷରୁ ବାରଣ କରାଯାଇଛି। ଶ୍ରଦ୍ଧାଳୁମାନେ ଚଳିତବର୍ଷ ପଲିଥିନରେ ଭୋଗ ନ ଆଣି ଭୋଗପାତ୍ରରେ ଆଣିବାପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଅଛି। ଏହି ଶାରଦୀୟ ପୂଜା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ଏକ କମିଟି ଗଠନ କରାଯାଇଛି। ଚଳିତବର୍ଷ କମିଟିର ସଭାପତି ଓ କୋଷାଧ୍ୟକ୍ଷ ଭାବେ ପୂର୍ଣ୍ଣଚନ୍ଦ୍ର ନାୟକ, ସମ୍ପାଦକ କମଳାକାନ୍ତ ସାହୁ, ମୁଖ୍ୟଉପଦେଷ୍ଟା ସୂର୍ଯ୍ୟନାରାୟଣ ଭୋଇ, ଆଇନଜୀବୀ ନିକୁଞ୍ଜ ପୁହାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କମିଟିର ସଭ୍ୟସଭ୍ୟା ମାନେ ପୂଜାକାର୍ଯ୍ୟ ପରିଚାଳନା କରୁଛନ୍ତି। ଏହି ସାର୍ବଜନୀନ ଦୁର୍ଗାପୂଜାରେ ସ୍ଥାନୀୟ ଅଞ୍ଚଳର ସମସ୍ତ ବ୍ୟକ୍ତି ସହଯୋଗ କରିଥାନ୍ତି।

## ତୃତୀୟ ଜାତୀୟ ଲୋକ ଅଦାଲତ

କାଲିମେଳା, (ଭାସ୍କର ନ୍ୟୁଜ୍): ମୋଟୁ ଜେଏମଏଫସି ଅଦାଲତ ପକ୍ଷରୁ ତୃତୀୟ ଜାତୀୟ ଲୋକ ଅଦାଲତ-୨୦୨୫ ଶନିବାର ରେ ଏମଭି-୭୯ ଅଦାଲତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୬ଟି ମାମଲାର ଫଇସଲା କରାଯାଇଥିବା ସୂଚନା ମିଳିଛି। ମାନ୍ୟବର ଚେୟାରମେନ ଟିଏଲଏସ-ଏମଭି-୭୯ ଜେଏମଏଫସି ଅନୁସମ ଦାସ ଏହାର ଅଧ୍ୟକ୍ଷତା କରିଥିଲେ। ଏ ଅବସରରେ ଓକିଲ ମାନଙ୍କ ମଧ୍ୟରୁ ବରିଷ୍ଠ ଓକିଲ ହିରୋଜ କୁମାର ପାଣିଗ୍ରାହୀ, ବିପ୍ଲବ ଦତ୍ତ, ମାନସ ହାଲଦାର, ସରକାରୀ ଓକିଲ ତାପସ ନାଥ, ବିବେକାନନ୍ଦ ନାଥ, ବାସୁଦେବ ଦେବନାଥ, ପ୍ରଶାନ୍ତ ହରିଜନ, ମହେଶ ବିଶ୍ୱାସ, ରାଜୁ ମାଡ଼ି ପ୍ରମୁଖ ଉପସ୍ଥିତ ରହିଥିଲେ। ବିଭିନ୍ନ ସିଭିଲ ମାମଲା,ମୋଟର ଦୁର୍ଘଟଣା କ୍ଲେମ, ପାରିବାରିକ ମାମଲା ଆଦିର ସୁଲଭ,ଦ୍ରୁତ ଓ ସମ୍ମିଳିତ ସମାଧାନ ମାଧ୍ୟମରେ ଫଇସଲା କରାଯାଇଥିଲା। ବିଭିନ୍ନ ମାମଲାର ଦିର୍ଘ ପ୍ରକ୍ରିୟାରୁ ମୁକ୍ତ ସାଙ୍ଗକୁ ସହଜ ଓ ମାଗଣା ନ୍ୟାୟର ସୁଯୋଗ ମିଳିଥିବାରୁ ସ୍ଥାନୀୟ ଲୋକେ ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି। ଏପରି ଲୋକ ଅଦାଲତ ଆଗକୁ ଜାରି ରହିଲେ ଉପକୃତ ହୋଇପାରିବା ବୋଲି ମତପ୍ରକାଶ ପାଇଛି।

## ପଡୋଶୀର ଆକ୍ରମଣରେ ଯୁବକ ଗୁରୁତର

କନ୍ଧମାଳ, (ଭାସ୍କର ନ୍ୟୁଜ୍): ମନମୁଣ୍ଡା ଥାନା ତାଳପଦର୍ ଗାଁରେ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି। ଗ୍ରାମର ଜଣେ ଯୁବକଙ୍କୁ ତାଙ୍କର ଜଣେ ପଡୋଶୀ ଟାଙ୍ଗିଆ ରେ ହାଣି ଥିବା ଅଭିଯୋଗ ହୋଇଛି। ଆହତ ଯୁବକଙ୍କୁ ଗୁରୁତର ଅବସ୍ଥାରେ ସୋନପୁର ମେଡିକାଲ ରେ ଭର୍ତ୍ତି କରାଯାଇଛି। ଗୁରୁତର ଜଣକ ହେଲେ ତାଳପଦର୍ ଗାଁ ର ରାକେଶ ସେଠୀ। ଆକ୍ରମଣ କରିଥିବା ବ୍ୟକ୍ତି ସେହି ଗାଁ ର ହୋଇଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ କରିଥିବା ଜଣାପଡିଛି। ରାକେଶ ନିଜ ଘର ବାରଣ୍ଡାରେ ବସିଥିବା ବେଳେ ପଡୋଶୀ ଯୁବକଜଣକ ହଠାତ ଆସି ଆକ୍ରମଣ କରିଥିବା କହିଛନ୍ତି ରାକେଶଙ୍କ ବାପା ଅଭିଯୋଗ କରିଛନ୍ତି।

## ନିଖୋଜ ମୃତଦେହ ଉଦ୍ଧାର, କାରଣ ଖୋଜୁଛି ପୋଲିସ

ଫୁଲନଖରା, (ଭାସ୍କର ନ୍ୟୁଜ୍): ଉରାଳୀ ଗ୍ରାମପଞ୍ଚାୟତ ବଡ ବାଲିସାହିର ବିନୁ ଚୌଧୁରୀଙ୍କ ପୁଅ ଜଗନ୍ନାଥ ଚୌଧୁରୀଙ୍କ ଗଳିତ ମୃର୍ତ ଦେହ ତାଙ୍କ ଘରପାଖ ନଦୀ ପଠାରେ ଆଜି ଦିନରେ ଠାବ କରାଯାଇଛି। ସେ ତିନିରୁ ଚାରିଦିନ ହେବ ନିଖୋଜ ଥିଲେ ତାଙ୍କୁ ସ୍ଥାନୀୟ ଲୋକେ ନଦୀ ପଠାର ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛନ୍ତି। ସେ ଫୁଲପ୍ୟାଣ୍ଟ ଓ ଫୁଲ ସାର୍ଟ ପିନ୍ଧିଥିବା ବେଳେ ତାଙ୍କର ମୋବାଇଲ ଫୋନଟି ପ୍ୟାଣ୍ଟ ପକେଟରେ ଥିବାର ଦେଖିବାକୁ ମିଳିଛି। ଘଟଣା ସ୍ଥଳରେ ସଦର ଥାନାର ଅଧିକାରୀ ପହଂଚି ଶବଟିକୁ ଜବତ କରି କଟକ ବଡ଼ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ତାଙ୍କ ପରିବାର ପକ୍ଷରୁ ସଦର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି ଓ ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଅଛି।

## ଧର୍ମ ପରାୟଣ ମହିଳାଙ୍କ ଏକାଦଶାହ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଦେବୀ କନ୍ଦଳ ଦୀପାଞ୍ଚଳ ରାଣୀଓଲା ପଂଚାୟତ ପଦାତିରା ଗ୍ରାମର ଧର୍ମ ପାରୟଣ ମହିଳା ସୌଦାମିନୀ ବାରିକଙ୍କ ଅକାଳ ବିୟୋଗ ହୋଇଥିଲା। ତାଙ୍କ ଏକା ଦଶାହ ରେ ଏକ ସ୍ମୃତି ସଭା ସୁକାନ୍ତ ଚରଣ ସ୍ୱାଇଁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା। ଏହି ସ୍ମୃତି ସଭାରେ ବହୁ ମାନ୍ୟଗଣ ବ୍ୟକ୍ତି ଗ୍ରାମବାସୀ ପୂର୍ବତନ ସରପଞ୍ଚ ସରୋଜ କୁମାର ସ୍ୱାଇଁ, ମନୋରଞ୍ଜନ ଦାଶ, ସନାତନ ବାରିକ ଙ୍କ ସମେତ ଆଖ ପାଖ ଅଞ୍ଚଳ ର ବୁଦ୍ଧିଜୀବୀ ସ୍ୱର୍ଗତଃ ଶ୍ରୀମତୀ ବାରିକ ଙ୍କ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କର ସ୍ମୃତି ଚାରଣ କରିଥିଲେ। ସ୍ଥାନୀୟ ସରପଞ୍ଚ ତ୍ରିନାଥ ମହାନ୍ତି, ସାଂସଦଙ୍କ ପ୍ରତିନିଧି ଜ୍ୟୋତିରଞ୍ଜନ ମହାନ୍ତି ଯୋଗ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସ୍ୱର୍ଗତଃ ବାରିକଙ୍କ ସ୍ୱାମୀ ବଳରାମ ବାରିକ ସଭା ପରିଚାଳନା କରିଥିବା ବେଳେ ଏକ ମାତ୍ର ପୁତ୍ର ଜ୍ଞାନଦତ୍ତ ବାରିକ, ଗ୍ରାମବାସୀଙ୍କ ଆଶୀର୍ବାଦ କାମନା କରିଥିଲେ।

## ବ୍ରାଉନ୍‌ସୁଗର ବେପାରୀ ଗିରଫ



କେନ୍ଦ୍ରାପଡା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲାରେ ବଢୁଥିବା ବିଭିନ୍ନ ନିଶା କାରବାର ଉପରେ ରୋକ ଲଗାଇବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କେନ୍ଦ୍ରାପଡ଼ା ଟାଉନ ଥାନା ତରଫରୁ ଜଣେ ୩୪ ବର୍ଷୀୟ ଜ୍ଞାନଦୀପ ପରିଡ଼ା ନାମକ କୁଖ୍ୟାତ ବ୍ରାଉନ ସୁଗାର ବେପାରୀକୁ ଗିରଫ କରି କେସ ପି.ଏସ୍ କେଶ ନମ୍ବର ୧୯୮/୨୫ ୟୁ/ ଏସ ୨୧ (ବି) ଏନ.ଡି.ପି.ଏସ୍ ଆକ୍ଟରେ କୋର୍ଟ ଚାଲାଣ କରିଛି। ଗିରଫ ବେଳେ ଯୁବକ ପାଖରୁ ସମୁଦାୟ ୮.୬୨ ଗ୍ରାମର ଧଳା ଜହର ଜବତ କରାଯାଇଛି। ଆଗକୁ କେନ୍ଦ୍ରାପଡ଼ାର ଗଣପର୍ବ ମା ଗଜଲକ୍ଷ୍ମୀ ପୂଜା ଆସୁଥିବା ବେଳେ ସହରକୁ ନିଶାମୁକ୍ତ କରିବା ପାଇଁ ଟାଉନ ଥାନା ପକ୍ଷରୁ ଦୃଢ଼ରୁଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ରାପଡ଼ା ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ଦିଲ୍ଲୀପ କୁମାର ସାହୁ ପ୍ରତିକ୍ରିୟା ଦେଇଛନ୍ତି। ଆଗକୁ ଛୋଟଛୋଟ ଦେଶୀ ମଦ ବେପାରୀଙ୍କ ପାଖରୁ ଆରମ୍ଭ କରି ଧଳା ଯହର ଭଳି ନିଶା କାରବାର କରୁଥିବା ଅସାଧୁଙ୍କୁ ଧରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିବା ସାହୁ ପ୍ରକାଶ କରିଛନ୍ତି।

## ପାଦଚଲା ପାଟ୍ରୋଲିଂ ଭୁଲିଗଲାଣି ପୋଲିସ

# ଦିନକୁ ଦିନ ବୃଦ୍ଧିପାଉଛି ଅପରାଧିକ ପ୍ରାଦୁର୍ଭାବ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଗତ କିଛିମାସ ହେଲା ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଞ୍ଚଳରେ ଅପରାଧୀ ମାନେ ସକ୍ରିୟ ହେବାକୁ ଲାଗିଛନ୍ତି। ବଜାର କିମ୍ବା ଗ୍ରାମାଞ୍ଚଳର ପ୍ରମୁଖ ଅଞ୍ଚଳ ଗୁଡିକରେ ମଧ୍ୟ ଚୋରି ଏବଂ ଛୀନତାଇ ଘଟଣା ଘଟୁଛି। କେଉଁଠି ବନ୍ଧୁକ ଦେଖାଇ ଦାଦା ବଟି ମଗାଯାଉଛି ତ ଆଉ କେଉଁଠି ଦିନଦ୍ୱିପ୍ରହରରେ ସୁନା ଚେନ ଲୁଟିଲେଣି ଆଉ କେଉଁଠି ମାରଣାସ୍ତ୍ର ଆକ୍ରମଣ କଲେଣି। ଗୋଟିଏ ଅପରାଧ ଘଟିବା ପରେ ଅପରାଧୀଙ୍କ ପଛରେ ଗୋଡ଼ାଉଛି ପୁଲିସ। କିନ୍ତୁ ଅପରାଧ ରୋକିବା ପାଇଁ ଯେଉଁ ପଦକ୍ଷେପ ଗୁଡିକ ଗ୍ରହଣ କରିବା ଆବଶ୍ୟକ, ସେ ନେଇ କୌଣସି ଗୁରୁତ୍ୱ ଦିଆଯାଉ ନାହିଁ। ଆଗକୁ ପାର୍ବଣ ଆସୁଥିଲେ ମଧ ଅସ୍ତରଙ୍ଗ ପୁଲିସ ପାଟ୍ରୋଲିଂ ଢିଲା। ଯେତେବେଳେ ନିଜେ ପୁରୀ ଏସ୍ପି ପୁରୀ ରେ ପାଟ୍ରୋଲିଂ ଜାରି ରଖିଛନ୍ତି କିନ୍ତୁ ଗ୍ରାମାଞ୍ଚଳ ଥାନା ଅସ୍ତରଙ୍ଗ ଅଞ୍ଚଳରେ ପେଟ୍ରୋଲିଂ ସମ୍ପୂର୍ଣ କୋହଳ ହୋଇଯାଇଛି। ଏପରିକି ନିୟମିତ ବ୍ୟବଧାନରେ ଫୁଟ ପେଟ୍ରୋଲିଂ (ପାଦଚଲା ପେଟ୍ରୋଲିଂ) କରିବାକୁ ବିଭାଗ ତରଫରୁ ନିର୍ଦ୍ଦେଶ ରହିଥିଲେ ମଧ ପୁରୀ ଜିଲ୍ଲା ଅସ୍ତରଙ୍ଗରେ ପୁଲିସ ଏହାକୁ ଭୁଲିଗଲାଣି ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଗୋଟିଏ ସମୟ ଥିଲା, ସନ୍ଧ୍ୟା ହେଲେ ଅସ୍ତରଙ୍ଗ ମୁଖ୍ୟ ବଜାର ହେଉ ଅବା ଗ୍ରାମାଞ୍ଚଳର ପ୍ରମୁଖ ଛକ ଗୁଡିକରେ ପୁଲିସର ପହରା ଲାଗୁଥିଲା। ଗାଡି ମୋଟର ଯାଞ୍ଚ ହେଉଥିଲା। ସନ୍ଦେହ ଜନକ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖୁଥିଲେ ପୁଲିସ। କିନ୍ତୁ ଗତ କିଛି ମାସ ହେଲା ଏହାର ଅଭାବ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଦେଖିବାକୁ ମିଳୁଛି। ଅପରାଧ ନିୟନ୍ତ୍ରଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ ହେଲା ପାଟ୍ରୋଲିଂ ବା କଡାକଡି ଯାଞ୍ଚ। ଏହି କ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ଫୁଟ ପେଟ୍ରୋଲିଂ। ଥାନା ପରିଧିରେ ସମ୍ପୃକ୍ତ ଥାନାର ଅଧିକାରୀ ମାନେ ଚାଲି ଚାଲି ପେଟ୍ରୋଲିଂ କରିଥାନ୍ତି। ସାଧାରଣତଃ ଏହା ସନ୍ଧ୍ୟା ସମୟରେ ହୋଇଥାଏ। ୨୦୧୮ ଏପ୍ରିଲ ୨ତାରିଖରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ତରଫରୁ ପୁଲିସ ଫୁଟ ପାଟ୍ରୋଲିଂ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ମିଳିବା ପରେ ସେହି ବର୍ଷ ଏପ୍ରିଲ ୨୫ତାରିଖରେ ରାଜ୍ୟ କ୍ରାଇମି ବ୍ରାଞ୍ଚ ଏଡିଜିଙ୍କ ତରଫରୁ ସମସ୍ତ ପୁଲିସ ଜିଲ୍ଲାର ଏସପି ମାନଙ୍କୁ ଫୁଟ ପାଟ୍ରୋଲିଂ ନେଇ ଏକ ନିର୍ଦ୍ଦେଶ ଜାରୀ ହୋଇଥିଲା। ସେଥିରେ କୁହାଯାଇଥିଲା ଯେ, ଭିଡ଼ ସମୟରେ ପ୍ରମୁଖ ଛକ, ବଜାର, ଧର୍ମାନୁଷ୍ଠାନ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଫୁଟ ପାଟ୍ରୋଲିଂ କରାଯାଉ। ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଫୁଟ ପେଟ୍ରୋଲିଂ ହେବ। ନିର୍ଦ୍ଦେଶ ଆସିବାର କିଛି ମାସ ଯାଏଁ ଏହାକୁ କାର୍ଯ୍ୟକାରୀ କରାଗଲା। କିନ୍ତୁ ଧୀରେ ଧୀରେ ପ୍ରାୟତଃ ନୂଆଗଡ ସାମୁଦ୍ରିକ ଥାନା ଓ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଫୁଟ ପେଟ୍ରୋଲିଂ ବନ୍ଦ ହୋଇଗଲା। କୌଣସି ପୂଜା ପାର୍ବଣ ସମୟରେ ହିଁ ପେଟ୍ରୋଲିଂ ତଥା ଫ୍ଲାଗ ମାର୍ଚ୍ଚ କାଁ ଭାଁ ଦେଖିବାକୁ ମିଳେ। କିନ୍ତୁ ଦିନ କେଇଟା ପରେ ପାର୍ବଣ ଥିବା ବେଳେ ଅସ୍ତରଙ୍ଗ ଥାନା ଅଞ୍ଚଳରେ ପେଟ୍ରୋଲିଂ ସମ୍ପୂର୍ଣ୍ଣ ଢିଲା। ଅସ୍ତରଙ୍ଗ ପୁଲିସ ସତେ ଯେମିତି ସମ୍ପୂର୍ଣ୍ଣ ଭାବେ ଏହା ଭୁଲିଗଲାଣି। ଅନ୍ୟ ପଟେ ପୁରୀ ଜିଲ୍ଲା ଅସ୍ତରଙ୍ଗ ପୁଲିସର ଏଭଳି ଅପାରଗତାର ସୁଯୋଗ ନେଉଛନ୍ତି ଅପରାଧୀ। କିଛି ଦିନ ପୂର୍ବେ ଅସ୍ତରଙ୍ଗ ନିକଟସ୍ଥ ଭଉଁରିଆ ସେତୁ ଉପରେ ଦୁର୍ବୃତ୍ତ ପହଞ୍ଚି ବନ୍ଧୁକ ଲଗାଇ ଦାଦା ବଟି ମାଗିଥିଲେ। ବଜାରରେ ଦ୍ରୁତ ବାଇକି ଚାଳନା ସହ ସନ୍ଧ୍ୟା ହେଲେ ଜମୁଛି ଅସ୍ତରଙ୍ଗ ବଜାର ରେ ଥିବା ସମସ୍ତ ଫାଷ୍ଟ ଫୁଡ ଓ ହୋଟେଲ ସମ୍ପୂର୍ଣ୍ଣ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ଏକପ୍ରକାର ବାର୍ ପାଲଟୁଛି। କେବଳ ଏହି ଗୋଟିଏ ଘଟଣା ନୁହଁ, ନିୟମିତ ବ୍ୟବଧାନରେ ପ୍ରମୁଖ ଅଂଚଳ ଗୁଡିକରେ ଚୋରି ଏବଂ ଅନ୍ୟାନ୍ୟ ଅପରାଧ ଘଟୁଛି। ଏହା ସହ କାକଟପୁର ଓ ଅସ୍ତରଙ୍ଗ ଥାନା ସାମ୍ନାରେ ପୁଲିସକୁ ଚ୍ୟାଲେଞ୍ଜ ଦେବା ଭଳି ନିଶା ଦ୍ରବ୍ୟ ଗାଁ ଗାଁ ରେ ବିକ୍ରି ହେଉଛି। ଫୁଟ ପେଟ୍ରୋଲିଂ ବନ୍ଦ ହେବା ପରେ ଅପରାଧ ବଢୁଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ବିଗତ କିଛି ଦିନ ହେବ କାକଟପୁର ଓ ଅସ୍ତରଙ୍ଗ ଥାନା ଅଞ୍ଚଳ ଚୋରି, ଡକାୟତି, ବୃଦ୍ଧି ପାଇଛି। ତେବେ ଫୁଟ ପେଟ୍ରୋଲିଂ କରାଯିବା ନିୟମ ରହିଥିଲେ ମଧ ବନ୍ଦ ରହିଛି। ଖୁବ ଶୀଘ୍ର ଉଚ୍ଚ ପଦସ୍ତ ଅଧିକାରୀ ଗୁରୁତ୍ୱ ସହ ନେଇ ସନ୍ଧ୍ୟା, ମଧାହ୍ନ ଓ ରାତ୍ର ସମୟରେ ଫୁଟ ପେଟ୍ରୋଲିଂ ବିଭିନ୍ନ ସ୍ଥାନରେ କରିବାକୁ ଦାବି ହୋଇଛି।


## ପ୍ରବାସୀ ଶ୍ରମିକଙ୍କ ଶବ ସତ୍କାର ପାଇଁ ପ୍ରଶାସନିକ ସହାୟତା

ଭଦ୍ରକ, (ଭାସ୍କର ନ୍ୟୁଜ): ଶନିବାର ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ଶ୍ରମ ଆୟୁକ୍ତ ନିର୍ଦ୍ଦେଶ କ୍ରମେ ଓ ଜିଲ୍ଲାପାଳ ଭଦ୍ରକଙ୍କ ଅନୁମୋଦନ କ୍ରମେ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସଚ୍ଚିଦାନନ୍ଦ ଜେନା, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ଭଦ୍ରକ, ପ୍ରେମ ମଞ୍ଜରୀ ନାୟକଙ୍କ ପ୍ରଚେଷ୍ଟାରେ, ସହକାରୀ ଶ୍ରମ ଅଧିକାରୀ, ଭଦ୍ରକ, ସଂଜିତ କୁମାର ଦେଓ ଓ ସୁରେନ୍ଦ୍ର ବିକ୍ରମ ଜେନା ତଥା ଅନ୍ୟାନ୍ୟ ଷ୍ଟାଫଙ୍କ ପ୍ରୟାସରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର, ଭୁବନେଶ୍ୱରରେ ଜିଲ୍ଲା ଶ୍ରମ ଅଧିକାରି ଖୋର୍ଦ୍ଧା ପ୍ରଭାକର ବିଶ୍ୱାଳଙ୍କ ଉପସ୍ଥିତିରେ ଏର୍ଣ୍ଣାକୁଲମ, କେରଳ ବାର୍ଡ କମ୍ପାନୀକୁ କାର୍ଯ୍ୟ କରିବାକୁ ଯାଇଥିବା ଭଦ୍ରକ ବ୍ଲକର ପାଣିଭଣ୍ଡାର, କେଶପୁର ଗ୍ରାମ ନିବାସୀ, ପ୍ରବାସୀ ଓଡ଼ିଆ ଶ୍ରମିକ ସ୍ୱର୍ଗତା ଇତିଶ୍ରୀ ମଲ୍ଲିକଙ୍କର ମରଶରୀରକୁ ତାଙ୍କ ଭଉଣୀ ମାମାଲି ମଲ୍ଲିକ ଓ ସମ୍ପର୍କୀୟଙ୍କୁ ଭୁବନେଶ୍ୱର ଠାରେ ବିମାନ ବନ୍ଦର ତରଫରୁ ହସ୍ତାନ୍ତର କରାଗଲା। ପୁନଶ୍ଚ, ସ୍ୱର୍ଗତ ଇତିଶ୍ରୀ ମଲ୍ଲିକଙ୍କ ମରଶରୀର ସହିତ ତାଙ୍କ ଭଉଣୀ ଓ ସମ୍ପର୍କୀୟ ଆମ୍ବୁଲାନ୍ସ ଯୋଗେ ଶବ ସତ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାର ଅଭିମୁଖେ ଯାତ୍ରା କଲେ। ଶ୍ରମ ବିଭାଗର ପ୍ରବାସୀ ଶ୍ରମିକ ସହାୟତ। ପାଣ୍ଠି ତରଫରୁ ଭଦ୍ରକ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଅଗ୍ରୀମ ୪୯୫୦୦/- ଟଙ୍କ। ସହାୟତା ରାଶି ପ୍ରଦାନ କରାଯାଇଅଛି ବୋଲି ଇତିଶ୍ରୀ ମଲ୍ଲିକଙ୍କ ପରିବାର ଲୋକ ସାହାଯ୍ୟ ପାଇଚନ୍ତି ବୋଲି ମତ ଦେଇଚନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ସୁରୁଖୁରୁରେ ଶବ ସତ୍କାର ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ଯୋଗାଯୋଗ କରିଛନ୍ତି।

## ସତ୍ୟନାରାୟଣ ଶିକ୍ଷା ସଂସ୍ଥାନରେ ଉଦବୋଧନୀ କାର୍ଯ୍ୟକ୍ରମ

ମାଲକନାଗରି, (ଭାସ୍କର ନ୍ୟୁଜ୍): ସତ୍ୟନାରାୟଣ ଶିକ୍ଷା ସଂସ୍ଥାନ, ମାଲକାନଗରିର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ପାଣିଗ୍ରାହୀ ଓ ସେକ୍ରେଟାରୀ ମମତା ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁକ୍ତ ତିନିସତ୍ୟନାରାୟଣ ଆବାସିକ ବିଜ୍ଞାନ ମହାବିଦ୍ୟାଳୟର ସଭାଗୃହ ପରିସରରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଯୁବଶାଖା ମାଲକାନଗିରି ଆନୁକୁଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଦର୍ଶନ ଶୀର୍ଷିକ ମହା ବିଦ୍ୟାଳୟ ସ୍ତରୀୟ ପ୍ରଥମ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଜିଲ୍ଲା ଶାଖା ସଭାପତି ଡଃ ରଞ୍ଜନ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ରାମକୃପା ନାୟକ, ସମ୍ମାନୀତ ଅତିଥି ଭାବେ ଡେପୁଟୀ କମାଣ୍ଡାଣ୍ଟ ବିଜୟ କୁମାର ମିଶ୍ର, ସୀମା ସୁରକ୍ଷାବଳ, ମାଲକାନଗିରି, ମୁଖ୍ୟବକ୍ତା ତାରକ ମଣ୍ଡଳ, ସମ୍ପାଦକ ରାମକୃଷ୍ଣ ସେବାସଂଘ ତଥା ସଭାପତି ପ୍ରାଥମିକ ଶିକ୍ଷକ ସଂଘ ଯୋଗଦାନ କରିଥିଲେ। ମଞ୍ଚାସୀନ ଅତିଥିଗଣ ସ୍ୱାମୀଜୀଙ୍କ ଆଦର୍ଶ, ଚିକାଗୋ ବକ୍ତୃତାର ମହତ୍ତ୍ୱ ଓ ବାଣୀ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଶୃଙ୍ଖଳା, ଧୈର୍ଯ୍ୟ ଓ ଅଧ୍ୟବସାୟ ଯୁବ ସାମାଜର ଧ୍ୟେୟ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ସ୍ୱାମୀଜୀଙ୍କ ତୈଳଚିତ୍ରରେ ଅତିଥିମାନଙ୍କ ଦ୍ୱାରା ଶ୍ରଦ୍ଧା ସୁମନ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ମହାବିଦ୍ୟାଳୟର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରୀ ଅନୁଷ୍କା ମହାନ୍ତି ସ୍ୱଦେଶ ମନ୍ତ୍ରପାଠ କରିଥିବାବେଳେ, ଲୋକସଂସଦର ସମ୍ପାଦକ ରବୀନ୍ଦ୍ର କୁମାର ମହାରଣା ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ଲୋକସଂସଦର କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିବାପରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ରାଷ୍ଟ୍ର ଗୀତ ବନ୍ଦେ ମାତରଂ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ଲୋକସଂସଦର ଆଜୀବନ ସଦସ୍ୟ ଅନୀଲା ସାହୁ, ସଦସ୍ୟା ଅଙ୍ଗୁର ବାଳାସ୍ୱାଇଁ, ଅଧ୍ୟାପିକା ଦୀପ୍ତିଲତା କଂସାରୀ, ଅଧ୍ୟାପିକା ଦୁଶମତୀ ମାଡ଼ାଙ୍ଗୀ, ଅଧ୍ୟାପକ ବିଜୟ ସରକାର, ଅଧ୍ୟକ୍ଷ ସୁମିରନ୍ ସୁମନ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ। ସତ୍ୟନାରାୟଣ ଶିକ୍ଷା ସଂସ୍ଥାନର ଯୁକ୍ତ ଦୁଇ, ଯୁକ୍ତ ତିନି, ଏ.ଏନ. ଏମ ଓ ଜି.ଏନ. ଏମ ଅନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଉଦବୋଧନୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଯୁବ ସଂସଦର ସଦସ୍ୟତା ଗ୍ରହଣ କରିବାପାଇଁ ସମ୍ମତି ପ୍ରଦାନ କରିଥିଲେ। ପରିଶେଷରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ସଭାପତି ଡଃ ରଞ୍ଜନ କୁମାରସ୍ୱାଇଁ ବିବେକାନନ୍ଦ ବକ୍ତୃତାମାଳାର ଉଦବୋଧନୀ କାର୍ଯ୍ୟକ୍ରମ ଆଗାମୀ ଦିନରେ ଜିଲ୍ଲାର ପ୍ରତ୍ୟେକ ମହାବିଦ୍ୟାଳୟରେ ଅନୁଷ୍ଠିତ କରିବା ପାଇଁ ଘୋଷଣା କରିଥିଲେ।

## ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ମରାମତି ପାଇଁ ଦାବି



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଗ୍ରାମାଂଚଳରେ ଗମନା ଗମନର ସୁବିଧା ନିମନ୍ତେ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ସରକାର ଗ୍ରାମାଂଚଳରେ ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ଗ୍ରାମପଂଚାୟତ ବ୍ରାହ୍ମଣଖଣ୍ଡ ଗ୍ରାମର ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବାର ଅଭିଯୋଗ ହୋଇଛି। ଏହି ରାସ୍ତାକୁ ମରାମତି କରାଯିବା ନିମନ୍ତେ ପ୍ରଶାସନିକ ସ୍ତରରେ କୌଣସି ଆନ୍ତରିକତା ପ୍ରକାଶ ପାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ସାନ୍ତପୁର ଗ୍ରାମପଂଚାୟତ ବ୍ରାହ୍ମଣଖଣ୍ଡ ସ୍ୱାଇଁ ସାହି ରାସ୍ତା ଉପରେ ଗମନା ଗମନ କରିବା ନିମନ୍ତେ ୨୦ରୁ ଊର୍ଦ୍ଧ୍ୱ ପରିବାର ନିର୍ଭର କରିଥାନ୍ତି। ଏହି ଗ୍ରାମରେ ସର୍ବ ପୁରାତନ ମା ମଙ୍ଗଳା ମନ୍ଦିର ରହିଛି। ପ୍ରତିଦିନ ଏହି ମନ୍ଦିରକୁ ପୂଜାର୍ଚ୍ଚନା କରିବା ନିମନ୍ତେ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ଆସିଥାନ୍ତି। ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବା ବେଳେ ଟିକିଏ ବର୍ଷା ହେଲେ ରାସ୍ତାରେ ପାଣି ଜମି ରହୁଛି। ଏପରିକି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବା କାରଣରୁ ଜରୁରୀ କାଳୀନ ପରିସ୍ଥିତିରେ ଗ୍ରାମକୁ ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇଆସିପାରୁନାହିଁ। ଫଳରେ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ରାସ୍ତାକୁ ମରାମତି କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର





କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶା ହାଇକୋର୍ଟର ଜୁଭେନାଇଲ୍ ଜଷ୍ଟିସ୍ କମିଟି, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ୟୁନିସେଫ୍‌ର ମିଳିତ ଆନୁକୂଲ୍ୟରେ 'କନ୍ୟା ଶିଶୁ ସୁରକ୍ଷା: ଭାରତରେ କନ୍ୟା ସନ୍ତାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସକ୍ଷମ ପରିବେଶ' ଶୀର୍ଷକ ଏକ ରାଜ୍ୟସ୍ତରୀୟ ଜୁଭେନାଇଲ୍ ଜଷ୍ଟିସ୍ ପରାମର୍ଶ କର୍ମଶାଳା ଆୟୋଜିତ ହୋଇଯାଇଛି । କଟକର ଓଡ଼ିଶା ଜୁଡିସିଆଲ୍ ଏକାଡେମୀରେ ଆୟୋଜିତ ଏହି କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟ ବିଚାରପତି ହରିଶ ଟଣ୍ଡନ୍ ହିଂସା, ବାଲ୍ୟବିବାହ ଏବଂ ଶୋଷଣରୁ କନ୍ୟାମାନଙ୍କୁ ସୁରକ୍ଷା ଦେବା ପାଇଁ ଦୃଢ଼ ସଂସ୍ଥାଗତ ବ୍ୟବସ୍ଥା ଏବଂ ଗୋଷ୍ଠୀ-ଆଧାରିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶା ହାଇକୋର୍ଟର କିଶୋର ନ୍ୟାୟ କମିଟିର ବିଚାରପତି ଏବଂ ଅଧ୍ୟକ୍ଷା ମିସ୍ ଜଷ୍ଟିସ୍ ସାବିତ୍ରୀ ରାଠୋ ସ୍ୱାଗତ ଭାଷଣ ଦେବା ସହ ଏହି କର୍ମଶାଳାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ ।

### ମୁଖ୍ୟ ସଚିବଙ୍କ ଅଧକ୍ଷତାରେ ଦ୍ୱାଦଶ ପରିଚାଳନା ପରିଷଦ ବୈଠକ

# କୃଷକଙ୍କ ଜୀବନ ପରିବର୍ତ୍ତନ ଉପରେ ଗୁରୁତ୍ୱ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶନିବାର ଓଡ଼ିଶାର ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ଓଡ଼ିଶା କମ୍ୟୁନିଟି ଟ୍ୟାଙ୍କ ବିକାଶ ଏବଂ ପରିଚାଳନା ସମିତିର ଦ୍ୱାଦଶ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଫସଲ ଜଳ ବଜେଟିଂ, ଜଳର ସଂଯୋଜକ ବ୍ୟବହାର, ସୌର ବୋରୱେଲ, କଷ୍ଟମ ନିଯୁକ୍ତି କେନ୍ଦ୍ର, ସବୁଜ ସାର, ଧାନ ମାଛ ଚାଷ, ବୈଜ୍ଞାନିକ ମାଛ ଚାଷ କିପରି ଜଳବାୟୁ ପ୍ରତିରୋଧୀତାକୁ ପ୍ରୋତ୍ସାହିତ କରୁଛି ଏବଂ ଜଳ ବ୍ୟବହାରକାରୀ ଏବଂ କୃଷକଙ୍କ ଜୀବନ ପରିବର୍ତ୍ତନ କରୁଛି ତାହା ବ୍ୟାଖ୍ୟା କରାଯାଇଥିଲା । ବୈଠକରେ ଉନ୍ନୟନ କମିଶନର-କମ-ACS ଅନୁ ଗର୍ଗ, F&ARD ବିଭାଗର ପ୍ରମୁଖ ସଚିବ ଏସ୍.କେ. ବଶିଷ୍ଠ, କମିଶନର-କମ-ସଚିବ, ପିଆର ଆଣ୍ଡ ଡିଡବ୍ଲୁ ବିଭାଗ । ଗିରିଶ ଏସଏନ, ସମ୍ପୃକ୍ତ ବିଭାଗର ନିର୍ଦ୍ଦେଶକ ଏବଂ ପରିଚାଳନା ସମିତିର ସଦସ୍ୟମାନେ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଓଡ଼ିଶା ଫଟୋ ଏକ୍ସପୋର ଦ୍ୱିତୀୟ ଦିନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶନିବାର ଶିକ୍ଷା ଓ ଅନୁସନ୍ଧାନରେ ଅଲ ଓଡିଶା ଫୋଟୋ ଗ୍ରାଫିକ ସିଣ୍ଡିକେଟର ଓଡିଶା ଫୋଟୋ ଏକ୍ସପୋ ଦ୍ୱିତୀୟ ଦିନରେ ପ୍ରାୟ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଫୋଟୋଗ୍ରାଫର ଏକତ୍ରିତ ହୋଇଥିଲେ । ଓଡ଼ିଶାର ସମସ୍ତ ଜିଲ୍ଲା ସମେତ ପଶ୍ଚିମବଙ୍ଗ, ଝାରଖଣ୍ଡ, ବିହାର, ଆନ୍ଧ୍ରପ୍ରଦେଶ, ହରିୟାଣା, ଛତିଶଗଡ଼ ଓ ନେପାଳରୁ ଫୋଟୋଗ୍ରାଫର ମାନେ ଉପସ୍ଥିତ ରହି ବିଭିର୍ଣ୍ଣ କ୍ୟାମେରା କମ୍ପାନୀର ଷ୍ଟଲକୁ ପରିଭ୍ରମଣ କରି ବିଭିର୍ଣ୍ଣ ଉପକରଣ ଗୁଡିକୁ ପରଖିବା ସହ ଏହାର ବୟସୟିକ ଉପଯୋଗୀ ବିଷୟରେ ଜ୍ଞାନ ଅହରାହ କରିଥିଲେ । ଏଥିରେ ବରିଷ୍ଠ ଫୋଟୋଗ୍ରାଫରଙ୍କୁ ଜୀବନବ୍ୟାପୀ ସମ୍ମାନ ପ୍ରଦାନ ସହ ନୂତନ ଫୋଟୋଗ୍ରାଫରଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମମାନ କରାଯାଇଥିଲା । ଅନୁଷ୍ଠାନ ଚେୟାରମ୍ୟାନ ବିରେନ ପଟନାୟକ, ସଭାପତି ସଞ୍ଜୟ ପ୍ରଧାନ, ସମ୍ପାଦକ ରାଜେଶ ପାଣିଗ୍ରାହୀ ସମ୍ମାନ ପ୍ରଦାନ କରିବା ସହ ନୂତନ ଫୋଟୋଗ୍ରାଫର ମାନଙ୍କୁ ଆଗେଇ ଆସିବାକୁ ଆହ୍ୱାନ ପ୍ରଦାନ କରିଥିଲେ ଓ ପଦର୍ଶନୀ ମୁଖ୍ୟ ମିଥୁନ ଜେନା ଓ ଉପସଭାପତି ଅଜିତ ପାଢ଼ୀ, କାର୍ଯ୍ୟକାରୀ ସଭାପତି ଶିବାଜୀ ରାଓ ବିଭିର୍ଣ୍ଣ ଜିଲ୍ଲାରୁ ଆସିଥିବା କର୍ମକର୍ତ୍ତାମାନଙ୍କୁ ସ୍ୱାଗତ କରିବା ସହ ପ୍ରଦର୍ଶନୀ ପରିଦର୍ଶନ କରାଇଥିଲେ ଓ ସମସ୍ତ କର୍ମକର୍ତ୍ତାମାନଙ୍କ ଦ୍ୱାରା ସୁରୁଖୁରୁରେ ସମ୍ପାଦିତ ହୋଇପାରିଛି ।

## ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ, ରାଜ୍ୟରେ ୩ ଲକ୍ଷ ୭ହଜାର ମାମଲା ଫଇସଲା



କଟକ(ଭାସ୍କର ନ୍ୟୁଜ୍): ନ୍ୟାସନାଲ ଲିଗାଲ ସର୍ଭିସ ଅଥୋରିଟି (ନାଲସା) ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟର ୩୦ ଜିଲାରେ ଥିବା ବିଭିନ୍ନ ଜିଲାସ୍ତରୀୟ ଅଦାଲତ ସମେତ କଟକସ୍ଥିତ ଋଣ ଆଦାୟ ଟ୍ରିବ୍ୟୁନାଲ, ଖାଉଟି ଅଦାଲତ, ଭୁବନେଶ୍ୱରସ୍ଥିତ ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲ ଓ ଷ୍ଟେଟ ଏଜୁକେଶନ ଟ୍ରିବ୍ୟୁନାଲରେ ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣର ପାଟ୍ରୋନ-ଇନ୍-ଚିଫ୍ ତଥା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ, ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟର ବିଚାରପତି ମାନସ ରନ ପାଠକଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଛି । ବିଭିନ୍ନ ଅଦାଲତରେ ପଡ଼ି ରହିଥିବା ମୋଟ ୨୨,୯୩୬ଟି ମାମଲା, ରାଜସ୍ୱ ମାମଲା ୨,୭୬,୦୯୩ଟି ଏବଂ ପ୍ରି-ଲିଟିଗେସନ ମାମଲା ୭,୬୪୪ଟି ମିଶି ମୋଟ ୩,୦୬,୬୯୫ଟି ମାମଲା ଫଇସଲା କରାଯାଇଥିଲା । ଏଥିସହ ମୋଟ ୨୬୫,୨୬,୯୫,୭୩୯ ଟଙ୍କା ଜରିମାନା ଏବଂ କ୍ଷତିପୂରଣ ରାଶି ବାବଦରେ ସ୍ଥିରିକୃତ ହୋଇଛି । ବିଭିନ୍ନ ଅଦାଲତରେ ପଡ଼ିରହି ସମାଧାନ ହୋଇଥିବା ମାମଲାଗୁଡ଼ିକ ମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡାବଲ ଅଫେନ୍ସ ୩୭୦, ଏନ୍ଆଇ ଆକ୍ଟ ୨୨୦୦, ମନି ରିକଭରି ୬୮୨, ମୋଟର ଯାନ ଦୁର୍ଘଟଣାଜନିତ ୧୩୦୯, ଶ୍ରମ ବିବାଦ ୩୯, ବିଦ୍ୟୁତ ଓ ପାଣି ବିଲଭୁବନେଶ୍ୱର ଶିଳ୍ପ ଟ୍ରିବ୍ୟୁନାଲରେ ୦୨ଟି ମାମଲା ଫଏସଲା ହୋଇଛି ।

## ଦୁଗ୍ଧ ଅପମିଶ୍ରଣ ରାକେଟର ମାଷ୍ଟରମାଇଣ୍ଡ ଓ ସହଯୋଗୀ ଗିରଫ

କଟକ(ଭାସ୍କର ନ୍ୟୁଜ୍): କିଛି ଦିନ ପୂର୍ବରୁ କଟକର ଗୁରୁଡିଝାଟିଆ ଅଞ୍ଚଳରେ ଚାଲୁଥିବା ବଡ଼ଧରଣର ଦୁଗ୍ଧ ଅପମିଶ୍ରଣ ରାକେଟ୍‌ର ପର୍ଦ୍ଦାଫାଶ ହେବା ପରେ ପୋଲିସ୍ ମାଷ୍ଟରମାଇଣ୍ଡ୍ ପ୍ରକାଶ ଖୁଣ୍ଟିଆ ଓ ତାର ସହଯୋଗୀ ସୁଧୀର ତିୱାରୀଙ୍କୁ ଗିରଫ କରିଛି । ଦୁଇଜଣଙ୍କୁ ଶନିବାର ଦିନ କୋର୍ଟରେ ହାଜର କରାଯାଇଥିଲା । ପୋଲିସ ସୂତ୍ର ଅନୁସାରେ, ହୋଟେଲ୍ ମାଲିକ ପ୍ରକାଶ ଖୁଂଟିଆ ଏହି ବେଆଇନ କାରବାରର ମୁଖ୍ୟ ଷଡଯନ୍ତ୍ରକାରୀ ଥିଲେ । ପ୍ରାରମ୍ଭିକ ତଦନ୍ତରେ ଖୁଲାସା ହୋଇଛି ଯେ ଅଭିଯୁକ୍ତ ଦୁଗ୍ଧରେ ପାଉଡ଼ର ଓ ରସାୟନ ମିଶାଇ ତାହାର ସପ୍ଲାଇ କରୁଥିଲେ, ଯାହା ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଗୁରୁତର ବିପଦ ସୃଷ୍ଟି କରୁଥିଲା । ଏଠାରେ ଉଲ୍ଲେଖନୀୟ ଯେ ସେପ୍ଟେମ୍ବର ୧୦ ତାରିଖ ରାତିରେ ଗୁରୁଡିଝାଟିଆ ଥାନା ଅଞ୍ଚଳର କୁଶୁପାଙ୍ଗି ଥିବା ହୋଟେଲ୍ ନିକଟରେ ପୋଲିସ ରେଡ୍ କରିଥିବା ବେଳେ ଏହି ରାକେଟର ପର୍ଦ୍ଦାଫାଶ ହୋଇଥିଲା । ହେଲେ ଅନେକ ଅଭିଯୁକ୍ତ, ଯେଉଁଥିରେ ଚାଳକ ବି ଥିଲେ, ଘଟଣାସ୍ଥଳରୁ ପଳାଇଯାଇଛନ୍ତି । ପୋଲିସ ଟ୍ୟାଙ୍କର୍ ଓ ଉପକରଣ ଜବତ କରିଛି । ବର୍ତ୍ତମାନ ଦୁଗ୍ଧ ନମୁନାର ଯାଞ୍ଚ କରାଯାଉଛି, ଯାହାଦ୍ୱାରା ମିଶ୍ରିତ ଦୁଗ୍ଧରେ ଥିବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିପଦର ଆକଳନ କରାଯାଇପାରିବ ।

## ୧୨୩ ହିତାଧିକାରୀଙ୍କ ଗୃହ ପ୍ରବେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଫଡେବଲ ହାଉସିଂ ଯୋଜନାରେଘର ପାଇଥିବା ୧୨୩ ଜଣ ଯୋଗ୍ୟ ହିତାଧିକାରୀ ଆଜି ଗୃହ ପ୍ରବେଶ କରିଛନ୍ତି । ଚନ୍ଦ୍ରଶେଖରପୁର ବୁଦ୍ଧ ବିହାରଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣ କରାଯାଇଥିବା ଆଫୋର୍ଡେବୁଲ ହାଉସିଂ ପ୍ରକଳ୍ପରେ ଏମାନେ ଆଜିଠାରୁ ସ୍ଥାୟୀଭାବେ ନିଜ ଘରେ ବସବାସ କରିବେ ।



ବିଭିନ୍ନ ବସ୍ତି ଯଥା-୩୬ ନମ୍ବର ୱାର୍ଡ ଅନ୍ତର୍ଗତ ଭେଙ୍କଟେଶ୍ୱର ବସ୍ତି, ସ୍ୱପ୍ନା ଟ୍ରଷ୍ଟ, ୯ ନମ୍ବର ୱାର୍ଡ ଅନ୍ତର୍ଗତ ଗାଡକଣ ମୌଜାର ମହାବୀର ବସ୍ତି, ୪୩ ନମ୍ବର ୱାର୍ଡ ଅନ୍ତର୍ଗତ ଲକ୍ଷ୍ମୀସାଗର ଅଂଚଳର ପାନବଜର ବସ୍ତି, ୩୬ ନମ୍ବର ୱାର୍ଡ ଅନ୍ତର୍ଗତ ନିକୋପାର୍କ ବସ୍ତି ସହ ପିଚୁ ପଡିଆ ବସ୍ତି, ଭଗବତୀ-୨ ବସ୍ତି, ମାଆ ଭଗବତୀ ବସ୍ତି, ସାଲିଆ ସାହିରୁ କିଛି ଲୋକ, ତାରିଣୀ ବସ୍ତି, ତେଲୁଗୁ ବସ୍ତି, ନାରାୟଣୀ ବାଟରଲ ବ୍ୟାରେକ୍ ଆଦି ବସ୍ତିରୁ ୧୨୩ ଜଣ ଯୋଗ୍ୟ ହିତାଧିକାରୀ ଆଜି ସପରିବାରେ ଗୃହ ପ୍ରବେଶ କରିଛନ୍ତି । ବସ୍ତିରେ ଥିବା ହିତାଧିକାରୀମାନେ ଆଜିଠାରୁ ନବନିର୍ମିତ କୋଠାଘରେ ରହିବେ । ସରକାରଙ୍କନିର୍ଦେଶ କ୍ରମେ ବିଏମ୍ ସି ମାଧ୍ୟମରେ ସେମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ଯଥା-ପାନୀୟ ଜଳ, ବିଦ୍ୟୁତ୍ ଆଲୋକ, ଗ୍ୟାସ୍ ସଂଯୋଗଏପରିକି ସେମାନଙ୍କ ଆସବାବ ପତ୍ର ପରିହନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ହିତାଧିକାରୀଙ୍କୁ ବ୍ୟାଙ୍କ ଋଣ ସହ ସମସ୍ତ ଅତ୍ୟାବଶ୍ୟକୀୟ ସେବା ମେୟର ସୁଲୋନଚା ଦାସ ଓ କମିଶନର ଚଞ୍ଚଳ ରାଣା ଉଦ୍ୟମରେ ଯୋଗାଇ ଦିଆଯାଇଛି ।

## ପଦ୍ମଶ୍ରୀ ଡକ୍ଟର ହଳଧର ନାଗଙ୍କୁ ପ୍ରାଚୀରତ୍ନ ସମ୍ମାନ

କଟକ(ଭାସ୍କର ନ୍ୟୁଜ୍): ପଦ୍ମଶ୍ରୀ ହଳଧର ନାଗଙ୍କୁ ପ୍ରାଚୀରତ୍ନ ସମ୍ମାନ ପ୍ରଦାନ କରାଯାଇଛି । ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ଅଭ୍ୟୁତ୍ଥାନରେ ସାରସ୍ୱତ ଅବଦାନ ଅବିସ୍ମରଣୀୟ । ସଭାରେ ସଭାପତିତ୍ୱ କରି ପ୍ରଫେସର ଡ. ମନ୍ଦାକିନୀ ଦାସ ତାଙ୍କର ସମ୍ବଲପୁରୀ ସାହିତ୍ୟରେ ପଦ୍ମଶ୍ରୀ ନାଗଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ ।

## ସ୍ୱତନ୍ତ୍ର ଅଭିଯାନର ଦ୍ୱାଦଶ ଦିନରେ ବଡ଼ ସଫଳତା, ୧.୬୯ କୋଟି ଟଙ୍କାର ବେଆଇନ ସାମଗ୍ରୀ ଜବତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ଚାଲୁଥିବା ସ୍ୱତନ୍ତ୍ର ଚଢ଼ାଉ ଅଭିଯାନର ଦ୍ୱାଦଶ ଦିନରେ ଆଉ ଏକ ବଡ଼ ସଫଳତା ମିଳିଛି । ଏହି ଅଭିଯାନରେ ପ୍ରାୟ ୧.୬୯ କୋଟି ଟଙ୍କା ମୂଲ୍ୟର ବେଆଇନ ସାମଗ୍ରୀ ବିଭିନ୍ନ ଜିଲ୍ଲାରୁ ଜବତ କରାଯାଇଛି । ବେଆଇନ ମଦ ଓ ନିଷିଦ୍ଧ ମାଦକଦ୍ରବ୍ୟ ବିରୋଧରେ ଚାଲିଥିବା ଏହି ଅଭିଯାନରେ ୨୯୨ଟି ମାମଲା ରୁଜୁ ସହ ସମ୍ପୃକ୍ତ ୧୬୮ ଜଣଙ୍କୁ ଅବକାରୀ ତଥା ଏନଡିପିଏସ ଆଇନର ଉଲଂଘନ ଅଭିଯୋଗରେ ଗିରଫ କରାଯାଇଛି । ଏହି କାର୍ଯ୍ୟାନୁଷ୍ଠାନରେ ୧୩,୯୮୮ ଲିଟର ବେଆଇନ ମଦ, ୭୮୫ ଲିଟର ଡ୍ୟୁଟି ପେଡ ଲିକର ଜବତ ହୋଇଛି । ସେହିପରି ୧.୪୩ ଲକ୍ଷ ଲିଟର ଫରମେଂଟେଡ ୱାସ (ବେଆଇନ ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ପୋଚ)କୁ ନଷ୍ଟ କରାଯାଇଛି । ଅନ୍ୟପକ୍ଷରେ ଆଉଟ ଷ୍ଟିଲ ଲିକର ରେ କଂଚାମାଲ ଭାବେ ବ୍ୟବହୃତ ୫୨୪ କିଲୋଗ୍ରାମ ମହୁଲ ଫୁଲ ଜବତ ହୋଇଛି । ଏହା ସହିତ ବେଆଇନ ସାମଗ୍ରୀ ପରିବହନରେ ବ୍ୟବହୃତ ୨୩ଟି ଗାଡି ଜବତ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏନପିଡିଏସ ଆଇନ ଅନ୍ତର୍ଗତ ଅନ୍ୟ ଉଲ୍ଲେଖନୀୟ ବିଷୟ ଭାବେ ଏନଫୋର୍ସମେଣ୍ଟ ଟିମ ୧୩୨ କିଲୋ ଗଞ୍ଜେଇ ଓ ୩୩୨ ଗ୍ରାମ ହେରୋଇନ ଜବତ ସହ ୧୦ ମାମଲା ରୁଜୁ କରିଛନ୍ତି । ଏହା ବିଭାଗର ବେଆଇନ ମାଦକଦ୍ରବ୍ୟ ବିରୋଧରେ 'ଶୂନ୍ୟ ସହିଷ୍ଣୁତା' ନୀତିକୁ ପ୍ରତିପାଦିତ କରୁଛି । ଦ୍ୱାଦଶ ଦିନର ଏହି ସଫଳତା ବିଭାଗର ଦୃଢ଼ ସଙ୍କଳ୍ପକୁ ପ୍ରକାଶ କରୁଛି, ଯାହାର ଲକ୍ଷ୍ୟ ହେଉଛି ବେଆଇନ କାର୍ଯ୍ୟକଳାପକୁ ରୋକିବା ସହିତ ଜନସାଧାରଣଙ୍କ ଧନଜୀବନ ସୁରକ୍ଷିତ କରିବା ।

## ଆଗକୁ 'ଭୋଟ ଚୋରି' ଦେଶର ମୁଖ୍ୟ ପ୍ରସଙ୍ଗ ହେବ: ଭକ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଂଗ୍ରେସରେ ଆଗକୁ ବହୁ ସଂଖ୍ୟାରେ ବିଭିନ୍ନ ଦଳର ନେତା ଓ କର୍ମୀ ଯୋଗଦେବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି । କୈଳାଶ ମିଶ୍ର କଂଗ୍ରେସରେ ଯୋଗ ଦେବା ଅବସରରେ ଗଣମାଧ୍ୟମର ପ୍ରଶ୍ନର ଉତ୍ତରରେ ଶ୍ରୀ ଦାସ କହିଲେ, ଆମେ ସମସ୍ତଙ୍କୁ ଦଳରେ ସ୍ୱାଗତ କରୁଛୁ । ଯିଏ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଏବଂ ରାହୁଲ ଗାନ୍ଧୀଙ୍କ ରାଜନୈତିକ ଚିନ୍ତାଧାରାରେ ଅନୁପ୍ରାଣିତ, ସେମାନଙ୍କ ପାଇଁ କଂଗ୍ରେସ ଦଳର ଦ୍ୱାର ସବୁବେଳେ ଖୋଲା । ଯେତେ ଅଧିକ ସଂଖ୍ୟାରେ ଲୋକ ଯୋଗଦେବେ, ଦଳ ନିଶ୍ଚୟ ଶକ୍ତିଶାଳୀ ହେବ । ଆଜି ଭୋଟ ଚୋରି ପ୍ରସଙ୍ଗ ଦେଶର କୋଣ ଅନୁକୋଣରେ ଆଲୋଚନା ହେଉଛି । ଆଗକୁ ରାହୁଲ ଗାନ୍ଧୀ ଅଧିକ ବିସ୍ମୟଜନକ ତଥ୍ୟ ପ୍ରଦାନ କରି ଦେଶରେ ଆଲୋଡନ ସୃଷ୍ଟି କରିବାକୁ ଯାଉଛନ୍ତି । ଦେଶରେ ଭୋଟ ଚୋରି ପ୍ରସଙ୍ଗ ଏକ ମହା ଆନ୍ଦୋଳନର ରୂପ ନେବ ବୋଲି ଶ୍ରୀ ଦାସ କହିଥିଲେ । ଆସନ୍ତା ୨୭ ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରସ୍ତାବିତ ଓଡିଶା ଗସ୍ତ ପ୍ରସଙ୍ଗରେ ଶ୍ରୀ ଦାସ କହିଥିଲେ, ତାଙ୍କ ଓଡିଶା ଗସ୍ତ ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଓଡିଶାର ବିକାଶ କରିବା ଅଧିକ ଜରୁରି, ଯାହାପ୍ରତି ସେ ଓ ତାଙ୍କ ଦଳ ପୂରା ଆଖି ବୁଜିଦେଇଛନ୍ତି । ମଣିପୁର ପ୍ରସଙ୍ଗରେ ସେ କହିଥିଲେ ଯେ, ମଣିପୁର ଯେତେବେଳେ ଜଳୁଥିଲା, ନାରୀ, ଶିଶୁଙ୍କ ଉପରେ ଜଘନ୍ୟ ଅତ୍ୟାଚାର ହେଉଥିଲା, ହଜାର ହଜାର ଲୋକଙ୍କ ଉପରେ ଦମନଲୀଳା ଚାଲିଥିଲା ସେତେବେଳେ ମଣିପୁର ପରିଦର୍ଶନ ପାଇଁ ପ୍ରଧାନମନ୍ତ୍ରୀଙ୍କ ସମୟ ହେଲା ନାହିଁ । ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ମଣିପୁର ଗସ୍ତ କଟା ଘାଆରେ ଚୂନ ଦେବା ସଦୃଶ । ଏତେ କରୁଣ ଘଟଣା ଘଟିଗଲା, ସାରା ଦେଶ ବ୍ୟଥିତ ହେଲା, କିନ୍ତୁ ମଣିପୁରକୁ ନେଇ ତାଙ୍କ ତୁଣ୍ଡରୁ ସାନ୍ତ୍ୱନାମୂଳକ ପଦେ କଥା ମଧ୍ୟ ବାହାରି ନ ଥିଲା । ତାଙ୍କର ମଣିଷ ପଣିଆ ଉପରେ ସନ୍ଦେହ ଆସୁଛି । ମଣିପୁରକୁ ଯାଇ କିଛି ହଜାର କୋଟି ଘୋଷଣା କରିଦେଲେ ଲୋକଙ୍କ ଖଣ୍ଡିତ ହୃଦୟ କଣ ଆଉ ଯୋଡି ହେବ ? ପ୍ରଧାନମନ୍ତ୍ରୀ ନୂତନ ରେଳ ସଂଯୋଗ ସ୍ଥାପନ ଉଦଘାଟନ କରି ମିଛ ଶ୍ରେୟ ନେଉଛନ୍ତି ଯାହା ପୂର୍ବ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସମୟରେ ଆରମ୍ଭ ହୋଇଥିଲା ।

### ରାଜ୍ୟ ଗୃହିଣୀ ସମାଜ ସମ୍ପାଦିକା ଇନ୍ଦିରା ପଟ୍ଟନାୟକଙ୍କ ପରଲୋକ

# ବିଭିନ୍ନ ମହଲରେ ଶୋକର ଛାୟା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ଗୃହିଣୀ ସମାଜ ସମ୍ପାଦିକା ତଥା ବିଶିଷ୍ଟ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକଙ୍କ ଧର୍ମପତ୍ନୀ ଇନ୍ଦିରା ପଟ୍ଟନାୟକଙ୍କ ଶନିବାର ସକାଳ ୭ ଘଟିକା ସମୟରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା । ସେ ଦୀର୍ଘ ୧୦ ଦିନ ହେବ ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଥିଲା । ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ବାବୁ ସିଂ, ଜଗନ୍ନାଥ ପ୍ରଧାନ, ପୂର୍ବତନ ମନ୍ତ୍ରୀ, ସୟ ଦାସବର୍ମା, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ସମୀର ରାଉତ, ମଞ୍ଜୁ ସିଂ, ରବୀନ୍ଦ୍ର ବିଶ୍ୱାଳ, ରୁଦ୍ର ସାମନ୍ତରାୟ, ସ୍ଥାନୀୟ କର୍ପୋରେଟର ରୁଲତା ରାୟ, କର୍ପୋରେଟର ଆସିଆ ବେଗମ, କଟକ ମେୟର ସୁବାସ ସିଂ, ତନ୍ମୟ ସ୍ୱାଇଁ, ଆଶିଷ କାନୁନଗୋ, ଜୟନ୍ତ ଦାସ, ବସନ୍ତ ପାଇକରାୟ, ବିଶିଷ୍ଟ ଶିକ୍ଷାବିତ କ୍ଷୀରୋଦ ପ୍ରସାଦ ମହାନ୍ତି, ଶ୍ରମିକ ନେତା ନବ କିଶୋର ମହାନ୍ତି, ଲୋକସେବକ ମଣ୍ଡଳର ଉପସଭାପତି ଦୀପକ ମାଲବ୍ୟ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପିସିସି ଗଣମାଧ୍ୟମର ମୁଖ୍ୟ ସମ୍ପାଦକ ଅରବିନ୍ଦ ଦାସ, ପ୍ରମେୟ ସମ୍ପାଦକ ଗୋପାଳ ମହାପାତ୍ର, ସିନେ ସମୀକ୍ଷକ ଦିଲ୍ଲିପ ହାଲି, ସୁବାର୍ତ୍ତାର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ, ପ୍ରଭୁ କଲ୍ୟାଣ ମହାପାତ୍ର, ଏସ୍. ରାଜୀବ ଗୌରବ, ବିବେକାନନ୍ଦ ଜେନା, 'ଉନ୍ନତିପଥେ'ର ପ୍ରଦ୍ୟୁମ୍ନ କୁମାର ମହାନ୍ତି, ହିମାଂଶୁ ଖଟୁଆ, ମାଧବାନନ୍ଦ ବେହୁରା, ଶ୍ରୀଧର ମାର୍ଥା, ପ୍ରଶାସକ ଲୁଲୁ ସାମନ୍ତ, ଦୁର୍ଗା ସାମନ୍ତରାୟ, ସୁର ଜେନା, ଗାନ୍ଧିବାଦୀ ଚିନ୍ତକ ପ୍ରହ୍ଲାଦ ସିଂହ, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଗୀତା ପଟ୍ଟନାୟକ, ସାଗର ମଲ୍ଲିକ୍, ମରୀଦେବୀ ନର୍ସିଂ କଲେଜର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ବିଶ୍ୱାଳ, ଲେଖିକା ଝରଣା ପଟ୍ଟନାୟକ, ପ୍ରୀତିଛନ୍ଦା ଧଳ, ସ୍ୱାଧୀକାର ସମ୍ପାଦକ ଅକ୍ଷୟ କୁମାର ପତି, ଦେବୀ ପଟ୍ଟନାୟକ, କେ. ରବି ପ୍ରମୁଖ ବହୁ ବିଶିଷ୍ଟ ରାଜନେତା, ସମାଜସେବୀ, ସାମ୍ବାଦିକ ଓ ଆତ୍ମୀୟ ସ୍ୱଜନମାନେ ତାଙ୍କ ୟୁନିଟ୍-୩ସ୍ଥିତ ବାସଭବନରେ ସ୍ୱର୍ଗତା ପଟ୍ଟନାୟକଙ୍କ ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ସ୍ୱର୍ଗତା ପଟ୍ଟନାୟକଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା । ପୁତ୍ର ପରାଗ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ । ବୋହୂ ସଂସ୍କୃତି ଅନୁରାଗିଣୀ ଉପସ୍ଥିତ ଥିଲେ ।

## ଇନ୍ଦ୍ରାଣୀଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ଧର୍ମପତ୍ନୀ ଇନ୍ଦ୍ରାଣୀ ପଟ୍ଟନାୟକଙ୍କ ବିୟୋଗରେ ପିସିସି ସଭାପତି ଭକ୍ତ ଚରଣ ଦାସ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି, ଇନ୍ଦ୍ରାଣୀ ଦେବୀଙ୍କ ବିୟୋଗ ମୋତେ ଗଭୀର ଦୁଃଖ ଦେଇଛି । ରାଜ୍ୟ ଗୃହିଣୀ ସମାଜର ସଂପାଦିକା ଭାବେ ଇନ୍ଦ୍ରାଣୀ ଦେବୀ ବହୁ ଜନମଙ୍ଗଳ କାର୍ଯ୍ୟ କରିଛନ୍ତି । ତାଙ୍କ ବିୟୋଗ ଗୃହିଣୀ ସମାଜ ପାଇଁ ଅପୂରଣୀୟ କ୍ଷତି । ସ୍ୱର୍ଗତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ଜ୍ଞାପନ କରିଛନ୍ତି । ପିସିସି ସଭାପତି ଶ୍ରୀ ଦାସଙ୍କ ଅନୁପସ୍ଥିତିରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ସ୍ୱର୍ଗତା ଦେବୀଙ୍କ ପରିବାର ବର୍ଗଙ୍କୁ ଭେଟି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଗଭୀର ସମବେଦନା ଜ୍ଞାପନ କରିଛନ୍ତି ।

# କଂଗ୍ରେସରେ ମିଶିଲେ କୈଳାଶ ମିଶ୍ର




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଂଗ୍ରେସର କ୍ରମବର୍ଦ୍ଧିଷ୍ଣୁ ଗ୍ରହଣୀୟତାରେ ପ୍ରଭାବିତ ହୋଇ ଦଳରେ ଯୋଗଦେବା ଧାରା ଅବ୍ୟାହତ ରହିଛି । ଶନିବାର ମଧ୍ୟାହ୍ନରେ 'ବିକଳ୍ପ ଓଡିଶା' ସଭାପତି କୈଳାଶ ମିଶ୍ର କଂଗ୍ରେସରେ ଯୋଗଦେଇଛନ୍ତି । ଏଆଇସିସି ଓଡିଶା ପ୍ରଭାରୀ ଅଜୟ ଲାଲୁଙ୍କ ପୌରୋହିତ୍ୟରେ କଂଗ୍ରେସ ଭବନରେ ଆୟୋଜିତ ଏକ ସମାବେଶରେ ଶ୍ରୀ ମିଶ୍ର ଦୁଇଶହରୁ ଅଧିକ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ଆସି ଦଳରେ ମିଶିଛନ୍ତି । କୈଳାଶ ମିଶ୍ରଙ୍କୁ ଦଳକୁ ସ୍ୱାଗତ କରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ, ରେଭେନ୍ସା କଲେଜ ଛାତ୍ରସଂସଦର ପୂର୍ବତନ ସଭାପତି, ଡିଏସଓର ପୂର୍ବତନ ସଭାପତି, ସମାଜବାଦୀ ପାର୍ଟିର ପୂର୍ବତନ ରାଜ୍ୟ ସଭାପତି, ଦେଶରେ ମାଇକ୍ରୋଫାଇନାନ୍ସ, ସ୍ୱୟଂସହାୟକ ଗୋଷ୍ଠୀ ତଥା ସମବାୟ ଆନ୍ଦୋଳନର ଜଣେ ଜଣାଶୁଣା ପ୍ରବକ୍ତା ଯୋଗଦେବା ଦ୍ୱାରା କଂଗ୍ରେସ ଦଳ ଆହୁରି ଶକ୍ତିଶାଳୀ ହେବ । ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ପଟ୍ଟନାୟକ ଶ୍ରୀ ମିଶ୍ରଙ୍କୁ ସ୍ୱାଗତ କରିଥିଲେ । ଏହି ସମାବେଶରେ ପିସିସି ଉପସଭାପତି ସନ୍ତୋଷ ସିଂହ ସାଲୁଜା, ଏଆଇସିସି ଓଡିଶା ସଂପାଦକ ଶାହନୱାଜ ଚୌଧୁରୀ, ପିସିସି ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ରହି 'ବିକଳ୍ପ ଓଡିଶା'ର ଅବଶିଷ୍ଟ କାର୍ଯ୍ୟକର୍ତ୍ତାଙ୍କୁ ଦଳରେ ମିଶାଇଥିଲେ ।

## କ୍ୟାପିଟାଲ ଥାନା ଅଞ୍ଚଳରୁ ୫୦ ଚୋରା ମୋବାଇଲ ଜବତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କ୍ୟାପିଟାଲ ଥାନା ଅଞ୍ଚଳରୁ ୫୦ ଚୋରା ମୋବାଇଲ ଜବତ ହୋଇଛି । ୫ କୁଖ୍ୟାତ ମୋବାଇଲ ଲୁଟେରା ମାନଙ୍କୁ ଗିରଫ କରିଛି ପୋଲିସ । ଲୁଟେରାମାନେ ମାର୍କେଟ ଓ ମଲ୍ ଅଞ୍ଚଳରୁ ମୋବାଇଲ ଲୁଟ କରୁଥିଲେ । ୫୦ ଚୋରି ମୋବାଇଲକୁ ମାଲିକଙ୍କୁ ଫେରାଇବ ପୋଲିସ ।

## କୌଣସି ସବ୍‌ରେଜିଷ୍ଟ୍ରାର ପାର୍ଟ ପ୍ଲଟ୍ ରେଜିଷ୍ଟରକୁ ମନା କଲେ ହେବ ଆକ୍ସନ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କୌଣସି ସବରେଜିଷ୍ଟ୍ରାର ପାର୍ଟ ପ୍ଲଟ ରେଜିଷ୍ଟର କରିବାକୁ ମନା କରୁଥିଲେ ଆକ୍ସନ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ସେ କହିଛନ୍ତି ନିର୍ଦ୍ଦିଷ୍ଟ ଅଭିଯୋଗ ଯଦି ଅଛି ମୋ ପାଖକୁ ପହଞ୍ଚାନ୍ତୁ । ସଙ୍ଗେ ସଙ୍ଗେ ତାଙ୍କୁ ସସପେଣ୍ଡ କରାଯିବ । ପୂର୍ବ ସରକାରରେ ପାର୍ଟ ପ୍ଲଟ ବିକ୍ରି ନେଇ ଲୋକଙ୍କୁ ହନ୍ତସନ୍ତ କରାଯାଉଥିଲା । ଏ ସରକାରରେ ସେମିତି ହେବ ନାହିଁ । ଲୋକଙ୍କ ସରକାର ଲୋକଙ୍କ କଥା ବୁଝିବ ସେ କହିଛନ୍ତି ।



ଓଡ଼ିଶା ଭାସ୍କର
ଦୃଷ୍ଟିପାତ



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଡେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ



# କୁପୁତ୍ରୋଜାୟେତ କ୍ୱଚିଦପି : ଅର୍ଥ-ଅନର୍ଥ



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

## ମୁଦ୍ରା କାହାଣୀ

ରାଜସ୍ଥାନର ଶେଖାୱଟି ଅଞ୍ଚଳର ଏକ ଛୋଟ ସହର ସିଂଘାନା ଠାରୁ ଏକ ବଣିଆ (ବେପାରୀ) ପରିବାର ପ୍ରଥମେ ଉତ୍ତରପ୍ରଦେଶର ଫାରୁକାବାଦ ଆସି ଛୋଟ ବ୍ୟବସାୟ ଆରମ୍ଭ କଲେ। ପରେ ତାଙ୍କ ବ୍ୟବସାୟ କାନପୁରକୁ ନେଇ ସେଠାରୁ ଭାରତର ବଡ଼ବଡ଼ ସହରକୁ ସମ୍ପ୍ରସାରଣ କଲେ। ୧୯୨୫ ମସିହାରେ ଆଲ୍‌ବର୍ଟ ରେମଣ୍ଡ୍ ଏବଂ ଆବ୍ରାହମ୍ ଜାକବ୍ ରେମଣ୍ଡ୍ ଥାଣେ ଠାରେ ଦି ରେମଣ୍ଡ୍ ଉଲେନ୍ ମିଲ୍‌ସ୍ ପ୍ରତିଷ୍ଠା କରିଥିଲେ। ନିଜର ବ୍ୟବସାୟ ସହିତ ଲାଲା କୈଳାଶପତ୍ ସିଂଘାଣିଆ ସେଠାରେ କାମ କରୁଥିଲେ। ୧୯୪୪ ମସିହାରେ ସଂଘାଣିଆ ପରିବାର ଥାଣେ ସ୍ଥିତ ଇ ଡି ସାସୁନ୍ ଆଣ୍ଡ୍ କୋ. ଠାରୁ ରେମଣ୍ଡ ଉଲେନ୍ ମିଲ୍‌ସ୍ କିଣିଲେ। କମ୍ପାନୀର ବିକାଶ ଓ ବିସ୍ତାରରେ କୈଳାଶପତ୍ ସିଂଘାଣିଆଙ୍କର ମୁଖ୍ୟ ଭୂମିକା ରହିଲା। ପରିବାରର ବ୍ୟାବସାୟିକ ପରମ୍ପରା ଅନୁଯାୟୀ ପରବର୍ତ୍ତୀ ସମୟରେ କମ୍ପାନୀ ତିନି ଭାଗରେ ବିଭକ୍ତ ହୋଇଗଲା - ପଦମ୍‌ପତ୍ ସିଂଘାଣିଆ ଉତ୍ତରୀୟ କ୍ଷେତ୍ର ଓ ମୂଳ ବ୍ୟବସାୟ ସ୍ଥାନ କାନପୂର ଶାଖାର ମୁଖ୍ୟ ହୋଇଥିଲା ବେଳେ ଲକ୍ଷ୍ମୀପତ୍ ସିଂଘାଣିଆ ପୂର୍ବ ଭାଗର କଲିକତା ଏବଂ କୈଳାସପତ୍ ପଶ୍ଚିମ ଭାରତର ମୁମ୍ବାଇ ଶାଖାର ମୁଖ୍ୟ ହୋଇଥିଲେ। ପରେ କୈଳାସପତ୍ ଦେଶର ରାଜଧାନୀ ଦିଲ୍ଲୀକୁ ଉଠିଯାଇ ଏହାକୁ ବ୍ୟବସାୟର କେନ୍ଦ୍ର କରିଥିଲେ।

୧୯୬୯ ଲାଲା କୈଳାସପତ୍‌ଙ୍କ ମୃତ୍ୟୁ ପରେ ରେମଣ୍ଡର ଦାୟିତ୍ୱ ଆସିଲା ଗୋପାଳକୃଷ୍ଣ ସିଂଘାଣିଆଙ୍କ ପାଖକୁ। ଗୋପାଳକୃଷ୍ଣ ସିଂଘାଣିଆଙ୍କ ମୃତ୍ୟୁ ୧୯୮୦ ମସିହାରେ ହେଲା। ପରେ ରେମଣ୍ଡର ଅଧକ୍ଷ ହେବାକୁ ଚାହୁଁଥିଲେ ବିଜୟପତ୍‌ଙ୍କ ଦାଦା ପୁଅ ଭାଇ ହରିଶଙ୍କର ସିଂଘାଣିଆ। କିନ୍ତୁ କମ୍ପାନୀର ଅଧିକାରୀ ମାନେ ଲାଲା ଲକ୍ଷ୍ମୀପତ୍‌ଙ୍କ ବଡ଼ପୁଅ ବିଜୟପତ୍ ଅଧକ୍ଷ ନ ହେଲେ ସାମୂହିକ ଇସ୍ତଫା ଦେବେ ବୋଲି ଅଡ଼ି ବସିଲେ। ବିଜୟପତ୍ ସେତେବେଳକୁ ପାରିବାରିକ ବଡ଼ ବ୍ୟବସାୟ ସମୂହ ଜେ କେ ଅର୍ଗାନାଇଜେସନ୍‌ର ଜେ କେ କେମିକାଲ୍‌ସ୍‌ର ମୁଖ୍ୟ ଥାନ୍ତି। ନିଜ ପ୍ରିୟ କମ୍ପାନୀକୁ ଛାଡ଼ି ରେମଣ୍ଡର ମୁଖ୍ୟ ହେବାକୁ ସେ ବାଧ ହୋଇଥିଲେ। ପିଲାଦିନରୁ ବିଜ୍ଞାନ ଓ ଗଣିତରେ ଧୁରିଣ ବିଜୟପତ୍ ବୈଜ୍ଞାନିକ ବା ଇଞ୍ଜିନିୟର ହେବା ପାଇଁ ଇଚ୍ଛା କରୁଥିଲେ। ବାପାଙ୍କ ଇଚ୍ଛାରେ ପାରିବାରିକ ବ୍ୟବସାୟରେ ପଶିବାକୁ ବାଧ ହୋଇଥିଲେ ହେଁ ସେ ଏହାକୁ ଆପଣେଇ ପାରି ନ ଥିଲେ। କିନ୍ତୁ ରେମଣ୍ଡର ଅଧକ୍ଷ ହେଲା ପରେ ନିଜର ଜ୍ଞାନ, କୁଶଳତା ଏବଂ ଅଧବସାୟ ବଳରେ ସେ ଏହାର ସମ୍ପ୍ରସାରଣ କଲେ। କେବଳ ଶୀତବସ୍ତ୍ର ଉତ୍ପାଦନରୁ ସିନ୍ଥେଟିକ୍ ଓ ଡେନିମ୍ ବସ୍ତ୍ର, ଇସ୍ପାତ, ସିମେଣ୍ଟ ଓ ଟାଇଲ, ରିଅଲ୍ ଇଷ୍ଟେଟ୍, ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ପ୍ରବେଶ କଲେ।

କେବଳ ଜଣେ ପ୍ରତିବଦ୍ଧ ସଫଳ ବ୍ୟବସାୟୀ ନୁହେଁ। ଜଣେ କୁଶଳୀ ବିମାନଚାଳକ ଭାବରେ ସେ ବିଶ୍ୱ ବିଖ୍ୟାତ। ହଟ୍ ଏଆର୍ ବେଲୁନ୍‌ରେ ସର୍ବାଧିକ ଉଚ୍ଚତାରେ ଉଡ଼ିବାର୍ ବିଶ୍ୱ ରେକର୍ଡର ଅଧିକାରୀ। ୧୯୮୮ ମସିହାରେ ଲଣ୍ଡନରୁ ଦିଲ୍ଲୀ ୨୩ ଦିନରେ ଉଡ଼ାଣ କରି ମାଇକ୍ରୋଲାଇଟ୍ ଏଣ୍ଡୁରାନ୍ସ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ୨୦୦୬ ମସିହାରେ ତାଙ୍କୁ ପଦ୍ମ ଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୦୧ ମସିହାରେ ନିଜର ଦୁଃସାହସିକ ଉଡ଼ାଣ ପାଇଁ ତେନ୍‌ଜିଙ୍ଗ୍ ନରଗେ ନେସନାଲ୍ ଆଡ୍‌ଭେନ୍‌ଚର୍ ଆୱାର୍ଡ୍ ପାଇଥିଲେ। ଉଡ଼ାଣ ପାଇଁ ଭାରତୀୟ ବାୟୁ ସେନା ପକ୍ଷରୁ ତାଙ୍କୁ ସମ୍ମାନଜନକ ଏଆର୍ କମୋଡର୍ ଉପାଧି ପ୍ରଦାନ କରାଯାଇଥିଲା। ବମ୍ବେର ସାମଗ୍ରିକ ବିକାଶରେ ତାଙ୍କର ଦୀର୍ଘକାଳର ଯୋଗଦାନ ପାଇଁ ସେ 'ସେରିଫ୍ ଅଫ୍ ମୁମ୍ବାଇ'ରେ ଭୂଷିତ ହୋଇଥିଲେ। ଏମିତି ପିତାଙ୍କର ପିଲା ନିଜ ପିତାଙ୍କର ମୂଲ୍ୟ ବୁଝି ନ ପାରିବା ଠାରୁ ଅଧିକ ଦୁଃଖ କ'ଣ ଥାଇପାରେ!

ଅତ୍ୟନ୍ତ ବିନୟୀ ଓ ଭଦ୍ର ବିଜୟପତ୍ ଥରେ ଗୋଟିଏ ସାକ୍ଷାତକାରରେ ସବୁ ବାପା ମାଆଙ୍କୁ ଉପଦେଶ ଛଳରେ କହିଥିଲେ ଯେ ବଞ୍ଚି ଥାଉ ଥାଉ କେବେହେଲେ ନିଜ ପିଲାଙ୍କୁ ସମ୍ପତ୍ତି ଦେଇ ଦେବା ଉଚିତ୍ ନୁହେଁ। ରେମଣ୍ଡ ଏକ ସାମ୍ରାଜ୍ୟ। ପିଲାଦିନରୁ ଅତି ବିଳାସୀ ଓ ମଉଜ ମସ୍ତିରେ ଜୀବନ ଅତିବାହିତ କରିଥିବା ଗୌତମ ତାଙ୍କୁ ଗାଳି କରିବା, ଅପମାନିତ କରିବା ଓ ଖରାପ ବ୍ୟବହାର ଦେଖାନ୍ତି ବୋଲି ବିଜୟପତ୍ କହନ୍ତି। ତାଙ୍କର କହିବା ଅନୁସାରେ ଗୌତମ କମ୍ପାନୀର ମାଲିକାନା ହାତେଇବା ପାଇଁ ତାଙ୍କ ଉପରେ ଆବେଗିକ ଓ ମାନସିକ ଚାପ ପକାଇଲେ। ତାଙ୍କ ପ୍ରତି ଥିବା ପିତାଙ୍କର ସ୍ନେହ ଓ ମୋହର ସୁଯୋଗ ନେଇ ସେ ପିତାଙ୍କୁ ଏକପ୍ରକାର ବାଧ କରିଥିଲେ ହସ୍ତାନ୍ତରର କରିବା ପାଇଁ। ୧୯୧୫ ମସିହାରେ ରେମୋନ୍ଦ୍‌ର ୩୭% ଅଂଶଧନ ବିଜୟପତ୍ ନିଜର ସାନପୁଅ ଗୌତମଙ୍କୁ ହସ୍ତାନ୍ତର କଲେ। ୩୭% ଅଂଶଧନ ପାଇଗଲା ପରେ ସେ ପିତାଙ୍କୁ ଚୁକ୍ତିରେ ଥିବା ଫ୍ଲାଟ୍ ଦେଇ ନଥିଲେ। ପିତାଙ୍କ ଠାରୁ ସମ୍ପତ୍ତି ପାଇ ତାଙ୍କୁ ଘର ଟିକେ ଦେଇ ନ ଥିବା ଗୌତମ ବିଚିତ୍ର ଯୁକ୍ତି କରିଥିଲେ। ଏଥିରେ ତାଙ୍କ ଶତ୍ରୁ ଓ ଈର୍ଷା କରୁଥିବା ଲୋକ ତାଙ୍କ ପିତାଙ୍କୁ ତାଙ୍କ ବିରୋଧରେ ମତେଇ ଏମିତି କରୁଛନ୍ତି ବୋଲି କହିଲେ। ତିକ୍ତତା ଏପରି ସ୍ତରରେ ପହଞ୍ଚିଲା ଯେ ଶେଷରେ ପିତା ଓ ପୁତ୍ର ଉଭୟ ନ୍ୟାୟାଳୟର ଆଶ୍ରୟ ନେଲେ।

ବାହାଘର ବା ବଡ଼ବଡ଼ ପାରିବାରିକ ଉତ୍ସବରେ ରେମଣ୍ଡର ବସ୍ତ୍ର ବା କପଡ଼ା ଏକ ଆତ୍ମ ଗୌରବ ଆଣି ଦେଇଥାଏ। ବିଜ୍ଞାପନ 'ଦି କମ୍ପ୍ଲିଟ ମ୍ୟାନ୍' ସତରେ ଯୁବକ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ମାନରେ ପୂର୍ଣ୍ଣତାର ଅନୁଭବ ଭରି ଦିଏ। ହେଲେ ବିଜୟପତ୍ ନିଜ ଆତ୍ମଜୀବନୀରେ କଥା ଲେଖିଛନ୍ତି 'ଆନ୍ ଇନ୍‌କମ୍ପ୍ଲିଟ୍ ଲାଇଫ୍'ରେ ନିଜ ଜୀବନର ସମସ୍ତ ଉତ୍ଥାନପତନ ସହିତ ଶେଷ ସମୟରେ ପୁଅ ଗୌତମ ସିଂଘାଣିଆଙ୍କ ବ୍ୟବହାର ଏବଂ ଏବଂ ତାଙ୍କ କାରଣରୁ ଯାହା ସବୁ ହରେଇଛନ୍ତି ତାକୁ ଫେରି ପାଇବା ପାଇଁ ସଂଘର୍ଷ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଛନ୍ତି। କେବଳ ପିତାଙ୍କ ସହ ନୁହେଁ। ପିତା ଓ ପତ୍ନୀଙ୍କ ସହିତ ଗୌତମଙ୍କର ଖରାପ ସମ୍ପର୍କ ନ୍ୟାୟାଳୟରେ ପହଞ୍ଚିବା ଦ୍ୱାରା କେବଳ ବଂଶମର୍ଯ୍ୟାଦା କ୍ଷୁଣ୍ଣ ହୋଇନି, ରେମଣ୍ଡ୍ କମ୍ପାନୀର ଶହଶହ କୋଟି ଟଙ୍କା କ୍ଷତି ହୋଇଛି। ଦିନେ ଆଦାନୀ ଓ ଅମ୍ବାନୀଙ୍କ ଠାରୁ ଅଧିକ ଧନୀ ଥିବା ଭାରତର ବଡ଼ ପୁରାତନ ସିଂଘାଣିଆ ପରିବାର ଏକ ମର୍ଯ୍ୟାଦାବନ୍ତ ପରିବାର ଭାବରେ ପ୍ରସିଦ୍ଧ ଥିଲା। ବାପ-ଦାଦା ଅମଳରେ ସମସ୍ତେ ପରସ୍ପର ଭିତରେ ସୁଖଶାନ୍ତିରେ ଚଳିଥିବା ବେଳେ ଆଜି ବାପ-ପୁଅ ଭିତରର ସମ୍ପତ୍ତି ଗଣ୍ଡଗୋଳ ସାରା ବିଶ୍ୱରେ ଚର୍ଚ୍ଚିତ। ଶହେବର୍ଷରୁ ଊର୍ଦ୍ଧ୍ୱ ଏହି ପରିବାରର ମର୍ଯ୍ୟାଦା ଆଜି ଭୂଲୁଣ୍ଠିତ।

୧୯୯୮ ମସିହା ବେଳକୁ ସେ ରେମଣ୍ଡର ବ୍ୟବସାୟ ନିଜର ଦୁଇ ପୁଅ ମଧୁପତି ଓ ଗୌତମଙ୍କ ଭିତରେ ବାଣ୍ଟି ଦେବାକୁ ବିଜୟପତ୍ ଚାହୁଁଥିଲେ। ମଧୁପତିଙ୍କର ବ୍ୟବସାୟ ପରିଚଳନା ନେଇ ପିତାଙ୍କ ସହିତ ମତଭେଦ ଥିଲା। ସେ ଭାରତର ବ୍ୟବସାୟର ବଦଳରେ ସିଙ୍ଗାପୁର ଓ କେନିୟାରେ ଥିବା ବ୍ୟବସାୟ ବୁଝିବାକୁ ଆଗ୍ରହ ପ୍ରକାଶ କଲେ। କିନ୍ତୁ ଶେଷରେ ସମସ୍ତ ପାରିବାରିକ ସମ୍ପର୍କ ତୁଟାଇ ବ୍ୟବସାୟରେ ତାଙ୍କର କୌଣସି ଅଂଶ ନାହିଁ ବୋଲି ଘୋଷଣା କରି ନିଜ ସ୍ତ୍ରୀ ପିଲାଙ୍କୁ ଧରି ସିଙ୍ଗାପୁର ଚାଲିଗଲେ। ୨୦୦୮ ମସିହରେ ସେ ସିଙ୍ଗାପୁରର ନାଗରିକତା ଗ୍ରହଣ କଲେ। ୨୦୧୫ ମସିହାରେ ଯେତେବେଳେ ବିଜୟପତ୍ ବ୍ୟବସାୟ ବାଣ୍ଟିବାକୁ ଚାହିଁଲେ ମଧୁପତିଙ୍କର ପିଲାମାନେ ତାଙ୍କ ପିତାଙ୍କ ଅଂଶ ଫେରି ପାଇବା ପାଇଁ ମାମଲା ରୁଜୁ କଲେ। କିନ୍ତୁ ନ୍ୟାୟାଳୟରେ ସେମାନେ ହାରି ଯାଇଥିଲେ।

ଗୌତମଙ୍କୁ ୨୦୦୦ ମସିହାରେ କମ୍ପାନୀର ଅଧକ୍ଷ ଭାବରେ ବସାଇବା ପରେ ବିଜୟପତ୍‌ଙ୍କର ଦୁର୍ଦ୍ଦିନ ଆରମ୍ଭ ହୋଇଥିଲା। ୨୦୦୭ ମସିହାରେ ବ୍ରିଚ୍ କାଣ୍ଡି ଠାରେ ଥିବା ୩୬ ମହଲା ଅଟ୍ଟାଳିକା ଛ'ହଜାର କୋଟି ଟଙ୍କାର ବିରାଟ ଜେ କେ ହାଉସ୍‌ର ପୁନରୁଦ୍ଧାର ଆରମ୍ଭ ହେଲା। ସେତେବେଳେ ବିଜୟପତ୍ ତାଙ୍କ ଫ୍ଲାଟ୍ ଛାଡ଼ି ଜୁହୁସ୍ଥିତ ତାଙ୍କ ପିଲାଦିନର ଘର କମଳା କଟେଜ୍‌କୁ ଚାଲିଗଲେ। ଜେ କେ ହାଉସ୍‌ର ପୁନରୁଦ୍ଧାର ପରେ ପ୍ରତି ଫ୍ଲାଟ୍‌ର ମୂଲ୍ୟ ଆଶାତୀତ ବଢ଼ିଗଲା। ବିଜୟପତ୍‌ଙ୍କ ପାଖରେ ଏତେ ଟଙ୍କା ନ ଥିଲା। କମ୍ପାନୀ ସ୍ୱାର୍ଥର ଆଳ ଦେଖାଇ ଗୌତମ ଆଉ ପିତାଙ୍କୁ ତାଙ୍କ ଫ୍ଲାଟ୍ ଦେଲେନି। ଗୌତମଙ୍କ ବଦମାସୀ ଓ ନିର୍ଦ୍ଦୟତା ସେତିକିରେ ସାରିଲାଣି। ୨୦୦୮ ମସିହାରେ ହୋଇଥିବା ଏକ ପାରିବାରିକ ଚୁକ୍ତିନାମାକୁ ଖିଲାପ କରି ପିତା କମଳା କଟେଜ୍‌କୁ ଖାଲି କରୁ ନାହାନ୍ତି ବୋଲି ସେ କେସ୍ କଲେ। ଶେଷରେ ବିଜୟପତ୍ କମଳା କଟେଜ୍‌କୁ ଖାଲି କରି ଗୋଟିଏ ଦୁଇମହଲା ଘର ଭଡ଼ା ନେଇ ରହିଲେ। ରେମଣ୍ଡ୍‌କୁ ଏକ ବିଶ୍ୱସ୍ତରୀୟ କମ୍ପାନୀର ପରିଣତ କରିବାର ଶ୍ରେୟ ବିଜୟପତ୍‌ଙ୍କର। ଦେଶରେ କମ୍ପାନୀ ଗଠନ ଓ ବିକାଶରେ ତାଙ୍କ ଭୂମିକାର ସମ୍ମାନରେ ଦିଆ ଯାଇଥିବା ଆଳଙ୍କାରିକ ପଦ ଚେଆରମ୍ୟାନ୍ ଏମେରିଟସ୍ ତାଙ୍କ ଠାରୁ କାଢ଼ି ନିଆଗଲା। ଗୌତମ ସିଂଘାଣିଆଙ୍କ ଲୋଭ, ଗର୍ବ ଓ ନିର୍ଦ୍ଦୟତା ଆଜିର ବହୁତ ପୁଅଙ୍କ ପାଖରେ ପରିଦୃଷ୍ଟ। ଧନୀ ହେଉ ବା ନିର୍ଦ୍ଧନ - ପରିବର୍ତ୍ତିତ ସମାଜ ଓ ସମୟରେ ପିତୃତ୍ୱ ସତତ ଅବହେଳିତ।

# ପୁଅ ହେଉ କି ଝିଅ



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ: ୯୪୩୭୬୪୨୯୪୭

ଜାତିସଂଘ ମହିଳା ସଂଗଠନର ସଦ୍ୟତମ ରିପୋର୍ଟ ଦର୍ଶାଉଛି ଆଜି ବି ସାରା ବିଶ୍ୱରେ ବହୁ ସଂଖ୍ୟକ ଝିଅ ପ୍ରାଥମିକ ଶିକ୍ଷାଠାରୁ ବହୁତ ଦୂରରେ ଅଛନ୍ତି। ଏହା ଦୁର୍ଭାଗ୍ୟଜନକ ଯେ ୨୦୧୫ ମସିହାରେ ଶିକ୍ଷାରୁ ବଞ୍ଚିତ ଝିଅଙ୍କ ସଂଖ୍ୟା ୧.୨୪ କୋଟି ଥିଲା ଦଶ ବର୍ଷ ପରେ ଏହା ୨୬ ଲକ୍ଷ ବୃଦ୍ଧି ପାଇଛି। ପ୍ରାଥମିକ ଶିକ୍ଷାର ଅଭାବ ଝିଅମାନଙ୍କୁ ମାଧ୍ୟମିକ ଏବଂ ଉଚ୍ଚଶିକ୍ଷାର ପଥକୁ ଅବରୋଧ କରିବା ସହିତ ସେମାନଙ୍କୁ ଶିକ୍ଷାଗତ ଲାଭ, ସମାନ ସୁଯୋଗ ଏବଂ ସର୍ବାଙ୍ଗୀନ ବିକାଶରୁ ଦୂରେଇ ରଖେ। ଲିଙ୍ଗଗତ ଅସମାନତା ଶିକ୍ଷାର ସାର୍ବଜନୀନକରଣରେ ବଡ଼ ପ୍ରତିବନ୍ଧକ ସୃଷ୍ଟି କରିଛି। ଆମେ ଝିଅମାନଙ୍କୁ ଶିକ୍ଷିତ ହୋଇ ଘର, ସମାଜ ଏବଂ ଦେଶରେ ପରିବର୍ତ୍ତନର ଆଧାର ହେବା କଥା କହୁଛନ୍ତି। ବାସ୍ତବରେ ସେମାନଙ୍କର ବଡ ଅଂଶ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚି ପାରୁନାହାଁନ୍ତି। ଏପରିସ୍ଥିତିରେ ୨୦୩୦ ସୁଦ୍ଧା ଶିକ୍ଷାରେ ଲିଙ୍ଗଗତ ଅସମାନତା ଦୂର କରିବା (ବିକାଶ ଲକ୍ଷ୍ୟ ୨୦୧୫-୩୦ ଅନୁଯାୟୀ ଅନ୍ତର୍ଭୁକ୍ତ) ଏବଂ ଗୁଣାତ୍ମକ ଶିକ୍ଷା ପ୍ରସାର କରିବା ପାଇଁ ଜାତିସଂଘର ଲକ୍ଷ୍ୟ ଚ୍ୟାଲେଞ୍ଜପୂର୍ଣ୍ଣ ହୋଇପାରେ। ଶିକ୍ଷା ପ୍ରତି ପ୍ରଚଳିତ ସାମାଜିକ ରୀତିଚିନ୍ତାଗୁଡ଼ିକ ମହିଳାମାନଙ୍କୁ ଶିକ୍ଷାରୁ ବଞ୍ଚିତ କରି ସେମାନଙ୍କର ଅଧିକାର ଏବଂ ସୁଯୋଗକୁ ସୀମିତ କରୁଛି। ଏହା ବିଡ଼ମ୍ବନାର ବିଷୟ ଯେ ବିଶ୍ୱସ୍ତରୀୟ ଲକ୍ଷ୍ୟ ସ୍ଥିର ହେବା ସତ୍ତ୍ୱେ ଶିକ୍ଷାରେ ଲିଙ୍ଗଗତ ବୈଷମ୍ୟ ଦୂର କରିବା ଦିଗରେ ବିଶ୍ୱର ଅଗ୍ରଗତି ସନ୍ତୋଷଜନକ ନୁହେଁ।

ଭାରତରେ ଝିଅମାନଙ୍କୁ ଶିକ୍ଷା ସହିତ ଯୋଡ଼ିବା ପାଇଁ ମଧ ଠୋସ୍ ପ୍ରୟାସ ଆବଶ୍ୟକ। ଯଦି ଗତ ଜନଗଣନା ୨୦୧୧ର ତଥ୍ୟକୁ ବିଶ୍ୱାସ କରାଯାଏ ତେବେ ଦେଶରେ ପୁରୁଷ ଏବଂ ମହିଳା ସାକ୍ଷରତା ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ରହିଛି। ପୁରୁଷମାନଙ୍କ ସାକ୍ଷରତା ହାର ୮୨.୧୪ ପ୍ରତିଶତ ମହିଳାଙ୍କ ମଧ୍ୟରେ ଏହା ୬୫.୪୬ ପ୍ରତିଶତ। ଏହି ଦୁଇ ଗୋଷ୍ଠୀ ମଧ୍ୟରେ ୧୭ ପ୍ରତିଶତର ପାର୍ଥକ୍ୟ ଦର୍ଶାଉଛି ଯେ ଭାରତୀୟ ପରିବାରରେ ଝିଅମାନଙ୍କ ଶିକ୍ଷା ସମ୍ପର୍କରେ ଲିଙ୍ଗଗତ ବୈଷମ୍ୟତାର ମାନସିକତା ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ଶିକ୍ଷା ମନ୍ତ୍ରଣାଳୟର ୟୁ-ଡିଆଇଏସଇ ପ୍ଲସ୍ ୨୦୨୩-୨୪ ରିପୋର୍ଟ ମଧ ଏହି ପାର୍ଥକ୍ୟ ଏବଂ ବୈଷମ୍ୟକୁ ଉଜାଗର କରୁଛି। ରିପୋର୍ଟ ଅନୁଯାୟୀ ଦେଶର ସ୍କୁଲଗୁଡ଼ିକରେ ପଢୁଥିବା ପୁଅମାନଙ୍କ ସଂଖ୍ୟା ୧୨.୮୭ କୋଟି ଥିବା ବେଳେ ଝିଅମାନଙ୍କ ସଂଖ୍ୟା ୧୧.୯୩ କୋଟି। ଉଭୟଙ୍କ ଉପସ୍ଥିତିରେ ୯୪ ଲକ୍ଷର ପାର୍ଥକ୍ୟ ଏହା କହିବାକୁ ଯଥେଷ୍ଟ ଯେ ସମାଜରେ ଝିଅମାନଙ୍କ ଶିକ୍ଷା ପ୍ରତି ସମାନ ସୁଯୋଗ ଏବଂ ସଚେତନତାର ଅଭାବ ରହିଛି। ପୁଅମାନଙ୍କ ତୁଳନାରେ ଝିଅମାନଙ୍କର ଶିକ୍ଷାରେ କମ୍ ପ୍ରବେଶ ପାଇଁ ଅନେକ କାରଣ ଦାୟୀ। ଯାହାର ସମାଧାନ ନକରି ଶିକ୍ଷା କ୍ଷେତ୍ରରେ ଲିଙ୍ଗଗତ ସମାନତା ପ୍ରତିଷ୍ଠା କରାଯାଇପାରିବ ନାହିଁ। ଶିକ୍ଷା ଏକ ମୌଳିକ ଅଧିକାର ଯାହା ପିଲାମାନଙ୍କୁ ଏକ ସୁରକ୍ଷିତ ଭବିଷ୍ୟତ ଗଠନ ପାଇଁ ମୂଳଦୁଆ ପ୍ରଦାନ କରେ। ଶିକ୍ଷା ପ୍ରସାରରେ ଯେକୌଣସି ପ୍ରକାରର ଭେଦଭାବକୁ ଗ୍ରହଣ କରାଯାଇପାରିବ ନାହିଁ। ଏହି ଭେଦଭାବ ଝିଅମାନଙ୍କୁ ଶିକ୍ଷା ସୁଯୋଗ ପାଇବାରୁ ବାଧା ଦିଏ ଏବଂ ସେମାନଙ୍କ ଜୀବନ ଏବଂ ଭବିଷ୍ୟତକୁ ମଧ ପ୍ରଭାବିତ କରେ। ଶିକ୍ଷାରେ ଝିଅମାନଙ୍କର କମ୍ ଅଂଶଗ୍ରହଣର ଏକ ପ୍ରମୁଖ କାରଣ ହେଉଛି ସମାଜରେ ପ୍ରଚଳିତ ଦାରିଦ୍ର୍ୟ ସମସ୍ୟା। ଗରିବ ପରିବାରଗୁଡ଼ିକ ପ୍ରାୟତଃ ଶିକ୍ଷାରେ ବିନିଯୋଗ କରିବା ସମୟରେ ପୁଅମାନଙ୍କୁ ପ୍ରାଥମିକତା ଦିଅନ୍ତି। ପ୍ରାଚୀନ ଏବଂ ପୁରୁଷ-ପ୍ରଧାନ ଚିନ୍ତାଧାରା ମଧ ରହିଛି ଯେ ଭବିଷ୍ୟତରେ କେବଳ ପୁଅମାନେ ଘରର ଦାୟିତ୍ୱ ନିଅନ୍ତି। ଆଜି ମଧ ଅନେକ ଘରେ ଝିଅମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ନୁହେଁ ବରଂ ଭଲ ପରିବାରରେ ବିବାହ କରିବା ପାଇଁ ଶିକ୍ଷା ଦିଆଯାଏ। ଏହି ପାରମ୍ପରିକ ଚିନ୍ତାଧାରାକୁ ପରିବର୍ତ୍ତନ ନକରି ଝିଅମାନଙ୍କର ଶିକ୍ଷା ସୁନିଶ୍ଚିତ କରାଯାଇପାରିବ ନାହିଁ। ବାଲ୍ୟ ବିବାହ ଝିଅମାନଙ୍କ ଶିକ୍ଷାରେ ଏକ ପ୍ରମୁଖ ପ୍ରତିବନ୍ଧକ ପ୍ରମାଣିତ ହୋଇଛି। କମ୍ ବୟସରେ ବିବାହ ସେମାନଙ୍କ ଅଧିକାରକୁ ଉଲ୍ଲଂଘନ କରି ସେମାନଙ୍କର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟକୁ ମଧ ପ୍ରଭାବିତ କରେ। ପାରିବାରିକ ଦାୟିତ୍ୱର ବୋଝ ଶିକ୍ଷାକୁ ପ୍ରଭାବିତ କରେ। ଏହା ଶୈଶବ ଏବଂ ଭବିଷ୍ୟତ ଉଭୟକୁ ନଷ୍ଟ କରେ। ଯଦିଓ ବିଶ୍ୱରେ ବାଲ୍ୟବିବାହ ଦୂରୀକରଣ ଜୋରଧରିଛି ତଥାପି ଏହାକୁ ଶୀଘ୍ର ସମ୍ପୂର୍ଣ୍ଣ ଭାବରେ ଦୂର କରିବା ସମ୍ଭବ ନୁହେଁ। ଝିଅମାନଙ୍କ ଶିକ୍ଷାରେ ହିଂସା ମଧ ଏକ ପ୍ରମୁଖ ପ୍ରତିବନ୍ଧକ। ଶାରୀରିକ ଦଣ୍ଡ, ଯୌନ ନିର୍ଯାତନା, ଅପମାନଜନକ ମନ୍ତବ୍ୟ, ମାଡ଼ ଏବଂ ସାଥୀ କିମ୍ବା ବୟସ୍କମାନଙ୍କ ଦ୍ୱାରା ମାନସିକ ଉତ୍ପୀଡ଼ନ ସ୍କୁଲରେ ଏହାର ସାଧାରଣ ରୂପ। ଶିକ୍ଷାରେ ଲିଙ୍ଗଗତ ବୈଷମ୍ୟ ଜାରି ରଖିବା ପାଇଁ ସ୍କୁଲରେ ଭିତ୍ତିଭୂମିର ଅଭାବ ମଧ ଦାୟୀ। ୟୁ-ଡିଆଇଏସଇ ପ୍ଲସ୍ ରିପୋର୍ଟ ଅନୁଯାୟୀ ଆଜି ମଧ ଦେଶର ତିନି ପ୍ରତିଶତ ସରକାରୀ ସ୍କୁଲରେ ଝିଅମାନଙ୍କ ପାଇଁ ଶୌଚାଳୟ ଉପଲବ୍ଧ ନାହିଁ। ଶିକ୍ଷାନୁଷ୍ଠାନରେ ଝିଅମାନଙ୍କର ପ୍ରବେଶ କେତେ ସୁଗମ ଏବଂ ପ୍ରଭାବଶାଳୀ ତାହା ଦ୍ୱାରା ଯେକୌଣସି ଦେଶର ସର୍ବାଙ୍ଗୀନ ବିକାଶ ମୂଲ୍ୟାଙ୍କନ କରାଯାଏ। ଶିକ୍ଷା ଝିଅମାନଙ୍କ ପାଇଁ ଆର୍ଥିକ ସୁଯୋଗର ଦ୍ୱାର ଖୋଲିଥାଏ ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରେ। ଜାତିସଂଘ ମହିଳା ସଂଗଠନ କହିଛି ଯେ ଜଣେ ଝିଅ ଦ୍ୱାରା ସ୍କୁଲରେ ବିତାଇଥିବା ପ୍ରତ୍ୟେକ ଅତିରିକ୍ତ ବର୍ଷ ବୟସ୍କ ହେବା ପରେ ତାହାର ଆୟ କୋଡ଼ିଏ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିପାରିବ। ଆମକୁ ଏହି ଉକ୍ତିକୁ ଗମ୍ଭୀରତାର ସହିତ ବିଚାର କରିବା ଉଚିତ୍ ଯେ ଯଦି ଜଣେ ପୁଅକୁ ଶିକ୍ଷିତ କରାଯିବ ତେବେ ଜଣେ ବ୍ୟକ୍ତି ଶିକ୍ଷିତ ହୁଅନ୍ତି କିନ୍ତୁ ଯଦି ଜଣେ ମହିଳାଙ୍କୁ ଶିକ୍ଷିତ କରାଯିବ ତେବେ ସମ୍ପୂର୍ଣ୍ଣ ପରିବାର ଶିକ୍ଷିତ ହୁଏ। ଶିକ୍ଷାର ଉପଲବ୍ଧତାରେ ଲିଙ୍ଗଗତ ବୈଷମ୍ୟ ଦୂର କରିବା ପାଇଁ ପରିବାର ସ୍ତରରେ ଠୋସ୍ ପ୍ରୟାସର ଆବଶ୍ୟକତା ଅଛି। ପୁଅ ଏବଂ ଝିଅଙ୍କ ମଧ୍ୟରେ ବୈଷମ୍ୟ ବନ୍ଦ ନ ହେଲେ ଝିଅମାନଙ୍କ ପାଇଁ ଶିକ୍ଷାର ପଥ ସହଜ ହେବ ନାହିଁ। ଶିକ୍ଷାର ସମସ୍ତ ସ୍ତରରେ ଲିଙ୍ଗଗତ ପାର୍ଥକ୍ୟ ହ୍ରାସ କରିବା ପାଇଁ ଦେଶରେ ସଂସ୍ଥାଗତ ପ୍ରୟାସ କରାଯାଉଛି। ବ୍ଲକସ୍ତରରେ କସ୍ତୁରବା ଗାନ୍ଧୀ ବାଳିକା ଆବାସିକ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିବା ବେଳେ ଜିଲ୍ଲାରେ ପ୍ରତିଷ୍ଠିତ ନବୋଦୟ ବିଦ୍ୟାଳୟରେ ଝିଅମାନଙ୍କ ପାଇଁ ୨୫ ପ୍ରତିଶତ ଆସନ ସଂରକ୍ଷିତ ରଖାଯାଇଛି। ଜାତୀୟ ଶିକ୍ଷା ନୀତି-୨୦୨୦ରେ ଥିବା ପାଣ୍ଠି ଶିକ୍ଷାରେ ଲିଙ୍ଗଗତ ଅସମାନତା ଦୂର କରିବାରେ ଏକ ମାଇଲଖୁଣ୍ଟ ପ୍ରମାଣିତ ହୋଇପାରେ। ସମାନ ଶିକ୍ଷା ପଥରେ ରହିଥିବା ବୈଷମ୍ୟକୁ ଦୂର କରିବା ପାଇଁ ଏହି ପାଣ୍ଠି ବ୍ୟବହାର କରାଯିବ। ଏହି ପାଣ୍ଠି ମାଧ୍ୟମରେ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରାଯିବ ସେଗୁଡ଼ିକ ହେଉଛି ସ୍କୁଲରେ ଝିଅମାନଙ୍କର ୧୦୦ ପ୍ରତିଶତ ଅଂଶଗ୍ରହଣ ସୁନିଶ୍ଚିତ କରିବା, ଶିକ୍ଷାର ସମସ୍ତ ସ୍ତରରେ ଶିକ୍ଷାଗତ ସଫଳତାରେ ଲିଙ୍ଗଗତ ପାର୍ଥକ୍ୟ ହ୍ରାସ କରିବା, ସମାଜରେ ଲିଙ୍ଗଗତ ସମାନତା ପାଇଁ ଆଦର୍ଶଗତ ପରିବର୍ତ୍ତନ ଆଣିବା, ଝିଅମାନଙ୍କ ମଧ୍ୟରେ ନେତୃତ୍ୱ କ୍ଷମତା ବିକାଶ କରିବା ଏବଂ ନାଗରିକ ସମାଜ ସହିତ ଆଲୋଚନା କରିବା। ଏହାର ଉଦ୍ଦେଶ୍ୟ ହେଉଛି ଲିଙ୍ଗଗତ ବୈଷମ୍ୟ ମୁକ୍ତ ସମାଜ ଗଠନ କରିବା। ଯେଉଁଠାରେ ଶିକ୍ଷା ଏବଂ ସୁଯୋଗ ଉପଲବ୍ଧତା କ୍ଷେତ୍ରରେ କୌଣସି ବୈଷମ୍ୟ ରହିବ ନାହିଁ। ଏଥିପାଇଁ ପରିବାରରୁ ସରକାରୀସ୍ତର ପର୍ଯ୍ୟନ୍ତ ସମସ୍ତଙ୍କୁ ସମ୍ବେଦନଶୀଳ ଏବଂ ଗମ୍ଭୀର ହେବାକୁ ପଡିବ।

# ଜୀବନର ପ୍ରକୃତ ଉଦ୍ଦେଶ୍ୟ



ଲଳିତ ମୋହନ ମିଶ୍ର
କୁରାଳ, ନୟାଗଡ଼
ମୋ: ୯୪୩୭୯୮୫୮୬୬

ମନୁଷ୍ୟ ଜୀବନର ଏକମାତ୍ର ଉଦ୍ଦେଶ୍ୟ ହେଉଛି, ନିଜର ଚରିତ୍ରକୁ ପରମାତ୍ମାଙ୍କ ସ୍ୱଭାବ ପରି କରିବା ଏବଂ ତାଙ୍କ ସହିତ ବିଲୀନ ହୋଇ ଅମରତ୍ୱ ଲାଭ କରିବା। ଅମରତ୍ୱର ଅର୍ଥ ହେଉଛି, ଏହି ସଂସାରର ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତ ହୋଇଯିବା। ଏହି ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ଅନେକ ଜନ୍ମ ନେବାକୁ ପଡ଼ିଥାଏ। ଏହା ସମ୍ପୂର୍ଣ୍ଣ ନିଜର ପରମାର୍ଥ ଉପରେ ନିର୍ଭର କରେ। ଏହି ଉଦ୍ଦେଶ୍ୟ ପୂରଣ କରିବାର ସରଳ ଉପାୟ ହେଉଛି ଅଭ୍ୟାସ। ଜଣେ ବ୍ୟକ୍ତି ନିଜ ମନରେ ସମସ୍ତ ଜୀବଜଗତ ପ୍ରତି ପ୍ରେମପୂର୍ଣ୍ଣ ଦୟା ଭାବନା ବିକଶିତ କରିବା ଉଚିତ୍। ଏହା କରିବା ପାଇଁ, ବ୍ୟକ୍ତି ପ୍ରତ୍ୟେହ.... ମନର ଭାବନାକୁ ଅନ୍ୟମାନଙ୍କ ପ୍ରତି ନିରୀକ୍ଷଣ କରିବା ଉଚିତ୍। ଯେଉଁ ଲୋକମାନଙ୍କ ପ୍ରବୃତ୍ତି ଖରାପ ସେଥିରୁ ଧ୍ୟାନ ହଟାଇ, ଭଲ କଥା ଗୁଡ଼ିକ ଗ୍ରହଣ କରିବା ଏବଂ ମନରେ ପ୍ରେମ ସ୍ନେହ ଶ୍ରଦ୍ଧା ଭାବନା ବିକଶିତ କରିବା। ଜଣେ ବ୍ୟକ୍ତି ଅଭ୍ୟାସ ମାଧ୍ୟମରେ ନିଜ ଭାବନାକୁ ଉନ୍ନତ କରିବାରେ ସଫଳ ହେବ। ତା' ଭିତରେ ଥିବା ଭଲ ଗୁଣଗୁଡ଼ିକ ଜାଗ୍ରତ ହୋଇ ତା'ର ସ୍ୱଭାବ ଆଚରଣରେ ବିଚାରରେ ଈଶ୍ୱରଙ୍କ ପରି ଦିବ୍ୟ ଭାବନା ବିକଶିତ ହେବ। ଜୀବନର ବାସ୍ତବ ଉଦ୍ଦେଶ୍ୟ..... ସଫଳତା ସହିତ ଆତ୍ମିକ-ବିକାଶ ଓ ଅନ୍ୟମାନଙ୍କର ସେବା ଏବଂ ସମାଜିକ ଅବଦାନରେ ନିହିତ। ଉଦ୍ଦେଶ୍ୟ ଖୋଜିବା ଅର୍ଥ ହେଉଛି ନିଜର ପ୍ରତିଭାକୁ ଚିହ୍ନିବା, ନିଜର ମୂଲ୍ୟବୋଧ ଅନୁସାରେ ଲକ୍ଷ୍ୟ ପଥ ସ୍ଥିର କରିବା। ଜୀବନରେ ଆସୁଥିବା ପ୍ରତ୍ୟେକ ସମସ୍ୟା ଗୁଡ଼ିକର ସମ୍ମୁଖୀନ ହେବାର ଏକ ପ୍ରକ୍ରିୟା; ଉଦ୍ଦେଶ୍ୟ। ଟଲଷ୍ଟୟ ତାଙ୍କ ଜୀବନର ଶେଷ ଭାଗରେ ବଡ ପ୍ରସିଦ୍ଧି ଲାଭ କରିଥିଲେ। କିନ୍ତୁ ଦିନେ ସେ ନିଜ ଭିତରେ ଏକ ଶୂନ୍ୟତା ଅନୁଭବ କରିଥିଲେ। ସେ ଲେଖିଛନ୍ତି, ପ୍ରତିଦିନ ସକାଳୁ ଉଠିଲେ, ତାଙ୍କ ମନରେ ଗୋଟିଏ ପ୍ରଶ୍ନ ଉଠୁଥିଲା - ମୁଁ ଏସବୁ କାହିଁକି କରୁଛି ? ଜୀବନର ଅର୍ଥ କ'ଣ ? ଏହି ପ୍ରଶ୍ନଟି ଧୀରେ ଧୀରେ ଏତେ ଗଭୀର ହୋଇଗଲା ଯେ ତାଙ୍କୁ ଲାଗିଲା ଜୀବନଟା ନିରର୍ଥକ। ଗୋଟିଏ ଦିନ ସେ ତାଙ୍କ ଜମିରେ ବୁଲୁଥିଲେ। ସେଠାରେ ସେ ଜଣେ ସାଧାରଣ ଚାଷୀକୁ ଦେଖିଲେ। ଯିଏ ସମ୍ପୂର୍ଣ୍ଣ ସମର୍ପଣରେ ଶାନ୍ତ ସରଳ ମନରେ ହଳ କରୁଅଛି। ତା'ର ପାଖରେ ନା ଥିଲା ପୁସ୍ତକ, ନା ଥିଲା ଜ୍ଞାନର ଅହମିକା - ତଥାପି ତା'ର ମନରେ ସନ୍ତୋଷର ଏକ ଅଦ୍ଭୁତ ଶାନ୍ତି ଓ ଶକ୍ତି ଥିଲା। ଟଲଷ୍ଟୟ ଭାବିବାକୁ ଲାଗିଲେ - ମୋ ପାଖରେ ସବୁକିଛି ଅଛି, ତଥାପି ମୁଁ ଅସନ୍ତୁଷ୍ଟ କାହିଁକି ? ଚାଷୀଟି ପାଖରେ କିଛି ନାହିଁ, ତଥାପି ସେ ଏତେ ଖୁସି କିପରି ? ଏପରି କାହିଁକି ? ଉତ୍ତରଟି ଧୀରେ ଧୀରେ ସ୍ପଷ୍ଟ ହୋଇଗଲା। ଚାଷୀ ତା'ର ପରିଶ୍ରମ, ପରିବାର ଏବଂ ଈଶ୍ୱରଙ୍କ ଉପରେ ବିଶ୍ୱାସ କରୁଥିଲା। ସେ ନିଜ ଜୀବନକୁ ଜଟିଳ କରି ନଥିଲା। ଟଲଷ୍ଟୟ ସରଳତାରେ ଏହାର ଅର୍ଥ ପାଇଗଲେ। ଟଲଷ୍ଟୟ ଅନୁଭବ କରିଥିଲେ, ଜୀବନର ଉଦ୍ଦେଶ୍ୟ ବଡ଼ ଉପଲବ୍ଧି କିମ୍ବା ବାହ୍ୟ ସଫଳତା ନୁହେଁ। ବରଂ ପ୍ରକୃତ ଅର୍ଥ ହେଉଛି ସାଧାରଣ କର୍ମ, ସରଳତା ଏବଂ ନିଷ୍କପଟ ବିଶ୍ୱାସ। ଏହି ଅଭିଜ୍ଞତା ଟଲଷ୍ଟୟଙ୍କ ଜୀବନ ଏବଂ ଲିଖନ ଉଭୟକୁ ପରିବର୍ତ୍ତନ କରାଇଦେଲା। ଶେଷରେ ସେ ଏହି ସିଦ୍ଧାନ୍ତରେ ପହଞ୍ଚିଲେ, ସଂସାରର ପ୍ରକୃତ ସୁଖ ବାହ୍ୟ ଉପଲବ୍ଧିରେ ନୁହେଁ ବରଂ ଆଭ୍ୟନ୍ତରୀଣ ସନ୍ତୋଷ ଓ ନିଃସ୍ୱାର୍ଥପର ଭାବନାରେ ରହିଅଛି।

# ଭକ୍ତର ଠାକୁର




ରବିନାରାୟଣ ପଟ୍ଟନାୟକ
ପଟିଆ, ଭୁବନେଶ୍ୱର
ମୋ: ୯୯୩୮୧୧୩୨୨୬

ଯାହାଙ୍କୁ ଦର୍ଶନ କରିବାକୁ ଭକ୍ତ ବ୍ୟାକୁଳ ହେଇକି ମନ୍ଦିର ଯାଏଁ କିନ୍ତୁ ତାଙ୍କୁ ଚାହିଁଦେଲା ବେଳକୁ ଏମିତି ଲାଗେ ଯେମିତି ସେ ତମକୁ ଅପେକ୍ଷା କରିକି ରହିଥିଲେ। ମଣିଷ ପାଖରେ ଯେତେବେଳେ ସମସ୍ତ ବିକଳ୍ପ ସରିଯାଏ ସେତେବେଳେ ମଣିଷ ସବୁ ଆଶା ବିଶ୍ୱାସ ଗୋଟେ ଜାଗାରେ ଯାଇକି ରହେ ସେ ହେଉଛନ୍ତି କାଳିଆ ଠାକୁର ଶ୍ରୀଜଗନ୍ନାଥ। ଯାହାଙ୍କୁ ମାଗିବାକୁ ଜଣେ ବହୁତ୍ ଭାବିଚିନ୍ତି ଦର୍ଶନ କରିବାକୁ ମନ୍ଦିର ଭିତରକୁ ଯାଏଁ କିନ୍ତୁ ତାଙ୍କୁ ଅନେଇ ଦେଲେ ସବୁ କିଛି ଭୁଲି ଯାଏଁ। ଯେମିତି ସେ ସବୁ ଠିକ୍ କରିଦେଇଛନ୍ତି। ମଣିଷର ଭାବନା ବୁଝିପାରନ୍ତି ସେଇଥି ପାଇଁ ତ ପ୍ରତିଦିନ ଏତେ ଗହଳି ହୁଏ ଟିକେ ଦେଖିବାକୁ। ତାଙ୍କୁ ଅନେଇଦେଲେ ଯେ କେହି ଲୋକର ଆଖିରେ ଲୁହ ଆସିଯାଏ। ଯେଉମାନେ ସମର୍ପଣ ଭାବନା ନେଇକି ଯାଇଛନ୍ତି ସେ କେବେ ଖାଲି ହାତରେ ଆସି ନାହାନ୍ତି।

କିଛିବର୍ଷ ତଳେ ଦିନେ ଜଗନ୍ନାଥଙ୍କ ଦର୍ଶନ ପାଇଁ ଯିବା ସମୟରେ ତାଙ୍କ ମହିମା ଦେଖିଛି। ସବୁବେଳେ ତାଙ୍କ ପ୍ରତି ଅଭିଯୋଗ ଥିଲା ଭଗବାନ ମୋ କଥା ଶୁଣୁ ନାହାନ୍ତି ତାଙ୍କ ମହିମା ବିଷୟରେ ସମସ୍ତେ ଜାଣନ୍ତି କିନ୍ତୁ ସେଇ ଦିନ ମୁଁ ଅନୁଭବ କରିଛି। ପୁରୀ ଯିବା ପାଇଁ ଦିନେ ମତେ ସୌଭାଗ୍ୟ ମିଳିଲା ହେଲା କିନ୍ତୁ ମନରେ ମହାପ୍ରଭୁଙ୍କ ପ୍ରତି ଅଭିମାନ ଥିଲା ଭଗବାନ ମୋ ଡାକ ଶୁଣୁ ନାହାନ୍ତି। ମୋ ମନରେ ଥିବା ଏହି ଭାବନା ଯେମିତି ସେ ଜାଣିପାରିଲେ। ମନ୍ଦିର ଭିତରକୁ ଯାଇ ଯେତେବେଳେ ବେଢ଼ା ପରିକ୍ରମା କରି ସାରି ମନ୍ଦିର ଭିତରକୁ ଗଲି ମନରେ ଥାଏ ଢେର୍ ସାରା ଅଭିମାନ। ଦର୍ଶନ ସାରି ଯେତେବେଳେ ବାହାରକୁ ଆସିଲି ଜଣେ ଆସିକି ମୋ ପାଖରେ ମହାପ୍ରଭୁଙ୍କ ଏକ ଫଟୋଚିତ୍ର ମତେ ଆଣିକି ଦେଲେ। ମୁଁ ଏହା ଦର କେତେ ବୋଲି ପଚାରିଲି ତାଙ୍କ ଉତ୍ତର ମତେ ଅଶ୍ଚାର୍ଯ୍ୟ କରିଥିଲା ସେ ଉତ୍ତର କହିଲେ ଆପଣ ରଖନ୍ତୁ ଦର ମୁଁ ପାଇଯିବି। ଯେତେ ଅନୁରୋଧ କଲେ ମଧ ସେ କୌଣସି ମୂଲ୍ୟ ନେବାକୁ ପ୍ରସ୍ତୁତ ହେଲେନି। ସେ ଯେତେଶୀଘ୍ର ଆସିଥିଲେ ସେତେ ଶୀଘ୍ର ସେଠାରୁ ଚାଲି ଗଲେ। ସେହି ଫଟୋଚିତ୍ର ନେଇକି ମୋ ଘରକୁ ଆସିଲି। ଏହାର କିଛିଦିନ ପରେ ମୁଁ ନିଜେ ଅନୁଭବ କଲି ଯେମିତି ପୂର୍ବ ଅବସ୍ଥାର ପରିବର୍ତ୍ତନ ହୋଇଛି। ସମୟ ଯେତେ ବିତିଲା ପରିବର୍ତ୍ତନ ଆଶ୍ଚର୍ଯ୍ୟ ଭାବରେ ଘଟିଲା। ମୋ ପୂର୍ବ ଅବସ୍ଥା ଯେମିତି ଅତୀତରେ ପରିବର୍ତ୍ତନ ହୋଇଗଲା। ତାଙ୍କ କରୁଣା କଥା ଯେତେ କହିଲେ କମ୍ ହେବ।

ଏମିତି ଜଣେ ଭଗବାନ ଯାହାଙ୍କ ପାଖକୁ ଜଣେ ଭକ୍ତ ଯାଏଁ ଅଭିଯୋଗ କରିବାକୁ ଆଉ ଅଭିମାନ କରିବାକୁ। ବିଶ୍ୱର କୋଣ ଅନୁକୋଣରୁ ଲୋକଙ୍କ ସୁଅ ଛୁଟିଆସେ ଟିକେ ତାଙ୍କୁ ଦେଖିବାକୁ। ତାଙ୍କ ଦର୍ଶନ ମାତ୍ରେ ପାପ କ୍ଷୟ ହୁଏ, ଆଉ ଜଣେ ଦୁଃଖୀ ନୂଆ ଆଶାର କିରଣ ପାଏ। ପ୍ରତି ଲୋକର ଭାବନା ସହିତ ଜଡ଼ିତ ଠାକୁର ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେଇଥି ପାଇଁ ତ ନିଜେ ବାହାରକୁ ବାହାରି ଆସନ୍ତି ବର୍ଷକୁ ଥରେ ରଥଯାତ୍ରା ସମୟରେ ନିଜ ଭକ୍ତକୁ ଦେଖିବାକୁ ନିଜ ଭକ୍ତର ଭାବନାକୁ ବୁଝିବାକୁ। ପହଣ୍ଡି ସମୟର ଦୃଶ୍ୟ ଆଖି ଝଲସି ଦେଲା ପରି। ଏମିତି ଜଣେ ଠାକୁର ଯିଏ ଭକ୍ତର ଦୁଃଖ ସୁଖ ଦେଖିବାକୁ ବାହାରି ଆସନ୍ତି। ସତରେ କହିବାକୁ ଗଲେ 'ତମେ ଯାହାର ନାଥ ସେ କେବେବି ରହି ପାରିବେନି ଅନାଥ।'

# ପରିବର୍ତ୍ତିତ ଓ ପରିବର୍ଦ୍ଧିତ ଶିକ୍ଷା ବ୍ୟବସ୍ଥା




ଡ. ସୀତାକାନ୍ତ ତ୍ରିପାଠୀ
ଭଦ୍ରକ, ମୋ: ୯୭୭୮୭୬୪୩୯୪

ଆଜିର ଇଣ୍ଟରନେଟ ଯୁଗରେ ସାମାଜିକ ଗଣମାଧମ, କୃତ୍ରିମ ବୁଦ୍ଧିମତା, ଆଦିର ବହୁଳ ପ୍ରୟୋଗ ଫଳରେ ଶ୍ରେଣୀ କକ୍ଷର ପାଠପଢ଼ାକୁ ଛାଡ଼ି ପିଲା ତଥା ଅଭିଭାବକମାନେ ଅନ୍‌ଲାଇନ୍ କ୍ଲାସ ପାଇଁ ବ୍ୟସ୍ତ। ସିଧା ସଳଖ ଶିକ୍ଷକ-ଛାତ୍ର ସମ୍ପର୍କ ତିଆରି ହେବା ଜାଗାରେ କେବଳ ଜଡ଼ ଯନ୍ତ୍ର ମାନଙ୍କ ଉପରେ ଆମେ ଭରଷା କରୁଛେ। ପରିସ୍ଥିତି ଏମିତି ହେଉଛି କହିବ କ'ଣ, ଶୁଣିବ କିଏ ପୁଣି ଉତ୍ତର ଦେବ କିଏ, ଏସବୁ ଅନେକ ଅସମାହିତ ପ୍ରଶ୍ନ ହୋଇ ରହିଯାଉଛି। ତେଣୁ ଶିକ୍ଷକ, ଛାତ୍ର ଓ ଶିକ୍ଷା ବ୍ୟବସ୍ଥାକୁ ନେଇ ଆମେ ସମସ୍ତେ ସନ୍ଦିହାନ। ଯଦି ଶିକ୍ଷାର ଅନେକ ଲକ୍ଷ୍ୟ ମଧ୍ୟରୁ ରୋଜଗାର କରିବା ଏକ ପ୍ରମୁଖ ଉଦ୍ଦେଶ୍ୟ ତେବେ ବର୍ତ୍ତମାନର ଶିକ୍ଷା ଏହାର ସମାଧାନ କରିବାରେ କେତେ ସଫଳ ?

ବର୍ତ୍ତମାନ ସାକ୍ଷରତା ବଢ଼ିଛି, ଶିକ୍ଷା କ୍ଷେତ୍ରରେ ଲିଙ୍ଗ ବୈଷମ୍ୟ କମିଛି, ଶିକ୍ଷାର ଭିତ୍ତିଭୂମି ବହୁଗୁଣିତ ହୋଇଛି କିନ୍ତୁ ଏତେ ସବୁ ସଂସ୍କାର ସତ୍ତ୍ୱେ ଛାତ୍ର ଆତ୍ମହତ୍ୟା, ଶିକ୍ଷକ-ଛାତ୍ର ସମ୍ପର୍କ ତିକ୍ତତା, ଛାତ୍ରୀମାନଙ୍କୁ ଅସଦାଚରଣ ଆଦି ବଢୁଛି। ଏଥିପାଇଁ କାହାକୁ ଦୋଷ ଦିଆଯିବ ? ଶିକ୍ଷା କେବଳ ବହି, କମ୍ପ୍ୟୁଟର ଓ ଇଣ୍ଟରନେଟ୍ ଭିତରେ ରହିଯିବା ଦ୍ୱାରା ତା'ର ମହତ୍ତ୍ୱ କମିବାରେ ଲାଗିଛି। କାରଣ ପିଲାଟିଏ ତା'ର ନିଜର ଭାବନା, ପ୍ରଶ୍ନ ତଥା ଅନୁସନ୍ଧିତ୍ସା ଗୁଡ଼ିକୁ ଅନ୍ୟମାନଙ୍କ ପାଖରେ ପରିପ୍ରକାଶ କରି ନପାରିଲେ ସେଗୁଡ଼ିକ ଚାପି ହୋଇଯାଇ ପ୍ରକାରାନ୍ତରେ ତାକୁ ନିରସ କରି ଦେଇ ଥାଆନ୍ତି। ମା' ପାଖରୁ ଆରମ୍ଭ ହୋଇଥିବା ପିଲାଟିର ଶିକ୍ଷା ଧୀରେଧୀରେ ପରିବାର, ସାହିପଡ଼ିଶା, ସାଙ୍ଗ ସାଥିମାନଙ୍କ ଦେଇ ଶିକ୍ଷାନୁଷ୍ଠାନରେ ପହଞ୍ଚିଥାଏ। ଯାହାଫଳରେ ଶିକ୍ଷାୟତନରେ ପହଞ୍ଚିବା ବେଳକୁ ଶିଶୁଟିର ସାଧାରଣ ସାମାଜିକ ଜ୍ଞାନର ଭିତ୍ତିପ୍ରସ୍ତର ପଡ଼ିଯାଇଥାଏ। ଏହାକୁ ଲକ୍ଷ୍ୟକରି ଆଗରୁ ସ୍ଲୋଗାନ ଦିଆଯାଉଥିଲା "ମା' ହେଲେ ପାଠୋଇ, ଦେଶ ଯିବ ଆଗେଇ" ତେବେ ମା' ପାଠୋଇ ହେବା ଫଳରେ ଶିଶୁକୁ ଅଧିକ ଶିକ୍ଷା ମିଳୁଛି କିନ୍ତୁ ଶିଶୁପ୍ରତି ଅନେକ ସମୟରେ ମା'ର ଯତ୍ନ କମିଯାଉଛି ବୋଲି ଅନେକ ଗବେଷଣାରୁ ତଥ୍ୟ ମିଳିଛି। କାରଣ ଉଭୟ ବାପା ମା' ଯଦି କର୍ମଜୀବୀ ହେଲେ ତା'ହେଲେ ପିଲାଟିର ଯତ୍ନ ଆଉ କାହା ହାତରେ ଛାଡ଼ି ଦେବାକୁ ସେମାନେ ବାଧ ହୋଇଥାଆନ୍ତି। ଅନ୍ୟପକ୍ଷରେ ଆଜିର ଏକାନ୍ନବର୍ତ୍ତୀ ପରିବାର, ସାହି ପଡ଼ିଶା ବିହୀନ ତଥା ମୋବାଇଲ ଯୁଗରେ ମା'ମାନେ ଅନେକ ସମୟରେ ମୋବାଇଲ ହିଁ ପିଲାକୁ ଶାନ୍ତ ଏବଂ ତୁନି କରିପାରିବ ବୋଲି ମନେ କରି ପିଲାଟିକୁ ମୋବାଇଲ ଧରାଇ ଦେଇ ଥାଆନ୍ତି ଯାହା ପରବର୍ତ୍ତି ସମୟରେ ବୁମେରାଂ ଭଳି କାମ କରିଥାଏ। ସମୟ ଆସେ ପିଲାଟି ମୋବାଇଲକୁ ଭଲ ପାଇ ପରିବାର ତଥା ସାଙ୍ଗ ସାଥିମାନଙ୍କ ଠାରୁ ନିଜକୁ ଦୂରେଇ ନେଇଥାଏ। ପିଲାଟିର ପାଠପଢ଼ା ପାଇଁ ଘର ଠାରୁ ବାହାର ପର୍ଯ୍ୟନ୍ତ ସବୁଠି ବିଭିନ୍ନ ଶିକ୍ଷକ ତଥା ସହାୟକ ଏବଂ ସହାୟିକା ଯୋଗାଇ ଦେଇ ବାପା-ମା'ମାନେ ନିଶ୍ଚିନ୍ତ ହୋଇଯାଆନ୍ତି ଏବଂ ଭାବନ୍ତି ପିଲାର ଭାଗ୍ୟ ଓ ଭବିଷ୍ୟତ ଗଢ଼ି ହୋଇଗଲା। କିନ୍ତୁ ପ୍ରକାରାନ୍ତରେ ପିଲାଟି ମେସିନ୍ ପାଲଟିଗଲା। ସମସ୍ତେ ଖାଲି ପଚାରନ୍ତି ଆଜି କ'ଣ ପଢ଼ାଗଲା, ରେଜଲ୍ଟ କ'ଣ ହେଲା, କ୍ୟାରିୟର କ'ଣ କରିବ ଏବଂ ସେଥିପାଇଁ କେଉଁଭଳି ଭାବେ ପ୍ରସ୍ତୁତି ଚାଲିଛି ଇତ୍ୟାଦି ଏସବୁ କଥାର ମୂଳ ଲକ୍ଷ୍ୟ ହେଲା ଜୀବନକୁ ସରସ ସୁନ୍ଦର ଓ ଖୁସି କରିବା କିନ୍ତୁ କେହି କ'ଣ କେବେ ପଚାରେ; ତୁ ଖୁସି ଅଛୁ ତ ? ଯଦି ଏସବୁ ସୁବିଧା ସୁଯୋଗ ସତ୍ତ୍ୱେ ପିଲାଟି ଖୁସି ହୋଇ ନପାରି ଚାପଗ୍ରସ୍ତ ଏବଂ ଦୁଃଖି ଜୀବନ କଟାଉଛି ତା'ହେଲେ ଏଥିପାଇଁ ଉଭୟ ଶିକ୍ଷା ବ୍ୟବସ୍ଥା ତଥା ଅଭିଭାବକ ମାନେ ଦାୟୀ ନୁହଁନ୍ତି କି ?

ସାମାଜିକ ଗଣମାଧ୍ୟମ ଉପରେ ଆମର କାହାରି ନିୟନ୍ତ୍ରଣ ନାହିଁ। ତା' ବିନା ଆମ ସମସ୍ତଙ୍କ ଜୀବନ ସତେ ଯେପରି ବ୍ୟର୍ଥ। କାହାର ହାନୀ-ଲାଭରେ ଆମେ ସିଧାସଳଖ ଭାବେ ପହଞ୍ଚି ନପାରି ଗୋଟିଏ ମେସେଜ୍ ଦେଇ ଦେବା ପରେ ଆମେ ଖୁସି ଆଉ ତାକୁ ପଢୁଥିବା ଲୋକ ମଧ ଖୁସି। ତେଣୁ ମାନବଧର୍ମୀ ଚିନ୍ତାଚେତନା ବର୍ତ୍ତମାନ ମେସିନ୍ ଧର୍ମୀ ହେବା ଶିକ୍ଷା ବ୍ୟବସ୍ଥାର କରୁଣ ଅବସ୍ଥାକୁ ସୁଚାଇବା ଭଳି ମନେହୁଏ। ଜଣେ ଶିକ୍ଷାର୍ଥୀର ଗବେଷଣାଧର୍ମୀ ଚିନ୍ତାଧାରା, ସୃଜନାତ୍ମକ କଳା କୌଶଳ, ସମସ୍ୟା-ସମାଧାନର ରଣନୀତି ଆଦି ଅନେକ ଗୁଣ କୃତ୍ରିମ



ବୁଦ୍ଧିମତା ପାଖରେ ବନ୍ଧା ପଡ଼ିଯାଉଛି। ପରିସ୍ଥିତି ଏମିତି ହେଲାଣି ସଠିକ୍ ବନାନ, ବର୍ଣ୍ଣମାଳା, ଶବ୍ଦ ଯୋଜନା ତଥା ବାକ୍ୟଗଠନ ପାଇଁ ଶିକ୍ଷାର୍ଥୀମାନେ କମ୍ପ୍ୟୁଟର ଉପରେ ନିର୍ଭରଶୀଳ। ଏସବୁ ସତ୍ତ୍ୱେ ଶିକ୍ଷା ବ୍ୟବସ୍ଥାରେ ମେସିନ୍‌ର ଉପଯୋଗ ଏହାକୁ ଅଧିକ କ୍ରିୟାଶୀଳ କରିପାରିଛି କିନ୍ତୁ ଶିକ୍ଷକ, ଶିକ୍ଷାନୁଷ୍ଠାନ, ଅଭିଭାବକ ଏବଂ ସର୍ବୋପରି ଛାତ୍ର ସମାଜ ନିଜର ବୌଦ୍ଧିକ, ସାମାଜିକ ଏବଂ ଶାରୀରିକ ଗୁଣାବଳୀ ତଥା ଦାୟିତ୍ୱବୋଧକୁ ନ୍ୟୁନ ନକରି ଏସବୁ ସହିତ ମେସିନର ବ୍ୟବହାରରେ ସନ୍ତୁଳନ ରକ୍ଷା କରିବା ଜରୁରି। ନହେଲେ ଦିନ ଆସିବ ଆମେ କମାଣ୍ଡ ଦେବା ପାଇଁ କମ୍ପ୍ୟୁଟର/ରୋବଟ ଆଦି ଗୁଡ଼ିକ ପାଖକୁ ଯିବାବେଳକୁ ସେମାନେ ହୁଏତ ଆମ କଥା ସବୁକୁ ଶୁଣିବା ଅବସ୍ଥାରେ ନଥିବେ। ତେଣୁ ନେଡ଼ିଗୁଡ଼ କହୁଣୀକୁ ବହିଯିବା ପୂର୍ବରୁ ଆମେ ସମସ୍ତେ ମିଶି ଏ ସବୁରୁ ମୁକୁଳିବା ପାଇଁ ପ୍ରୟାସ କରିବା ଜରୁରି।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଆସିକା, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଆସିକା ଗସ୍ତରେ ଆସି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜିଲ୍ଲା ପ୍ରଶାସନଙ୍କ ସହ ଚାଷୀ ମାନଙ୍କ ପାଇଁ ସାର ଓ ରାସନ୍ କାର୍ଡ ସମସ୍ୟା ନେଇ ଆଲୋଚନା କରିଛନ୍ତି। ଚାଷୀମାନଙ୍କୁ କିଭଳି ଆବଶ୍ୟକ ଅନୁଯାୟୀ ସାର ଯୋଗାଇ ଦିଆଯିବ ସେନେଇ ଯୋଗାଣ ମନ୍ତ୍ରୀ ଆସିକା ରାଜସ୍ୱ ଡାକବଙ୍ଗଳା ଠାରେ ଜିଲ୍ଲା ପ୍ରଶାସନଙ୍କ ସହ ବୈଠକ କରି ଆଲୋଚନା କରିଛନ୍ତି। ବୈଠକରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରତିକ୍ରିୟା ରଖିଛନ୍ତି ଗଞ୍ଜାମ ଜିଲ୍ଲା ଚାଷୀ ମାନଙ୍କ ତୁରନ୍ତ ସାର ସମସ୍ୟାର ସମାଧାନ ହେବା ସହ ବାକି ରହିଯାଇଥିବା ହିତାଧିକାରିଙ୍କ ପାଇଁ ନୂଆ ରାସନ୍ କାର୍ଡ ପ୍ରଦାନ କରାଯିବ। ଆସନ୍ତା କାଲି ଆସିକା ସମସ୍ତ ଅଞ୍ଚଳରେ ସାର ପହଞ୍ଚିବା ନେଇ ପ୍ରତିଶ୍ରୁତି ମଧ୍ୟ ରଖିଛନ୍ତିଫ ତେବେ ଏହି ଆଲୋଚନ ବୈଠକରେ ଆସିକା ବିଧାୟକ ସରୋଜ ପାଢ଼ୀ, ସାଂସଦ ଅନିତା ଶୁଭଦର୍ଶନୀ ଓ ବିଭିନ୍ନ ନିର୍ବାଚନ ମଣ୍ଡଳୀର ବିଧାୟକ ଗଣ, ଜିଲ୍ଲାପାଳ ଭି. କାର୍ତ୍ତିଭାସନ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଆସିକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲିପୀନା ଦାସ, ତହସିଲଦାର ସଙ୍ଗୀତା ସେନ ପ୍ରମୁଖ ଯୋଗ ଦେଇଥିବା ବେଳେ ବିଧାୟକ ପ୍ରତିନିଧି ସଂଗିତ ପାଢ଼ୀ, ସନ୍ଦିପ ପାଢ଼ୀ, ବିଜେପି ଜିଲ୍ଲା ସଭାପତି ବିଜୟ ସ୍ୱାଇଁ ବ୍ଲକ ସଭାପତି ବିଜୟ ସ୍ୱାଇଁ, ସମାଜ ସେବୀ ତଥା ବରିଷ୍ଠ ବିଜେପି ନେତା ଭଗବାନ ସାହୁ, ନଗର ସଭାପତି ଭିକି ପାତ୍ର, ଆସିକା ଓ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବ୍ଲକର ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟା ଓ ପ୍ରତିନିଧି ସହ ବହୁ ଦଳୀୟ ଛାମୁଆଁ ନେତା ଓ କର୍ମୀ ଉପସ୍ଥିତ ଥିଲେ।



# ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଫିଟନେସ୍-କମ୍-ଆମ୍ୟୁଜମେଣ୍ଟ ପାର୍କ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ରାୟଗଡ଼ାର ହାତମୁନିଗୁଡ଼ାରେ ଥିବା ରାମକୃଷ୍ଣ ମିଶନ ଆଶ୍ରମସ୍କୁଲର ୭୦୦ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଉତ୍ସର୍ଗୀକୃତ ଫିଟନେସ୍-କମ୍-ଆମ୍ୟୁଜମେଣ୍ଟ ପାର୍କ ବିକଶିତ କରିଛି। ବିଭିନ୍ନ ପ୍ରକାରର ଖେଳ ଏବଂ ଫିଟ୍‌ନେସ୍ ସୁବିଧା ସହିତ ସଜ୍ଜିତ ଏହି ପାର୍କଟି ଶାରିରିକ କାର୍ଯ୍ୟକଳାପ, ମନୋରଞ୍ଜନ ଏବଂ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ କରାଯାଇଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ବେଦାନ୍ତ ସିଜିମାଲି ବକ୍ସାଇଟ ମାଇନ୍ସର ଉପାଧକ୍ଷ ଏବଂ ମୁଖ୍ୟ ପ୍ରତୀକ କୁମାର ଏହି ପାର୍କର ଉଦ୍‌ଘାଟନ କରିଥିଲେ। ଉଦଘାଟନ ପରେ ଛାତ୍ରଛାତ୍ରୀ ମାନେ ଉତ୍ସାହର ସହିତ ସେଠାରେ ଅନେକ ସମୟ ଖେଳକୁଦ କରିଥିଲେ। ଏହିପରି ଗ୍ରାମାଞ୍ଚଳରେ, ସୀମିତ ସ୍କୁଲ ଭିତ୍ତିଭୂମି ଛାତ୍ରଛାତ୍ରୀଙ୍କ ଶିକ୍ଷା ଏବଂ ଅଭିବୃଦ୍ଧିକୁ ବାଧା ସୃଷ୍ଟି କରେ। ସ୍କୁଲଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସହିତ ସଜ୍ଜିତ କରି, ବେଦାନ୍ତ ଆଲୁମିନିୟମ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ସଫଳତା ଏବଂ ସାମଗ୍ରିକ ବିକାଶକୁ ସମର୍ଥନ କରିବା ସହିତ ଏକ ଅନୁକୂଳ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇ ଥିବା ୧୦୦ ଏକର ଜମିରେ ୨୦୦୮ ମସିହାରେ ପ୍ରତିଷ୍ଠିତ ରାମକୃଷ୍ଣ ମିଶନ ଆଶ୍ରମ ସ୍କୁଲ ସିବିଏସ୍ଇ ପାଠ୍ୟକ୍ରମ ଅନୁଯାୟୀ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ କରେ। ଏହାର ସମସ୍ତ ଛାତ୍ରଛାତ୍ରୀ ରାୟଗଡା, କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁର ଜିଲ୍ଲା ସମେତ କୋରାପୁଟ ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟରୁ ଆସିଥାନ୍ତି। ଏହି ପଦକ୍ଷେପ ବିଷୟରେ କହି, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି,'ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁ ଯେ, ପ୍ରକୃତ ସମ୍ପ୍ରଦାୟ ବିକାଶ ଭିତ୍ତିଭୂମି ଠାରୁ ଅଧିକ। ଏହାର ସାମଗ୍ରିକ ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବାରେ ଥାଏ। ଏହି ଫିଟନେସ୍-କମ୍-ମନୋରଞ୍ଜନ ଭିତ୍ତିକ ପାର୍କ ପିଲାମାନଙ୍କୁ ଖେଳ ଏବଂ ଶାରୀରିକ କାର୍ଯ୍ୟକଳାପ ପାଇଁ ସୁଯୋଗ ପ୍ରଦାନ କରିବା ସହିତ ଏକ ଆନନ୍ଦଦାୟକ ପରିବେଶ ଯୋଗାଇ ଦେବ ଯାହା ପିଲାମାନଙ୍କର ସାମଗ୍ରିକ ବିକାଶକୁ ସମର୍ଥନ କରେ।' ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀଜୀବିକା, ଭିତ୍ତିଭୂମି ଏବଂ ତୃଣମୂଳ କ୍ରୀଡା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ସମର୍ପିତ ରହିଛି। ଏହି ପ୍ରୟାସଗୁଡ଼ିକ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକ୍ଷମ କ୍ଷେତ୍ର ମଧ୍ୟରେ ଏବଂ ବାହାରେ ପରିବର୍ତ୍ତନ ଆଣିବା ପ୍ରତି ପ୍ରତିବଦ୍ଧତାକୁ ରେଖାଙ୍କିତ କରେ। ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଏବଂ ଉନ୍ନତି ପ୍ରତି ସମ୍ପ୍ରଦାୟ ଅବଦାନର ଭାବନାକୁ ପ୍ରୋତ୍ସାହିତ କରେ। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ସମ୍ପ୍ରଦାୟ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ଭାବରେ ସହଯୋଗ କରି କମ୍ପାନୀ ନିଶ୍ଚିତକରେ ଯେ ଏହାର ହସ୍ତକ୍ଷେପ ଦୃଶ୍ୟ ସାମାଜିକ-ଆର୍ଥିକ ପ୍ରଗତିଆଡ଼କୁ ନେଇଯାଏ।

# ୟୁଆଇଏଲ୍ ପକ୍ଷରୁ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ



କାଶିପୁର, (ଭାସ୍କର ନ୍ୟୁଜ୍): ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ, ଆଦିତ୍ୟ ବିର୍ଲା ଗ୍ରୁପର ଏକ ସହଯୋଗୀ କମ୍ପାନୀ ଏହାର ସିଏସଆର୍ ଅନ୍ତର୍ଗତ କାଶୀପୁର ବ୍ଲକ ହାଡ଼ିଗୁଡା ପଞ୍ଚାୟତ ଅନ୍ତର୍ଗତ ଲଛୁଗୁଡ଼ା ଗ୍ରାମରେ ଏକ ଗୋଷ୍ଠୀ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଉତ୍କଳ ଆଲୁମିନା ସିଏସଆର ବିଭାଗ ପକ୍ଷରୁ ସ୍ଥାନୀୟ ପ୍ରଭାବିତ ଓ ପର୍ଶ୍ୱସ୍ଥ ଗ୍ରାମାଞ୍ଚଳବାସୀଙ୍କ ପାଇଁ ସର୍ବଦା ଆର୍ଥିକ, ସାମାଜିକ ତଥା ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ଦିଗରେ କାର୍ଯ୍ୟ ଜାରିରହିଛି। ଯୁବା ଓ ମହିଳାବର୍ଗଙ୍କ ମଧ୍ୟରେ କୌଶଳ ଭିତ୍ତିକ ଜୀବିକା ପ୍ରଦାନ ସହ ଶିକ୍ଷା, ସ୍ୱାସ୍ଥ୍ୟ ଉନ୍ନତି ଆଦି ଦିଗରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଛି। ଏହି କ୍ରମରେ ସ୍ଥାନୀୟ ଲଛୁଗୁଡା ଗ୍ରାମରେ ଗୋଷ୍ଠୀ କେନ୍ଦ୍ର ଉଦଘାଟିତ ହୋଇଛି। ଉକ୍ତ ଗୋଷ୍ଠୀ କେନ୍ଦ୍ର ସ୍ଥାନୀୟ ଗ୍ରାମବାସୀଙ୍କ ପାଇଁ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଉପଯୋଗ ହେବ। ଉକ୍ତ ଗୋଷ୍ଠୀ କେନ୍ଦ୍ର ଉଦଘାଟନୀ କାର୍ଯ୍ୟକ୍ରମରେ ଗ୍ରାମବାସୀ, ଏସଏଚଜି, ବିଦ୍ୟାଳୟ ଶିକ୍ଷାର୍ଥୀଙ୍କ ସମେତ କମ୍ପାନୀ ସିଏଆର୍ ମୁଖ୍ୟ ଲୋପାମୁଦ୍ରା ମିଶ୍ର, ପ୍ଲାଣ୍ଟ ସିଏସଆର ମୁଖ୍ୟ ଦିଗନ୍ତ ମହାନ୍ତି ଓ ଏଲଡିସି ଏଜିଏମ ଚନ୍ଦନ ଚୌଧୁରୀ ଉପସ୍ଥିତ ଥିଲେ। ଏଥିସହ ଉତ୍କଳ ଆଲୁମିନା ସିଏସ୍‌ଆର୍ ଟିମ ସଦସ୍ୟ ଯଥା ରୁପେନ ପଟ୍ଟନାୟକ, ସୁବାଶ ଚନ୍ଦ୍ର ନାଏକ, ସତ୍ୟଭାମା ନାଏକ, ସୁଧୀର ନାଏକ, ଆଶିଷ କୁମାର ସାହୁ, ଗଜେନ୍ଦ୍ର ନାଏକ, କାର୍ତ୍ତିକେଶ୍ୱର ସାହୁ, ସୁସ୍ମିତା, କାମଦେବ ଓ ହେମଲତା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପିଆରଆଇ ସଦସ୍ୟ ଓ ଗ୍ରାମବାସୀ ମାନେ ମଧ ଉପସ୍ଥିତ ରହି ଉତ୍କଳ ଆଲୁମିନାର ଏହି ପଦକ୍ଷେପକୁ ସ୍ୱାଗତ ଜଣାଇଥିଲେ।

# ମୋହନ ଭାଗବତଙ୍କ ଜନ୍ମଦିବସ ପାଳିତ



ବିଞ୍ଝାରପୁର, (ଭାସ୍କର ନ୍ୟୁଜ୍): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହ ସଂଘ ଚାଳକ ମୋହନ ଭାଗବତଙ୍କ ୭୫ ତମ ଜନ୍ମଦିନ ସିଂହପୁର ଠାରେ ପାଳିତ ହୋଇଯାଇଅଛି। ଏହି ଅବସରରେ ସ୍ୱୟଂ ସେବକ ରାମ ନାରାୟଣ ବଳିଆର ସିଂହ ଆର୍‌ଏସ୍‌ଏସ୍‌ର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ହିନ୍ଦୁ ସମୁଦାୟକୁ ମଜବୁତ୍ କରିବା, ହିନ୍ଦୁତ୍ୱ ବିଚାରଧାରାର ପ୍ରଚାର, ଭାରତୀୟ ସଂସ୍କୃତି ଓ ଏହାର ସଭ୍ୟତାଗତ ମୂଲ୍ୟ ବଜାୟ ରଖିବା ଆର୍ ଏସ ଏସ ର ମୂଳ ଲକ୍ଷ୍ୟ। ଦେଶ ଭକ୍ତି, ସେବା ଓ ସରକାର ପରୋପକାର ଭାବନା ଜାଗ୍ରତ କରିବା ଏହାର ଆଉ ଏକ ଉଦ୍ଦେଶ୍ୟ ବୋଲି ରାମ ନାରାୟଣ କହିଥିଲେ। ସୁନାଗରିକ, ଚରିତ୍ରବାନ ଭାରତୀୟ ଭାବରେ ସମସ୍ତେ ରାଷ୍ଟ୍ର ପ୍ରେମରେ ଉଦବୁଦ୍ଧ ହେବାକୁ ଆର୍‌ଏସ୍‌ଏସ୍ ଶିଖାଇଥାଏ ବୋଲି ସିଂହ କହିଥିଲେ।

# ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

ଭୁବନ, (ଭାସ୍କର ନ୍ୟୁଜ୍): ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ରେ ଶନିବାର ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଇତିହାସ ବିଭାଗ ମୁଖ୍ୟ ପ୍ରଫୁଲ୍ଲ କୁମାର ଭୂୟାଁଙ୍କ ସଭାପତିତ୍ୱ ଓ ଯୁବ ରେଡକ୍ରସ୍ ଦାୟିତ୍ୱରେ ଥିବା ଅଧ୍ୟାପକ ପଦ୍ମନାଭ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଭାତ କୁମାର ଜେନା, ଅନିଲ କୁମାର ଧର, ସୁବାସ ଚନ୍ଦ୍ର ପତି, ଡ଼ ଜ୍ଞାନ ରଞ୍ଜନ ଧଳ, ଆଲୋକ ରଂଜନ ସଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ପ୍ରାଥମିକ ଚିକିତ୍ସା ମାଧ୍ୟମରେ କିପରି ସୁସ୍ଥତା ଅବଲମ୍ବନ କରାଯାଇପାରିବ ସେ ସମ୍ବନ୍ଧରେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।

# ନୂତନ ବିଦ୍ୟୁତ୍ ଟ୍ରାନ୍ସଫରମର ବସାଇବା ପାଇଁ ଦାବି



ରଘୁନାଥପୁର, (ଭାସ୍କର ନ୍ୟୁଜ୍): ଏରଡଙ୍ଗା ପଞ୍ଚାୟତର ୱାର୍ଡ ୧୩,୧୪ ପାଇଁ ମହାବାତ୍ୟା ସମୟରେ ଏରଡଙ୍ଗା (୧)ର ୬୩ କେଭି ଟ୍ରାନ୍ସଫର୍ମର ସ୍ଥାପନା କରଯାଇଥିଲା। ବିଡମ୍ବନାର ବିଷୟ ଦୀର୍ଘ ୨୫ ବର୍ଷ ହେବ ଉକ୍ତ ଟ୍ରାନ୍ସଫରକୁ ସଠିକ୍ ରୂପେ ମରାମତି ନକରି ତାହାକୁ ବ୍ୟବହାର କରା ଯାଉଛି।ଏତେ ପୁରାଣ ଟ୍ରାନ୍ସଫର ପାଇଁ ଲୋ ଭୋଲଟେଜ୍ ସମସ୍ୟା ପାଇଁ ରାତିରେ ବନ୍ଧବୃଦ୍ଧା, ରୋଗୀ, ଛୋଟ ପିଲା ଶାନ୍ତିରେ ସୋଇପାରୁ ନଥିବା ବେଳେ ଛାତ୍ରଛାତ୍ରୀ ମାନେ ପାଠ ପଢ଼ିବା ପାଇଁ ମଧ ବିଭିନ୍ନ ସମସ୍ୟା ର ସମ୍ମୁଖୀନ ହେଉଛନ୍ତି। ଆହୁରି ମଧ ଏଠାରେ ଟ୍ରାନ୍ସଫର ଖୋଲା ଓ ରାସ୍ତା କଡରେ ଥିବାରୁ ଗାଈ ଗୋରୁଙ୍କ ଜୀବନ ପ୍ରତି ମଧ ବିପଦ ସୃଷ୍ଟି କରିଛି। ବାରମ୍ବାର ଏଥି ପ୍ରତି ଦୃଷ୍ଟି ଆକର୍ଷଣ କରିବା ପାଇଁ ବିଦ୍ୟୁତ୍ ବିତରଣ ବିଭାଗକୁ ଅବଗତ କରିଲା ପରେ ମଧ ଏହାର ସମାଧାନ ହେଇପାରୁ ନାହିଁ।ଟିପିସିଓଡିଏଲ ଆସିଲା ପରେ ଅଚାନକ ଭାବେ ମିଟର ୟୁନିଟ ବଢିବା ସହ ବିନା କାରଣରେ ମିଟର ଖରାପ କହି ନୂତନ ମିଟର ଲଗାଇ ସାଧାରଣ ଲୋକ ଙ୍କୁ ଶୋଷଣ ହେଉଥିବାର ଅଭିଯୋଗ ଉଠିଛି। ଖୁବଶିଘ୍ର ଏରଡଙ୍ଗା (୧)ର୬୩ କେଭିକୁ ୧୦୦କେଭିକୁ ପରିବର୍ତ୍ତନ ନ କରାଗଲେ ବିଦ୍ୟୁତ୍ ବିତରକଙ୍କ କାର୍ଯ୍ୟାଳୟକୁ ତାଲା ପକେଇବା ପାଇଁ ଗ୍ରାମବାସି ମାନେ ଚେତାବନୀ ଦେଇଛନ୍ତି। ସ୍ଥାନୀୟ ଯୁବ ସମାଜସେବୀ ବଳରାମ ଦଳାଇ ଏହି ସମସ୍ୟା ସମ୍ପର୍କରେ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ୧ ବର୍ଷହେବ ଲିଖିତ ଅଭିଯୋଗ କରିଥିଲେ ମଧ କିଛି ସୁଫଳ ମିଳିପାରି ନାହିଁ। ଦଳାଇ ଶକ୍ତି ବିଭାଗକୁ ଏକ୍ସ (ଟୁଇଟ) ଯୋଗେ ଅଭିଯୋଗ କରିଥିବା ଜଣାଯାଇଛି।

# ଟ୍ରକକୁ ଧକ୍କାଦେଇ ଓଲଟିଲା ଆଳୁ ବୋଝେଇ ଟ୍ରକ

ଭଦ୍ରକ, (ଭାସ୍କର ନ୍ୟୁଜ୍): ନମ୍ବର ଜାତୀୟ ରାଜପଥ ସାହାପୁର ହନୁମାନ ମନ୍ଦିର ନିକଟରେ ଟ୍ରକକୁ ଧକା ଦେଲା ଆଳୁ ବୋଝେଇ ଟ୍ରକ। ଅଳ୍ପକେ ବର୍ତ୍ତିଲେ ଟ୍ରକ ହେଲପର। ସୂଚନା ଅନୁଯାଇ ବାଲେଶ୍ୱରରୁ କଟକ ଅଭିମୁଖେ ଯାଉଥିବା ଏକ ଆଳୁ ବୋଝେଇ ଟ୍ରକ ସାହାପୁର ହନୁମାନ ମନ୍ଦିର ନିକଟରେ ପୂର୍ବରୁ ରାସ୍ତାରେ ଛିଡା ହୋଇଥିବା ଏକ ଟ୍ରକକୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ଆଳୁ ଟ୍ରକଟି ରାସ୍ତାରେ ଓଲଟି ପଡିଥିଲା। ଗାଡି ଭିତରେ ହେଲ୍ପର ଫସି ରହିଥିବା ବେଳେ ସ୍ଥାନୀୟ ଲୋକ ଓ ଭଦ୍ରକ ଟାଉନ ପୋଲିସ ସହାୟତାରେ ଉଦ୍ଧାର କରା ଜାଇ ଚିକିତ୍ସା ପାଇଁ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଥିଲା।

# ଶ୍ରେଷ୍ଠ ମେଡିକାଲ୍ କଲେଜର ମାନ୍ୟତା ଲାଭ କଲା ଏମ୍ସ ଭୁବନେଶ୍ୱର



ଭୁବନେଶ୍ୱର, (ଭୁବନେଶ୍ୱର): ରାଜ୍ୟ ତଥା ସମଗ୍ର ପୂର୍ବ ଭାରତ ପାଇଁ ପୁଣିଥରେ ସଫଳତା ଆଣିଦେଇଛି ଏମ୍ସ ଭୁବନେଶ୍ୱର। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଜାତୀୟ ଶିକ୍ଷାନୁଷ୍ଠାନ ମାନ୍ୟତା ତାଲିକା (ଏନଆଇଆର୍‌ଏଫ୍)ରେ ଏମ୍ସ ଭୁବନେଶ୍ୱରକୁ ଦେଶର ଶ୍ରେଷ୍ଠ ମେଡିକାଲ କଲେଜ ବର୍ଗରେ ୧୪ତମ ସ୍ଥାନ ମିଳିଛି। ଗତବର୍ଷ ଏହି ଜାତୀୟ ଅନୁଷ୍ଠାନ ଏନ୍‌ଆଇଆର୍‌ଏଫ୍ ତାଲିକାରେ ୧୫ତମ ସ୍ଥାନରେ ଥିଲା। ତେବେ ୨୦୨୧ରେ ୩୧ତମ ସ୍ଥାନ ହାସଲ କରିଥିବା ଏହି ଅନୁଷ୍ଠାନ ମାତ୍ର ଚାରି ବର୍ଷ ମଧ୍ୟରେ ସତର ସୋପାନ ଉପରକୁ ଉଠି ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଯାହାକି ଗୌରବର ବିଷୟ। ସେହିପରି ସାମଗ୍ରୀକ କ୍ଷେତ୍ରରେ ମଧ ଏହି ଜାତୀୟ ପ୍ରତିଷ୍ଠାନ ଚଳିତ ବର୍ଷ ବିଶେଷ ସଫଳତା ଆଣିଦେଇଛି। ଏହି ବର୍ଗରେ ଏମ୍ସ ଭୁବନେଶ୍ୱର ଶ୍ରେଷ୍ଠ ଶହେ ମଧ୍ୟରେ ନିଜକୁ ସାମିଲ କରିପାରିଛି। କେବଳ ମେଡିକାଲ୍ ପ୍ରତିଷ୍ଠାନ ହୋଇଥିଲେ ମଧ ସାମଗ୍ରୀକ ବର୍ଗରେ ଶ୍ରେଷ୍ଠ ଶହେ ମଧ୍ୟରେ ସ୍ଥାନ ପାଇବା ଅତ୍ୟନ୍ତ ଉତ୍ସାହଜନକ ଖବର। ଉଲ୍ଲେଖ ଯୋଗ୍ୟ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଘୋଷଣା କରିଥିବା ୨୦୨୫ ବର୍ଷ ପାଇଁ ଏନଆଇଆରଏଫ ତାଲିକା ଅନୁସାରେ ଏମ୍ସ ଭୁବନେଶ୍ୱରକୁ ଓଡ଼ିଶା ସମେତ ସମଗ୍ର ପୂର୍ବ ଭାରତରେ ସର୍ବୋତ୍ତମ ମେଡିକାଲ୍ କଲେଜର ମାନ୍ୟତା ପ୍ରଦାନ କରାଯାଇଛି। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସିଇଓ ଡ. ଆଶୁତୋଷ ବିଶ୍ୱାସଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଏହି ଜାତୀୟ ଅନୁଷ୍ଠାନ ଭିତ୍ତିଭୂମି, ଶିକ୍ଷା, ରୋଗୀସେବା ଏବଂ ଗବେଷଣା ସମେତ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଛି। ଚଳିତ ବର୍ଷ, ଏମ୍ସ ଭୁବନେଶ୍ୱର ମର୍ଯ୍ୟାଦାଜନକ ଇଣ୍ଡିଆ ଟୁଡେ-ଏମଡିଆରଏ ସର୍ଭେ ରାଙ୍କିଂରେ ଭାରତର ଶ୍ରେଷ୍ଠ ଉଦୀୟମାନ ମେଡିକାଲ କଲେଜଗୁଡ଼ିକ ମଧ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ଓଡ଼ିଶାର ଶୀର୍ଷ ସ୍ଥାନପ୍ରାପ୍ତ ମେଡିକାଲ କଲେଜ ଭାବରେ, ଏମ୍ସ ଭୁବନେଶ୍ୱର ଆଞ୍ଚଳିକ ଏବଂ ଜାତୀୟ ସ୍ତରରେ ଚିକିତ୍ସା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନରେ ମାନଦଣ୍ଡ ସ୍ଥାପନ କରିଚାଲିଛି। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ସମେତ ଡିନ୍ (ପରୀକ୍ଷା) ଡ. ସୌଭାଗ୍ୟ କୁମାର ଜେନା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଞ୍ଜନ ସିଂହ, ଡ. ବିନୋଦ କୁମାର ପାତ୍ରୋ, ଡ. ଦେବପ୍ରିୟ ବନ୍ଦୋପାଧ୍ୟାୟ, ଡ. ସିପ୍ରା ରାଉତ, ଜଗଦୀଶ ସାହୁ ଏବଂ ଜନ ସମ୍ପର୍କ ଅଧିକାରୀ (ପିଆରଓ) ରାଜ କିଶୋର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ମତ୍ସ୍ୟଚାଷ ପ୍ରଶିକ୍ଷଣ ଓ ସଚେତନତା ଶିବିର ସମେତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଲେ ଉପ-ମୁଖ୍ୟମନ୍ତ୍ରୀ




ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ପଂଚାୟତ ସମିତି ପରିସରରେ ଜିଲ୍ଲା ସ୍ତରୀୟ ମତ୍ସ୍ୟଚାଷ ପ୍ରଶିକ୍ଷଣ ଓ ସଚେତନତା ଶିବିରରେ ଯୋଗ ଦେଇଥିବା ବେଳେ ଜିଲ୍ଲା ସହକାରୀ ମତ୍ସ୍ୟ ବିଭାଗ ଅଧିକାରୀ ସଂଘମିତ୍ରା ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ତହସିଲଦାର ମନୋଜ କୁମାର ପ୍ରଧାନ, ବ୍ଲକ୍ ଅଧକ୍ଷ ଶଙ୍କର ଭୋଇ, ଉପାଧକ୍ଷା ଅନୁସୂୟା ମହାନ୍ତି, ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ମୀନଲତା ମହାନ୍ତି, କେଭିକେ ବୈଜ୍ଞାନିକ ଅମ୍ବିକା ପ୍ରସାଦ ନାୟକ, ସରପଂଚ ଦେବାଶିଷ ଆଚାର୍ଯ୍ୟ, ବ୍ଲକ୍ ମତ୍ସ୍ୟ ବିଭାଗ ଅଧିକାରୀ ଆଶିଷ କୁମାର ସାହୁ, ଆତ୍ମା ଅଧକ୍ଷ ଦିଲ୍ଲୀପ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିରରେ ମତ୍ସ୍ୟଚାଷ ଓ ତାହାର ଉପକାରିତା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଅବସରରେ ମତ୍ସ୍ୟ ଚାଷ ପାଇଁ ୧୬ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ, ୩୨ଜଣ ହିତାଧିକାରୀଙ୍କ ସବ୍‌ସିଡ଼ି ଚେକ୍ ପ୍ରଦାନ କରାଯାଇଥିଲା। ନିମାପଡ଼ା ଉପଖଣ୍ଡ ଅସ୍ତରଙ୍ଗ, କାକଟପୁର, ଗୋପ, ନିମାପଡ଼ା ବ୍ଲକ୍‌ର ଶତାଧିକ ମତ୍ସ୍ୟ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା, ସରପଞ୍ଚ, ସମିତି ସଭ୍ୟା ଯୋଗ ଦେଇଥିଲେ। ଏପରି କାର୍ଯ୍ୟକ୍ରମ ଯୋଗୁ ଚାଷୀ ମହଲରେ ଆନନ୍ଦର ଲହରୀ ଖେଳି ଯାଇଥିବା ବେଳେ ଚାଷୀମାନେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ସାଧୁବାଦ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ନିମାପଡ଼ା ଗସ୍ତରେ ଥିବା ବେଳେ ଏକ ବିକାଶ ମୂଳକ ପ୍ରକଳ୍ପ ପାଇଁ ଚିହ୍ନଟ ହୋଇଥିବା କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତହସିଲଦାର ମନୋଜ କୁମାର ପ୍ରଧାନଙ୍କ ସମେତ ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ରାଜସ୍ୱ ପରିଦର୍ଶକ ରାମଚନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପରେ ଧାନ ବିକ୍ରୟ କେନ୍ଦ୍ର ଭିତ୍ତିଭୂମିର ବିକାଶ ନିମନ୍ତେ ଉପ-ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଭିତି ପ୍ରସ୍ତର ସ୍ଥାପନ କରାଯାଇଛି। ଉପ-ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିବା ବେଳେ କହିଛନ୍ତି ଯଶଶ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଏକ୍ ପେଡ୍ ମା'କେ ନାମ୍' ବା ମାଆ ପାଇଁ ଗଛଟିଏ ଆହ୍ୱାନ କ୍ରମେ ନିମାପଡ଼ା ବ୍ଲକ୍ କନ୍ତିଆ ଠାରେ ବୃକ୍ଷରୋପଣ କରିଥିଲେ। ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଏକ୍ ପେଡ୍ ମା'କେ ନାମ୍ ୭୫ ଲକ୍ଷ ଚାରା ରୋପଣ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚନ୍ଦ୍ର ମାଝୀ ଆହ୍ୱାନ ଦେଇଛନ୍ତି। ଏହି ମହତ୍ କାର୍ଯ୍ୟରେ ଜନସାଧାରଣ ସାମିଲ ହେବା ପାଇଁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି। ନିମାପଡ଼ା ବ୍ଲକ୍ ଅଧିନରେ ଥିବା ସମସ୍ତ ପଂଚାୟତରେ ବୃକ୍ଷରୋପଣ କରାଯିବା ପାଇଁ ସ୍ଥିର କରାଯାଇଛି। ଭୋଗଶାଳଦା ପଂଚାୟତ ସାଇଲୋ ଛକ ନିକଟରେ ଧାନମଣ୍ଡି ଶୁଭ ଭିତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ଗଡ଼ତୋରିହିଁ ଠାରେ ୧ କୋଟି ୫ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ୩ ଗୋଟି ଧାନ କ୍ରୟ କେନ୍ଦ୍ର ବରିମୁଣ୍ଡ, ନିନିଗାଁ, ଗଦେଇଜେନା ହୋଇଥିବା ବେଳେ ଧାନପିଣ୍ଡି, ଧାନ ଖଳା, ଶୌଚାଳୟ, ଚାଷୀ ପରିଚୟ ପତ୍ର ପ୍ରଦାନ ପାଇଁ ନୂତନ କୋଠରୀ ନିର୍ମାଣ ହେବାର ବ୍ୟବସ୍ଥା କରାଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି। ଏହା ଦ୍ୱାରା ହଜାର ହଜାର ଚାଷୀ ଉପକୃତ ହୋଇପାରିବେ ବୋଲି ମଧ କହିଛନ୍ତି।

# ଆଦିଦେବ ଏଣ୍ଟରଟେନ୍‌ମେଣ୍ଟ୍‌ର ପ୍ରଥମ ବାର୍ଷିକ ଉତ୍ସବ




ପାରାଦୀପ, (ଭାସ୍କର ନ୍ୟୁଜ୍): ମନୋରଞ୍ଜନ ଧର୍ମୀ ସଙ୍ଗୀତ ଅନୁଷ୍ଠାନ ଆଦିଦେବ ଏଣ୍ଟରଟେନମେଣ୍ଟ ର ପ୍ରଥମ ବାର୍ଷିକ ମହୋତ୍ସବ ପାରାଦୀପ ସ୍ଥିତ ପୋର୍ଟ କ୍ଲବ ପରିସରରେ ସେପ୍ଟେମ୍ବର ୧୩ତାରିଖ ଶନିବାର ଦିନ ମହା ସମାରୋହରେ ପାଳିତ ହୋଇଯାଇଛି। ଏକବର୍ଷ ଭିତରେ ଆଦିଦେବ ଅନୁଷ୍ଠାନର କଳାକାର ମାନେ ଉଚ୍ଚ କୋଟିର ଭଜନ ଓ ଆଧୁନିକ ସଙ୍ଗୀତ ପରିବେଷଣ କରି ସାରା ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ତେବେ ଏହି ସଫଳତାର ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠାନର ପ୍ରତିଷ୍ଠାତା ଅଧକ୍ଷା ବନ୍ଦିତା ସୁଭଦର୍ଶିନୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ପ୍ରାଧିକରଣ ଅର୍ଥ ବିଭାଗ ଅଧିକାରୀ ଓ ଜଗନ୍ନାଥ ଲଳିତ କଳା ସଂସଦର ସମ୍ପାଦକ ପ୍ରଶାନ୍ତ ମହାରଣା ମୂଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା ଓ ଶଶାଙ୍କ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଙ୍ଗୀତ କଳା କ୍ଷେତ୍ରରେ ଆଦିଦେବ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ଅଧକ୍ଷା ବନ୍ଦିତା ସୁଭଦର୍ଶିନୀ ଉପସ୍ଥିତ ସମସ୍ତ କଳାକାର ଓ ଅତିଥି ମାନଙ୍କୁ ଅଭିନନ୍ଦନ ଜଣାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅନୁଷ୍ଠାନର ଆଇନ ପରାମର୍ଶଦାତା ରବିନ୍ଦ୍ର କୁମାର ଜେନା। ଆଦିଦେବ ଅନୁଷ୍ଠାନର ସଭାପତି ବିରଜା ପ୍ରସାଦ ତ୍ରିପାଠୀ, ସହ ସମ୍ପାଦକ ସୁଧାଂଶୁ ନାୟକ, ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ଯୁଗ୍ମ ସମ୍ପାଦକ ସନ୍ତୋଷ ଭାରତୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ନାରାୟଣ ବେହେରା, ସମାଜସେବୀ ତଥା ଗ୍ରୀନ ପାରାଦୀପ ଟ୍ରଷ୍ଟର ସଭାପତି ରାକେଶ ପଟ୍ଟନାୟକ, ସମାଜ ସେବୀ ତମିଲ ପ୍ରଧାନଙ୍କ ସମେତ ବହୁ ଗଣମାଧ୍ୟମ ପ୍ରତିନିଧି ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଆଦିଦେବ ଏଣ୍ଟରଟେନ୍‌ମେଣ୍ଟ୍‌ର ଅଧକ୍ଷା ବନ୍ଦିତା ସୁଭଦର୍ଶିନୀ କହିଥିଲେ ଯେ ସଠିକ ମଞ୍ଚ ଅଭାବରୁ ଅନେକ କଣ୍ଠଶିଳ୍ପୀ ମାନଙ୍କ ପ୍ରତିଭା ବଣ ମଲ୍ଲୀ ପରି ଝଡିପଡୁଛି। ଏଣୁ ତାଙ୍କ ଅନୁଷ୍ଠାନ ଆଗାମୀ ଦିନରେ ଏକ ସଙ୍ଗୀତ ପ୍ରଶିକ୍ଷଣ ବିଦ୍ୟାଳୟ ପ୍ରତିଷ୍ଠା କରି ଉଦୀୟ ଓ ପ୍ରତିଭାବାନ କଣ୍ଠ ଶିଳ୍ପୀ ଓ କଳାକାରମାନଙ୍କୁ ତାଙ୍କ ମଞ୍ଚରେ ସଙ୍ଗୀତ ପରିବେଷଣ କରିବାର ସୁଯୋଗ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି ବୋଲି ପଟ୍ଟନାୟକ ସୂଚନା ଦେଇଥିଲେ।

# କାମଧେନୁ ଯୋଜନା ଓ ସମନ୍ୱିତ କୃଷି ପଦ୍ଧତି ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦ୍ୱାରା ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦଳୀୟ କର୍ମୀ ସମେତ ଶହ ଶହ ସଂଖ୍ୟକ ଜନସାଧାରଣ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଟାଉନ୍ ହଲ୍ ପରିସରରେ ପ୍ରାଣୀ ସମ୍ପଦ ବିଭାଗ ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ମୁଖ୍ୟମନ୍ତ୍ରୀଙ୍କ କାମଧେନୁ ଯୋଜନା ଓ ସମନ୍ୱିତ କୃଷି ପଦ୍ଧତି ରାଜ୍ୟ ଯୋଜନାରେ ହିତାଧିକାରୀଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦ୍ୱାରା କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ନିମାପଡ଼ା ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ଶୁଭଶ୍ରୀ କରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଯୋଗ ଦେଇଥିବା ବେଳେ ଉଦ୍ୟାନ ବିଭାଗ ଓଭରସିଅର କୁଳମଣୀ ମହାରଣା, ଆତ୍ମା ଅଧକ୍ଷ ଦିଲ୍ଲୀପ କୁମାର ପରିଡ଼ା, ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ମୀନଲତା ମହାନ୍ତି, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ପୁରୀ ଡ଼ା. ରାକେଶ ପାଣି, କୃଷି ବିଭାଗ ଅଧିକାରୀ କୃଷି ବିଭାଗ ପ୍ରିୟବ୍ରତ ପୃଷ୍ଟି, ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ନିମାପଡ଼ା ଡ଼ା. ପ୍ରଦୀପ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୫ଜଣଙ୍କୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ କୃଷି ବିଭାଗ ପକ୍ଷରୁ ୨୩ ଜଣଙ୍କୁ ସମନ୍ୱିତ କୃଷି ଉଦ୍ୟାନ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।

# ଅବସରକାଳୀନ ସମ୍ବର୍ଦ୍ଧନା

ବିଞ୍ଝାରପୁର, (ଭାସ୍କର ନ୍ୟୁଜ୍): ବିଞ୍ଝାରପୁର ବ୍ଲକ୍ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକ ପରିବାର ପକ୍ଷରୁ ମଣ୍ଡଳ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଆୟୋଜକଙ୍କ ପକ୍ଷରୁ ଛପାଯାଇଥିବା ନିମନ୍ତ୍ରଣ ପତ୍ରରେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ବିରୋଧି ଦଳ ମୁଖ୍ୟ ସଚେତକଙ୍କୁ ରଖାଯାଇଛି। ମଲ୍ଲିକ ବିଞ୍ଝାରପୁର ବିଧାୟିକା ଓ ବିରୋଧି ଦଳ ମୁଖ୍ୟ ସଚେତକ। ଜଣେ ବ୍ୟକ୍ତି ଏକାଧିକ ପଦ ପଦବୀରେ ରହିବାରେ ଅସୁବିଧା ନାହିଁ। ମାତ୍ର ଯାହାକୁ ମୁଖ୍ୟ ଅତିଥି ଭାବେ ଶିକ୍ଷକ ପରିବାର ପସନ୍ଦ କରିଛନ୍ତି ତାଙ୍କୁ ହିଁ ମୁଖ୍ୟ ବକ୍ତା ଭାବରେ ରଖା ଯିବାର ପ୍ରାସଙ୍ଗିକତାକୁ ନେଇ ବୁଦ୍ଧିଜୀବି ମହଲରେ ଅଙ୍ଗୁଳି ଉଠିଛି। ଅବସରପ୍ରାପ୍ତ ବିଇଓ ବିଶ୍ୱାଳଙ୍କ କାର୍ଯ୍ୟକାଳ ସମୟରେ ବିଦ୍ୟାଳୟ ଗୁଡିକରେ ନାନାଦି ଦୁର୍ନୀତି, ଅନିୟମିତତା ହୋଇଛି। ଜିଲ୍ଲା ପ୍ରଶାସନ ପାଖରେ ଏନେଇ ଅଭିଯୋଗ ଓ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରା ତଦନ୍ତ କମିଟି ଗଠନ କରାଯିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ବିବାଦୀୟ ସରକାରୀ ଅଧିକାରୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ବକ୍ତା ନ ମିଳିବା ସ୍ୱାଭାବିକ। ସେଇଥି ପାଇଁ ବୋଧ ହୁଏ ଜଣେ ବ୍ୟକ୍ତିଙ୍କୁ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ପସନ୍ଦ କରିଛନ୍ତି ଆୟୋଜକ।

# ଭୈରବୀ ଡ଼ିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

ବୌଦ୍ଧ, (ଭାସ୍କର ନ୍ୟୁଜ୍): ଭୈରବୀ ଡ଼ିଗ୍ରୀ ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଅନିକୁଲ୍ୟ ରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ରମେଶ ଚନ୍ଦ୍ର ତରେଣିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯକ୍ରମ ରେ ଅତିଥି ଭାବରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଲଳିତ କୁମାର ମେହେର,ରଞ୍ଜିତ କୁମାର ସାମଲ, ପୀତବାସ ମେହେର, ଅଧ୍ୟାପିକା ସୁଷମା ରାଣୀ ବୋହିଦାର, ସୁଭ୍ରା ମଲ୍ଲିକା ପ୍ରଧାନ, ପୂଜାରଣି ଦେଓ, ଦମୟନ୍ତୀ ନାୟକ, ଖେଳ ଶିକ୍ଷକ ମଧୁସୂଦନ ବେହେରା ଯୋଗଦାନ କରିଥିଲେ। ପ୍ରାଥମିକ ଚିକିତ୍ସା ତାଲିମଦାତା ଭାବରେ ମହାବିଦ୍ୟାଳୟର ଅଧ୍ୟାପକ ତଥା ଯୁବ ରେଡକ୍ରସ୍ ଜିଲ୍ଲା ସଂଯୋଜକ ସୁରେଶ୍ୱର ଯୋଶୀ ତାଲିମ ପ୍ରଦାନ କରିଥିଲେ। ଦୁର୍ଘଟଣା ଜନିତ ମୃତ୍ୟୁ, ସାପ କାମୁଡା, ପୋଡ଼ି ଯିବା, ଖଣ୍ଡିଆ ହେବା ଇତ୍ୟାଦି ସମୟରେ କିପରି ଭାବରେ ପ୍ରାଥମିକ ସହାୟତା ପ୍ରଦାନ କରାଯିବା ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ନିଜେ ସଚେତନ ହେବା ସହ ପ୍ରାଥମିକ ଚିକିତ୍ସା ମାଧ୍ୟମରେ ଅନ୍ୟମାନଙ୍କୁ କିପରି ସହାୟତା ପ୍ରଦାନ କରାଯାଇପାରିବ ଗୁରୁତ୍ୱ ପ୍ରଦାନ କରାଯାଇଥିଲା।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ନବରଙ୍ଗପୁର (ଭାସ୍କର ନ୍ୟୁଜ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରର ଅଧ୍ୟକ୍ଷ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦୌରାଜଜ୍ ସୁବ୍ରତ ମହାନ୍ତି ୮ (ଗୋଟି) ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ଦାବି (MACT) ବାବଦକୁ ଫଇସଲା କରି ଟ.୧, ୩୮,୪୯,୬୨୦/- କ୍ଷତିପୂରଣ ଆଦାୟ କରିଛନ୍ତି। ପରିବାର ବିଚାର ବିଭାଗୀୟ ଜଜ୍ ଲିଣ୍ଡିଆ ପରଯାୟ ୧୬ଟି ପାରିବାରିକ ବିବାଦ କେସ୍ ସମାଧାନ କରିଛନ୍ତି। ସେଥିମଧ୍ୟରୁ ଦୁଇଟି କେସ୍‌ରେ ଦୀର୍ଘଦିନ ବିବାଦର ଅନ୍ତ ଘଟାଇ ଦମ୍ପତିଙ୍କ ମଧ୍ୟରେ ଆପୋଷ ମିଳାମିଶା କରାଇଛନ୍ତି। ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସାମା ତ୍ରିପାଠୀ ୪ଟି ଏନଆଇ ଆକ୍ଟ କେସ୍ ସମାଧାନ କରିଛନ୍ତି। ବରିଷ୍ଠ ବେଞ୍ଚାମା ଜଜ୍ ମୋନିତା ତ୍ରିପାଠୀ ୩ଟି ବ୍ୟାଙ୍କ ଋଣଦେୟ ସମ୍ବନ୍ଧୀୟ ବିବାଦର ଫଇସଲା କରି ଟ.୨,୪୦,୦୦୦ ଟଙ୍କା ଆଦାୟ କରିଛନ୍ତି। ଭାରପ୍ରାପ୍ତ ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅଙ୍କିତା ପାଣିଗ୍ରାହୀ ୬୬୨ଟି ଫୌଜଦାରୀ ମକଦ୍ଦମା ସମାଧାନ କରିଛନ୍ତି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସର୍ବମୋଟ ୭୦୨ଟି କୋର୍ଟ କେସ ଓ ୧୬,୪୦୧ଟି ରାଜସ୍ୱ କେସର ଫଇସଲା କରାଯାଇ ଟ.୬,୧୨,୪୩୦ ରାଜସ୍ୱ ଆଦାୟ କରାଯାଇଛି। ସେହିପରି ବ୍ୟାଙ୍କର ୨୨ଟି ପ୍ରାକ୍ ମକଦ୍ଦମା ମଧ୍ୟ ଫଇସଲା କରାଯାଇ ଟ.୪,୭୯,୬୮୪/- ଋଣ ଆଦାୟ କରାଯାଇଛି। ଟିପିଏସଓଡ଼ିଏଲ ୧୯୭ଟି ପ୍ରାକ ମକଦ୍ଦମା ମଧ୍ୟ ଫଇସଲା କରାଯାଇ ଟ.୧୪,୮୬,୨୫୧ /- ବିଦ୍ୟୁତ ଦେୟ ବାବଦକୁ ଆଦାୟ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଅନ୍ୟାନ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାଜଜ୍ ବିଷ୍ଣୁ ପ୍ରସାଦ ମିଶ୍ର, ଯୋଗ ଦେଇଥିଲେ।



## ଯୁବ ରେଡ୍‌କ୍ରସର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ



ରାୟଗଡା(ଭାସ୍କର ନ୍ୟୁଜ): ଯୁବ ରେଡ୍‌କ୍ରସର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ-୨୦୨୫ ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତଥା ପରିଚାଳନା କମିଟି ସଭାପତି ନବୀନ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ, ଯୁବ ରେଡ୍‌କ୍ରସ ମାଧ୍ୟମରେ ଯୁବପିଢ଼ିଙ୍କୁ ସମାଜସେବା, ମାନବିକତା, ସଚେତନତା ଓ ନୈତିକ ମୂଲ୍ୟବୋଧରେ ଅଗ୍ରଣୀ ଭୂମିକା ନେବାକୁ ଉତ୍ସାହିତ କରିଥିଲେ। ସେ କହିଥିଲେ ଯେ, 'ଆଜିର ଯୁବଗୋଷ୍ଠୀ କେବଳ ଶିକ୍ଷାରେ ନୁହେଁ, ସମାଜର ସମସ୍ୟା ପ୍ରତି ସଚେତନ ହୋଇ ସହାୟତାର ହାତ ବଢ଼ାଇବା ଉଚିତ୍। ଜିଲ୍ଲା ରେଡ୍‌କ୍ରସର ସଭାପତି ତଥା ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ସରସ୍ୱତୀ ରାୟ ସଭାରେ ଅଧ୍ୟକ୍ଷତା କରିଥିଲେ। ସେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଯୁବ ରେଡ୍‌କ୍ରସ ଦ୍ୱାରା ଯୁବକମାନଙ୍କୁ ସାମାଜିକ, ସାଂସ୍କୃତିକ ଓ ସେବାମୂଳକ କାର୍ଯ୍ୟରେ କିପରି ପ୍ରେରିତ କରାଯାଉଛି, ତାହା ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ସଂଯୋଜକ ଟିକେଶ୍ୱର ମାଝୀ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ପୂର୍ବବର୍ଷର କାର୍ଯ୍ୟକଳାପ ଉପରେ ବିସ୍ତୃତ ବିବରଣୀ ପ୍ରସ୍ତୁତ କରିଥିଲେ। ସେ ଯୁବ ରେଡ୍‌କ୍ରସର ଶିବିର, ସଚେତନତା ରାଲି, ରକ୍ତଦାନ ଶିବିର, ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ, ସ୍ୱଚ୍ଛତା ଅଭିଯାନ, ରେଡ୍ ରାବନ୍ କ୍ଲବ୍ ଅଭିଯାନ ଇତ୍ୟାଦିର ସଫଳତାକୁ ଉଲ୍ଲେଖ କରିଥିଲେ। ଜିଲ୍ଲା ସମନ୍ୱୟ ଅଧିକାରୀ ପ୍ରଶାନ୍ତ ପଣ୍ଡା ଆଗାମୀ ବର୍ଷ ପାଇଁ କାର୍ଯ୍ୟଯୋଜନା ପ୍ରସ୍ତୁତ କରି, ସମସ୍ତ କଲେଜ୍ ୱାଇଆରସି ୟୁନିଟ୍‌କୁ ସେଥିରେ ସକ୍ରିୟ ଭାବରେ ଯୋଗଦେବାକୁ ଅନୁରୋଧ କରିଥିଲେ। ସେ କହିଥିଲେ ଯେ, 'ଯୁବ ରେଡ୍‌କ୍ରସ କେବଳ ଏକ ସଂଗଠନ ନୁହେଁ ବରଂ ଏହା ଏକ ଆନ୍ଦୋଳନ ଯାହା ସଚେତନ ଯୁବପିଢ଼ିକୁ ତିଆରି କରୁଛି।' ଜିଲ୍ଲାର ବିଭିନ୍ନ କଲେଜର ଅଧ୍ୟକ୍ଷ ଓ ଯୁବ ରେଡ୍‌କ୍ରସ କାଉନସେଲରମାନେ ସଭାରେ ତାଙ୍କର ମୂଲ୍ୟବାନ ପରାମର୍ଶ ରଖିଥିଲେ। ସେମାନଙ୍କର ସହଭାଗୀତା ଯୁବ ରେଡ୍ କ୍ରସର ଆଗାମୀ କାର୍ଯ୍ୟକ୍ରମକୁ ଦୃଢ଼ ଏବଂ ସଫଳ କରିବାରେ ଶକ୍ତି ଦେଇଥିଲା। ସଭାର ଶେଷରେ ପରାମର୍ଶଦାତା ପ୍ରିୟଦର୍ଶିନୀ ବଳ ଧନ୍ୟବାଦ ଜ୍ଞାପନ କରିଥିଲେ, ଯେଉଁଥିରେ ସେ ସମସ୍ତ ଅତିଥି, ଅଧ୍ୟକ୍ଷ, କାଉନସେଲର ଓ ସ୍ୱେଚ୍ଛାସେବୀମାନଙ୍କୁ ଧନ୍ୟବାଦ୍ ଜଣାଇଥିଲେ। ଏହି ସଭା ଯୁବ ରେଡ୍‌କ୍ରସ ଆନ୍ଦୋଳନକୁ ରାୟଗଡା ଜିଲ୍ଲାରେ ଆହୁରି ସକ୍ରିୟ, ସଚେତନ ଓ ସମାଜମୁଖୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

# ରାସ୍ତା ପାଇଁ ଜାତୀୟ ରାଜପଥ ଅବରୋଧ

ସଇଁତଲା (ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ବରଗାଁ ଜାତୀୟ ରାଜପଥ ୨୬ ରୁ ସଂଯୋଗ ହୋଇଥିବା ଡଙ୍ଗରମୁଣ୍ଡାକୁ ରାସ୍ତା ଦୀର୍ଘଦିନରୁ ଶୋଚନୀୟ ଅବସ୍ଥା ହୋଇପଡିଛି। ବର୍ଷର ସବୁ ସମୟରେ ଲୋକେ ସମସ୍ୟାର ସାମ୍ନା କରିବାକୁ ପଡୁଥିବା ବେଳେ ବର୍ଷା ଦିନେ ଲୋକେ ନାହି ନ ଥିବା ସମସ୍ୟାର ସାମ୍ନା କରନ୍ତି ତା'ସହ ସ୍କୁଲ, କଲେଜ, ବ୍ୟବସାୟ କାମରେ ଲୋକଙ୍କୁ ଅନେକ ବାଧା ଦେଇଥାଏ। ତେବେ ଅନେକ ଥର ସ୍ଥାନୀୟ ଲୋକେ ପ୍ରଶାସନ ଠୁ ଆରମ୍ଭ କରିକି ନେତା ମନ୍ତ୍ରୀଙ୍କୁ ଗୁହାରି କରିଥିଲେ ଶୁଦ୍ଧା କେହି କର୍ଣ୍ଣପାତ କରୁନାହାନ୍ତି। ତେବେ ବାଧ ହୋଇ ଆଜି ସ୍ଥାନୀୟ ଲୋକେ ଆଜି ଜାତୀୟ ରାଜପଥ ୨୬ ବରଗାଁ ଛକକୁ ଅବରୋଧ କରିଥିଲେ। ତେବେ ଖବର ପାଇ ବିଜେଡି ନେତା ସୁରେନ୍ଦ୍ର ସିଂ ଭୋଇ ରାସ୍ତା ଅବରୋଧ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ମାଣିକ କୁମାର ଓ ଶ୍ରୀମନ୍ତ ପଣ୍ଡା ପହଞ୍ଚି ଆନ୍ଦୋଳନକାରୀ ମାନଙ୍କ ସହ ଆଲୋଚନା କରିବା ସହ ୨ ମାସ ପରେ କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ହଟିଥିଲା। ଅନ୍ୟପଟେ ପୂର୍ବ ବିଜେଡି ସରକାର ଥିବା ସମୟରେ ୪୦୨.୬୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ନିର୍ବାଚନ ଥିବା ନେଇ କାମ ଟେଣ୍ଡର ହୋଇନ ଥିଲା ତେବେ ସରକାର ପରିବର୍ତ୍ତନ ହେବାପରେ ଏହି କାମଟି ଅଟକି ଥିଲା ପରବର୍ତ୍ତୀ ସମୟରେ ଟିଟିଲାଗଡ ବିଧାୟକ ନବିନ ଜୈନ ରାଜ୍ୟ ସରକାରଙ୍କୁ ଏହି ରାସ୍ତାର ସମାଧାନ ପାଇଁ ଚିଠି ଲେଖିଥିଲେ। ପରେ ୩୬୦ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡିଛି। ତେବେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ପୋଲିସ୍ ଓ ନିଆଳି ମହାବିଦ୍ୟାଳୟ ପକ୍ଷରୁ ମିଳିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଫୁଲନଖରା ନିଆଳି ୬୦ ନମ୍ବର ରାଜ୍ୟ ରାଜପଥ ନୂଆ ଗାଁ ଛକ ଠାରେ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ନିଆଳି ପୋଲିସ୍, ବାଇକ ଆରୋହୀ ଓ ଚାରି ଚକିଆ ଯାନ ଯାଉଥିବା କର୍ମଚାରୀଙ୍କୁ ଗୋଲାପ ଫୁଲ ଦେଇ ସଚେତନ କରାଇଛନ୍ତି। କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମ କରାଯାଉଥିବା ସଦର ଏସ୍‌ଡିପିଓ କିରଣ ହେମ୍ବ୍ରମ ସୂଚନା ଦେଇଛନ୍ତି। ନିଆଳି ଥାନା ଆଇଆଇସି ବିଜୟ କୁମାର ମଲିକ୍, ନିଆଳି କଲେଜ ଅଧ୍ୟକ୍ଷ ଡ଼ ବିନୋଦ କୁମାର ବେହେରା , ଏସ୍‌ଆଇ ପ୍ରଶାନ୍ତ ବେହେରା, ଜଗନ୍ନାଥ ପାଣିଗ୍ରାହୀ, ଏଏସ୍‌ଆଇ ରାଜୀବ ଲୋଚନ ଦାଶ, ହୀରନ ବିଦ୍ୟାଧର ମହାପାତ୍ର, ଡ଼ ଶ୍ରୀଧର ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଆଞ୍ଚଳିକ କୋଷ୍ଟିଆ ତନ୍ତୀ ସମାଜର ବୈଠକ

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କଲଦା ଗ୍ରାମ ପଞ୍ଚାୟତ ଅଧିନ ବ୍ରାହ୍ମଣବେଡିଆ ଠାରେ କୋଷ୍ଟିଆ ତନ୍ତୀ ସମାଜର ବୈଠକ ଶନିବାର ଅନୁଷ୍ଠିତ ହୋଇଅଛି । ଏହି ବୈଠକ ସମାଜର ଜୟନ୍ତ କୁମାର ସାହୁଙ୍କ ଆହ୍ୱାନ କ୍ରମେ ଗ୍ରାମର ବୟୋଜ୍ୟେଷ୍ଠ ପ୍ରଫୁଲ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓକିଲ ସଂଘ ସଭାପତି ଅଶୋକ କୁମାର ଦଳବେହେରା, ସମାଜର ଉପଦେଷ୍ଟା, ସଂଯୋଜକଙ୍କ ଉପସ୍ଥିତରେ ସଭାକାର୍ଯ୍ୟ ହୋଇଥିଲା। ସରକାରଙ୍କ ଖତିୟାନ ଅନୁଯାୟୀ ବସବାସ କରୁଥିବା ଗାଁରେ ତନ୍ତୀ ଜାତି ତିନି ଭାଗରେ ବିଭକ୍ତ ହୋଇଥିବା ଜଣାପଡିଛି । ଖତିୟାନ ଅନୁସାରେ କେତେକ ପ୍ରଜାଙ୍କର ତନ୍ତୀ ଜାତି ଥିବା ବେଳେ ଆଉ କେତେକ ଜମି ପଟ୍ଟାରେ କୋଷ୍ଟିଆ ଜାତି ରହିଛି, ସେହିପରି ଆଉ କେତେକ ଜମି ପଟ୍ଟାରେ କୋଷ୍ଟିଆ ତନ୍ତୀ ଜାତି ନାମରେ ଉଲ୍ଲେଖ ରହିଛି । ୧୯୮୧ ମସିହା ରେକର୍ଡ ସମୟରେ କୋଷ୍ଟିଆ ତନ୍ତୀ ଜାତି ବଦଳରେ କେବଳ କୋଷ୍ଟିଆ ଜାତି ହୋଇ ରହିଥିବାରୁ ଏହି ଜାତିର ଲୋକ ମାନେ ସରକାରଙ୍କ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଥିଲା। ବର୍ତ୍ତମାନ ପରିସ୍ଥିତିରେ ଏହି ଜାତିର ପ୍ରଜା ମାନେ ତନ୍ତୀ କିମ୍ବା କୋଷ୍ଟିଆ ତନ୍ତୀ ଜାତିରେ ଅନ୍ତର୍ଭୁକ୍ତ ହୋଇନଥିବାରୁ ଏମାନଙ୍କ ପାଠ ପଢା ପିଲା ମାନେ ଓବିସି ଓ ଏସଇବିସି ସାର୍ଟିଫିକେଟ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ଆଣିଛନ୍ତି । ଯାହା ଫଳରେ ଶନିବାର ଦିନ ଏହି ଜାତିର ଶତାଧିକ ମହିଳା ଓ ପୁରୁଷ ମାନେ ଏକତ୍ରିତ ହୋଇ ବ୍ରାହ୍ମଣବେଡିଆ ଗ୍ରାମ ଚଉପାଢ଼ୀ ପ୍ରାଙ୍ଗଣରେ ବୈଠକରେ ଅସନ୍ତୋଷ ପ୍ରକାଶ କରିଥିଲେ । ଉକ୍ତ ବୈଠକରେ ବିଭିନ୍ନ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ଲିଖିତ ଆକାରରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କୁ ଜଣାଇଥିବା ବେଳେ ବିଧାନ ସଭାରେ ଏହି ଜାତି ଉପରେ ଦାବି ଉତଥାପନ କରିବାକୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପରିଶେଷରେ ସଭାର ସମ୍ପାଦକ ଶ୍ରୀକର ସାହୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

## 'ଆସ ସ୍କୁଲ ଯିବା' ପଦଯାତ୍ରା




ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) : ଅଧାରୁ ପାଠ ଛାଡ଼ିଥିବା, ବିଦ୍ୟାଳୟରେ ଆଦୌ ନାମ ଲେଖାଇ ନଥିବା ଏବଂ ବାହାରେ ବୁଲୁଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ନେଇ ରାଜ୍ୟବ୍ୟାପି ଏକ ଅଭିଯାନ ଆରମ୍ଭ ହୋଇଛି। ଏଇ କ୍ଷେତ୍ରରେ ଲକ୍ଷ୍ମୀପୁର ସାଙ୍ଗାନ୍ନା ହାଇସ୍କୁଲ ତରଫରୁ ଏକ ସଚେତନ ପଦଯାତ୍ରାର ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରାରେ ସାଙ୍ଗାନ୍ନା ହାଇସ୍କୁଲର ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ପରିଚାଳନା କରିଥିବା ବେଳେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପଦଯାତ୍ରାରେ ସାମିଲ ହୋଇଥିଲେ।

## ଗ୍ୟାସ୍ ସିଲିଣ୍ଡର ନିଆଁରୁ ଜଳିଗଲା ୩ ବଖରା

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଖଟିଆକୁଦି ଗ୍ରାମର ମାୟାଧର ତରେଇଙ୍କ ଘରେ ରୋଷେଇ କରିବା ସମୟରେ ଗ୍ୟାସ୍ ସିଲିଣ୍ଡର ଲିକ୍ ହୋଇ ତିନିବଖରା ବାସଗୃହ ସମ୍ପୂର୍ଣ୍ଣ ଭାବେ ଜଳିପୋଡି ପାଉଁଶ ହୋଇଯାଇଛି। ଅପରାହ୍ନ ତିନିଘଣ୍ଟା ସମୟରେ ରୋଷେଇ କରୁଥିବା ବେଳେ ହଠାତ୍ ଗ୍ୟାସ ସିଲିଣ୍ଡରରୁ ଅଗ୍ନିଜାତ ହୋଇ ଚାଳକୁ ଧରିଥିଲା। ହଠାତ୍ ଦେଖୁଦେଖୁ ନିଆଁ ପ୍ରକୋପ ଏତେମାତ୍ରାରେ ଥିଲା ଯେ ଗ୍ରାମବାସୀ ନିଆଁକୁ ଆୟତ୍ତ କରିବା ଅସମ୍ଭବ ହୋଇପଡିଥିଲା ଓ ମାଲୁଦ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଯାହାଫଳରେ ନିଆଁ ଅନ୍ୟ ଘରକୁ ବ୍ୟାପି ନଥିଲା। କିନ୍ତୁ ମାୟାଧରଙ୍କ ଘରେ ଥିବା ଆସବାପତ୍ର ଠାରୁ ଆରମ୍ଭ କରି ବର୍ଷକ ଖାଦ୍ୟ ସାମଗ୍ରୀ ସହ ଟିଭି, ଫ୍ରିଜ, ପିଲାଙ୍କ ବହିପତ୍ର, ସମସ୍ତଙ୍କ ଆଧାର କାର୍ଡ, ଭୋଟ ପରିଚୟ ଓ ଜମିର ସମସ୍ତ ପଟ୍ଟା ପାଉତି, କଂସାବାସନ ଆଦି ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଘଟଣାସ୍ଥଳରେ କୃଷ୍ଣପ୍ରସାଦ ତହସିଲଦାର ବିକାଶ ସେଠି କୃଷ୍ଣପ୍ରସାଦ ରାଜସ୍ୱ ନିରୀକ୍ଷକ ଦିଲ୍ଲୀପ କିଶାନ ଓ ବଡଅଂଳ ସରପଞ୍ଚ ପହଞ୍ଚି କିଛି ଶୁଖିଲା ଖାଦ୍ୟ ଚୁଡା ଗୁଡ ବିସ୍କୁଟ ପଲିଥିନ ଓ ଲୁଗା ଗାମୁଛା ଅଗ୍ନିବିପନ୍ନ ପରିବାରକୁ ଯୋଗାଇ ଦେଇଥିଲେ। ବୀଣାପାଣି ପ୍ରଧାନ ଯଥାଶୀଘ୍ର ଅଗ୍ନି ବିପିନ୍ନ ପରିବାରକୁ ଏକ ପକ୍କା ଗୃହ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ହାଇୱା ଯୋଗୁଁ ନଷ୍ଟ ହେଉଛି ରାସ୍ତା, ବଢୁଛି ଦୁର୍ଘଟଣା



ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲାରେ ହାଇୱାର ବହୁଳ ଭାବେ ବାଲି ଓ ଘର ତିଆରି ଉପକରଣ ପରିବହନ ହେବାରୁ ଜିଲ୍ଲାର ରାସ୍ତା ଗୁଡିକ ନଷ୍ଟ ହେବା ସହିତ ଦୁର୍ଘଟଣା ବୃଦ୍ଧି ପାଉଛି। ମାତ୍ର ହାଇୱା ବେଆଇନ ଭାବେ ଚଳାଚଳ ପ୍ରତି ପୋଲିସ ଓ ଆଞ୍ଚଳିକ ପରିବହନ ଅଧିକାରୀ ଦୃଷ୍ଟି ଦେଉନଥିବା ସମୟରେ ଜିଲ୍ଲା ପ୍ରଶାସନ ମଧ୍ୟ ବେଆଇନ ହାଇୱା ଚଳାଚଳ ପ୍ରସଙ୍ଗରେ ନିରବ ରହୁଛି। ଏତଦ୍‌ଭିନ୍ନ ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳ ସେଚନ ବିଭାଗ ଇତ୍ୟାଦି ସେମାନଙ୍କର ବିଭାଗର ରାସ୍ତା ଉପରେ କେତେ ଟନ ଓଜନର ମାଲ ପରିବହନ କରିହେବ ତାହାର ସୂଚନା ଫଳକ ଲଗାଉ ନାହାନ୍ତି। ଏଭଳି ସ୍ଥିତିରେ ବେଆଇନ ଭାବେ ହାଇୱା ଗୁଡିକ ପ୍ରାୟ ୫୦ଟନ ଓଜନର ବାଲି ଚୋରା ଚାଲାଣ କରି ଗାଁ ଗଣ୍ଡା ପର୍ଯ୍ୟନ୍ତ ପରିବହନ କରିବାରୁ ରାସ୍ତା ଅବସ୍ଥା ଖରାପ ହେବା ସହିତ ବାରମ୍ବାର ଦୁର୍ଘଟଣା ମଧ୍ୟ ଘଟିଛି। ଏଠାରେ ପ୍ରକାଶ ଥାଉକି ବେଆଇନ ବାଲି ଚାଲାଣରେ ସମଗ୍ର ଜିଲ୍ଲାରେ ହାଇୱା ଗୁଡିକ ନିୟୋଜିତ ହୋଇଛନ୍ତି। ଏହି ହାଇୱା ମାଲିକ ଓ ଚାଳକ ମାନେ ଥାନା, ତହସିଲ ଠାରୁ ଆରମ୍ଭ କରି ରାଜନେତା ଓ ଦଲାଲ ମାନଙ୍କୁ ଉତ୍କୋଚ ଦେଇ ଗାଁ ଗଣ୍ଡା ପର୍ଯ୍ୟନ୍ତ ବାଲି ପରିବହନ କରୁଛନ୍ତି। ବେଆଇନ ହାଇୱା ଗୁଡିକ ୫୦ ଟନ୍ ପର୍ଯ୍ୟନ୍ତ ଓଜନର ବାଲି ଚୋରା ଚାଲାଣ କରିବାରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା, ବ୍ଲକ ରାସ୍ତା, ପଞ୍ଚାୟତ ସମିତି ରାସ୍ତା ଓ ଜଳ ସେଚନ ରାସ୍ତା ଗୁଡ଼ିକ ଭାଙ୍ଗି ନଷ୍ଟ ହୋଇଯାଉଛି। ବିଶେଷ କରି ଓଭର ଲୋଡ଼ ଓ ଚୋରା ବାଲି ନେଇ ଯାଉଥିବା ହାଇୱା ଗୁଡିକ ଦ୍ରୁତଗତିରେ ଯାତାୟାତ କରୁଥିବାରୁ ଦୁର୍ଘଟଣା ମଧ୍ୟ ଘଟାଉଛନ୍ତି। ମାତ୍ର ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ଆଞ୍ଚଳିକ ପରିବହନ ଇତ୍ୟାଦି ନିରବ ରହୁଛନ୍ତି। ୨, ୪ ଦିନ ତଳେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଆରଡ଼ି ବିଭାଗ ଉପରେ ବର୍ଷିବା ସହିତ ସୂଚନା ଫଳକ ଲଗାଇବା ପାଇଁ ତାଗିଦ କରିଥିଲେ।

■ କଳ୍ପନା ଜଳ୍ପନାର ଅବସାନ

## ଉଠିବ ଜବରଦଖଲ

ଚିକିଟୀ (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟୀ ପେଣ୍ଠରେ ଅନେକ ବର୍ଷ ହେଲା ବଜାର ମଧ୍ୟରେ ଜନସାଧାରଣ ଓ ବ୍ୟବସାୟୀମାନେ ନିଜର ବ୍ୟବସାୟ କରିକୁ ସୁବିଧା ଜାଗା ହିସାବରେ ସରକାରୀ ଜାଗାକୁ ନିଜ ଅଧୀନକୁ ନେଇ ବେଶ ଖୁସି ରହି ଆସୁଥିଲେ। ଏପଟେ ଏହି ଜବରଦଖଲ ହେତୁ ପେଣ୍ଠ ଦେଇ ଯାଇଥିବା ରାଜ୍ୟ ରାଜପଥ ଅଣଓସାରିଆ ହୋଇ ରହିଥିବା ହେତୁ ସାଧାରଣରେ ଯାତାୟାତରେ ବ୍ୟାଘାତ ସୃଷ୍ଟି ହୋଇଆସୁଛି । ମାତ୍ରାଧିକ ଯାନବାହାନ ଯାତାୟାତ ସହ ଦୋକାନକୁ କିଣିବାକୁ ଆସୁଥିବା ଗ୍ରାହକ ମାନଙ୍କ ବାହାନ ରାସ୍ତା କଡରେ ରହୁଥିବା ବେଳେ ମଧ୍ୟ ସାଧାରଣ ଯାତ୍ରୀଙ୍କ ଯିବା ଆସିବା ଅତ୍ୟନ୍ତ ମୁସ୍କିଲ୍ ହେବାରେ ଲାଗିଥାଏ। ଏହାକୁ ଦୃଷ୍ଟି ଦେଇ କିଛି ବର୍ଷ ତଳେ ପୋଲିସ ପ୍ରଶାସନ ନିଜର ଗୃହରକ୍ଷି ମାନକୁ ସହର ଆଗ ପଛରେ ମୁତୟନ କରି ଆଠଟାରୁ ବାରଟା ପର୍ଯ୍ୟନ୍ତ ନୋ ଏଣ୍ଟ୍ରି ଧାରା ଲଗାଇ ଥିବା ମଧ୍ୟ ଦେଖିବାକୁ ମିଳୁଛି । ମୁଖ୍ୟତଃ ଏହି ବଜାର ଉପରେ ନିକଟସ୍ଥ ଆଖପାଖ ଅଂଚଳର ଜନସାଧାରଣ ନିଜର ଯାବତୀୟ ଜିନିଷ କିଣିବା ସକାଶେ ସକାଳ ସନ୍ଧ୍ୟାରେ ଭିଡ଼ ଲଗାଇଥିବା ମଧ୍ୟ ଦେଖିବାକୁ ମିଳୁଛି । ସେଭଳି ଅନେକ ସମୟରେ ଅନେକ ଆମ୍ବୁଲାନ୍ସ ଗତି କରିବା ଅତ୍ୟନ୍ତ ମୁସ୍କିଲ ବେପାର ହୋଇ ଆସୁଥିବା ମଧ୍ୟ ଦେଖିବାକୁ ମିଳୁଛି । ବାରମ୍ବାର ଗଣମାଧ୍ୟମରେ ଉକ୍ତ ସ୍ଥିତି ପ୍ରକାଶ ପାଇଆସୁଥିବା ବେଳେ କୌଣସି ଫରକ ପଡୁନଥିଲା। କିଛିବର୍ଷ ତଳେ ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ ଏହି ପଦକ୍ଷେପ ଗ୍ରହଣ କରିଥିଲେ କିନ୍ତୁ କିଛି ରାଜନୈତିକ କୁଚକ୍ରୀ ବ୍ୟକ୍ତି ପତିଆରା ବ୍ୟକ୍ତିଙ୍କୁ ଧରି ନିଜର ବୁଦ୍ଧି ଖଟାଇ ସ୍ଥଗିତାଦେଶ ଆଣି ସମସ୍ତ ଯୋଜନାକୁ ପଙ୍ଗୁ କରିଦେଇଥିଲେ। ଦିନକୁ ଦିନ ଏହି ବଜାର ଅତ୍ୟନ୍ତ ଭିଡ଼ ହୋଇଆସୁଥିବା ବେଳେ ଅନେକ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହୋଇଥିବା ମଧ୍ୟ ଦେଖିବାକୁ ମିଳୁଛି। ଇତି ମଧ୍ୟରେ ଗତ କିଛିଦିନ ହେଲା ପ୍ରଶାସନର ଶୁଭ ଦୃଷ୍ଟି ଏହି ବ୍ୟବସ୍ଥା ଉପରେ ପଡିବାରୁ ଆଜି ତହସିଲ ପ୍ରଶାସନ ତରଫରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଯାଇଛି । ଏହା ଫଳରେ ଜବରଦଖଲକାରୀଙ୍କ ମନରେ ଛନକା ପଶିଥିବା ବେଳେ କିଛି ରାଜନୈତିକ ବ୍ୟକ୍ତି ଏହାକୁ ଭଣ୍ଡୁର କରିବା ପାଇଁ ଆପ୍ରାଣ ଚେଷ୍ଟା କରୁଥିବା କଥା ପଦାକୁ ଆସୁଛି।

## କୋଷ୍ଟା ସରକାରୀ ଉଚ୍ଚବିଦ୍ୟାଳୟର ସଫଳତା



ଶୁଳିଆପଦା (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଦ୍ୱାରା ସଦତ୍ତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କ୍ଷେତ୍ରରେ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ କୋଷ୍ଟା ଉଚ୍ଚ ବିଦ୍ୟାଳୟ ଯଶ କ୍ଷେତ୍ରରେ ଆଉ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ବିଗତ ବର୍ଷ ଶ୍ରେଷ୍ଠ ବିଦ୍ୟାଳୟ ଶ୍ରେଷ୍ଠ ପ୍ରଧାନଶିକ୍ଷକ ଶ୍ରେଷ୍ଠ ଆଲୁମିନି ଶ୍ରେଷ୍ଠ ଏସ.ଏମ.ସି ପୁରସ୍କାର ପ୍ରାପ୍ତ ହୋଇ ଅମାପ ଗର୍ବ ଗୌରବ ସାଉଁଟି ଥିବା ଉକ୍ତ ବିଦ୍ୟାଳୟର ଚଳିତ ବର୍ଷ ୩ଜଣ ପ୍ରମୁଖ ଶିକ୍ଷକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ କରିଛନ୍ତି। ସଂସ୍କୃତରେ ସପନ କୁମାର ଦାସ, ସାମାଜିକ ବିଜ୍ଞାନରେ ଓମ୍ ପ୍ରକାଶ ମହାନ୍ତ ଓ ଇଂରାଜୀରେ ରଂଜନ କୁମାର ଦାସ ପୁରସ୍କୃତ ହୋଇଛନ୍ତି। ଏଥିପାଇଁ ଅଭିଭାବକ ଅଭିଭାବିକା ଓ ସ୍ଥାନୀୟ ବାସିନ୍ଦାମାନଙ୍କ ତରଫରୁ ପ୍ରଧାନଶିକ୍ଷକ ଶ୍ରୀମାନ ତ୍ରିଲୋଚନ ଗିରିଙ୍କୁ ଭରିଭର ପ୍ରଶଂସା ସହ ଶୁଭେଚ୍ଛାର ସୁଅ ଛୁଟୁଛି ସମଗ୍ର ଜିଲ୍ଲା ମଧ୍ୟରେ ଗୋଟିଏ ବିଦ୍ୟାଳୟରୁ ୩ଜଣ ଶିକ୍ଷକ ରାଜ୍ୟସ୍ତରୀୟ ପୁରସ୍କାର ପ୍ରାପ୍ତ ହୋଇଥିବାରୁ ଉକ୍ତ ବିଦ୍ୟାଳୟରେ ଖୁସିର ଲହରି ଖେଳି ଯାଇଛି।

## ଆଶାକର୍ମୀଙ୍କ ମୃତ୍ୟୁର ନ୍ୟାୟ ଦାବିରେ ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ଘେରାଉ




ରାଇଘର(ଭାସ୍କର ନ୍ୟୁଜ) ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡିଶା ରାଜ୍ୟ ଅଶାକର୍ମୀ ସଂଘ ନବରଙ୍ଗପୁର ଜିଲ୍ଲା ତରଫରୁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାୟ ଚାରି ଘଣ୍ଟା ବସି ରହିଥିଲେ ଆଶା କର୍ମୀ ସଂଘର କର୍ମୀମାନେ। ପ୍ରକାଶ ଥାଉ କି ଉମରକୋଟ ବ୍ଲକ ଚିକଲ ପଦର ସେକଟର ବଡବାସିନି ଗ୍ରାମର ଆଶାକର୍ମୀ ଦଇମତି ଭତରାଙ୍କ ପ୍ରସୂତିବେଦନା ହେଲା ପରେ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ ଡାକ୍ତର ସାଗରିକା ସ୍ୱାଇଁ, ଆଶାକର୍ମୀ ଦଇମତି ଉତରାଙ୍କୁ ସିଜରିଂ କରି ଛୁଆକୁ ବାହାର କରି ନପାରି ପୁଣି ଛୁଆକୁ ଭିତରକୁ ଠେଲି ଦେଇ ଷ୍ଟିଚ କରି ନବରଙ୍ଗପୁର ଜିଲ୍ଲା ଚିକିତ୍ସା କେନ୍ଦ୍ରକୁ ପଠେଇ ଦେଇଥିଲେ। ଆମ୍ବୁଲାନ୍ସରେ ଭାରତମାଳା ରୋଡରେ ନବରଙ୍ଗପୁର ଆସୁଥିବା ସମୟରେ ଡାବୁଗାଁ ପାଖରେ ଆଶାକର୍ମୀ ଦଇମତି ଉତରାଙ୍କ ମୃତ୍ୟୁ ହୋଇଥିଲା। ଡାକ୍ତର ସାଗରିକା ସ୍ୱାଇଁଙ୍କ ଅବହେଳା ଯୋଗୁଁ ଆଶାକର୍ମୀ ଓ ତାଙ୍କ ଶିଶୁର ଜୀବନ ଯାଇଛି। ତେଣୁ ଡାକ୍ତର ସାଗରିକା ସ୍ୱାଇଁ ମାଁ ଏବଂ ଛୁଆକୁ ମାରି ଦେଇଛନ୍ତି। କାରଣ ସେ ଯଦି ଜାଣି ନଥିଲେ ତାହା ହେଲେ ପ୍ରଥମରୁ ହିଁ ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ଥିଲା। ସେହି ଡାକ୍ତରଙ୍କୁ ଗିରଫ କରାଯାଉ ଏବଂ ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ରାଜ୍ୟ ସରକାର ଦଶ ଲକ୍ଷ, କେନ୍ଦ୍ର ସରକାର ଦଶ ଲକ୍ଷ ଦେବାର ପ୍ରତିବାଦରେ ତା୦୫-୦୯ - ୨୦୨୫ରିଖ ସମୋବାର ଦିନ ବଡବାସିନି ଗ୍ରାମର ପ୍ରାୟ ଦୁଇ ଶହ ମହିଳା ଓ ପୁରୁଷ ଏବଂ ପ୍ରାୟ ଶହେ ଆଶାକର୍ମୀ ଉମରକୋଟରେ ଉପସ୍ଥିତ ହୋଇ ଦଇମତି ଭତରାଙ୍କ ଶବକୁ ଡାକ୍ତର ଖାନା ଛକରେ ରଖି ରାସ୍ତା ରୋକ ଆନ୍ଦୋଳନ କରାଯାଇଥିଲା। ଏଥିରେ ଭାରତୀୟ ମଜଦୁର ସଂଘ ଜିଲ୍ଲା ସଭାପତି ବାଙ୍କ ବିହାରୀ ବିଷୋୟୀ ଉପଦେଷ୍ଟା ପରମେଶ୍ୱର ବିଷୋୟୀ, ସମ୍ପାଦକ ବିଷ୍ଣୁ ପ୍ରସାଦ ବିଷୋୟୀ, ଆଶାକର୍ମ ସଂଘ ଜିଲ୍ଲା ସଭାନେତ୍ରୀ କବିତା ସ୍ୱାଇଁ ସମ୍ପାଦିକା ଗୀତାଞ୍ଜଳି ହରିଜନ ଭାଗ ନେଇଥିଲେ। ଉମରକୋଟ ମ୍ୟୁନିସିପାଲଟି ଅଧିକାରୀ ଏବଂ ଅତିରିକ୍ତ ତହସିଲଦାର ଆସି ପାଞ୍ଚ ଦିନ ଭିତରେ ପଦକ୍ଷେପ ନେବୁ ବୋଲି ଲିଖିତ ପ୍ରତିଶୃତି ଦେବା ପରେ ରାସ୍ତାରୋକ ସ୍ଥଗିତ କରାଯାଇଥିଲା। ମାତ୍ର ପରେ ଏ ବିଷୟରେ ନବରଙ୍ଗପୁର ଜିଲ୍ଲାପାଳଙ୍କ ଜରିଆରେ ଗତ ତା ୦୪/ ୦୯/୨୦୨୫ ରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶା ସରକାର ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଓଡିଶା ସରକାରଙ୍କୁ ସଂଘ ତରଫରୁ ଜଣାଇ ଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ସଂଘ ତରଫରୁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ନବରଙ୍ଗପୁର ଉପଜିଲ୍ଲା ପାଳ ଆସି ବୁଝାସୁଝା କରିବା କିଛି ସମୟ ଦେବା ପାଇଁ କହିଥିଲେ । ସଂଘ ତରଫରୁ ଆସନ୍ତା ତା ୦୪/୧୦/ ୨୦୨୫ ରିଖ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନନେଲେ ଆନ୍ଦୋଳନ ଜରଦାର କରାଯିବ ବୋଲି ଚେତାବନୀ ଦେଇଛି ଆଶା ସଂଘ। ଏଥିରେ ନବରଙ୍ଗପୁର ଜିଲ୍ଲାର ସମସ୍ତ ଆଶାକର୍ମୀଙ୍କ ସହ ଉମରକୋଟର ଯୁବକମାନେ ମଧ୍ୟ ସାମିଲ ହୋଇଥିଲେ। ।

## 'ଏକ ପେଡ୍ ମା କେ ନାମ' ପ୍ରସ୍ତୁତିର ପରିଦର୍ଶନ କଲେ ମୁଖ୍ୟ ଉନ୍ନୟନ ଅଧିକାରୀ

ବୌଦ୍ଧ (ଭାସ୍କର ନ୍ୟୁଜ୍) ବୌଦ୍ଧ ବ୍ଲକ କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ଟି ଗ୍ରାମ ପଞ୍ଚାୟତରେ ଚାଲିଥିବା ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ପ୍ରସ୍ତୁତିର ପରିଦର୍ଶନ କରିଛନ୍ତି। ଆଜି ଦିନ ୧୧ ଘଣ୍ଟା ସମୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଗସ୍ତରେ ଯାଇ ମନୁପାଲି, ଖଲିଆ ପାଲି, ରକ୍ସା ଓ କସୁରବନ୍ଧ ଗ୍ରାମ ପଞ୍ଚାୟତରେ ଏକ ପେଡ ମା କେ ନାମ୍ ଅଭିଯାନର ବୃକ୍ଷ ଚାରାରୋପଣ ପାଇଁ ଚାଲିଥିବା ଗାତ ଖୋଳା ଓ ଅନ୍ୟାନ୍ୟ ପ୍ରସ୍ତୁତି ପରିଦର୍ଶନ କରି ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ଅନ୍ୟାନ୍ୟ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚମାନେ ଉପସ୍ଥିତ ଥିଲେ।



## ବିକାଶ ଆବାସିକ ବିଦ୍ୟାଳୟରେ କଳା ବିଭାଗର ଆଲୋଚନାଚକ୍ର



ବରଗଡ଼ (ଭାସ୍କର ନ୍ୟୁଜ୍): ବିକାଶ ଆବାସିକ ବିଦ୍ୟାଳୟ ବରଗଡର କଳା ବିଭାଗ ପକ୍ଷରୁ ଆଜି ଭାରତୀୟ ଅର୍ଥନୀତି @୧୦୦ : ଲକ୍ଷ୍ୟ ଓ ଦୃଷ୍ଟିକୋଣ ୨୦୪୭ ଶୀର୍ଷକ ଉପରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି । ଏଥିରେ ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜର ଅର୍ଥନୀତିର ଆସିଷ୍ଟାଣ୍ଟ ପ୍ରଫେସର ଡ଼. ସୁଜିତ ପଧାନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ବିକଶିତ ଭାରତର ଲକ୍ଷ ହାସଲ କରିବା ଦିଗରେ ଦୃଷ୍ଟିକୋଣ, ଆହ୍ୱାନ ଓ ରୋଡମ୍ୟାପ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସଭାରେ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଅଧ୍ୟାପକ ଏସ କାନ୍ତ ରାଓ, ସୁଜିତ କୁମାର ଦୋରା, ପବିତ୍ର ମୋହନ ସାହୁ, ରାଜେଶ ମେହେର, ଗୋଲାପ ସାହୁ, ଆଦିତ୍ୟ ମେହେର, ପ୍ରସଂଜିତ୍ ଦତ୍ତ, ଅଧ୍ୟାପିକା ନିବେଦିତା ଭୋଇ ଏବଂ ସୋନାଲି ମେହେତାଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ବୃନ୍ଦ ଉପସ୍ଥିତ ଥିଲେ। ଆଲୋଚନାଚକ୍ରକୁ କୁମାରୀ ଆଦ୍ୟାଶା ସାହୁ, ନୈନା ସାହୁ ଏବଂ ଜିଜ୍ଞାସା ଜ୍ୟୋତିର୍ମୟୀ ମହାପାତ୍ର ପରିଚାଳନା କରିଥିଲେ। ଏଥିରେ ଉଭୟ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ଯଥା ସୁଶ୍ରୀ, ସମୀକ୍ଷା, ବୈଷ୍ଣବୀ, ଶୁଭଲକ୍ଷ୍ମୀ, ଅନନ୍ୟା, ଆନ୍ୟା, ସିମରନ, ଅନ୍ୱେଷା, ସ୍ନିଗ୍ଧା, ପ୍ରଜ୍ଞା, ଆକାଂକ୍ଷା, ରଶ୍ମି ଓ ପ୍ରୀୟାନସି ଆଲୋଚନା ଚକ୍ରର ବିଷୟ ବସ୍ତୁ ଉପରେ ନିଜର ବିସ୍ତୃତ ଧାରଣା ଉପସ୍ଥାପନା କରିଥିଲେ। ଆଲୋଚନାଚକ୍ରରେ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀଯୁକ୍ତ ରାଉଳ ଛାତ୍ରଛାତ୍ରୀ ମାନଙ୍କର ଏପରି ଉତ୍ସାହଜନକ ଅଂଶଗ୍ରହଣକୁ ଦେଖି ଅତ୍ୟନ୍ତ ପ୍ରଭାବିତ ହୋଇଥିଲେ ଏବଂ ଭବିଷ୍ୟତରେ ଛାତ୍ରଛାତ୍ରୀମାନଙ୍କ ଉନ୍ନତି ପାଇଁ ଏପରି ଅନେକ ଆଲୋଚନାଚକ୍ର ଆୟୋଜନ କରାଯିବା କହିବା ସହିତ ଆଲୋଚନାର ବିଷୟବସ୍ତୁ ଉପରେ ନିଜର ମତ ପ୍ରକାଶ କରିଥିଲେ। ଶେଷରେ କଳା ବିଭାଗର ସଂଯୋଜକ ଅଧ୍ୟାପକ ରାଜେଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ପ୍ରଥମ ବର୍ଷର ନୂତନ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ଓ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଦୀପ ରାଉତ ସଭାପତିତ୍ୱ କରିଥିବା ବେଳେ ଅଧ୍ୟକ୍ଷ ଅକ୍ଷୟ କୁମାର ବଳ ମୁଖ୍ୟ ଅତିଥିଭାବରେ ଯୋଗଦେଇଥିଲେ। ଏଥିରେ ପ୍ରାଧ୍ୟାପକ ବିନୟ କୁମାର ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଅଧ୍ୟାପକ ଦିବ୍ୟ କୁମାର ଦାସ ପ୍ରାରମ୍ଭରେ ସ୍ୱାଗତ ସଂଗୀତ ଓ ଶେଷରେ ବିଦାୟୀ ସଂଗୀତ ଗାନ କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବା ବେଳେ ଶେଷ ବର୍ଷ ଛାତ୍ରଛାତ୍ରୀମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରାରମ୍ଭରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ତେଜସ୍ୱିନୀ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀ ରାକ୍ଷୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନଦୀରେ ଗାଧୋଇବାକୁ ଯାଇ ମହିଳା ନିଖୋଜ

## କୁମ୍ଭୀର ଟାଣିନେଇଥିବା ସନ୍ଦେହ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ସ୍ଥିତ ବିରୂପା ନଦୀର ମଙ୍ଗଳପୁର ଘାଟ ନିକଟରେ ଆଜି ମଧ୍ୟାହ୍ନରେ ବରୀ ଅଞ୍ଚଳରୁ ଏକ ଫାୟାର ବିଗ୍ରେଡ୍ ଦଳ ପହଞ୍ଚି ନଦୀ ମଧ୍ୟରେ ନିଖୋଜ ହୋଇଥିବା ଜଣେ ବୃଦ୍ଧାଙ୍କୁ ବୋଟ୍ ଦ୍ୱାରା ଖୋଜାଖୋଜି କରିଥିଲେ। ତେବେ ବୃଦ୍ଧା ଜଣକ ଗାଧୋଇବା ବେଳେ କୁମ୍ଭୀର ଟାଣି ନେଇଥିବା ନେଇ ସ୍ଥାନୀୟ ଲୋକମାନେ ସନ୍ଦେହ କରି କୁହାକୁହି ହେଉଥିବା ଜଣାଯାଇଛି। କାରଣ ଏହି ଅଞ୍ଚଳରେ ଗତ ଦୁଇତିନି ଦିନ ପୂର୍ବରୁ ନଦୀରେ ମାଛ ଧରୁଥିବା ଜଣେ ବ୍ୟକ୍ତି ଦେଖିଥିବା କହିଛନ୍ତି। ସୂଚନାରୁ ପ୍ରକାଶ ଯାଜପୁର ଜିଲ୍ଲା ବରୀ ଥାନା ଅନ୍ତର୍ଗତ ନୀଳପଦା ସିଂହସାହିର ସ୍ୱର୍ଗତ ଅଚ୍ୟୁତାନନ୍ଦ ସିଂହଙ୍କ ପତ୍ନୀ ତିଳୋତ୍ତମା ସିଂ (୭୫) ଆଜି ସକାଳେ ବିରୂପା ନଦୀର ନୀଳପଦା ଘାଟ ନିକଟରେ ଗାଧୋଇବାକୁ ଆସିଥିଲେ। ତେବେ ବୃଦ୍ଧା ଜଣକ ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ତାଙ୍କ ପରିବାର ଲୋକ ଖୋଜାଖୋଜି କରିବାରୁ ନଈ ତୁଠ ଉପରେ ବୃଦ୍ଧାଙ୍କ ଲୁଗା ରହିଥିବା ବେଳେ ବୃଦ୍ଧାଙ୍କ ଖୋଜ ଖବର କିଛି ମିଳିନଥିଲା। ପରେ ପୋଲିସ୍ ଓ ଫାୟାର ବିଗ୍ରେଡ଼କୁ ଖବର ଦିଆଯିବାରୁ ବରୀରୁ ଫାୟାର ବିଗ୍ରେଡ଼ କର୍ମଚାରୀମାନେ ବୋଟ୍ ସହିତ ଆସି ଡେରାବିଶ ବ୍ଲକର ମଙ୍ଗଳପୁର ଘାଟ ନିକଟରେ ପହଞ୍ଚି ଆଜି ଦିନ ତମାମ ନଦୀ ମଧ୍ୟରେ ଖୋଜାଖୋଜି କରିଥିଲେ। ହେଲେ ସନ୍ଧ୍ୟା ହୋଇଯିବାରୁ ଫାୟାର ବିଗ୍ରେଡ଼ କର୍ମଚାରୀମାନେ ସେମାନଙ୍କର ଖୋଜିବା ବନ୍ଦ କରି ଫେରିଯାଇଥିବା ଜଣାପଡ଼ିଛି। ତେବେ ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ ଏହି ନଦୀରେ କୁମ୍ଭୀର ରହୁଥିବା ଓ ଗତ ଦୁଇତିନିଦିନ ତଳେ ନଦୀରେ ମାଛ ଧରୁଥିବା କିଛି ଲୋକ କୁମ୍ଭୀର ଦେଖିଥିବାରୁ ବୃଦ୍ଧାଙ୍କୁ କୁମ୍ଭୀର ଟାଣିନେଇଥିବା ସନ୍ଦେହ କରୁଛନ୍ତି। ଅପରପକ୍ଷରେ ନଦୀରେ ବନ୍ୟାଜଳ କମିଥିଲେ ମଧ୍ୟ ନଦୀରେ ପ୍ରଖର ସ୍ରୋତ ରହିଥିବାରୁ କାଳେ ଗାଧୋଇବା ସମୟରେ ବୃଦ୍ଧା ଜଣକ ଭାରସାମ୍ୟ ହରାଇ ନଦୀର ଗଭୀର ଜଳରେ ବୁଡ଼ିଯାଇଥାଇ ପାରନ୍ତି ବୋଲି ମଧ୍ୟ ସନ୍ଦେହ କରାଯାଉଛି।

# ମୂଲ୍ୟବାନ ଶାଗୁଆନ ଗଛ ଚୋରି, ଶୋଇଛି ବନ ବିଭାଗ



ମୁରିବାହାଲ (ଭାସ୍କର ନ୍ୟୁଜ) ସରକାରଙ୍କ ନିଆରା କାର୍ଯ୍ୟକ୍ରମ ପରେ ନିଆରା ଦୃଶ୍ୟ ଦେଖିବାକୁ ମିଳୁଛି। ଗୋଟେ ପଟେ ମାଫିଆ ବିଭାଗୀୟ ଅଧିକାରୀଙ୍କ ହାତ ବାରିସୀ କରି ଲୁଟି ଚାଲିଥିବା ବେଳେ ଅନ୍ୟପଟେ ସରକାର ମା' ପାଇଁ ଗଛଟିଏ ଓ ବନ ମହୋତ୍ସବ ପାଳନ କରୁଛନ୍ତି। ସବୁଜ ପୃଥିବୀ ସାଙ୍ଗକୁ ଜଙ୍ଗଲି ଜୀବଜନ୍ତୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ଦୃଢ଼ ନିଷ୍ପତି ନେଉଥିବା ବେଳେ ବିଭାଗୀୟ ଅଧିକାରୀ ମାନେ ସରକାରଙ୍କ ନିୟମକୁ ବେଖାତିର କରୁଥିବା ଚର୍ଚ୍ଚା ହେଉଛି। ଜଙ୍ଗଲ ଓ ଜଙ୍ଗଲି ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ପ୍ରତି ବର୍ଷ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଜଙ୍ଗଲ ବିଭାଗର ଅଧିକାରୀ ମାନେ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। କାଠ ମାଫିଆ ମାନେ ମୂଲ୍ୟବାନ ଶାଗୁଆନ ଗଛ, କେନ୍ଦୁ ଗଣ୍ଡି, ଖଇର ଗଣ୍ଡି ମେସିନ ସାହାଯ୍ୟରେ ଗଣ୍ଡି କରି ଚୋରା ଚାଲାଣ କରୁଥିବା ଅନୁମାନ କରାଯାଉଛି। ମୁରିବାହାଲ ରେଞ୍ଜ ସଦର ମହକୁମାରେ ଥିବା ଶାଗୁଆନ ନର୍ସରୀ ମୁରିବାହାଲରୁ ଟିଟିଲାଗଡ଼ ଯାଉଥିବା ରୋଡ଼ ଉଭୟ ପାର୍ଶ୍ୱରେ ଅନେକ ମୂଲ୍ୟବାନ ଶାଗୁଆନ ଗଛକୁ ମେସିନ ସାହାଯ୍ୟରେ କଟାଯାଇଥିବା ନଜର ଆସିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ବନ ବିଭାଗ କର୍ମଚାରୀ ମାନେ ଜଗି ରହୁଥିବା ବେଳେ କାଠ ମାଫିଆ ମାନେ କେମିତି ଚୋରି କରୁଛନ୍ତି। ଏହିଭଳି ଘଟଣା ପ୍ରଥମ ଥର ନୁହେଁ ବିଗତ ଦିନରୁ ଅନେକ ମୂଲ୍ୟବାନ ଶାଗୁଆନ ଗଛ ମେସିନ ସାହାଯ୍ୟରେ କାଟି କାଠ ମାଫିଆ ମାନେ ରାତାରାତି ଚାଲାଣ କରୁଛନ୍ତି। ଏହି ରାସ୍ତା ଦେଇ ବିଭାଗୀୟ ଅଧିକାରୀ ମାନେ ପ୍ରତ୍ୟେକ ଦିନ ଯାତାୟାତ କରୁଥିବା ବେଳେ ଅଣଦେଖା କରୁଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ତେବେ ବାକୀ ରହିଲା ମୁରିବାହାଲ ବନ ବିଭାଗ ଏଥିପ୍ରତି କେମିତି ପଦକ୍ଷେପ ନେଉଛନ୍ତି।

# 'ଆସ ଆମେ ସ୍କୁଲ ଯିବା' ସଚେତନତା କାର୍ଯ୍ୟକ୍ରମ




ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗୋଷ୍ଠୀ ଶିକ୍ଷାଧିନ ବିଭିନ୍ନ ସ୍କୁଲ ପକ୍ଷରୁ ଆସ ଆମେ ସ୍କୁଲ ଯିବା ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇ ଯାଇଛି। ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଯାୟୀ ସବୁ ପିଲାମାନେ ପାଠ ପଢ଼ିବାର ଅଧିକାର ରହିଥିବା ବେଳେ, ପ୍ରତ୍ୟେକ ପିଲାଙ୍କୁ ଗୁଣାତ୍ମକ ମାନର ଶିକ୍ଷା ଦେବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ ରଖିଛନ୍ତି। ଅଧାରୁ ପାଠ ଛାଡିଥିବା ଏବଂ ପାଠ ନପଢି ବିଦ୍ୟାଳୟ ବାହାରେ ବୁଲୁଥିବା ପିଲାମାନଙ୍କୁ ଶିକ୍ଷା କ୍ଷେତ୍ରରେ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି। ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟରେ ବିଦ୍ୟାଳୟ ସ୍ତରରେ ଶିକ୍ଷା ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ, ସ୍କୁଲକୁ ଯାଉନଥିବା ପିଲାଙ୍କୁ ଘର ଘର ବୁଲି ଚିହ୍ନଟ କରାଯାଇ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ, ସ୍କୁଲ କମିଟି ସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ପଦଯାତ୍ରା ମାଧ୍ୟମରେ ଆସ ସ୍କୁଲ ଯିବା ଅଭିଯାନର ପ୍ରଚେଷ୍ଟା ଜାରି ରଖିଛନ୍ତି। ଆସ ସ୍କୁଲ ଯିବା ଅଭିଯାନ କାର୍ଯ୍ୟକ୍ରମ ପରଜଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ଦେଖିବାକୁ ମିଳିଥିବା ବେଳେ ପରଜଙ୍ଗ ପିଏମଶ୍ରୀ ଏମ୍ଏସ୍ ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ନନ୍ଦଙ୍କ ନେତୃତ୍ୱରେ ଏହି ଅଭିଯାନ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିସରରୁ ଛାତ୍ରଛାତ୍ରୀ ହାତରେ ବ୍ୟାନର ଏବଂ ପ୍ଲା-କାର୍ଡ ଧରି ବ୍ଲକ ରାସ୍ତାରେ ପଦଯାତ୍ରା କରି ଅଧା ପାଠପଢା ହେବ ପୂର୍ଣ୍ଣାଙ୍ଗ, ମୁକ୍ତ ବିଦ୍ୟାଳୟ ଦିଏ ସୁଯୋଗ, ଆସ ମିଳିମିଶି ସ୍କୁଲ ଯିବା ଭାଇଭଉଣୀ ଆମେ ପାଠ ପଢ଼ିବା, ପାଠପଢି ଶିକ୍ଷିତ ହେବା, ଭଲ ମଣିଷ ହୋଇ ନାଁ ରଖିବା ଆଦି ଛାତ୍ରଛାତ୍ରୀଙ୍କ ନାରାରେ ବଜାର ଓ ଗାଁ ରାସ୍ତା ପ୍ରକମ୍ପିତ ହୋଇପଡ଼ିଥିଲା। ସେହିପରି ପରଜଙ୍ଗ ନିକଟସ୍ଥ ବୃନ୍ଦାବନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଆସ ସ୍କୁଲଯିବା ସଚେତନତା କାର୍ଯ୍ୟକ୍ରମର ସଫଳ ରୂପାୟନ ଦେବାକୁ ପଦଯାତ୍ରା ମାଧ୍ୟମରେ ଗାଁ, ସାହି ବୁଲି ପ୍ରୟାସ କରାଯାଇଥିଲା।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ତିନିବର୍ଷର ଶିଶୁ ପ୍ରତ୍ୟୁଷ



ମାଲକାନଗିରି (ଭାସ୍କର ନ୍ୟୁଜ୍) : ଇଣ୍ଡିଆ ବୁକ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛି ଜଣେ ୩ ବର୍ଷର ଶିଶୁ। ସେ ହେଉଛି ମାଲକାନଗିରି ଥାନାରେ ଏସ୍ଆଇ ଭାବେ କାର୍ଯ୍ୟରତ ଥିବା ପ୍ରଭାତ ଗୌଡ଼ ଓ ମାନସୀ ବେହେରାଙ୍କ ପୁଅ ଏମ୍. ପ୍ରତ୍ୟୁଷ କୁମାର। ଖୁବ୍ କମ୍ ସମୟରେ ସଠିକ୍ ଉତ୍ତର ଦେଇ ପ୍ରତ୍ୟୁଷ ଏଭଳି ସଫଳତା ହାସଲ କରିଛନ୍ତି। ମାଲକାନଗିରି ମଡର୍ଣ୍ଣ ଇଂଲିଶ ପ୍ଲେ ସ୍କୁଲରେ ପଢୁଛନ୍ତି ପ୍ରତ୍ୟୁଷ। ତାଙ୍କୁ ୨୩ ପ୍ରକାର ଫଳ, ୨୦ ପ୍ରକାର ପନିପରିବା, ୨୦ ପ୍ରକାର ଗୃହପାଳିତ ପ୍ରାଣୀ, ୨୧ ପ୍ରକାର ବନ୍ୟପ୍ରାଣୀ, ୨୦ ପ୍ରକାର ପକ୍ଷୀ, ୨୦ ପ୍ରକାର ଫୁଲ, ୨୦ ପ୍ରକାର ରଙ୍ଗ, ୧୧ ଆକୃତିର ରୂପ, ୧୮ ପ୍ରକାରର ଯାନ, ୩୩ ପ୍ରକାର ଶରୀରର ଅଙ୍ଗପ୍ରତ୍ୟଙ୍ଗ ଏବଂ ଇଂରାଜୀ ବର୍ଣ୍ଣ ମାଳାର ଅକ୍ଷର ସହିତ ଜଡିତ ଶବ୍ଦଗୁଡ଼ିକୁ ଚିହ୍ନଟ ଏବଂ ନାମକରଣ କରିବା ପାଇଁ 'ଆଇବିଆର୍ ଆଚିଭର୍' ଭାବରେ ରେକାସ୍ ଉପାଧି ଦିଆଯାଇଛି। ୨୦ଟି ଆକ୍ସନ କରିବା, ୧ରୁ ୩୦ ପର୍ଯ୍ୟନ୍ତ ଗଣିବା, ୨୮ଟି ରାଜ୍ୟର ରାଜଧାନୀ ଏବଂ ୧୭ଟି ଜାତୀୟ ପ୍ରତୀକକୁ ମନେ ପକାଇବା, ୧୯ଟି ଜିକେ ପ୍ରଶ୍ନର ଉତ୍ତର ଦେବା ପାଇଁ ସେ ଇଣ୍ଡିଆ ବ୍ଲକ ଅଫ୍ ରେକର୍ଡ଼ସରେ ସ୍ଥାନ ପାଇଛନ୍ତି। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ପୁସ୍ତକର ମୁଖ୍ୟ ସମ୍ପାଦକ ଡକ୍ଟର ବିଶ୍ୱରୂପ ରାୟ ଚୌଧୁରୀ ଗୁରୁବାର ଦିନ ପ୍ରତ୍ୟୁଷ ନିକଟକୁ ପ୍ରମାଣପତ୍ର, ପଦକ ପଠାଇ ଥିବା ଖବର ରହିଛି।

# ବୋଲଗଡ଼ରତ୍ନ ଭାସ୍କର ମହାପାତ୍ରଙ୍କ ୧୪ତମ ଶ୍ରାଦ୍ଧବାର୍ଷିକୀ ପାଳିତ



ବୋଲଗଡ଼ (ଭାସ୍କର ନ୍ୟୁଜ୍): ବୋଲଗଡ଼ ନନ୍ଦିଘୋଷ ଭବନ ଠାରେ ବୋଲଗଡ଼ ରତ୍ନ ଭାସ୍କର ମହାପାତ୍ରଙ୍କ ୧୪ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ବୁଧବାର ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଏଥିରେ ନନ୍ଦିଘୋଷ ସଭାପତି ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ୍ତ କୁମାର ଦାଶ ଯୋଗଦେଇ ଥିଲେ। ସେହିପରି ମୁଖ୍ୟବକ୍ତା ରୂପେ ନୟାଗଡ଼ସ୍ଥିତ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବିପିନ ବିହାରୀ ପଟ୍ଟନାୟକ ଯୋଗଦେଇ ବୋଲଗଡ଼ ରତ୍ନ ସ୍ୱର୍ଗତ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ବହୁ ଗୁଣ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱର୍ଗତ ରତ୍ନ ବୋଲଗଡ଼ ବିକାଶ ନିର୍ମାଣର ମହାସାରଥୀ ଥିଲେ। ବୋଲଗଡ଼ ତଥା ଅଞ୍ଚଳର ବିକାଶ ନିମନ୍ତେ ତାଙ୍କର ଅତୁଳନୀୟ ଅବଦାନର ସ୍ରଷ୍ଟା ଅନେକ ପ୍ରଶସ୍ତ ବୋଲି ମୁଖ୍ୟବକ୍ତା କହିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ବିଶ୍ୱସ୍ତ ତଥା ଅତୀବ ଅନୁଗତ ଥାଇ ବୋଲଗଡ଼ ବିକାଶ ରଥର ସାରଥି ହୋଇ ପାରିଥିଲେ। ଶିକ୍ଷାର ଅନ୍ଧକାରକୁ ଆଲୋକିତ କରିବା ପାଇଁ ନିଜ ସ୍ୱର୍ଗତ ପିତାଙ୍କ ନାମରେ ଏକ ମହାବିଦ୍ୟାଳୟ ସ୍ଥାପନ କରି ଶିକ୍ଷା କ୍ଷେତ୍ରରେ ଆଲୋକର ବର୍ତ୍ତିକା ଅଞ୍ଚଳକୁ ସମର୍ପିତ କରିଥିଲେ। ଏପରିକି ନିଜର କର୍ତ୍ତବ୍ୟ ପରାୟଣ ହେତୁ ସର୍ବୋପରି ସେ ଅଞ୍ଚଳର ଅନୁଷ୍ଠାନ ହୋଇଯାଇ ଥିଲେ। ସେହିପରି ଅଞ୍ଚଳର ମୁଖ୍ୟ ସାଂସ୍କୃତିକ ଅନୁଷ୍ଠାନ ନନ୍ଦିଘୋଷର ପୂର୍ବତନ ସମ୍ପାଦକ ସ୍ୱର୍ଗତ ବାସୁଦେବ ପଟ୍ଟନାୟକଙ୍କ ୫ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ମିଳିତ ଅବସରରେ ନନ୍ଦିଘୋଷର ସଭାପତି ସୌମ୍ୟ ରଞ୍ଜନ ପଟ୍ଟନାୟକ ସ୍ୱର୍ଗତ ବୋଲଗଡ଼ ରତ୍ନ ଓ ସ୍ୱର୍ଗତ ବାସୁଦେବ ଉଭୟ ଅତୀତରେ ବୋଲଗଡ଼ ବିକାଶ ପାଇଁ ଛାଡ଼ିଯାଇଥିବା ଅବଦାନର ଭୂୟସୀ ପ୍ରଶଂସା କରିଥିଲେ। ବୋଲଗଡ଼ ଐତିହାସିକ ରବୀନ୍ଦ୍ର ପରିଡା ଯୋଗଦେଇ ଉଭୟ ସ୍ୱର୍ଗତଙ୍କ ଗୌରବ ଓ ଗରିମା ସମ୍ପର୍କରେ ଆଲୋକପାତ କରିଥିଲେ। ନନ୍ଦିଘୋଷର ପ୍ରାକ୍ତନ ସମ୍ପାଦକ ଶିକ୍ଷାବିତ ଗୁଣନିଧି ହୋତା ଯୋଗ ଦେଇ ବୋଲଗଡ଼ ବିକାଶରେ ସ୍ୱର୍ଗତ ରତ୍ନ ସାରଥୀର ଭୂମିକା ଲିଭାଇଥିବା ବେଳେ ସ୍ୱର୍ଗତ ପଟ୍ଟନାୟକ ବିକାଶ ରଥର ସର୍ବାଗ୍ରେ ରହି ଥିଲେ ବୋଲି ଦୋହରାଇ ଥିଲେ। ପ୍ରାରମ୍ଭରେ ଅତିଥି ମାନେ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଶ୍ରାଦ୍ଧୋତ୍ସବ କାର୍ଯ୍ୟକ୍ରମରେ ନନ୍ଦିଘୋଷର ସମ୍ପାଦକ ଧୀରେଶ ଚନ୍ଦ୍ର ମହାପାତ୍ର, ସନ୍ତୋଷ କୁମାର ପ୍ରଧାନ, ଛବି ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ନନ୍ଦିଘୋଷର କୋଷାଧକ୍ଷ ସନାତନ ପାଟ୍ଟଶାଣୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଜମିରୁ ଗଛ କଟାକୁ ବିରୋଧ




ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ତହସିଲ ଅନ୍ତର୍ଗତ କୋରକରା ଗ୍ରାମ ଶ୍ମଶାନ ଗୃହ ନିକଟରେ ଥିବା ସରକାରୀ ଜମିରୁ ଦୁଇଟି ଗଛ କାଟି ସ୍ଥାନାନ୍ତର ପାଇଁ ଉଦ୍ୟମ ହେଉଥିବାବେଳେ ଗ୍ରାମବାସୀ ବିରୋଧ କରିବା ସହ ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ। ସରପଞ୍ଚ ସୁଚିତ୍ରା ପଣ୍ଡା ଏ ସମ୍ପର୍କରେ ଆରଆଇ ଲିଜାରାଣୀ ପରିଡାଙ୍କୁ ଜଣାଇଥିଲେ। ଆରଆଇ ପରିଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କଟା ହୋଇଥିବା ଗଛକୁ ଜବତ କରିଛନ୍ତି। ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଜୋର ଜବରଦସ୍ତ ନିଜ ଜମି ଉପରେ ଗଛ ଥିବା କହି ଦୁଇଟି ୟୁକାଲ ପଟାସ ଗଛ କାଟିଥିଲେ। ସରକାରୀ ଜମି ଉପରୁ ଗଛ କଟା ହୋଇଥିବା ନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିବା ସହ ଏଥିପାଇଁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଆରଆଇ ପରିଡାଙ୍କୁ ପଚାରିବାର ଦୁଇଟି ଗଛ କଟା ହୋଇଥିବା ସେ ସ୍ୱଷ୍ଟ କରିଛନ୍ତି। ତେବେ ଉକ୍ତ ଜମି ମାପଚୁପ ପରେ ଯଦି ଏହା ସରକାରୀ ଜମିରେ ଥାଏ ତେବେ କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଏରସମାରେ ୧୨ଜଣଙ୍କ ସ୍ଥାନରେ ୬ କୃଷି କର୍ମଚାରୀ

ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଏକ କୃଷି ପ୍ରଧାନ ଅଞ୍ଚଳ ଅଟେ। ଏଠାରେ ପ୍ରାୟ ୯୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ ଅଟନ୍ତି। ଏଠାରେ ସର୍ବମୋଟ ୧୭ହଜାର ୮୦୬ ହେକ୍ଟର ଚାଷଜମି ଥିବାବେଳେ ପ୍ରତିବର୍ଷ ପ୍ରାୟ ୧୫ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଖରିଫ ଧାନଚାଷ କରାଯାଏ। ଏହି କ୍ରମରେ ଚଳିତବର୍ଷ ଏରସମା ବ୍ଲକର ୨୫ଟି ପଞ୍ଚାୟତରେ ପାରମ୍ପରିକ ଖରିଫ ଧାନଚାଷ କରାଯାଇଛି। ତେବେ ପରିତାପର ବିଷୟ ବିଭିନ୍ନ ସମୟରେ କୃଷି ବିଭାଗ ପକ୍ଷରୁ ଚାଷୀ ମାନଙ୍କୁ ଆବଶ୍ୟକ ସହାୟତା, ସୂଚନା ଓ ପରାମର୍ଶ ମିଳେନାହିଁ। କାରଣ ଏରସମା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ପ୍ରାୟ ସବୁ ସମୟରେ ଅଧିକାରୀ ଓ କର୍ମଚାରୀଙ୍କ ଅଭାବ ପରିଲକ୍ଷିତ ହୁଏ। ସରକାରୀ ନିୟମ ଅନୁଯାୟୀ ଏରସମା ବ୍ଲକ କୃଷି କାର୍ଯ୍ୟାଳୟରେ ଜଣେ ଅଧିକାରୀ ଓ ୨ଜଣ ସହକାରୀ କୃଷି ଅଧିକାରୀ ନିଯୁକ୍ତି ହେବା କଥା। ମାତ୍ର ଏଠାରେ ଦୀର୍ଘଦିନ ହେବ କେହି ସହକାରୀ କୃଷି ଅଧିକାରୀ ନାହାନ୍ତି। ବ୍ଲକ କୃଷି ଅଧିକାରୀ ପଦବୀ ଗତ ୨୦୨୪ ଅଗଷ୍ଟରୁ ଖାଲି ପଡ଼ିଥିଲେ ମଧ୍ୟ ତାହା ଏଯାବତ ପୂରଣ ହୋଇପାରୁ ନାହିଁ। ସେହିପରି ଏରସମା ବ୍ଲକର ସମସ୍ତ ୨୫ଗୋଟି ପଞ୍ଚାୟତ ପାଇଁ ବ୍ଲକ ଅଞ୍ଚଳରେ ଅନ୍ୟୁନ ୧୨ଜଣ କୃଷି କର୍ମଚାରୀ (ଭିଏଡବ୍ଲ୍ୟୁ)ଙ୍କ ନିଯୁକ୍ତିର ଆବଶ୍ୟକ ଥିବାବେଳେ ଏଠାରେ ବର୍ତ୍ତମାନ ୬ଜଣ କର୍ମଚାରୀ ନିଯୁକ୍ତି ଥିବା ଜଣାପଡ଼ିଛି। ଅନ୍ୟ ୬ଟି କର୍ମଚାରୀ ପଦବୀ ଦୀର୍ଘଦିନ ଧରି ଖାଲିପଡ଼ିଛି। ଏହି କାରଣକୁ ନେଇ ବିଭିନ୍ନ ସମୟରେ ଗୁରୁତ୍ୱପୂର୍ଣ୍ଣ ଚାଷ ଓ ଚାଷ ଜନିତ ସମସ୍ୟାର ସମାଧାନ ହୋଇପାରୁ ନାହିଁ ବୋଲି ଅଭିଯୋଗ ହେଉଛି। ସେଇଭଳି ଚାଷକାର୍ଯ୍ୟ ସମୟରେ ଚାଷୀଙ୍କୁ ରିହାତୀରେ କୀଟନାଶକ ଔଷଧ ,ରାସାୟନିକ ସାର ପ୍ରଭୃତି ଯୋଗାଇ ଦିଆଯାଉନାହିଁ ବୋଲି ଅଭିଯୋଗ ହୋଇଛି। ସେହିପରି ବ୍ୟବହାର ନିମନ୍ତେ ଚାଷୀ ମାନଙ୍କୁ ସଚେତନ କରିବା ଓ ପରାମର୍ଶ ଦେବାର ନିୟମ ଥିବାବେଳେ ତାହା କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ନିକଟରେ ଚାଷୀଙ୍କ ପକ୍ଷରୁ ଦୃଢ଼ ଦାବି କରାଯାଇଛି।

# ବାରିପଦରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ




ବାରିପଦା (ଭାସ୍କର ନ୍ୟୁଜ୍) : ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ ପକ୍ଷରୁ ବାରିପଦା ଠାରେ ଜିଲ୍ଲା ଓ ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ମୋଟ ୧୫୫୩୯ଟି ମାମଲା ମଧ୍ୟରୁ ୬୨୬୭ଟି ମାମଲାର ଅପୋଷ ବିଚାର ହୋଇ ମୋଟ ୨,୭୧,୫୮,୪୨୭ ଟଙ୍କା ଅଦାୟ ପାଇଁ ସମାଧାନ ହୋଇଥିବା ଜଣାପଡିଛି। ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାକ ମକଦ୍ଦମା ସମ୍ପର୍କିତ ୬୫୭୫ ଗୋଟି ମାମଲା ମଧ୍ୟରୁ ୨୬୦ଟି ମାମଲା ଅପୋଷ ବିଚାର ହୋଇ ୬୨ଲକ୍ଷ ୨୨ ହଜାର ୭୬୪ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡ଼ିଛି। ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୮୯୬୪ ଗୋଟି ମାମଲା ମଧ୍ୟରୁ ସାଲିସ ଯୋଗ୍ୟ ଫୌଜଦାରୀ ମାମଲା ୫୩ଟି ମଧ୍ୟରୁ ୫ଟି, ଏନ. ଆଇ.ଆକ୍ଟ ଧାରା ୧୩୮ଅନ୍ତର୍ଗତ ୧୧୧ଟି ମାମଲା ମଧ୍ୟରୁ ୨୬ଟି, ବ୍ୟାଙ୍କରଣ ଅଦାୟ ସମ୍ବନ୍ଧିତ ୮୮ଟିରୁ ୨୨ଟି, ମୋଟର ଯାନ ଦୁର୍ଘଟଣା ମାମଲା ୧୬୬ଟିରୁ ୧୪ଟି, ବୈବାହିକ (ଛାଡପତ୍ର ବ୍ୟତୀତ) ସମ୍ବନ୍ଧୀୟ ୧୦୧ଟି ମାମଲା ମଧ୍ୟରୁ ୫୮ଟି, ରାଜସ୍ୱ ମାମଲା ୬୭୮୨ଟି ମଧ୍ୟରୁ ୪୭୨୬ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୧୫୦ଟି ମଧ୍ୟରୁ ୭୪ଟି, ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ୧୫୧୩ଟି ମଧ୍ୟରୁ ୧୦୮୨ଟିକୁ ମିଶାଇ ମୋଟ ୬୦୦୭ଟି ମାମଲାର ଫଇସଲା କରାଯାଇ ମୋଟ ୨କୋଟି ୦୯ ଲକ୍ଷ ୩୫ ହଜାର ୬୬୩ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ତଥା ଅତିରିକ୍ତ ସିନିୟର ସିଭିଲ ଜଜ୍ ସୂର୍ଯ୍ୟ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ୍ ପ୍ରଜ୍ୟୋତି ରାଉତ, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସୁମନ କୁମାର ମିଶ୍ର, ସିନିୟର ସିଭିଜ ଜଜ୍ (ଏଲ୍ଆର ଓ ଏଲ୍‌ଡିଭି) ସୁଦାମ ଚରଣ ଦାଶ, ସିନିୟର ସିଭିଲ୍ ଜଜ୍ ସତରୂପା ଶତପଥୀ, ଦ୍ୱିତୀୟ ଅତିରିକ୍ତ ସିନିୟର ସିଭିଲ ଜଜ୍ ଡା. ନିଶାକର ସାହୁ, ଏସ.ଡି.ଜେ.ଏମ. ଜୁଓ୍ୱେଲ ପଟ୍ଟନାୟକ, ଜେ.ଏମ.ଏଫ,ସି-୧ (Cog. Taking) ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେ.ଏମ.ଏଫ.ସି କୁମାରୀ ମଧୁଶ୍ରବା ମହାନ୍ତି ଓ କୁମାରୀ ସୀମା ଅଗରୱାଲାଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ମାମଲା ସମାଧାନ ନିମନ୍ତେ ଗଠନ ହୋଇଥିବା ବିଭିନ୍ନ ବେଞ୍ଚରେ ନିଯୁକ୍ତ ଥିବା ସଦସ୍ୟ ତଥା ସରକାରୀ ଓକିଲ ହିମାଂଶୁ କୁମାର ପାଣିଗ୍ରାହୀ, ଆଇନଜୀବୀ ତାପସ କୁମାର ଦତ୍ତ, ପ୍ରଦୀପ କୁମାର ଜେନା, ସୁଶାନ୍ତ କୁମାର ବାରିକ, ଦାମୋଦର ସେଠୀ ଓ ବିଶାଳ ରାମ ତଥା ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ ତଥା ବିଭିନ୍ନ ରାଷ୍ଟ୍ରାୟତ୍ତ/ଘରୋଇ ବ୍ୟାଙ୍କ ଅଧିକାରୀ, ଟେଲିଫୋନ ବିଭାଗ, ବିଦ୍ୟୁତ ବିଭାଗ ଓ ପ୍ରାଧିକରଣର ଅନ୍ୟାନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।


# ରାଷ୍ଟ୍ରୀୟ ଲୋକ ଅଦାଲତରେ ୫୧ ମାମଲା ଫଇସଲା



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଜାତୀୟ ଆଇନିସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଶନିବାର ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅସ୍ତରଙ୍ଗ ଅଦାଲତରେ ପଡିରହିଥିବା ଭିନ୍ନ ଭିନ୍ନ ମକଦମା ମାମଲା ଗୁଡିକର ସମାଧାନ କରାଯାଇଥିଲା। ଅସ୍ତରଙ୍ଗ ଅଦାଲତରେ ପଡିରହିଥିବା ଭିନ୍ନ ଭିନ୍ନ ମକଦମା ମାମଲା ଗୁଡିକ ଆପୋଷ ମିଳାମିଶା ମାଧ୍ୟମରେ ସମାଧାନ କରାଯାଇଥିଲା। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚରାଧୀନ ମକଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ) ମୋଟର ଦୁର୍ଘଟଣା ଜନିତ କ୍ଷତି ପୂରଣ ପାରିବାରିକ, ଜମି ଅଧିଗ୍ରହଣ, ଚେକ ବାଉନ୍ସ, ଋଣ ମାମଲା ଇତ୍ୟାଦି ଆପୋଷ ସହମତିରେ ସମାଧାନ କରାଯାଇଥିଲା। ଏଥିସହ ପ୍ରାକ ମକଦମା ସ୍ତରୀୟ ବ୍ୟାଙ୍କ, ଋଣ ବିବାଦ, ପାରିବାରିକ ବିବାଦ ଇତ୍ୟାଦିର ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇଥିଲା। ଅସ୍ତରଙ୍ଗ ଜେଏମଏଫସି କୋର୍ଟର ବିଚାରପତି ସୁଧାବାଇ ଅଗ୍ରୱାଲ ଉପସ୍ଥିତ ରହି ମକଦମା ସମାଧାନ କରିଥିଲେ। ଅସ୍ତରଙ୍ଗ ଜେଏମଏଫସି କୋର୍ଟ ପେସକାର, ଟାଇପିଷ୍ଟ ଉମେଶ ପ୍ରଧାନ, ପ୍ରୋସିଂ ସର୍ଭର ମାନସ ସେନାପତି ଉପସ୍ଥିତ ଥିବାବେଳେ ଆଇନିଜୀବି ଉପସ୍ଥିତ ରହି ରାଷ୍ଟ୍ରୀୟ ଲୋକ ଅଦାଲତର କେସ୍ ଗୁଡିକର ସମାଧାନ କରିବାରେ ସହଯୋଗ କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମୁଦାୟ ୫୧ଟି ମାମଲାର ଫଇସଲା ହୋଇଥିଲା।

# ରାଶିଫଳ


**ରବିବାର, ୧୪ ସେପ୍ଟେମ୍ବର ୨୦୨୫**



**ମେଷ :** ଦିନଟି ଲାଭଦାୟକ ହେବ। ଆଜି ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ଆଜିର ଦିନଟି ଭଲ ଆକାରରେ କଟିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ।




**ବୃଷ :** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଜନମାଷ୍ଟମୀ ଦିନ ବହୁତ ଲାଭ ଆଣିପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ। ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ।




**ମିଥୁନ :** ଛାତ୍ରଛାତ୍ରୀ ସଫଳତା ହାସଲ କରିବ। ପାର୍ଟି ଏବଂ ପିକନିକ୍ ଉପଭୋଗ କରାଯିବ। ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରାଯାଇପାରେ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ।



**କର୍କଟ :** କିଛି ବଡ ଅସୁବିଧା ଆସିପାରେ। ଅଧିକ ତ୍ୱରାନ୍ୱିତ ହେବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ଅନାବଶ୍ୟକ ନକାରାତ୍ମକତା ଦେଖାଯିବ।



**ସିଂହ :** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ, ଯେ କୌଣସି ବ୍ୟକ୍ତିଙ୍କ ସହ ସହଯୋଗ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ। ବ୍ୟବସାୟ ବୃଦ୍ଧି ପାଇବ।




**କନ୍ୟା :** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ଶତ୍ରୁମାନେ ସକ୍ରିୟ ରହିବେ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ବ୍ୟବସାୟ ଅନୁକୂଳ ଲାଭ ଦେବ।



**ବିଛା :** ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ବ୍ୟବସାୟ ଭଲ ହେବ।



**ଧନୁ :** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ। ସେଠାରେ ଭୟ ଏବଂ ସନ୍ଦେହ ରହିବ। ପରିବାର ସହାୟତା ଉପଲବ୍ଧ ହେବ। ସୁଖ ରହିବ।



**ମକର :** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ତତ୍ପରତା ନାହିଁ।



**କୁମ୍ଭ :** ଆଜି ଏକ ବିଶେଷ ପୂଜା ଦିବସ ହେବ। ଚାକିରିରେ କାମ କରିବାକୁ ଭଲ ପାଆନ୍ତି। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ।



**ମୀନ :** ବ୍ୟବସାୟ ଲାଭଦାୟକ ହେବ। ଅଳସୁଆତା ଜିତିବ। ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଥାଇପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବନ୍ଧୁଗାଁ (ଭାସ୍କର ନ୍ୟୁଜ୍): ବନ୍ଧୁଗାଁ ବ୍ଲକର ଆଳମଣ୍ଡା, ବନ୍ଧୁଗାଁ, ନିଲାବାଡି ଓ କୁମ୍ବାରିପୁଟ ହାଇସ୍କୁଲ ଗୁଡିକରେ ଚାଲିଥିବା ଜୋନସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଜୋନସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆଳମଣ୍ଡା ଉଚ୍ଚ ବିଦ୍ୟାଳୟ, ବନ୍ଧୁଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିନି ଷ୍ଟାଡିୟମ, ନିଲାବାଡି କାନାଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଓ କୁମ୍ବାରିପୁଟ ସରକାରୀ ବାଳକ (ଏସଏସଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ଖେଳପଡିଆ ଗୁଡିକରେ କ୍ରୀଡା ଶିକ୍ଷକ ଓ ଅତିଥିମାନଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀଙ୍କୁ ନେଇ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୪ ଟି ଜୋନସ୍ତରରେ ୧୪ ବର୍ଷରୁ କମ କନିଷ୍ଠ ବର୍ଗର ଓ ୧୭ ବର୍ଷରୁ କମ ବରିଷ୍ଠ ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାନ ଖୋଖୋ, କବାଡି, ବ୍ୟାଡମିଣ୍ଟନ, ଯୋଗ, ଦୌଡ଼ିଡିଆଁ ଓ ଫୁଟବଲ ଖେଳ ଖେଳାଯାଇଥିଲା। ପ୍ରତ୍ୟେକ ଜୋନସ୍ତରୀୟ ଖେଳ ପ୍ରତିଯୋଗିତାରୁ ୪୦ ଜଣ ଛାତ୍ରଛାତ୍ରୀ ବଛାଯାଇ ୧୮୦ ଜଣ ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଭାଗ ନେବାକୁ ସ୍ଥିର କରାଯାଇଛି। ଜୋନସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତାକୁ ବିଇଓ ଅର୍ପିତା ପ୍ରଧାନ, ବ୍ଲକ ସେକ୍ରେଟରୀ ଦିବ୍ୟରଞ୍ଜନ୍ ମହାନ୍ତି ଓ ଏବିଇଓ ମଦନ ପାଣିଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଆୟୋଜିତ ଜୋନସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ରେ ମୁଖ୍ୟ ଅତିଥି ଭାବେ ପୋଲିସ ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ର, ପ୍ରଧାନ ଶିକ୍ଷକ ତାରକା ରାମଦୁକା, ଶ୍ରୀନିବାସ ପାଢ଼ୀ, ଦୁର୍ଗା ପ୍ରସାଦ ଚୌଧୁରୀ ଓ ଚନ୍ଦ୍ର ବେହେରା ଉପସ୍ଥିତ ରହିଥିଲେ। କ୍ରୀଡା ଶିକ୍ଷକ ପ୍ରତିମା ବହିଦାର, ଦିଲ୍ଲୀପ କୁମାର ଦାସ, ଗଜେନ୍ଦ୍ର କୁମାର ସ୍ୱାଇଁ , ଲକ୍ଷ୍ମଣ ସେଠୀ, ଲମ୍ବଧର ମାଣ୍ଡିଙ୍ଗି, ଓ ରମେଶ ଚୌଧୁରୀଙ୍କ ଉପସ୍ଥିତିରେ ଅତି ସୁନ୍ଦର ଏବଂ ଶାନ୍ତି ଶୃଙ୍ଖଳାର ସହିତ ଜୋନସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ପରିଚାଳିତ କରିଥିଲେ।

## ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ



କନ୍ଧମାଳ (ଭାସ୍କର ନ୍ୟୁଜ୍) :ଗତ ଜୁଲାଇ ୭ତାରିଖ ରାତି ୮ଟାରେ ବୌଦ୍ଧ ଜିଲ୍ଲା ମନମୁଣ୍ଡା - କନ୍ଧମାଳ ରାଜ୍ୟ ରାଜପଥର ସୁଲିଆ ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ କୁସଙ୍ଗ ଗ୍ରାମର ଦୟାନିଧି ରଣାଙ୍କ ମୃତ୍ୟୁ ହୋଇଥିଲା।ସୂଚନା ମତେ, ବଡ଼କୁସଙ୍ଗ ଗ୍ରାମର ଦୟାନିଧି ରଣା ପଲସାଗୋରା ଅଂଚଳରୁ ସାଇକେଲ ସଜାଡି ଘରକୁ ଫେରୁଥିବା ସମୟରେ ସୁଲିଆ ନିକଟରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା । ଫଳରେ ସାଇକେଲ ଆରୋହୀ ରାସ୍ତା କଡ଼କୁ ଛିଟିକି ପଡିଥିଲେ। ଘଟଣା ସ୍ଥଳରେ କନ୍ଧମାଳ ପୋଲିସ ପହଂଚି ଗୁରୁତର ଆହତଙ୍କୁ କନ୍ଧମାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କରିଥିଲେ । ଆଜି କନ୍ଧମାଳ ବିଧାୟକ କହ୍ନେଇଁ ଚରଣ ଡାଙ୍ଗ ଓ କନ୍ଧମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀଙ୍କ ଉପସ୍ଥିତିରେ ଉକ୍ତ ପରିବାରକୁ ୪ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି ।

## ଆଳମଣ୍ଡା ନୂତନ ବ୍ରିଜ ନିକଟରେ ଧୋଇଗଲା ରାସ୍ତା



ବନ୍ଧୁଗାଁ (ଭାସ୍କର ନ୍ୟୁଜ୍): ବନ୍ଧୁଗାଁ ବ୍ଲକ ଆଳମଣ୍ଡା ପଞ୍ଚାୟତରୁ ପାର୍ବତୀପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ପାଇଁ ନୂତନ ବ୍ରିଜ ନିକଟରେ ବର୍ଷାରେ ପିଚୁ ଧୋଇ ହୋଇ ବିରାଟ ଗର୍ତ୍ତ ସୃଷ୍ଟି ହୋଇଯାଇଛି। ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଯାନବାହାନ ଚଳାଚଳ କରିଥାଏ। ଅଳ୍ପ ଦିନ ତଳେ ବ୍ରିଜଟି ସମ୍ପୂର୍ଣ୍ଣ ହୋଇ ଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ବ୍ରିଜ କୁ ଲାଗି ଉଠା ଯାଇଥିବା ମାଟି ନ ଖସିବା ପାଇଁ ପାଚେରୀ ନିର୍ମାଣ ହୋଇପାରିନାହିଁ। ଫଳରେ ପ୍ରବଳ ବର୍ଷା ଯୋଗୁଁ ରାସ୍ତାକଡ଼ରୁ ମାଟି ଖସି ପଡିବାରୁ ରାସ୍ତାରୁ ପିଚୁ ଧୋଇହୋଇ ବିରାଟ ଗର୍ତ୍ତ ହୋଇଯାଇଛି। ରାତି କିମ୍ବା ଦିନବେଳେ ବ୍ରିଜ ଦେଇ ଆସୁଥିବା ଯାନବାହାନକୁ ସାଇଡ ଦେବାକୁ ଯାଇ ନିରୀହ ଲୋକଙ୍କ ଜୀବନ ଚାଲିଯିବାର ଭୟ ରହିଛି। ତେଣୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଠିକାଦାରଙ୍କ ଦ୍ୱାରା ଅତି ଶୀଘ୍ର ମରାମତି କରିବା ପାଇଁ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି।

## ଚୋରା ମଦ କାରବାର ଅଭିଯୋଗରେ ଜଣେ ଗିରଫ




ବେଲପାହାଡ( ଭାସ୍କର ନ୍ୟୁଜ୍ ): ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ପୋଲିସ ଚୋରା ମଦ କାରବାର ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ମୁତାବକ ଠେବରା ଗ୍ରାମର ରାଜ କୁମାର ଖଣ୍ଡା ଶୁକ୍ରବାର ଓଡି୧୬ସି୯୨୭୬ ନମ୍ବର ବିଶିଷ୍ଟ ଏକ ହିରୋ ସ୍କୁଟିରେ ଚୋରା ମଦ ଚାଲାଣକରୁଥିବାବେଳେ ସଗରପାଲି ଛକ ନିକଟରେ ରେଙ୍ଗାଲି ପୋଲିସ ହାବୁଡରେ ପଡିଥିଲା। ପୋଲିସ ତାଙ୍କ ନିକଟରୁ ୬୦ ଲିଟର ଦେଶୀ ମଦ ଜବତ କରିଥିଲା ବେଳେ ଉକ୍ତ ସ୍କୁଟିକୁ ଜବତ କରିବା ସହ କେଶ ନମ୍ବର ୨୧୨/୨୦୨୫ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

## 'ଆସ ଆମେ ସ୍କୁଲ ଯିବା'କାର୍ଯ୍ୟକ୍ରମ




ହାତରେ ପ୍ଲାକାର୍ଡ ଧରୀ ଶିକ୍ଷା ସଚେତନତାର ସ୍ଲୋଗାନ ଦେଇ ଏକ ରାଲିରେ ବାହାରି ଗ୍ରାମ ପରିକ୍ରମା କରିଥିଲେ ।

କନ୍ଧମାଳ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଅନ୍ତର୍ଗତ ପଥର୍ଲା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ଆସ ଆମେ ସ୍କୁଲ ଯିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଂାଇଯାଇଛି ।ଯେଉଁ ପିଲାମାନେ ଅଧାରୁ ପାଠ ଛାଡିଥିବା,ଆଦୌ ନାମ ଲେଖାଇ ନ ଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲା ମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକଦେବ ମହାଲିକ ଓ ସହକାରୀ ଶିକ୍ଷକ ଲୋକେଶ କୁମାର ନାଏକଙ୍କ ସହ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ମାନେ

## କାଳିମେଳାରେ ପହଞ୍ଚିଲା ୨୯୦୦ ବସ୍ତା ସାର



କାଳିମେଳା (ଭାସ୍କର ନ୍ୟୁଜ୍):କାଳିମେଳା ଅଞ୍ଚଳରେ ଚାଲିଥିବା ଚାଷୀ ଅସନ୍ତୋଷ ଏବେ ଅନ୍ତ ହେବାକୁ ଯାଉଛି । ଦୁଇ ଦିନରେ କାଳିମେଳାକୁ ୨୯୦୦ ବସ୍ତା ୟୁରିଆ ସାର ଆସି ପହଞ୍ଚିଛି ବୋଲି ଲ୍ୟାମ୍ପସ ଅଧକ୍ଷ ବୁଦ୍ରା କବାସି ପ୍ରକାଶ କରିଛନ୍ତି । ପୁଣି ଦୁଇ ଟ୍ରକ୍ ସାର ଆସିବ ବୋଲି ସେ ଜଣାଇଛନ୍ତି । ତେବେ ଆସନ୍ତା ସୋମବାର ଠାରୁ କାଳିମେଳା ଲ୍ୟାମ୍ପସ ଗୋଦାମରୁ ଚାଷୀଙ୍କୁ ୟୁରିଆ ସାର ଯୋଗାଇ ଦିଆଯିବ । ଘରୋଇ ବିକ୍ରେତାଙ୍କୁ ବର୍ତ୍ତମାନ ସାର ଯୋଗାଇ ଦିଆଯାଇନି । ତେଣୁ କରି ଚାଷୀମାନେ ଉଚିତ ଦରରେ ଲ୍ୟାମ୍ପସ ଠାରୁ କ୍ରୟ କରି ନେଇପାରିବେ । ସାର ଅଭାବ ଯୋଗୁ କାଳିମେଳା ଅଞ୍ଚଳର ଚାଷୀଙ୍କ ଠାରୁ ଆରମ୍ଭ କରି ଲ୍ୟାମ୍ପସ,ଘରୋଇ ବିକ୍ରେତା, କୃଷି କାର୍ଯ୍ୟାଳୟ, ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ପୋଲିସ ର ମୁଣ୍ଡବ୍ୟଥା କାରଣ ପାଲଟିଥିଲା । ଯୋଗାଇବାରେ ବିଳମ୍ବ ଘଟିଥିଲେ ସୁଧା ବର୍ତ୍ତମାନ ଚାଷୀଙ୍କ ପାଇଁ ୟୁରିଆ ସାର ଏଠାରେ ପହଞ୍ଚି ସାରିଛି ।

## ନିରାଶ୍ରୟ ବୃଦ୍ଧାଙ୍କୁ ଆଇନ ସହାୟତା



ରୟଗଡା(ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ପାରା ଲିଗାଲ୍ ଭଲ୍ୟୁଣ୍ଟର କୁମାରୀ ବାଡତ୍ୟା ଜଣେ ନିରାଶ୍ରୟ ବୃଦ୍ଧା ଏ. ଆପାରାଓଙ୍କୁ ପିଉଳା ସାହି ଛକ ରାୟଗଡା ପରିସରରେ ଠାବ କରି ତାଙ୍କୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କର ଦ୍ୱାରସ୍ଥ କରିଥିଲେ। ତାପରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସହଯୋଗରେ ସେହି ବୃଦ୍ଧାଙ୍କୁରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ। ଏହାପରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ପାରା ଲିଗାଲ୍ ଭଲ୍ୟୁଣ୍ଟର କୁମାରୀ ବାଡତ୍ୟାଙ୍କ ସହଯୋଗରେ ଉକ୍ତ ବୃଦ୍ଧାଙ୍କୁ ରାୟଗଡା ସ୍ଥିତ ମାତୃଶକ୍ତି ବରିଷ୍ଠ ନାଗରିକ ଗୃହ, କୋତାପେଟା, ରାୟଗଡାରେ ଅବସ୍ଥାପିତ କରାଯାଇଛି ।

## ୨୬ କେଜି ଗଞ୍ଜେଇ ସହ ବାଇକ୍ ଜବତ,୨ ଗିରଫ




ବାଲିମେଳା(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଓରକେଲ ପୋଲିସ ୨୬ କିଲୋ ଗଂଜେଇ ସମେତ ଗୋଟିଏ ବାଇକ ଜବତ୍ କରିବା ସହ ୨ ଜଣଙ୍କୁ କୋର୍ଟଚାଲାଣ କରିଛି। ମିଳିଥିବା ସୁଚନାନୁଯାୟୀ ଓରକେଲ ଥାନାଧିକାରୀ ଧୀରେନ ପଟ୍ଟନାୟକ ବିଶେଷ ସୂତ୍ରରୁ ଖବର ପାଇ ଅଜିତ ସିଂ ବରିହାଙ୍କ ନେତୃତ୍ୱରେ ଏକ ଟିମ ନିଳାକାମ୍ବେରୁ ଗ୍ରାମ ନିକଟସ୍ଥ ସୋରଲୁକୋଣ୍ଡା ବ୍ୟାରେଜ ନିକଟରେ ଯାଞ୍ଚ ନିମନ୍ତେ ଗୁରୁବାର ମଧ୍ୟାହ୍ନ ସମୟରେ ପଠାଇଥିଲେ। ଗୋଟିଏ ବାଇକ ଏମଭି-୧୨୦ ଗ୍ରାମଠଠପଟୁ ଦ୍ରୁତ ଗତିରେ ଆସୁଥିବା ଦେଖି ପୋଲିସ ଟିମ ଅଟକାଇଥିଲେ। ବାଇକରେ ବସିଥିବା ୨ ଯୁବକ ଏକ ବସ୍ତା ନେଇ ଆସୁଥିବାବେଳେ ବସ୍ତାରେ କଣ ଅଛି ବୋଲି ପୋଲିସ ପଚାରିବାରୁ ଦୁହିଁଙ୍କ କଥାରେ ତାଳମେଳ ଖାଇନଥିଲା। ଯାଞ୍ଚ ପରେ ଉକ୍ତ ବସ୍ତାରେ ୨୬ କିଲୋ ଗଞ୍ଜେଇ ଥିବା ପୋଲିସ ଦେଖିବାକୁ ପାଇଥିଲେ। ପରେ ଦୁହିଁଙ୍କୁ ଓରକେଲ ଥାନାକୁ ନିଆଯାଇଥିଲା। ତେବେ ସେମାନେ ଏହି ଗଂଜେଇକୁ ଚିତ୍ରକୋଣ୍ଡା ଅଞ୍ଚଳରୁ ମାଲକାନଗିରିକୁ ଚାଲାଣ କରୁଥିବା ତଦନ୍ତକାରୀ ଅଧିକାରୀ ମନୋହର ସାହୁ କହିଛନ୍ତି। ଗିରଫ ୨ ଅଭିଯୁକ୍ତ ହେଲେ ସମୀର କିରସାନି(୨୦) ଏବଂ ଆକାଶ କିରସାନି(୨୩), ଦୁହେଁ ମାଲକାନଗିରି ଥାନା ଅନ୍ତର୍ଗତ ଭେଜାଗୁଡା ଗ୍ରାମର ବୋଲି ଜଣାପଡିଛି। ଜବତ ଗଂଜେଇର ଆନୁମାନିକ ମୂଲ୍ୟ ୨ ଲକ୍ଷ ୬୦ ହଜାର ହେବା ସହ ଆଜି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଶ୍ରୀ ପଟ୍ଟନାୟକ କହିଛନ୍ତି।

## ଚୋରି ହେଉଛି ମୂଲ୍ୟବାନ ଶାଗୁଆନ ଗଛ



### ଶୋଇଛି ବନ ବିଭାଗ

ମୁରିବାହାଲ (ଭାସ୍କର ନ୍ୟୁଜ ) ସରକାରଙ୍କ ନିଆରା କାର୍ଯ୍ୟକ୍ରମ ପରେ ନିଆରା ଦୃଶ୍ୟ ଦେଖିବାକୁ ମିଳୁଛି । ଗୋଟେ ପଟେ ମାଫିଆ ବିଭାଗୀୟ ଅଧିକାରୀଙ୍କ ହାତବାରିସୀ କରି ଲୁଟି ଚାଲିଥିବାବେଳେ ଅନ୍ୟ ପଟେ ସରକାର ମା'ପାଇଁ ଗଛଟିଏ ଓ ବନ ମହୋତ୍ସବ ପାଳନ କରୁଛନ୍ତି । ସବୁଜ ପୃଥିବୀ ସାଙ୍ଗକୁ ଜଙ୍ଗଲି ଜୀବ ଜନ୍ତୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ଦୃଢ଼ ନିଷ୍ପତ୍ତି ନେଉଥିବା ବେଳେ ବିଭାଗୀୟ ଅଧିକାରୀମାନେ ସରକାରଙ୍କ ନିୟମକୁ ବେଖାତିର କରୁଥିବା ଚର୍ଚ୍ଚା ହେଉଛି । ଜଙ୍ଗଲ ଓ ଜଙ୍ଗଲି ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ପ୍ରତି ବର୍ଷ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଜଙ୍ଗଲ ବିଭାଗର ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । କାଠମାଫିଆମାନେ ମୂଲ୍ୟବାନ ଶାଗୁଆନ ଗଛ, କେନ୍ଦୁ ଗଣ୍ଡି, ଖଇର ଗଣ୍ଡି ମେସିନ ସାହାଯ୍ୟରେ ଗଣ୍ଡି କରି ଚୋରା ଚାଲାଣ କରୁଥିବା ଅନୁମାନ କରାଯାଉଛି । ମୁରିବାହାଲ ରେଞ୍ଜ ସଦର ମହକୁମାରେ ଥିବା ଶାଗୁଆନ ନର୍ସରୀ ମୁରିବାହାଲରୁ ଟିଟିଲାଗଡ଼ ଯାଉଥିବା ରୋଡ଼ ଉଭୟ ପାର୍ଶ୍ୱରେ ଅନେକ ମୂଲ୍ୟବାନ ଶାଗୁଆନ ଗଛକୁ ମେସିନ ସାହାଯ୍ୟରେ କଟାଯାଇଥିବା ନଜର ଆସିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ବନ ବିଭାଗ କର୍ମଚାରୀମାନେ ଜଗିରହୁଥିବା ବେଳେ କାଠ ମାଫିଆମାନେ କେମିତି ଚୋରି କରୁଛନ୍ତି। ଏହିଭଳି ଘଟଣା ପ୍ରଥମ ଥର ନୁହେଁ ବିଗତ ଦିନରୁ ଅନେକ ମୂଲ୍ୟବାନ ଶାଗୁଆନ ଗଛ ମେସିନ ସାହାଯ୍ୟରେ କାଟି କାଠ ମାଫିଆମାନେ ରାତାରାତି ଚାଲାଣ କରୁଛନ୍ତି। ଏହି ରାସ୍ତା ଦେଇ ବିଭାଗୀୟ ଅଧିକାରୀମାନେ ପ୍ରତ୍ୟେକ ଦିନ ଯାତାୟାତ କରୁଥିବାବେଳେ ଅଣଦେଖା କରୁଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି । ତେବେ ବାକି ରହିଲା ମୁରିବାହାଲ ବନ ବିଭାଗ ଏଥିପ୍ରତି କେଉଁ ପଦକ୍ଷେପ ନେଉଛନ୍ତି।

# ଜମି ଜାଲିଆତି ଅଭିଯୋଗ
## ପ୍ରଶାସନର ଦ୍ୱାରସ୍ଥ ହେଲେ ପରିବାରବର୍ଗ




ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଜମି ଜାଲିଆତି ହୋଇଥିବା ନେଇ ଏକ ଗରିବ ପରିବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଦେଖିବାକୁ ମିଳିଛି। ଉକ୍ତ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛି ପରିବାର। ଏହି ଘଟଣା ଉପରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟିଦେବାକୁ ପରିବାରବର୍ଗ ପକ୍ଷରୁ ଦାବି ହେଉଛି । ଖବରରୁ ପ୍ରକାଶ ଯେ - ରାଇଘର ବ୍ଲକ ଛେଲିଡଙ୍ଗରି ପଞ୍ଚାୟତ ୭ ନମ୍ବର ୱାର୍ଡ ତଳ ସାହି ଗ୍ରାମର ହର ସମରଥ ବୟସ ୭୭ ପ୍ରଶାସନକୁ ଲିଖିତ ଅଭିଯୋଗ କରିଛନ୍ତି ଯେ ଗଞ୍ଜାପାରା ସର୍କଲ ଅଧିନସ୍ଥ ଝୁନୁକିପାରା ମୌଜାରେ ପ୍ଲଟ ନମ୍ବର ୨୪୯/୨୭୫ ରେ ପିତା ଜଗଦୀଶ ହରିଜନ ନାମରେ ଦୁଇ ଏକର ପଟ୍ଟା ରହିଥିବାବେଳେ ଉକ୍ତ ଜାଗାକୁ କିଛି ବ୍ୟକ୍ତିଙ୍କୁ ଭାଗ ଚାଷ ନିମନ୍ତେ ଦାୟିତ୍ୱ ଦିଆଯାଇଥିଲା । ତେବେ ଭାଗ ଚାଷ ନିମନ୍ତେ ଦଖଲ ମଧ୍ୟରେ ରଖିଥିବା ବ୍ୟକ୍ତି ବିଶେଷଙ୍କୁ କିଛି ଜମି ମାଫିଆ ଷଡ଼ଯନ୍ତ୍ର କରି ତାହା ନିଜ ଅଧୀନରେ ଆଣିବା ପରେ ଆମ ପରିବାର ଅଜାଣତରେ ତାହାକୁ ଜମି ଜାଲିଆତି କରି ପଟ୍ଟା କରିଥିବା ଆମ ନିକଟରେ କିଛି ଖବର ଆସିଛି । ଏହା ବିରୁଦ୍ଧରେ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଗଷ୍ଟ ମାସ ୨୫ ତାରିଖ ଦିନ ଅଭିଯୋଗ ସହ ରାଇଘର ତହସିଲଦାରଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ ।ଏନେଇ ଏମସି କେଶ ନମ୍ବର ୧୧୩/୨୦୨୫ ରେ ମାମଲା ରୁଜୁ କରାଯାଇଥିଲା। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ମୋ ବାପାଙ୍କ ନାମରେ ଥିବା ୨ ଏକର ପଟ୍ଟା ସ୍ଥାନରେ ଜାଲିଆତି ଜରିଆରେ ୫ ଏକର ପଟ୍ଟା ଜମି ମାଫିଆ ହାତେଇଥିବା ଜଣାପଡିଛି । ଟ୍ରେସ ମ୍ୟାପ ଠାରୁ ଆରମ୍ଭ କରି ଏକ ବଡ଼ ଷଡ଼ଯନ୍ତ୍ର ଜରିଆରେ କିଭଳି ମୋ ପଟ୍ଟା ସ୍ଥାନରେ ଅନ୍ୟ ଜଣଙ୍କୁ ପଟ୍ଟା ପ୍ରଦାନ କରାଗଲା ତାହା ସନ୍ଦେହ ସୃଷ୍ଟି ହୋଇଛି । ଅଭିଯୋଗ କରିଥିବା ପୁରା ପରିବାରବର୍ଗ ଗୁରୁତର ଅଭିଯୋଗ କରିଛି ଯେ ଟ୍ରେସ ମ୍ୟାପ୍ ସମ୍ପୂର୍ଣ୍ଣ ଭୁଲ ରହିଥିବା ବେଳେ ତତ୍କାଳୀନ ସ୍ୱର୍ଗତ ସୁପର ଭାଇଜରଙ୍କ ନକଲ ଦସ୍ତଖତ ଜରିଆରେ ଟ୍ରେସ ମ୍ୟାପ ପ୍ରସ୍ତୁତ ହୋଇଛି । ଏଥିସହ ଗଣପତି ସତନାମି ଖାତା ନମ୍ବର ୪୧/୫୬ ପ୍ଲଟ ନମ୍ବର ୨୪୯/୩୦୭ ରେ ୫ ଏକର ପଟ୍ଟାକୁ ମୋ ସ୍ଥାନ ବୋଲି ଦର୍ଶାଇ ଜାଲିଆତି ଜରିଆରେ କିଛି ବ୍ୟକ୍ତି ବିଶେଷ ପଟ୍ଟା ପାଇଛନ୍ତି । ମୋର ପଟ୍ଟା ୨ ଏକର ଥିବା ବେଳେ ମୋ ସ୍ଥାନକୁ ୫ ଏକର ଦର୍ଶାଇବା ଓ ପଟ୍ଟା ପାଇବା ପଛରେ ବଡ଼ ଷଡ଼ଯନ୍ତ୍ର ହୋଇଛି ବୋଲି ଅଭିଯୋଗ ହୋଇଛି । ଏହି ଷଡ଼ଯନ୍ତ୍ର ପଛରେ ମୋର ପୁଅକୁ ଅର୍ଥ ପ୍ରଲୋଭନ ମଧ୍ୟ ଦେଖାଇ ରେଜିଷ୍ଟର କରିବାକୁ ଚାପ ସୃଷ୍ଟି କରାଯାଇଥିଲା। କିନ୍ତୁ ମୋର ଦୃଷ୍ଟିକୁ ଆସିବା ପରେ ପରିବାର ବର୍ଗ ମିଶି ଏହି ଜାଲିଆତି ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ହର ସମରଥ ପ୍ରକାଶ କରିଛନ୍ତି। ଅଭିଯୋଗକାରିଣି ହର ସମରଥ, ଖଗପତି ସମରଥ, ଧନେଶ୍ୱର ହରିଜନ, ଅଶୋକ ହରିଜନ, ଚକ୍ରଧର ହରିଜନ, ଗଙ୍ଗାଧର ହରିଜନ ପ୍ରମୁଖ ପରିବାରବର୍ଗ ସଦସ୍ୟ ପୁଣି ଥରେ ତହସିଲ କାର୍ଯ୍ୟାଳୟ ଆସି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସମ୍ପୂର୍ଣ୍ଣ ପରିବାରବର୍ଗ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି । ଅନ୍ୟ ଜଣଙ୍କ ୫ ଏକର ଖାଲି ପଟ୍ଟାକୁ କିଣି ୨୪୯/୨୭୫ ମୌଜା ରେ ଉଲ୍ଲେଖ କରିବା ଓ ଟ୍ରେସ ମ୍ୟାପ ହେଲା ତ ମୋଟ ୫ ଏକର ହୋଇଥାନ୍ତା ଦୁଇ ଏକର କେମିତି ହେଲା । ଅସାଧୁ ଉପାୟରେ ଷଡ଼ଯନ୍ତ୍ର କରି ଜମି ରେଜିଷ୍ଟ୍ରେସନ ହୋଇଛି । ଏହି ଘଟଣାରେ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିଧବା ମହିଳା ସହ ପୁରା ପରିବାରବର୍ଗ କୁ ନ୍ୟାୟ ଭିକ୍ଷା ମାଗିଛନ୍ତି ପରିବାର ସଦସ୍ୟ । ଏ ସମ୍ପର୍କରେ ରାଇଘର ତହସିଲଦାର ରିତୁ ସିଂ ଙ୍କୁ ପଚାରିବାରୁ ଅଭିଯୋଗକୁ ଗୁରୁତ୍ୱ ସହ ନେଇ ତଦନ୍ତ କରାଯାଇଛି । ଉକ୍ତ ଜାଗା ଅନ୍ୟ ନାମରେ ରେଜିଷ୍ଟ୍ରେସନ ହେବା ପରେ ଆମ ପାଖରେ ବାତିଲ କରିବା କ୍ଷମତା ନାହିଁ । ତେଣୁ ଉକ୍ତ ସମସ୍ୟାକୁ ନେଇ କୋର୍ଟ ଦ୍ୱାରସ୍ଥ ହେବା ଆବଶ୍ୟକ ରହିଛି ବୋଲି ପ୍ରକାଶ କରିଛନ୍ତି । ସୂଚନା ଥାଉ ଯେ ରାଇଘର ବ୍ଲକରେ ଜମି ମାଫିଆମାନଙ୍କ ରାଜ ବଢ଼ିବାରେ ଲାଗିଛି । ଜମି ଜାଲିଆତି ମାମଲା ସହ ବେଆଇନ୍ ପ୍ଲଟିଂ କରି ଜାଗା ବିକ୍ରୀ ଚାଲିଛି । ରାଜ୍ୟ ସରକାରଙ୍କ ନୀତି ନିୟମକୁ ଖୁଲମ ଖୁଲା ଉଲ୍ଲଂଘନ କରା ଯାଉଥିବାବେଳେ ଜିଲ୍ଲା ପ୍ରଶାସନ ଏଥି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ ରହିଛି । ବର୍ତ୍ତମାନ୍ ସମୟରେ ଗରିବ ପରିବାରର ଜମି ଜାଲିଆତି ଅଭିଯୋଗର ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ ରହିଛି । ଯେଉଁ ଅଭିଯୋଗ ହୋଇଛି ତାହା ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ କିଭଳି ଜମି ମାଫିଆ ପଟ୍ଟା ହାସଲ କରୁଛନ୍ତି ତାହା ପର୍ଦ୍ଦାଫାଶ ହେବା ଜରୁରୀ ହୋଇ ପଡ଼ିଛି। ଏହି ଘଟଣାରେ ଗରିବ ପରିବାର କିଭଳି ନ୍ୟାୟ ପାଇବ ତାହା ସାଧାରଣ ରେ ଚର୍ଚ୍ଚା ବିଷୟବସ୍ତୁ ପାଲଟିଛି।

## ଟିଆରଏଲ୍ କ୍ରୋସାକିକୁ ମିଳିଲା ସିଆଇ ଏସ୍ଏଚ୍ଇ ଏକ୍ସିଲେନ୍ସ ପୁରସ୍କାର




ବେଲପାହାଡ଼,( ଭାସ୍କର ନ୍ୟୁଜ୍ ): ଭାରତୀୟ ଶିଳ୍ପ ସଂଘ (ସିଆଇଆଇ) ପକ୍ଷରୁ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ବୃହତ ଉତ୍ପାଦନ ଶିଳ୍ପ ବର୍ଗରେ ସିଆଇଆଇ ଏସଏଚଇ ଏକ୍ସିଲେନ୍ସ ପୁରସ୍କାର-୨୦୨୫ ରେ ସମ୍ମାନିତ ହୋଇଛି ଝାରସୁଗୁଡା ଜିଲ୍ଲା ବେଲପାହାଡ ଗୁମାଡ଼େରା ସ୍ଥିତ ଟିଆରଏଲ୍ କ୍ରୋସାକି କମ୍ପାନୀ। ସିଆଇଆଇ ପୂର୍ବାଞ୍ଚଳ ଦ୍ୱାରା କୋଲକାତା ସ୍ଥିତ ହୋଟେଲ ଆଇଟିସି ସୋନାରରେ ଏହି ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଥିଲା । ଟିଆରଏଲ୍ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ଡ. ତାରାପଦ ଦାସ ଯୋଗଦେଇ ପଶ୍ଚିମବଙ୍ଗ ସରକାରଙ୍କ ଶ୍ରମ ବିଭାଗ ସଚିବ ଅବନୀନ୍ଦ୍ର ସିଂହଙ୍କ ହସ୍ତରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଅନ୍ୟତମ ଅତିଥି ଭାବେ ଟାଟା ଷ୍ଟିଲ୍ ଉପାଧକ୍ଷ ( ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ନିରନ୍ତରତା), ରାଜୀବ ମଙ୍ଗଳ ଏବଂ ସିଆଇଆଇ ଜାମସେଦପୁର ଜୋନାଲ୍ ପରିଷଦର ଅଧ୍ୟକ୍ଷ ଅଭିଜିତ ଏ ନାନୋଟିଙ୍କ ସହ ଅନେକ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଏହି ପୁରସ୍କାର ଗ୍ରହଣ ସମୟରେ ଟିଆରଏଲ୍ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ଡ. ଦାସଙ୍କ ସହିତ ସ୍ୱରାଜ ମୁଣ୍ଡ, ଜୟନାରାୟଣ ନନ୍ଦ ଏବଂ ସମ୍ବିତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଗତ ପାଞ୍ଚ ବର୍ଷରେ ଉତ୍କୃଷ୍ଟ ମଧ୍ୟରେ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ କ୍ଷେତ୍ରରେ ପ୍ରଦର୍ଶନ ଏବଂ ନିରନ୍ତର ଉନ୍ନତି ପାଇଁ କମ୍ପାନୀକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପୂର୍ବ ଭାରତର ଅନେକ ବଡ଼ ବଡ଼ କମ୍ପାନୀ ଏହି ପୁରସ୍କାର ପାଇଁ ଆବେଦନ କରିଥିଲେ। ବିଭିନ୍ନ କ୍ଷେତ୍ରକୁ ଦୃଷ୍ଟି ରେ ରଖି ବିଶେଷଜ୍ଞଙ୍କ ଏକ ଜୁରି ଦ୍ୱାରା ଚୟନ କରାଯାଇ ଏହି ପୁରସ୍କାର ଟିଆରଏଲ କ୍ରୋସାକି କୁ ପ୍ରଦାନ କରାଯାଇଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ଏହି ପୁରସ୍କାର ପାଇଁ ଟିଆରଏଲ୍ କ୍ରୋସାକି ଶ୍ରେଷ୍ଠ ସ୍ଥାନରେ ରହିଛି ।

## ରକ୍ତହୀନତା ମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ପାଇଁ ସଚେତନତା ତାଲିମ



ରାୟଗଡ଼ (ଭାସ୍କର ନ୍ୟୁଜ୍): ରାୟଗଡ଼ ବ୍ଲକ ସଦଭାବନା ଗୃହରେ ରକ୍ତହୀନତା ମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ନିମନ୍ତେ ସଚେତନତା ତାଲିମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ସୁଶ୍ରୀ ଟୁନି ହୁଇକା ଏହାର ଉଦଘାଟନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ କାଳୁ ଚରଣ ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସୁସ୍ଥ ଗ୍ରାମ ପଞ୍ଚାୟତ ଗଠନରେ ଏହାର ଭୂମିକା ବିଷୟରେ କହିଥିଲେ। ଜନସ୍ୱାସ୍ଥ୍ୟ ଉନ୍ନୟନ ଅଧିକାରୀ ସଞ୍ଜୁକ୍ତା ବେହେରା, ଗୋଷ୍ଠୀ ପୋଷଣ ସଞ୍ଜୋଜିକା ସରସ୍ୱତୀ ସିଂ, ଶିଶୁ ବିକାଶ ବିଭାଗର ସୁପରଭାଇଜର ଯଶୋଦା ବିଭୋର ଓ ବରିଷ୍ଠ ଶିକ୍ଷକ ଉମାଶଙ୍କର ପଣ୍ଡା ସମ୍ବଳ ବ୍ୟକ୍ତି ରୂପେ ତାଲିମ ପ୍ରଦାନ କରିଥିଲେ । ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଏମବିକେ, ସିଆରପି, ଏ ଏନ ଏମ, ୱାର୍ଡ ସଭ୍ୟ, ସମିତି ସଭ୍ୟ ପ୍ରମୁଖ ଏହି ତାଲିମ ଶିବିରରେ ଯୋଗଦାନ କରିଥିଲେ । ଜିପିଡିଓ ସ୍ମୃତିରେଖା ନାୟକ, ବୈଷୟିକ ସଞ୍ଜୋଜକ ଯୋଗେନ୍ଦ୍ର ନାୟକ ଏହାର ପରିଚାଳନା କରିଥିଲେ ।

## ଡ୍ୟୁଟିରେ ଥିବା ଡାକ୍ତରଙ୍କୁ ମାଡ; ଥାନାର ଦ୍ୱାରସ୍ଥ ହେଲେ ଉଭୟ ପକ୍ଷ

ବାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଡ୍ୟୁଟିରେ ଥିବା ଡାକ୍ତରଙ୍କୁ ହାତଉଠାଇ ମାରିଲେ ଦିବ୍ୟାଙ୍ଗ, ସୋସିଆଲ ମିଡ଼ିଆରେ ଭିଡିଓ ହେଲା ଭାଇରାଲ। ଘଟଣା ପରେ ଉଭୟ ହେଲେ ଥାନାର ଦ୍ୱାରସ୍ଥ। ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ ଶୁକ୍ରବାର ସକାଳ ସମୟରେ ବାଲିମେଳା ଛକରେ ରହୁଥିବା ଜଗତ ଜୀବନ ପାତ୍ର ନାମକ ଜଣେ ଦିବ୍ୟାଙ୍ଗ ନିଜ ପୁଅର ଜ୍ୱର ହୋଇଥିବା ନେଇ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ଯାଇଥିଲେ। ସେଠାରେ ଡ୍ୟୁଟିରେ ଥିବା ଡାକ୍ତର ସୌଭାଗ୍ୟ ହୁଇ ପିଲାଟିର ଚିକିତ୍ସା କରି ଔଷଧ ଲେଖିଥିଲେ। କିଛି ସମୟ ପରେ ତାଙ୍କ ପୁଅର ଦେହ ଭଲ ନ ହେବାରୁ ପୁନଃ ନିଜ ପୁଅକୁ ନେଇ ମେଡିକାଲ ଯାଇଥିଲେ ଦିବ୍ୟାଙ୍ଗ। ସେଠାରେ ଡାକ୍ତର ବିଶ୍ୱ ଅଙ୍କିତ ସାହୁ ଚିକିତ୍ସା କରିବା ସମୟରେ ତାଙ୍କ ପୁଅ ଡାକ୍ତରଙ୍କୁ ଗ୍ୟାସ ଦେବା ନିମନ୍ତେ କହିଥିଲେ। ଡାକ୍ତର କଣ ହୋଇଛି ବୋଲି ପଚାରିବାରୁ ସେ କେବଳ ଗ୍ୟାସ ହିଁ ମୋତେ ଦିଅନ୍ତୁ ବୋଲି ଆଦେଶ ଦେଇ ଚାଲି ଯାଇଥିଲେ ପୁଅ। ଏହାପରେ ଦିବ୍ୟାଙ୍ଗ ଜଣଙ୍କ ରାଗରେ ଉତ୍କ୍ଷିପ୍ତ ହୋଇ ଡାକ୍ତରଙ୍କ ପ୍ରକୋଷ୍ଠକୁ ଯାଇ ଡାକ୍ତର ଶ୍ରୀ ସାହୁଙ୍କ ସହ ନାନାଦି ଯୁକ୍ତି କରିଥିଲେ। ପରେ ବାଧହୋଇ ଡାକ୍ତର ନିଜ ମୋବାଇଲ ଯୋଗେ ଭିଡିଓ ଆରମ୍ଭ କରିବାରୁ ବିଭିନ୍ନ ଭାଷା ଦେଇ ଦିବ୍ୟାଙ୍ଗ ଜଣଙ୍କ ଡ୍ୟୁଟିରେ ଥିବା ଡାକ୍ତର ଶ୍ରୀ ସାହୁଙ୍କୁ ବିଭିନ୍ନ ଭାଷାରେ ଗାଳି ଗୁଲଜ୍ କରି ଧମକାଇଥିଲେ। ପରେ ଡାକ୍ତର ତାଙ୍କ ପୁଅକୁ ନିଜ ପ୍ରକୋଷ୍ଠକୁ ଡାକି ପଚରାଉଚରା କରିବା ସମୟରେ ଦିବ୍ୟାଙ୍ଗ ଜଣଙ୍କ ରାଗରେ ପ୍ରଚଣ୍ଡ ହୋଇ ଡାକ୍ତରଙ୍କ ମୋବାଇଲ ତଳେ ପକାଇ ଭାଙ୍ଗିବା ସହ ଡାକ୍ତରଙ୍କୁ ହାତ ଉଠାଇ ମାରି ଅଭଦ୍ର ଭାଷାରେ ଗାଳି ଗୁଲଜ୍ କରିଥିଲେ। ପରେ ଡାକ୍ତର ଅଙ୍କିତ ବାଧହୋଇ ଓରକେଲ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଏନେଇ ମାମଲା ରୁଜୁ କରାଯାଇଥିବା ବେଳେ ପୁନଃ ଦିବ୍ୟାଙ୍ଗ ଶ୍ରୀ ପାତ୍ର ମଧ୍ୟ ଥାନାର ଦ୍ୱାରସ୍ଥ ହୋଇ ଡାକ୍ତର ଙ୍କୁ ବିରୁଦ୍ଧରେ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିବା ସୂଚନା ମିଳିଛି। ଓରକେଲ ଥାନାରେ କେସ ନଂ ୨୪୩ ଏବଂ ୨୪୪ ମାମଲା ରୁଜୁ କରି ଉଭୟଙ୍କୁ ଥାନା ପକ୍ଷରୁ ବେଲବଣ୍ଡ ପ୍ରଦାନ କରାଯାଇଥିବା ଏସଆଇ ଅଜିତ ସିଂ ବରିହା ସୂଚନା ଦେଇଛନ୍ତି। ତେବେ ଡ୍ୟୁଟିରେ ଥିବା ଡାକ୍ତରଙ୍କୁ ଏପରି ମାଡ଼ ମାରିବା ଘଟଣାକୁ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି।

# କୁରୁମପାଲ୍ଲୀରେ ନୃଶଂସ ହତ୍ୟା

ମାଥିଲି (ଭାସ୍କର ନ୍ୟୁଜ) ମାଥିଲି ବ୍ଲକ ଅଧିନ କମାରପାଲ୍ଲି ପଞ୍ଚାୟତ ର କୁରୁମପାଲ୍ଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ରାତ୍ର ସମୟରେ ଘରେ ଶୋଇଥିବା ଅବସ୍ଥାରେ କିଛି ଦୁର୍ବୃତ୍ତ ପ୍ରଥମେ କରେଣ୍ଟ କାଟି ଅନ୍ଧାର କରିଦେଇଥିଲେ ତାପରେ ନିରଞ୍ଜନ ଠାକୁର (୪୫)ଙ୍କ ଘର ଭିତରକୁ ପଶି ଅତି ନୃଶଂସ ଭାବରେ ଗଳା କାଟି ହତ୍ୟା କରି ଫେରାର ହୋଇଯାଇଛନ୍ତି। ପାରିପାର୍ଶିକ ପରିସ୍ଥିତି ଦେଖିଲେ ଲୋମ ଟାଙ୍କୁରି ଉଠିବ। ଏତେ ମାତ୍ରାରେ ରକ୍ତସ୍ରାବ ହୋଇଛି ଯେ ସେଠାରେ ହିଁ ନିରଞ୍ଜନଙ୍କର ମୃତ୍ୟୁ ହୋଇଯାଇଛି। ମାଥିଲି ପୋଲିସ ପହଞ୍ଚି ଶବ ଜବତ କରି ବିଭିନ୍ନ ଦିଗକୁ ଆଖି ଆଗରେ ରଖି ତଦନ୍ତ ଚାଲିଥିବା ସୂଚନା ମିଳିଛି ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ମାଲକାନଗିରି (ଭାସ୍କର ନ୍ୟୁଜ): ସରକାରୀ ହାଇସ୍କୁଲ ଏନ୍ ପି ଏସ ଶିକ୍ଷକ ସଂଘ, ମାଲକାନଗିରି ତରଫରୁ ଜିଲ୍ଲାପାଳ ମାଲକାନଗିରି ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇ ଦଫା ଦାବି ନେଇ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦୁଇ ଦଫା ଦାବି ନେଇ ଆଲୋଚନା ମଧ୍ୟ କରିଥିଲେ ଏବଂ ଅନୁରୋଧ କରାଯାଇଥିଲା କି ୨୦୦୪ ମସିହା ଠାରୁ ୨୦୧୪ ପର୍ଯ୍ୟନ୍ତ ସମସ୍ତ ହାଇସ୍କୁଲ ଶିକ୍ଷକଙ୍କର ୬ ବର୍ଷ ମୂଳ ଚାକିରୀ ରେ ଯୋଗ ଓ ୬ଟି ନାସନାଲ ଇନକ୍ରୀମେଣ୍ଟ ପ୍ରଦାନ ଏବଂ ହାଇସ୍କୁଲ ଶିକ୍ଷକମାନଙ୍କ କ୍ୟାଡର ର ପୁନର୍ଗଠନ ନିମନ୍ତେ ଆଲୋଚନା କରାଯାଇଥିଲା। ସେମାନଙ୍କର ଦାବି ଯଦି ୨୧ ତାରିଖ ସୁଦ୍ଧା ପୂରଣ ନ ହୁଏ ତେବେ ୨୨ ତାରିଖ ଦିନ ରାଜ୍ୟସ୍ତରରେ ମହା ଆନ୍ଦୋଳନ କରାଯିବ ଏବଂ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଦ୍ୟାଳୟରେ ତାଲା ଝୁଲିବ ବୋଲି ସଂଘ ଚେତାବନୀ ଦେଇଛନ୍ତି । ଏହି ପ୍ରତିବାଦ ସଭାରେ ସଂଘ ସଭାପତି ସଂଜୀବ କୁମାର ବୈଦ୍ୟ, କାର୍ଯ୍ୟକାରୀ ସଭାପତି ସୁଧୀର ରଞ୍ଜନ ସିକଦାର ସମ୍ପାଦକ ସନାତନ ଦାସ, ଉପଦେଷ୍ଟା ଜଗନ୍ନାଥ ପ୍ରସାଦ ବେହେରା, ଶୁଶିଳା କୁମାରୀ ହିୟାଲ୍, ସ୍ମୃତିକା ସୁକୁଲ,ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ସନ୍ଦୀପ୍ତ କୁମାର ଦାସ ଉପସଭାପତି ସନାତନ ପ୍ରଧାନ ତଥା ଚତୁର୍ଭୁଜ ଦାସ, ରତନ ଆଚାର୍ଯ୍ୟ, ସମୀୟ ରଞ୍ଜନ ଜେନା, ବାସୁଦେବ ପଣ୍ଡା, ଶରତ ଦାସ ଏବଂ ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ୧୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।



## ଗଞ୍ଜେଇ ଭର୍ତ୍ତି ଅଟୋରିକ୍ସା ଜବତ : ଜଣେ ଗିରଫ

ଖୋର୍ଦ୍ଧା (ଭାସ୍କର ନ୍ୟୁଜ):: ଖୋର୍ଦ୍ଧା ଜିଲ୍ଲାର ଜଂକିଆ ଥାନା ଅଧିନସ୍ଥ ଛଣଗିରି ଗ୍ରାମର ନୂଆ ଜଗନ୍ନାଥ ସଡ଼କ ର କବରସ୍ତାନ ସମ୍ମୁଖରେ ଜଂକିଆ ଥାନା ନିରୀକ୍ଷକ ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ସିକୋ ଫାଣ୍ଡି ଅଧିକାରୀ ପ୍ରସନ୍ନ ଜେନା ଓ ତାଙ୍କର ପୋଲିସ କର୍ମଚାରୀ ବିଶେଷ ସୂତ୍ରରୁ ଖବର ପାଇ ଅତର୍କିତ ଚଢ଼ାଉ କରି ଗୋଟିଏ ଗଂଜେଇ ଭର୍ତ୍ତି ଅଟୋରିକ୍ସା ( ଓଡି ୦୭- ୩୪୮୮ ) କୁ ଧରପଗଡ଼ କରିଛନ୍ତି । ଯେଉଁଥିରେ ଏକ ଜରି



ବସ୍ତାରେ ଚୋରା ଚାଲାଣ ହେଉଥିବା ୨୧ କେଜି ୫୦୦ ଗ୍ରାମ ଗଞ୍ଜେଇ ଥିବା ଜଣାପଡିବା ପରେ ତାହାକୁ ଜବତ କରିଥିଲେ । ଗିରଫ ବେପାରୀ ତଥା ଅଟୋରିକ୍ସା ଚାଳକ ଜଣଙ୍କ ଜଂକିଆ ଥାନା ସିକୋ ଗ୍ରାମର ମାଗୁଣୀ ସାହୁ ବୋଲି ଜଣାପଡିଛି । ଅଭିଯୁକ୍ତ କୁ ଗିରଫ କରିବା ପରେ ତା' ନିକଟରୁ ନଗଦ ୩୭୨୦ ଟଙ୍କା ଜବତ କରାଯାଇଛି ବୋଲି ଜଂକିଆ ଥାନା ନିରୀକ୍ଷକ ସୁଶାନ୍ତ କୁମାର ବେହେରା ସୂଚନା ଦେଇଛନ୍ତି ।

## ୧୨୭ ବର୍ଷ ପରେ ମିଜୋରମକୁ ଗଡ଼ିଲା ଟ୍ରେନ୍

ନୂଆଦିଲ୍ଲୀ : ରେଳ ମ୍ୟାପରେ ଯୋଡିହେଲା ମିଜୋରାମ। ୧୨୭ ବର୍ଷ ପରେ ମିଜୋରାମରେ ଗଡ଼ିଲା ପ୍ରଥମ ଟ୍ରେନ । ପ୍ରଥମ ରେଲୱେ ଲାଇନ୍‌ର ଉଦଘାଟନ କରି ରାଜ୍ୟବାସୀଙ୍କୁ ବଡ଼ ଭେଟି ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଆଇଜଲରୁ ଦିଲ୍ଲୀ ଗଡିଲା ଟ୍ରେନ । ବୈରାବି-ସାଇରାଙ୍ଗ ସହ ୩ଟି ନୂଆ ରେଳ ଲାଇନର ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ । ସ୍ୱାଧୀନତା ସଂଗ୍ରାମ ହେଉ କି ଦେଶ ନିର୍ମାଣ ମିଜୋରାମ ବାସୀ ସବୁଥିରେ ଆଗୁଆ । ମିଜୋରାମବାସୀଙ୍କ ପାଇଁ ଆଜି ଐତିହାସିକ ଦିନ ବୋଲି କହିଛନ୍ତି କହି ଜନସଭାକୁ ସମ୍ବୋଧିତ କରିଛନ୍ତି ପ୍ରଧାନମନ୍ତ୍ରୀ । ସେ କହିଛନ୍ତି, ଏହା କେବଳ ରେଳ ସଂଯୋଗ ନୁହେଁ ଲାଇଫଲାଇନ୍ ଅଫ୍ ଟ୍ରାନ୍ସଫରମେସନ। ଏହା ମିଜୋରାମର ଲୋକଙ୍କ ଜୀବନ ଏବଂ ଜୀବିକାରେ ବିପ୍ଳବ ଆଣିବ। ମିଜୋରାମର ଚାଷୀ ଏବଂ ବ୍ୟବସାୟଗୁଡ଼ିକ ସାରା ଦେଶରେ ବଜାରରେ ପହଞ୍ଚାଇବ । ଗତ ୧୧ ବର୍ଷ ଧରି, ଆମେ ଉତ୍ତର-ପୂର୍ବାଞ୍ଚଳର ବିକାଶ ପାଇଁ କାମ କରିଆସୁଛି । ଏହି ଅଞ୍ଚଳ ଭାରତର ଅଭିବୃଦ୍ଧି ଇଞ୍ଜିନ ହେବାକୁ ଯାଉଛି । ସ୍ୱାଧୀନତା ଆନ୍ଦୋଳନ ହେଉ କିମ୍ବା ରାଷ୍ଟ୍ର ନିର୍ମାଣ, ମିଜୋରାମର ଲୋକମାନେ ସର୍ବଦା ଯୋଗଦାନ ଦେବାକୁ ଆଗେଇ ଆସିଛନ୍ତି । ତ୍ୟାଗ ଏବଂ ସେବା, ସାହସ ଏବଂ କରୁଣା ମୂଲ୍ୟବୋଧକୁ ମିଜୋ ସମାଜ କେନ୍ଦ୍ରରେ ଅଛି । ଆଜି, ମିଜୋରାମ ଭାରତର ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଦେଶ ପାଇଁ, ବିଶେଷକରି ମିଜୋରାମର ଲୋକଙ୍କ ପାଇଁ ଏକ ଐତିହାସିକ ଦିନ। ଆଜିଠାରୁ, ଆଇଜଲ ଭାରତର ରେଳ ମାନଚିତ୍ରରେ ରହିବ। କିଛି ବର୍ଷ ପୂର୍ବେ, ମୋତେ ଆଇଜଲ ରେଳ ଲାଇନର ଶିଳାନ୍ୟାସ କରିବାର ସୁଯୋଗ ମିଳିଥିଲା ଏବଂ ଆଜି, ଗର୍ବର ସହିତ ଦେଶବାସୀଙ୍କୁ ଉତ୍ସର୍ଗ କରୁଛୁ । ଅନେକ ଚ୍ୟାଲେଞ୍ଜକୁ ଦୂର କରି, ଏହି ବୈରାବି-ସାଇରଙ୍ଗ ରେଳ ଲାଇନ ବାସ୍ତବତାରେ ପରିଣତ ହୋଇଛି । ଆମର ଇଞ୍ଜିନିୟରମାନଙ୍କ ଦକ୍ଷତା ଏବଂ ଆମର ଶ୍ରମିକମାନଙ୍କ ମନୋବଳ ଏହାକୁ ସମ୍ଭବ କରିଛି । ପ୍ରଥମ ଥର ପାଇଁ, ମିଜୋରାମର ସାଇରଙ୍ଗ ରାଜଧାନୀ ଏକ୍ସପ୍ରେସ ଦ୍ୱାରା ସିଧାସଳଖ ଦିଲ୍ଲୀ ସହିତ ଯୋଡ଼ି ହେବ। 'ବୈରାବି-ସାଇରଙ୍ଗ ମଧ୍ୟରେ ମିଜୋରାମର ପ୍ରଥମ ରେଳ ଲାଇନ ଉଦଘାଟିତ ହୋଇଛି । ୫୫ଟି ବୃହତ ଓ ୮୮ ଟି ଛୋଟ ବ୍ରିଜ ଉପରେ ୮୦୭୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ବ୍ରିଜକୁ ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବୈରାବିରୁ ସାଇରାଙ୍ଗ ୫୧ କିଲୋମିଟର ରେଲ ଲାଇନରେ ୪୫ଟି ସୁଡଙ୍ଗ ରହିଛି । ଉଦଘାଟନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ମିଜୋରାମ ମୁଖ୍ୟମନ୍ତ୍ରୀ ଲାଲଦୁହୋମା ଉପସ୍ଥିତ ଥିଲେ । ଆଜି ଆମ ରାଜ୍ୟ ପାଇଁ ଐତିହାସିକ ଦିନ । ବୈରାବି-ସାଇରଙ୍ଗ ରେଳପଥ ଏବଂ ସାଇରଙ୍ଗ ରେଳ ଷ୍ଟେସନ, ଏକ ଐତିହାସିକ ସଫଳତା ଯାହା ସଂଯୋଗ ଏବଂ ପ୍ରଗତି ଦିଗରେ ଆମର ଯାତ୍ରାରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି ବୋଲି କହିଛନ୍ତି ମିଜୋରାମ ମୁଖ୍ୟମନ୍ତ୍ରୀ ।

## ମାଓନେତ୍ରୀ ସୁଜାତାଙ୍କ ଆତ୍ମସମର୍ପଣ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଓ ସଙ୍ଗଠନକୁ ଶକ୍ତ ଧକ୍କା। ଟପ୍ ମାଓ ନେତା କିଶନଜୀଙ୍କ ପତ୍ନୀ ସୁଜାତା ତେଲେଙ୍ଗାନା ଡିଜିପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି । ସେ କେନ୍ଦ୍ରୀୟ କମିଟି ସଦସ୍ୟା ଥିଲେ । ମାଓବାଦୀଙ୍କ ଦକ୍ଷିଣ ସବ-ଜୋନାଲ ବ୍ୟୁରୋ ସଦସ୍ୟା ମଧ୍ୟ। ସୁଜାତାଙ୍କ ନାଁରେ ଏକ କୋଟି ଟଙ୍କାର ପୁରସ୍କାର ଥିଲା । ବସ୍ତର ସମେତ ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଥିଲେ। ସୁଜାତା ମାଓ ସଂଗଠନରେ ପଦ୍ମା କଳ୍ପନା, ଝାନ୍ସୀବାଇ ଆଦି ଭିନ୍ନ ଭିନ୍ନ ନାଁରେ ପରିଚିତ ଥିଲେ । ସୁଜାତା ମାଓ ସଂଗଠନରେ ପଦ୍ମା କଳ୍ପନା, ଝାନ୍ସୀବାଇ ଆଦି ଭିନ୍ନ ଭିନ୍ନ ନାଁରେ ପରିଚିତ ଥିଲେ ।

## ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ଛୁରାମାଡ଼

ପୁରୀ (ଭାସ୍କର ନ୍ୟୁଜ) :ପୁଣି ପୁରୀରେ ଛୁରାମାଡ଼ । ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ହୋଇଛି ଛୁରାମାଡ଼ । ଛୁରା ମାଡ଼ରେ ଦାଦା ଓ ପୁତୁରା ଆହତ ହୋଇଛନ୍ତି । ଆହତ ଦୁଇ ବ୍ୟକ୍ତି ହେଲେ ଗୌରାଙ୍ଗ ସାହୁ ଓ ସନ୍ତୋଷ କୁମାର ସାହୁ । ଉଭୟ ମାର୍କଣ୍ଡେଶ୍ୱର ସାହି ଅଞ୍ଚଳର । ଛୁରା ମାଡ଼ କରିଥିବା ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି । ଘଟଣାକୁ ନେଇ ସିଂହଦ୍ୱାର ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଛୁରାମାଡ ହୋଇଥିବା ସନ୍ଦେହ କରାଯାଉଛି ।

## 'ବେଟି ବଚାଓ ବେଟି ପଢାଓ'ର ବ୍ଲକସ୍ତରୀୟ କାର୍ଯ୍ୟକ୍ରମ



ନନ୍ଦାହାଣ୍ଡି (ଭାସ୍କର ନ୍ୟୁଜ): ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଶନିବାର ଦିନ ବେଟି ବଚାଓ , ବେଟି ପଢାଅ ଅଭିଯାନର ସମନ୍ୱୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହା ନନ୍ଦାହାଣ୍ଡି ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ କରାଯାଇଥିଲା । ଆଧୁନିକ ସଭ୍ୟତାରେ ପୁଅ ଝିଅର ଭେଦ ଭାବ ନରଖି ପୁଅ ଭଳି ସମସ୍ତ ଗୁରୁ ଦାୟିତ୍ୱରେ ଭାଗୀଦାର କରିବାକୁ ଅତିଥିମାନେ ମତବ୍ୟକ୍ତ ରଖିଥିଲେ । ପୂର୍ବ ଦିନରେ ଗର୍ଭାବସ୍ଥାରେ ଲିଙ୍ଗ ନିରୂପଣ କରି କନ୍ୟା ଭୃଣ ହତ୍ୟା ଭଳି ଜଘନ୍ୟ ଅପରାଧ କରୁଥିବାର ଖବର ମଧ୍ୟ ଆସୁଥିଲା କିନ୍ତୁ ସରକାରଙ୍କ କଡ଼ା ଆଇନ ସଚେତନ ହେବ ଯୋଗୁଁ ତାହା ପ୍ରାୟ ବନ୍ଦ ହେଉଛି ।ବାଲ୍ୟ ବିବାହରୁ ସମ୍ପୂର୍ଣ ନିବୃତ ରହିବା ପାଇଁ କୁହାଯାଇଥିଲା । କୌଣସି ସମୟରେ ମଧ୍ୟ କିଶୋରୀ ଅବା ମହିଳା ଅନ୍ୟାୟର ଶିକାର ହେଲେ ଟୋଲ ଫ୍ରି ହେଲ୍ପଲାଇନକୁ ଜଣାଇବା ପାଇଁ କୁହାଯାଇଥିଲା । ଆବଶ୍ୟକ ପଡିଲେ ଅଦାଲତରେ ଆଇନର ସହାୟତା ମଧ୍ୟ ଯୋଗାଇ ଦିଆଯିବ ବୋଲି ଆଇନଜୀବୀ ସଚେତନ କରିଥିଲେ । କାର୍ଯ୍ୟକ୍ରମ କୁ ସଭାପତିତ୍ୱ କରିଥିଲେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସସ୍ମିତା ମହାନ୍ତି । ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀ, ମହିଳା ଆଇନଜୀବୀ କିଶୋରୀ ପଟ୍ଟନାୟକ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଙ୍ଗୀତା ପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍ତମା ହରିଜନ, ଆଇସିଡ଼ିଏସ ସୁପରଭାଇଜର, ମୋନିକା ସରକାର , ଅତିରିକ୍ତ ସାମାଜିକ ସୁରକ୍ଷା ଅଧିକାରୀ ମନୀଷା ରଥ, ବିଭିନ୍ନ ପଞ୍ଚାୟତର ଏଏନଏମ୍ , ଆଇସିଡିଏସ ବିଭାଗର ଅଙ୍ଗନୱାଡି କର୍ମୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ । ପ୍ରଶିକ୍ଷଣ ଗ୍ରହଣ ପାଇଁ କିଶୋରୀମାନେ ମଧ୍ୟ ଅଂଶ ଗ୍ରହଣ କରିଥିଲେ ।

## ରାଷ୍ଟ୍ରୀୟ ଲୋକ ଅଦାଲତରେ ୯୬୧୫୬ ମାମଲାର ଫୈସଲା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଙ୍କ ନିର୍ଦ୍ଦେଶ ମତେ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ପକ୍ଷରୁ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଓ ରାଜସ୍ୱ ଅଦାଲତ ପରିସର ଯଥା ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଜଟଣୀ, ଟାଙ୍ଗୀ, ଚିଲିକା ଓ ବେଗୁନିଆ ଠାରେ ଅନୁଷ୍ଠିତ ହୋଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସର୍ବମୋଟ ୧୨୬୮୦୨ ଗୋଟି ମାମଲା ଆଗତ କରାଯାଇ ୯୬୧୫୬ ଗୋଟି ମାମଲାର ଫାଇସଲା କରାଯାଇଥିବା ବେଳେ ସମୁଦାୟ ୧୭ କୋଟି ୭୧ ଲକ୍ଷ ୨୮୪୬ ଟଙ୍କା ଜୋରିମାନା/ ରାଜିନାମା/ରାଜସ୍ୱ ଆଦାୟ ହେବା ପାଇଁ ସ୍ଥିରୀକୃତ ହେଇଥିଲା। ଖୋର୍ଦ୍ଧା ଜିଲ୍ଲା ଓ ଦୌରା ଜଜ ତଥା ଭୁବନେଶ୍ୱର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାନ୍ତିଙ୍କ ସମେତ ବହୁ ପଦସ୍ଥ ବିଚାରବିଭାଗୀୟ ଅଧିକାରୀ ମାନେ ଲୋକ ଅଦାଲତରେ ଉପସ୍ଥିତ ରହି ରେକର୍ଡ ସଂଖ୍ୟକ ମାମଲା ଫୈସଲା କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ସାଲିସ ଯୋଗ୍ୟ ଜମିଜମା, ଫୌଜଦାରୀ, ରାଜସ୍ୱ, ଗାଡିମୋଟର ଦୁର୍ଘଟଣା, ପାରିବାରିକ ଓ ବୈବାହିକ ମାମଲା, ଶ୍ରମ ଓ ନିଯୁକ୍ତି, ବିଦ୍ୟୁତ୍ ଓ ଜଳ ଯୋଗାଣ, ବ୍ୟାଙ୍କ୍ ଋଣ ଅନାଦେୟ ଓ ଅନ୍ୟାନ୍ୟ ବହୁ ଜନ ଉପଯୋଗୀ ମାମଲା ମାନ ଫୈସଲା କରା ଯାଇଥିଲା। ପ୍ରାଧିକରଣଙ୍କ ଭାରପ୍ରାପ୍ତ ସଚିବ ସବ୍ୟସାଚୀ ପ୍ରଧାନ ଉପସ୍ଥିତ ରହି ଜିଲ୍ଲାର ସମସ୍ତ ଅଦାଲତ ମାନଙ୍କରୁ ହସ୍ତଗତ ହୋଇଥିଲା ଲୋକ ଅଦାଲତର ଫଳାଫଳକୁ ଜିଲ୍ଲା ଜଜ୍‌ଙ୍କ ପାଖରେ ଉପସ୍ଥାପନା କରିବା ସହ ଏହାର ସାମଗ୍ରିକ ସଫଳତାକୁ ଦୃଷ୍ଟିରେ ରଖି ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ପକ୍ଷରୁ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ରାଜସ୍ୱ ଅଧିକାରୀ, ଟେଲିକମ, ଆଞ୍ଚଳିକ ତଥା ରାଷ୍ଟ୍ରୀୟ ଜାତୀୟ କାରଣ ବ୍ୟାଙ୍କ୍ ଅଧିକାରୀ ଓ ଶାଖା ପରିଚାଳକ, ଆଇନଜୀବୀ, ବୀମା ଅଧିକାରୀ, ଅଦାଲତ ଏବଂ ପ୍ରାଧିକରଣଙ୍କ କର୍ମଚାରୀ ମାନଙ୍କୁ ଧନ୍ୟବାଦ୍ ଦେବା ସହ ପରବର୍ତ୍ତୀ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ଡିସେମ୍ବର ୧୩ତାରିଖରେ ଆଗୁଆ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଅନୁରୋଧ କରିଥିଲେ।

## କ୍ୟାନ୍ସର ମୁକାବିଲା ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କ୍ୟାନ୍ସରକୁ ମୁକାବିଲା କରିବା ପାଇଁ ଅଣ୍ଟା ଭିଡ଼ିଲେ ରାଜ୍ୟ ସରକାର । ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଗୁରୁତ୍ୱପୂର୍ଣ ବୈଠକ ଅନୁଷ୍ଠିତ ହୋଇଛି । ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା କରିଛନ୍ତି ସିଏସ । ସ୍ୱାସ୍ଥ୍ୟ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ରାଜ୍ୟରେ ଥିବା କ୍ୟାନ୍ସର ସ୍ଥିତି ନେଇ ରିପୋର୍ଟ ଦେଇଛନ୍ତି। ପାଇଲଟ ପ୍ରୋଜେକ୍ଟ ଭାବରେ ରାଜ୍ୟବ୍ୟାପୀ ସ୍ୱାସ୍ଥ୍ୟ ବିଭାଗ କରିବ କାର୍ଯ୍ୟକ୍ରମ । ଟେଷ୍ଟିଙ୍ଗ, ଟ୍ରକିଂ ଓ ଲୋକଙ୍କୁ ସଚେତନ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏଆଇରେ ଚାଲିବ...

କିଣିବେ। ଯାହାକୁ ବିଭାଗୀୟ କର୍ମଚାରୀ ବ୍ୟବହାର କରିବେ। ତେବେ ଏଆଇ ଟୁଲ୍‌ର ବ୍ୟବହାର ସମୟରେ ସରକାରଙ୍କ ଗୁପ୍ତ ଦସ୍ତାବିଜ ବାହ୍ୟ ପ୍ଲାଟଫର୍ମରେ ଅପଲୋଡ଼ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଅକ୍ଟୋବର ୯ରେ...

ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ବିଜେପିର ଅଭିନନ୍ଦନ ପଣ୍ଡା ତୃତୀୟ ସ୍ଥାନରେ ଥିଲେ। ସୂଚନାଯୋଗ୍ୟ ଯେ ଗତ ୮ ତାରିଖରେ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପରଲୋକ ପରେ ଏଠାରେ ଉପନିର୍ବାଚନ ହେବାକୁ ଯାଉଛି। ତେବେ ଏହି ନିର୍ବାଚନରେ କେଉଁଦଳରୁ କିଏ ପ୍ରାର୍ଥୀ ହେବେ ସେ ନେଇ ଯଦିଓ କିଛି ସ୍ପଷ୍ଟ ହୋଇନାହିଁ, ତେବେ ପ୍ରମୁଖ ରାଜନୈତିକ ଦଳର ନେତାମାନେ ଟିକେଟ ହାତେଇବା ପାଇଁ ଲବି ଆରମ୍ଭ କରିଥିବା ସୂଚନା ମିଳିଛି।

### ଚଳିତ ମାସରେ...

ରହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଆସନ୍ତା ୨୭ ତାରିଖରେ ଓଡ଼ିଶା ଗସ୍ତରେ ଆସି ବ୍ରହ୍ମପୁରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମିଲ ହେବେ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନଠାରୁ ଓଡ଼ିଶାରେ ବିଜେପି ପକ୍ଷରୁ ସେବାପକ୍ଷ ପାଳନ କରାଯିବ। ପ୍ରଧାନମନ୍ତ୍ରୀ ଓଡ଼ିଶାରେ ବିଜେପି ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ସହ ଲୋକାଭିମୁଖୀ ସରକାରଙ୍କ କାର୍ଯ୍ୟଶୈଳୀକୁ ନିକଟରୁ ଦେଖିବାର ପ୍ରୟାସ କରିବେ ବୋଲି ସେ କହିଛନ୍ତି। ସେ କହିଛନ୍ତି, ସେବାପକ୍ଷ କାର୍ଯ୍ୟକ୍ରମ ପାଇଁ ବ୍ରହ୍ମପୁର ଛତ୍ରପୁରଠାରେ ଏକ ଜନସମାବେଶର ଆୟୋଜନ କରାଯାଇଛି। ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ଏହାର ତଦାରଖ କରୁଛନ୍ତି। ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଓଡ଼ିଶା ଗସ୍ତରେ ଆସିଥିଲେ। ରାଜ୍ୟରେ ବିଜେପି ବିଜୟଲାଭ କରିବା ପରେ ବିଜେପି ସରକାରର ଶପଥଗ୍ରହଣ ସମାରୋହରେ ମଧ୍ୟ ସାମିଲ ହୋଇଥିଲେ। ପୁଣି ଗତବର୍ଷ ନିଜର ଜନ୍ମଦିନ ସେପ୍ଟେମ୍ବର ୧୭ ତାରିଖରେ ଓଡ଼ିଶା ଆସି ସୁଭଦ୍ରା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### କୋର୍ଟ ପରିସରରେ...

ବାର୍ ଆସୋସିଏସନ କିମ୍ବା ସଂପୃକ୍ତ ରାଜ୍ୟ ବାର ପରିଷଦ ଏହାର ନିୟମ ଏବଂ ନିୟମାବଳୀ ଅନୁସାରେ ଉଲ୍ଲଂଘନକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ଯଦି କୌଣସି ଗଣମାଧ୍ୟମ ବ୍ୟକ୍ତି ଉପରୋକ୍ତ ନିର୍ଦ୍ଦେଶାବଳୀ ଉଲ୍ଲଂଘନ କରନ୍ତି ତେବେ ଭାରତର ସୁପ୍ରିମକୋର୍ଟର ଉଚ୍ଚ ସୁରକ୍ଷା ଅଞ୍ଚଳରେ ତାଙ୍କର ପ୍ରବେଶକୁ ଗୋଟିଏ ମାସ ପାଇଁ ପ୍ରତିବନ୍ଧିତ କରାଯାଇପାରେ। ରେଜିଷ୍ଟ୍ରାର କର୍ମଚାରୀଙ୍କ ଦ୍ୱାରା ଉପରୋକ୍ତ ନିର୍ଦ୍ଦେଶାବଳୀର କୌଣସି ଉଲ୍ଲଂଘନକୁ ଗମ୍ଭୀରତାର ସହ ବିଚାର କରାଯିବ ଏବଂ ଅନ୍ୟ ଅଂଶୀଦାରମାନଙ୍କ କ୍ଷେତ୍ରରେ ସେମାନଙ୍କ ନିୟମ ଏବଂ ନିୟମାବଳୀ ଅନୁଯାୟୀ ଉଲ୍ଲଂଘନକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନଙ୍କ ସଂପୃକ୍ତ ବିଭାଗ ମୁଖ୍ୟଙ୍କୁ ଅନୁରୋଧ କରାଯିବ। ସୁରକ୍ଷା କର୍ମୀମାନେ ଭାରତୀୟ ସୁପ୍ରିମକୋର୍ଟର ଉଚ୍ଚ ସୁରକ୍ଷା କ୍ଷେତ୍ର ଭିତରେ କର୍ମଚାରୀ, ଓକିଲ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଫଟୋ ଉଠାଇବା କିମ୍ବା ଭିଡିଓ ତିଆରି କରିବାରୁ ବାରଣ କରିବାର ଅଧିକାର ରଖିବେ। ସୂଚନାଯୋଗ୍ୟ ଯେ ନିକଟରେ ସୁପ୍ରିମକୋର୍ଟ ଆଡଭୋକେଟ୍ସ ଅନ୍ ରେକର୍ଡ ଆସୋସିଏସନ ଭାରତର ପ୍ରଧାନ ବିଚାରପତିଙ୍କୁ ଏକ ଚିଠି ଲେଖି କୋର୍ଟ ପରିସରରେ ଓକିଲ ଏବଂ ସାଇବର ପ୍ରଭାବଶାଳୀଙ୍କ ଦ୍ୱାରା ଫଟୋଗ୍ରାଫି ଏବଂ ଭିଡିଓଗ୍ରାଫି ଉପରେ ଚିନ୍ତା ପ୍ରକଟ କରିଥିଲା। ସେହିପରି ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍ ମଧ୍ୟ ଅନୁରୂପ ମତ ରଖିଥିଲା।

### ମଣିପୁର 'ମଣି'...

ଉପଯୁକ୍ତ ସ୍ଥାନରେ ବସତି ସ୍ଥାପନ କରିବା ପାଇଁ ଏକାଠି କାମ କରୁଛନ୍ତି। ଏହି ଅବସରରେ ମୋଦୀ ମଣିପୁରର ଜନସାଧାରଣଙ୍କୁ ୮ହଜାର ୫ଶହ କୋଟି ଟଙ୍କାର ବିକାଶ ପ୍ରକଳ୍ପର ଉପହାର ସ୍ୱରୂପ ଅନେକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ମଣିପୁରରେ ମେଡ଼ିକାଲ କଲେଜର ଅଭାବ, ପର୍ଯ୍ୟାପ୍ତ ବିଦ୍ୟୁତ, ରାସ୍ତା ଏବଂ ରେଳପଥ ଭଳି ସମସ୍ୟା ସଂପର୍କରେ ମଧ୍ୟ କହିଛନ୍ତି। ସେ କହିଛନ୍ତି, ମଣିପୁର ଦ୍ରୁତଗତିରେ ବିକାଶ କରୁଛି ଏବଂ ରାଜ୍ୟର ପ୍ରତ୍ୟେକ କୋଣରେ ବିକାଶ କାର୍ଯ୍ୟ କରାଯାଉଛି। ବିଭିନ୍ନ ସଂଗଠନ ସହ ଚୁକ୍ତିପାଇଁ ଆଲୋଚନା ହୋଇଛି। ଏହା ଭାରତ ସରକାରଙ୍କ ପ୍ରୟାସର ଏକ ଅଂଶ। ଯେଉଁଥିରେ ଆଲୋଚନା, ସମ୍ମାନ ଏବଂ ପାରସ୍ପରିକ ବୁଝାମଣାକୁ ଗୁରୁତ୍ୱ ଦେଇ ଶାନ୍ତି ପ୍ରତିଷ୍ଠା ପାଇଁ କାର୍ଯ୍ୟ କରାଯାଉଛି। ଏହାସହ ମୋଦୀ ସମସ୍ତ ସଂଗଠନକୁ ଶାନ୍ତି ପଥରେ ଆଗକୁ ବଢ଼ିବା ଏବଂ ସେମାନଙ୍କର ସ୍ୱପ୍ନ ପୂରଣ କରିବାକୁ ନିବେଦନ କରିଛନ୍ତି। ସେ ମଣିପୁରବାସୀଙ୍କୁ କହିଛନ୍ତି, ମୁଁ ଓ ଭାରତ ସରକାର ଆପଣଙ୍କ ସହ ରହିଛୁ। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ ଇମ୍ଫାଲରେ ନୂଆ ବିମାନବନ୍ଦର ୪୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ମଣିପୁରରେ ରେଲ ନେଟୱାର୍କର ବିକାଶ କରାଯାଉଛି। ଏହାସହିତ ଗ୍ରାମଗୁଡ଼ିକୁ ରାସ୍ତା ବିସ୍ତାର କରାଯାଉଛି। ସେ କହିଥିଲେ, ସଡ଼କ ପଥରେ ଯାତ୍ରା କରିବା ସମୟରେ ସେ ଲୋକଙ୍କ ପ୍ରେମ ଓ ସ୍ନେହ ଅନୁଭବ କରିଛନ୍ତି। ସେ ମଣିପୁରର ଲୋକଙ୍କୁ ସମ୍ମାନ କରନ୍ତି ଓ ସର୍ବଦା ସେମାନଙ୍କ ସହ ଠିଆ ହେବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି।

### ସତର୍କତା ଦୁର୍ଘଟଣାରୁ...

ହେଉଛି ଏକ ଖଣିବହୁଳ ଅଞ୍ଚଳ। ଦିନରାତି ଏଠାରେ ଖଣିଜ ପଦାର୍ଥ ପରିବହନ ହୋଇଥାଏ। ଏଠାରୁ ପ୍ରତିଦିନ ସହସ୍ର ସଂଖ୍ୟକ ଟ୍ରକ୍, ଲୋଡ୍, ଭାରି ଯାନବାହାନ ଯାତାୟାତ କରୁଛି । ଏହା ଅଞ୍ଚଳର ଅର୍ଥନୀତିକୁ ସଚଳ କରୁଛି, କିନ୍ତୁ ଏହା ସହିତ ସଡ଼କ ସୁରକ୍ଷା ପାଇଁ ଏକ ବିଶେଷ ଚାଲେଞ୍ଜ ମଧ୍ୟ ହୋଇ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ କେନ୍ଦୁଝରର ଜିଲ୍ଲାର ପ୍ରତ୍ୟେକ ନାଗରିକଙ୍କୁ ଯାତାୟତ ସମୟରେ ସଡକ ସୁରକ୍ଷା ନିୟମାବଳୀ ମାନିବା ସହିତ ସତର୍କତା ଅବଲମ୍ବନ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ସେ ପୁଣି କହିଥିଲେ ଯେ ଶୂନ ଦୁର୍ଘଟଣା ଦିବସ ପାଳନ କରୁଛେ। ଖଣି ଓ ଶିଳ୍ପ କ୍ଷେତ୍ର ସହିତ ସଂଲଗ୍ନ ସମସ୍ତ କମ୍ପାନୀ, ଡ୍ରାଇଭର, କର୍ମଚାରୀ ମାନଙ୍କ ସୁରକ୍ଷାକୁ ପ୍ରଥମ ପ୍ରାଥମିକତା ଦିଅନ୍ତୁ । ଭାରି ଯାନବାହାନ ଗୁଡିକର ନିୟମିତ ମେଣ୍ଟେନାନ୍ସ, ଡ୍ରାଇଭରମାନଙ୍କ ପ୍ରଶିକ୍ଷଣକୁ ଗୁରୁତ୍ୱ ଦିଅନ୍ତୁ। ଏହି ସବୁକିଛିକୁ କଡ଼ାକଡ଼ି ଭାବରେ ପାଳନ କଲେ ଅନେକ ଦୁର୍ଘଟଣାକୁ ରୋକାଯାଇ ପାରିବ । ଏହି ଅବସରରେ ରାଜ୍ୟସଭା ସାଂସଦ ସୁଜିତ କୁମାର, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ନାୟକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୋଲିସ ଡ଼ି.ଜି. ଯୋଗେଶ ବହାଦୁର ଖୁରାନିଆ, ଏସ.ଟି.ଏ କମିଶନର ଅମିତାଭ ଠାକୁର, ଡ଼ି.ଆଇ.ଜି ବ୍ରିଜେଶ ରାୟ ଓ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରରେ ଶୂନ୍ୟ ଦୁର୍ଘଟଣା ଦିବସର ଏକ ବିଶେଷ ସଫଳତା ପରେ କେନ୍ଦୁଝରର ଏହି ଅଭିଯାନକୁ ଆଗକୁ ନେବାରେ ଓଡ଼ିଶାର ପ୍ରଥମ ଜିଲ୍ଲା ହୋଇଛି। ଆଇ.ଆଇ.ଟି ମାଡ୍ରାସ ସହାୟତାରେ କେନ୍ଦୁଝରରେ ଏଥି ନିମନ୍ତେ ଏକ ୧୪-ଦିନିଆ, କାର୍ଯ୍ୟକ୍ରମ ଆୟୋଜନ ହେଉଛି। ଆଇ.ଆଇ.ଟି ମାଡ୍ରାସ ଦୁର୍ଘଟଣାକୁ କିପରି ପ୍ରତିହତ କରିହେବ, ସେଥିପାଇଁ ମାର୍ଗଦର୍ଶନ କରିବ।

### ଓଡ଼ିଶା ନ୍ୟୁ ଏଜ୍...

ଦିନରେ ସାରା ଦୁନିଆରେ ଆହୁରି ସୁନାମ ଅର୍ଜନ କରିବାର ସାମର୍ଥ୍ୟ ବହନ କରୁଛି । ଏକବିଂଶ ଶତାବ୍ଦୀ ହେଉଛି ଜ୍ଞାନର ଶତାବ୍ଦୀ । ବୈଷୟିକ ଜ୍ଞାନକୌଶଳର ବିକାଶ ଖୁବ୍ ଦ୍ରୁତ ଗତିରେ ହେଉଛି । ଏହି ସମୟରେ ଆମର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚାକିରି ଖୋଜିବା ନୁହେଁ ବରଂ ଚାକିରିଦାତା ହେବାର ଇଚ୍ଛାଶକ୍ତି ବଢ଼ିବା ଦରକାର । ଦେଶ ସ୍ୱାଧୀନତାର ପରବର୍ତ୍ତୀ କାଳରେ ଓଡ଼ିଶାରେ ଯେତେବେଳେ ଜଳସେଚନ ଓ କୃଷି ବିକାଶର ନୂଆ ଧାରା ଆରମ୍ଭ ହୋଇଥିଲା, ସେତେବେଳେ ଏହି ଶିକ୍ଷାନୁଷ୍ଠାନ ପରିବର୍ତ୍ତନର ମଙ୍ଗ ଧରିଥିଲା । ଆଜି ଯେତେବେଳେ ଓଡ଼ିଶାରେ ନ୍ୟୁ ଏଜ୍ ଅର୍ଥନୀତିର ଧାରା ଆରମ୍ଭ ହୋଇଛି, ଭିସୁଟ ତାହାର ନେତୃତ୍ୱ ନେବ । ଭିସୁଟକୁ ଭବିଷ୍ୟତ ଆଧାରିତ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ସମସ୍ତଙ୍କୁ ଦାୟିତ୍ୱ ନେବାକୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ସେ ଆହୁରି କହିଛନ୍ତି, ଜାତୀୟ ଶିକ୍ଷା ନୀତିରେ ଏକବିଂଶ ଶତାବ୍ଦୀର ଜ୍ଞାନ, ବିଶେଷ କରି ବୈଷୟିକ ଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଇଛି । ଶିକ୍ଷା ନୀତିରେ ଟେକ୍ନୋଲଜି ଏବଂ ଏଜୁକେସନର ସମନ୍ୱୟ ଉପରେ ଆମର ଫୋକସ ରହିଛି । ଏ ପରିପ୍ରେକ୍ଷୀରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ମେସିନ୍ ଲର୍ଣ୍ଣିଂ, ରୋବୋଟିକ୍ସ, ବ୍ଲକ୍ ଚେନ୍, ଡାଟା ଆନାଲିଟିକ୍ସ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ବିକଶିତ ହେଉଥିବା ନୂତନ ଜ୍ଞାନକୌଶଳରେ ଛାତ୍ରସମାଜକୁ ପରିପକ୍ୱ କରିବାର ଦାୟିତ୍ୱ ଆମର ରହିଛି ଏବଂ ଏଥିପାଇଁ ଭିସୁଟ୍ ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ଗୁଡ଼ିକର ସହଭାଗିତା ନିତାନ୍ତ ଜରୁରୀ । ଶିକ୍ଷାନୁଷ୍ଠାନ ପକ୍ଷରୁ ଓଡ଼ିଆ ସମେତ ସମ୍ବଲପୁରୀ ଭାଷାରେ ପ୍ରସ୍ତୁତ ହୋଇଥିବା ଏମ.ଟେକର "ପ୍ରୟୋଗଶାଳା ନିର୍ଦ୍ଦେଶିକା" ପ୍ରଶଂସନୀୟ ପଦକ୍ଷେପ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ମାତୃଭାଷାକୁ ପ୍ରାଥମିକତା ଦେଉଥିବାରୁ ଶ୍ରୀ ପ୍ରଧାନ ଭିସୁଟକୁ ଧନ୍ୟବାଦ ଜଣାଇଛନ୍ତି । ଆମେ ସମସ୍ତେ ପାଠପଢାର ପ୍ରାରମ୍ଭିକ ଦିନରେ ମାତୃଭାଷାରେ ପାଠପଢାକୁ ଗୁରୁତ୍ୱ ଦେଲେ ହିଁ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା ବିକଶିତ ହେବ ବୋଲି ସେ କହିଥିଲେ । ଏହି ଅବସରରେ ରାଜ୍ୟପାଳ ଓ ଶ୍ରୀ ପ୍ରଧାନଙ୍କ କରକମଳରେ 'ଓପନ ଏୟାର କ୍ଲାସରୁମ' ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିଲା । ଏହା ପୂର୍ବରୁ ଶ୍ରୀ ପ୍ରଧାନ ଭିସୁଟ, ବୁର୍ଲା କ୍ୟାମ୍ପସ ପରିସରରେ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ବରପୁତ୍ର ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ସମାବର୍ତ୍ତନ ସମାରୋହରେ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ରାଷ୍ଟ୍ର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ରାଜ୍ୟ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଏବଂ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ ।

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated: 12.09.2025, I S Golapi Reddy, Address: At-Nayagarh- Sahi, Salia Sahi, Ps- Maitree Vihar, Bhubaneswar, Dist-Khordha, Odisha, PIN-751013, declare that I have changed my name from Gulabsa Begam to S Golapi Reddy. Henceforth, I shall be knwon as S Golapi Reddy for all purposes.

**Sd/- S Golapi Reddy**

**AFFIDAVIT**

By the virtue of an affidavit sworn before the Executive Magistrate Tangi -choudwar ,cuttack date -11-09-2025,I SHANTI LATA,MY Date of birth is 25 -04 -1942,and my permanent address is At-kadei po-uchapada,ps-Tangi Dist-cuttack odisha pin-754622 .Declare that i have change my name from shantilata Tripathy to SHANTI LATA, Henceforth i shall be known as SHANTI LATA for all purpose

**AFFIDAVIT**

By virtue of an affidavit sworn before the Executive Magistrate Tentulikhunti Dtd : 12.09.2025, I RATIO HARIJAN S/O PRABHAKAR HARIJAN, permanent resident of Village - Bangalaguda, Po - Manchagam, Ps - Khatiguda, Block - Tentulikhunti, Dist.- Nabarangpur, declare that I have changed my minor Son's sarname from CHANDAN HARIJAN to CHANDAN KHURA. Hence forth he shall be know as CHANDAN KHURA for all records deeds and writing in all proceeding, dealing and transaction private as well as public and upon all occasions whatsoever, use and sign his name of CHANDAN KHURA instead of CHANDAN HARIJAN.

**Sd - RATIO HARIJAN**

**ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org

ପତ୍ର ସଂଖ୍ୟା ୧୮୮ **ବିଜ୍ଞାପନ** ତା ୦୧.୦୯.୨୦୨୫

ଏତଦ୍ୱାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ ଏଲଆଇଭି ୨୭୬ (LIV 276), ଡୁମୁଡୁମା ୪ର୍ଥ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ମୃଣାଳିନୀ ସେନାପତି, ସ୍ୱାମୀ-ଶ୍ରୀ ନଟବର ସେନାପତି, ସା- ଭୁସରଙ୍ଗା, ପୋ-ଶାସନିପଡ଼ା, ଥାନା- ପାଟକୁରା, ଜିଲ୍ଲା- କେନ୍ଦ୍ରାପଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ମୃଣାଳିନୀ ସେନାପତି ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁ, ସ୍ୱାମୀ- ଶ୍ରୀ ଗୌତମ ବେନ୍, ସା-ଏମ୍.ଭି.୪୪, ପୋ-ଚାଳଗୁଁଡା, ଥାନା/ଜିଲ୍ଲା- ମାଲକାନଗିରିଙ୍କ ନାମରେ ମାଲିକାତା ସ୍ୱତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦରଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା/- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥା

CAD-1769 OIPR 13030/11/0848/2526

ଓଡିଶା ସରକାର/GOVERNMENT OF ODISHA
ପଞ୍ଚାୟତ ସମିତି କାର୍ଯ୍ୟାଳୟ,ଆସିକା/ PANCHAYAT SAMITI OFFICE, ASKA
ଜିଲ୍ଲା: ଗଞ୍ଜାମ/ DISTRICT- GANJAM, PIN-761110, Email: ori-aska@nic.in ,
i-313

L.NO: 6074 Dated 12.09.2025

**Cancellation Notice**

This is to inform that the tender call notice for hiring a vehicle, floated Vide letter No- 5014 dated 02.09.2025 is hereby cancelled. due to unavoidable circumstances until further notice.

Sd/-Block Development Officer
Aska,

OIPR 19169/11/0010/2526

OFFICE OF THE ANGUL MUNICIPALITY, ANGUL
Ph No. 06764-230582 email: angulmunicipality@gmail.com

Letter No. 3495 Date. 12.09.2025

C-1068

**QUOTATION CALL NOTICE**

Quotations in sealed covers are invited from the intending suppliers/ Manufactures/ firms for supply of RCC precast drain slab at various places of Angul Municipality.They should quote the rate per piece. They are requested to submit the firm registration certificate, GSTIN, copy of PAN card along with quotation. The EMD of Rs.2000/-(refundable) (Rupees Two thousand) only in shape of demand draft to be drawn in favour of Executive Officer, Angul Municipality should be enclosed along with quotation. The cost of tender paper is Rs.500/- (Non-refundable) to be paid in shape of cash. The tender document for the work will be available from the office of the Executive Officer, Angul Municipality during the office hours in the working-day in shape of cash of required amount as mentioned against the work (Non-refundable) from dt.**15.09.2025 to 22.09.09.2025** up to **5.00 P.M.** The tender will be received up to **12.30 P.M.** on dt.**23.09.2025** in the office of the Executive Officer, Angul Municipality. The tender will be opened on dt.**23.09.2025 at 1.00 P.M** in the presence of the tenderers or their authorized agents if. They are required to submit the quotation in the office of the Executive Officer, Angul Municipality. Quotation received after due date and time shall not be entertained. The authority reserves the right to reject/cancel the quotation without assigning any reason thereof.

Sd/-Executive Officer
Angul Municipality

OIPR 13085/11/0050/2526

e-mail: eephbhpt@gmail.com
GOVERNMENT OF ODISHA
OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BHAWANIPATNA
Parmanandpur, Railway Station Road, Bhawanipatna, Dist.: Kalahandi, PIN -766002

**NATIONAL COMPETITIVE BIDDING THROUGH e-Procurement**
**Identification No. SEPH-BHPT– 25 of 2025-26 / Dt. 11.09.2025**
**e-Procurement Notice**

C-1060

| | | | |
|---|---|---|---|
| 01. | Name of the Work | : | 1 no Work. |
| 02. | Type of Bid. | : | Single Bid System |
| 03. | Approx. Estimated Cost | : | Rs. 41.79 lakh |
| 04. | Period of Completion | : | 2 Calendar Months |
| 05. | Date & Time of availability of bid document in the portal | : | From 11.00 AM of dt. 16.09.2025 to 5.00 PM of 25.09.2025 |
| 06. | Last date / time of receipt of bids in the portal | : | 5.00 PM of 25.09.2025. |
| 07. | Date & Time of opening of technical bids | : | At 11.30 AM of 26.09.2025. |
| 08. | Name and Address of the Officer Inviting Bid | : | Additional Chief Engineer, P.H. Division, Bhawanipatna, Railway Station Road, At/Po- Parmanandpur, 766002 Dist.- Kalahandi. |

Further details can be seen from the web site http://tenders.ori.nic.in or www.tendersorissa.gov.in

Sd/- Addl. Chief Engineer
P.H. Division, Bhawanipatna

OIPR 13059/11/0041/2526



ନୂଆଦିଲ୍ଲୀ : ରାଜଧାନୀରୁ ପୁଣି ଏକ ବଡ ଖବର ସାମ୍ନାକୁ ଆସିଛି । ଦିଲ୍ଲୀର ତାଜ ପ୍ୟାଲେସ ହୋଟେଲକୁ ବୋମାରେ ଉଡାଇବାକୁ ଶନିବାର ଧମକ ମିଳିଛି । ଏହାକୁ ନେଇ ଗୁଇନ୍ଦା ସଂସ୍ଥାଗୁଡ଼ିକ ସତର୍କ ହୋଇଯାଇଛନ୍ତି । ତାଜ ପ୍ୟାଲେସ ଏକ ପଞ୍ଚତାରକା ହୋଟେଲ । ଏହା ଦିଲ୍ଲୀର ପ୍ରସିଦ୍ଧ ଅଞ୍ଚଳ ଚାଣକ୍ୟପୁରୀରେ ଅବସ୍ଥିତ । ଏଠାରେ ଅନେକ କୂଟନୀତିଜ୍ଞ, ରାଜନେତା, ବ୍ୟବସାୟୀ ଏବଂ ଅନେକ ଭିଆଇପି ପ୍ରାୟତଃ ରୁହନ୍ତି । ଏହି କାରଣରୁ ଗୁଇନ୍ଦା ସଂସ୍ଥାଗୁଡ଼ିକ ଏହି ଧମକକୁ ଅତ୍ୟନ୍ତ ସମ୍ବେଦନଶୀଳ ଭାବରେ ଦେଖୁଛନ୍ତି ଓ ସୁରକ୍ଷା ବ୍ୟବସ୍ଥା କଡାକଡି କରିଛନ୍ତି । ପୁଲିସ ସହିତ ଏଜେନ୍ସିଗୁଡ଼ିକ ତଦନ୍ତ ଆରମ୍ଭ କରିଛନ୍ତି । ଗତ ୧୨ ତାରିଖରେ ଦିଲ୍ଲୀ ଏବଂ ମୁମ୍ବାଇ ହାଇକୋର୍ଟକୁ ମଧ୍ୟ ବୋମାରେ ଉଡାଇବାକୁ ଧମକ ମିଳିଥିଲା ।

### ବଦଳିଲା ପିଲାଙ୍କ ଆଧାରକାର୍ଡ ନିୟମ

# ଏଣିକି ମାତା-ପିତାଙ୍କ ପ୍ରମାଣପତ୍ର ଅନିବାର୍ଯ୍ୟ




ନୂଆଦିଲ୍ଲୀ: ଆଧାର କାର୍ଡ ଆଜି ପ୍ରତି ଭାରତୀୟଙ୍କ ପରିଚୟର ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟରେ ପରିଣତ ହୋଇଛି । ଖାସ କରି ପିଲାଙ୍କ ଆଧାରକାର୍ଡ କରିବା ଏବେ ଜରୁରି ହୋଇପଡିଛି, ଯାହା ଦ୍ୱାରା ଭବିଷ୍ୟତରେ ପିଲାକୁ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ନ ହୁଏ । ତେବେ ପିଲାଙ୍କ ଆଧାରକାର୍ଡ ତିଆରି ପାଇଁ ଏବେ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇଛି । ଏପର୍ଯ୍ୟନ୍ତ ପିଲାଙ୍କ ଆଧାରକାର୍ଡ କରିବାକୁ ଜନ୍ମ ପ୍ରମାଣପତ୍ର ପର୍ଯ୍ୟାପ୍ତ ଥିଲା । ଏଥି ପାଇଁ ମାତା ପିତାଙ୍କୁ ଝିନଝଟ ହେଉ ନଥିଲା । ହେଲେ ଏବେ ଭାରତୀୟ ବିଶିଷ୍ଟ ପରିଚୟ ପ୍ରାଧିକରଣ ନିୟମ ସଂଶୋଧନ କରିଛନ୍ତି । ୟୁଆଇଡିଏଆଇ ସ୍ପଷ୍ଟ କରିଦେଇଛନ୍ତି ଯେ ପିଲାଙ୍କ ଆଧାରକାର୍ଡ କରିବା ପାଇଁ କେବଳ ଜନ୍ମ ପ୍ରମାଣପତ୍ର ଏବେ ଯଥେଷ୍ଟ ନୁହେଁ, ଏହା ସହିତ ଏବେ ମାତାପିତାଙ୍କ ପରିଚୟ ଓ ଠିକଣା ସମ୍ପର୍କିତ କାଗଜପତ୍ର ମଧ୍ୟ ବାଧ୍ୟତାମୂଳକ ହେବ । ଏହାର ଅର୍ଥ ଏବେ ପିଲାଙ୍କ ଆଧାର ସେମାନଙ୍କ ମାତାପିତାଙ୍କ ଆଧାର ସହ ଲିଂକ ହୋଇ ଆସିବ । ଏହି ନିୟମ ଅନୁସାରେ ପିଲାର ବୟସ, ପରିଚୟ ଓ ଠିକଣା ପୁଷ୍ଟି ନିମନ୍ତେ ମାତାପିତାଙ୍କ କାଗଜପତ୍ରର ମଧ୍ୟ ଯାଞ୍ଚ ହେବ । ଏହା ଦ୍ୱାରା ଆଧାର ପ୍ରକ୍ରିୟା ଆହୁରି ମଜଭୁତ ଓ ପାରଦର୍ଶୀ ହେବ । ଏବେ ପିଲାଙ୍କ ଆଧାର କେବଳ ଜନ୍ମ ପ୍ରମାଣପତ୍ର ନୁହେଁ ମାତାପିତାଙ୍କ ଆଧାର ଓ ଠିକଣା କାଗଜପତ୍ର ସହିତ ସଂଯୁକ୍ତ ରହିବ । ପିଲାର ଆଧାର ନିମନ୍ତେ ମାତାପିତାଙ୍କୁ ଏବେ ନିମ୍ନଲିଖିତ କାଗଜପତ୍ର ଉପସ୍ଥାପନ କରିବାକୁ ପଡିବ । ଏଥିରେ ମାତାପିତାଙ୍କ ଆଧାର କାର୍ଡ, ଭୋଟର ଆଇଡି, ପାସପୋର୍ଟ, ପାନ କାର୍ଡ ଘରର ବିଜୁଳି ବିଲ, ରାସନ କାର୍ଡ ଓ ଡ୍ରାଇଭିଂ ଲାଇସେନ୍ସ ଆଦି କାଗଜପତ୍ର ଦେବାକୁ ପଡିବ । ସେହିପରି ପିଲାର କାଗଜପତ୍ର ଲାଗି ତା ଜନ୍ମ ପ୍ରମାଣପତ୍ର ଯେଉଁଥିରେ ନାମ ଓ ଜନ୍ମ ତାରିଖ ସ୍ପଷ୍ଟ ଓ ଅଙ୍କିତ ହୋଇଥିବା ଜରୁରି । ୫ ବର୍ଷରୁ କମ ବୟସ୍କ ପିଲାଙ୍କ ଆଧାର 'ବ୍ଲୁ ଆଧାର' ରୂପେ ଜଣାଯାଏ । ଏଥିରେ ପିଲାର ବାୟୋମେଟ୍ରିକ ନିଆଯାଏ ନାହିଁ । ଏଥି ପାଇଁ ପିଲାର ଫଟୋ ଓ ମାତାପିତାଙ୍କ କାଗଜପତ୍ର ଦ୍ୱାରା ଆଧାର ଜାରି ହୋଇଥାଏ । ପିଲାକୁ ୧୫ ବର୍ଷ ହେବା ପରେ ତାର ଆଧାର ପୁଣି ଅପଡେଟ୍ ହୁଏ । ଏଥିରେ ପିଲାର ବାୟୋମେଟ୍ରିକ ସୂଚନା ଗ୍ରହଣ କରାଯାଏ । ଯାହାଦ୍ୱାରା ତାର ରେକର୍ଡ ଭବିଷ୍ୟତରେ ସଠିକ ଓ ପ୍ରାମାଣିକ ହେବ । ଏଥିପାଇଁ ମାତାପିତାଙ୍କୁ ଆଧାର ନାମାଙ୍କନ କେନ୍ଦ୍ରରେ ପିଲାର ଜନ୍ମ ପ୍ରମାଣପତ୍ର, ପରିଚୟ ଓ ଠିକଣା ସମ୍ପର୍କିତ କାଗଜପତ୍ର ଜମା କରିବାକୁ ପଡିବ । ପିଲାର ଫଟୋ ଉଠାଯିବ ଓ କାଗଜପତ୍ର ସତ୍ୟାପନ ପରେ ଆଧାର ତିଆରି ହୋଇଯିବ ।

### ବର୍ଷା ସାଜିଲା ବାଧକ

# ସଡ଼କ ପଥରେ ଦେଢ ଘଣ୍ଟାର ଯାତ୍ରା କଲେ ମୋଦୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ମଣିପୁର ପହଞ୍ଚିଥିଲେ । ଆଜିର ଗସ୍ତ ବେଳେ ତାଙ୍କର ଦୃଢ଼ସଂକଳ୍ପର ଝଲକ ଦେଖିବାକୁ ମିଳିଥିଲା । ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିମାନ ଇମ୍ଫାଲ୍ ଏୟାରପୋର୍ଟରେ ଲ୍ୟାଣ୍ଡ ବେଳେ ସେଠାରେ ପ୍ରବଳ ବର୍ଷା ହେଉଥିଲା । ପାଗ ଏତେ ଖରାପ ଥିଲା ଯେ ଚୁଡାଚାନ୍ଦପୁର ଯାଏ ତାଙ୍କ ହେଲିକପ୍ଟର ଉଡାଣକୁ ରଦ୍ଦ କରିବାକୁ ପଡ଼ିଥିଲା । ଏହାପରେ ପ୍ରଧାନମନ୍ତ୍ରୀ ମୋଦୀ ସଡ଼କପଥରେ ଚୁଡାଚାନ୍ଦପୁର ଯିବା ପାଇଁ ନିଷ୍ପତ୍ତି ନେଇଥିଲେ । ମୋଦୀଙ୍କ କହିବା କଥା ଥିଲା, ସେ ଲୋକମାନଙ୍କୁ ଭେଟିବେ ଓ ତାଙ୍କ ସହ କଥା ହେବେ । ଖରାପ ପାଗ ଏଥିରେ ବାଧା ହୋଇପାରିବ ନାହିଁ । ଉଲ୍ଲେଖଯୋଗ୍ୟ ଯେ ଇମ୍ଫାଲରୁ ଚୁଡାଚାନ୍ଦପୁରକୁ ସଡକ ପଥରେ ଯିବା ପାଇଁ ପ୍ରାୟ ଦେଢ ଘଣ୍ଟା ସମୟ ଲାଗେ । ଶନିବାର ମଣିପୁରରେ ପ୍ରବଳ ବର୍ଷା ହୋଇଛି । ଇମ୍ଫାଲର କାଙ୍ଗଲା କିଲ୍ଲାର କିଛି ସ୍ଥାନରେ ପାଣି ଆଣ୍ଠୁ ଯାଏ ରହିଥିଲା । ଏଠାରେ ହିଁ ପ୍ରଧାନମନ୍ତ୍ରୀଙ୍କ ଜନସଭା କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା । ଚୁଡାଚାନ୍ଦପୁରରେ ବି ପ୍ରବଳ ବର୍ଷା ହୋଇଥିଲା । ତେବେ ପ୍ରଧାନମନ୍ତ୍ରୀ ଧାର୍ଯ୍ୟ କାର୍ଯ୍ୟକ୍ରମ ଅନୁସାରେ ଲୋକଙ୍କୁ ଭେଟିବା ପାଇଁ ସେଠାରେ ପହଞ୍ଚିଥିଲେ । ପ୍ରଧାନମନ୍ତ୍ରୀ ମୋଜୀ ଚୁଡାଚାନ୍ଦପୁର ପିସ୍ ଗ୍ରାଉଣ୍ଡରେ ଲୋକଙ୍କୁ ଭେଟିଥିଲେ । ୨୦୨୩ ମେ'ରେ ଆରମ୍ଭ ହୋଇଥିବା ଜାତିଗତ ହିଂସା ପରେ ନିଜ ପ୍ରଥମ ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ଶାନ୍ତି ପାଇଁ କେନ୍ଦ୍ର ସରକାରଙ୍କ ନିରନ୍ତର ପ୍ରୟାସ ଦ୍ୱାରା ଦୁଇ ସଂଘର୍ଷରତ ପକ୍ଷ ମଧ୍ୟରେ ଆଲୋଚନା ହୋଇଛି । ଏହା ଦୁର୍ଭାଗ୍ୟପୂର୍ଣ୍ଣ ଯେ ଏଠାରେ ହିଂସା ହୋଇଛି । ଆପଣମାନଙ୍କୁ ପ୍ରତିଶ୍ରୁତି ଦେଉଛି ଯେ ଭାରତ ସରକାର ଆପଣଙ୍କ ସହ ଅଛନ୍ତି ଓ ମୁଁ ଆପଣଙ୍କ ସହ ଅଛି । ପ୍ରଧାନମନ୍ତ୍ରୀ କହିଥିଲେ, ମୁଁ ସବୁ ଗୋଷ୍ଠୀ ଓ ସଂଗଠନକୁ ଶାନ୍ତି ମାର୍ଗ ବାଛିବା ପାଇଁ ଅପିଲ୍ କରୁଛି । ବିକାଶ ପାଇଁ ଶାନ୍ତି ସର୍ବୋପରି ଅଟେ ଓ କେନ୍ଦ୍ର ସରକାର ଏହାକୁ ହାସଲ କରିବା ପାଇଁ ପ୍ରତିବଦ୍ଧ ଅଛନ୍ତି । କେନ୍ଦ୍ର ସରକାର ରାଜ୍ୟରେ ରେଲୱେ ଓ ରୋଡ୍ ସହ ଜଡ଼ିତ ପରିଯୋଜନା ପାଇଁ ବଜେଟ୍ ଆବଣ୍ଟନରେ ବୃଦ୍ଧି କରିଛନ୍ତି । ୨୦୨୪ ପରଠୁ ମଣିପୁରରେ ସ୍ଥିତି ସୁଧାଇବା ପାଇଁ ବିଶେଷ ଗୁରୁତ୍ୱ ଦେଇଛି । ଭାରତ ଖୁବଶୀଘ୍ର ଦୁନିଆର ତୃତୀୟ ବୃହତ ଅର୍ଥନୀତ ଦେଶ ପାଲଟିବ । ବିକାଶର ଲାଭ ଦେଶର ପ୍ରତିଟି କୋଣରେ ଯେପରି ପହଞ୍ଚିବ ତାହା ସୁନିଶ୍ଚିତ କରିବା ଆମ ଦାୟିତ୍ୱ ।

## ପାକିସ୍ତାନରେ ଆତଙ୍କୀ ହମଲା, ୧୨ ଯବାନ ସହିଦ

ନୂଆଦିଲ୍ଲୀ: ପାକିସ୍ତାନର ଦକ୍ଷିଣ ୱାଜିରିସ୍ତାନରେ ବଡ଼ ଆତଙ୍କବାଦୀ ଆକ୍ରମଣ । ବାଦର ଜିଲ୍ଲାରେ ଯାଉଥିବା ଏକ ସାମରିକ କନଭଏ ଉପରେ ହମଲା ହୋଇଛି । ଏଥିରେ ଅତି କମରେ ୧୨ ଜଣ ଯବାନଙ୍କ ମୃତ୍ୟୁ ହୋଇଛି । ୪ ଜଣ ଗୁରୁତର ଆହତ ହୋଇଛନ୍ତି । ପାକିସ୍ତାନୀ ସେନା ଏହାକୁ ନିଶ୍ଚିତ କରିଛି ଏବଂ କହିଛି ଯେ ଆହତ ସୈନିକଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସ୍ଥାନୀୟ ସୁରକ୍ଷା ବାହିନୀ କହିଛନ୍ତି ଯେ ଆକ୍ରମଣଟି ଏକ ଯୋଜନାବଦ୍ଧ ଭାବରେ କରାଯାଇଥିଲା । ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି ପାକିସ୍ତାନୀ ତାଲିବାନ । ଏହି ଗୋଷ୍ଠୀ ଦାବି କରିଛି ଯେ ଆକ୍ରମଣ ସମୟରେ ଏହାର ଯୋଦ୍ଧାମାନେ ମଧ୍ୟ ପାକିସ୍ତାନୀ ସୈନିକଙ୍କଠୁ ଅସ୍ତ୍ରଶସ୍ତ୍ର ଛଡ଼ାଇ ନେଇଥିଲେ । ଏହି ଆକ୍ରମଣ ଅଞ୍ଚଳରେ ବୃଦ୍ଧି ପାଉଥିବା ବିପଦର ଚିନ୍ତାକୁ ଆହୁରି ବୃଦ୍ଧି କରୁଛି । ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଏବଂ ସୁରକ୍ଷା ସଂସ୍ଥାଗୁଡ଼ିକ ସର୍ଚ୍ଚ ଅପରେସନ୍ କରୁଛନ୍ତି । ଅଧିକାରୀ ନାଗରିକଙ୍କୁ ଅଞ୍ଚଳରେ ସତର୍କ ରହିବାକୁ ଏବଂ ଯେକୌଣସି ସନ୍ଦିଗ୍ଧ କାର୍ଯ୍ୟକଳାପ ବିଷୟରେ ରିପୋର୍ଟ କରିବାକୁ ଅପିଲ୍ କରିଛନ୍ତି । ଏହି ଘଟଣା ଖୈବର ପଖତୁନଖବା ପ୍ରଦେଶରେ ସବୁଠାରୁ ଭୟଙ୍କର ଆକ୍ରମଣ ମଧ୍ୟରୁ ଗୋଟିଏ । ପୂର୍ବରୁ ବଡ଼ ଅଞ୍ଚଳ ନିୟନ୍ତ୍ରଣ କରୁଥିଲା, କିନ୍ତୁ ୨୦୧୪ ସାମରିକ ଅଭିଯାନ ପରେ ପଛକୁ ହଟିବାକୁ ପଡିଥିଲା । ୨୦୨୧ରେ କାବୁଲରେ ଆଫଗାନ ତାଲିବାନ କ୍ଷମତାକୁ ଫେରିବା ପରଠାରୁ, ଆଫଗାନିସ୍ତାନ-ପାକିସ୍ତାନ ସୀମାବର୍ତ୍ତୀ ଅଞ୍ଚଳରେ ଆତଙ୍କବାଦୀ କାର୍ଯ୍ୟକଳାପ ତୀବ୍ର ହୋଇଛି । ପାକ ଦାବି କରୁଛି ଯେ ଆଫଗାନିସ୍ତାନ ପାକିସ୍ତାନରେ ଆକ୍ରମଣ କରିବା ପାଇଁ ଆଫଗାନିସ୍ତାନ ମାଟି ବ୍ୟବହାର କରୁଥିବା ଆତଙ୍କବାଦୀଙ୍କୁ ହଟାଇବାରେ ବିଫଳ ହୋଇଛି, ଯେତେବେଳେ କାବୁଲର ଅଧିକାରୀ ଦାବିଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଛନ୍ତି ।

## ଟାରିଫ୍ ମାଡ଼, ଆମେରିକା ବଜାରରେ ନିଆଁ

ନୂଆଦିଲ୍ଲୀ: ଆର୍ଥିକ ସଂକଟ ଦେଇ ଗତି କରୁଛି ଶକ୍ତିଶାଳୀ ରାଷ୍ଟ୍ର ଆମେରିକା । ଖାସ୍ କରି ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ମାଡିବସିଛି ଘୋର ସଂକଟ । କାରଣ ଟାରିଫ୍ ମାଡରେ ସାରା ବିଶ୍ୱରେ ଆର୍ଥିକ ସ୍ଥିତି ସଂଗୀନ ହେବାରେ ଲାଗିଛି । ଏହାରି ଭିତରେ ନଜର ଆସିଛି ଫେଡରାଲ ରିଜର୍ଭର ଅନେକ ପ୍ରୟାସ ପରେ ବି, କମିବାର ନାଁ ନେଉନି ଦରଦାମ । ଆମେରିକାରେ ନିୟନ୍ତ୍ରଣ ବାହାରେ ସ୍ଥିତି । ଅଗଷ୍ଟରେ ଗତବର୍ଷ ତୁଳନାରେ ୨.୯ ପ୍ରତିଶତ ବଢିଛି । ଜାନୁୟାରୀ ପରେ ଯାହା ଥିଲା ୨.୭ ପ୍ରତିଶତ । ଜାନୁୟାରୀ ପରେ ଏହା ସବୁଠୁ ଅଧିକ ମାତ୍ରାରେ ବାର୍ଷିକ ଗ୍ରୋଥ ହୋଇଛି । ୟୁଏସ୍‌ଡିଏ ରିପୋର୍ଟ ମୁତାବକ ୨୦୨୫ରେ ମୋଟ ରାସନ ଦାମ ୩.୩% ବଢିପାରେ । ଯେଉଁଥିରେ ବିଫ୍ ଅଣ୍ଡା ଭଳି ସାମଗ୍ରୀ ସବୁଠୁ ଅଧିକ ମହଙ୍ଗା । ଏବେ ଆମେରିକା ପରିବାର ମାସକୁ ଖର୍ଚ୍ଚ ୯୦୦ ଡଲାର ପାଖାପାଖି ୭୫,୦୦୦ ହଜାର ଖର୍ଚ୍ଚ କରିବେ । ଆମେରିକାରେ କିଛି ଜିନିଷର ଦାମ ଏବର୍ଷ ପ୍ରବଳ ମାତ୍ରାରେ ବଢିବାରେ ଲାଗିଛି । ଯେଉଁଥିରେ କ୍ଷୀର, ବ୍ରେଡ୍, ଅଣ୍ଡା ଏବଂ ବିଫ୍ ଭଳି ଫୁଡ୍ ଆଇଟମ ସାମିଲ ଅଛି । ୧ ଡଜନ ଅଣ୍ଡା ଦାମ ୩.୫୯ ଡଲାର ମାନେ ୩୦୦ ଟଙ୍କାରେ ବିକ୍ରି ହେଉଛି । ଯାହା ଗତ ବର୍ଷ ତୁଳନାରେ ୧୨ ପ୍ରତିଶତ ବଢିଛି । ୧ ପାଉଣ୍ଡ ମାନେ ୪୫୩ ଚିକେନ୍ ୨.୦୮ ଡଲାର ଅର୍ଥାତ୍ ୧୭୫ ଟଙ୍କା ବିକ୍ରି ହେଉଛି । ବର୍ଷକୁ ଏଥିରେ ୪.୪ ପ୍ରତିଶତରୁ ଅଧିକ ଗ୍ରୋଥ୍ ଅଛି । ୧ ପାଉଣ୍ଡ ଅଣ୍ଡା ଦାମ ୮.୮ ପ୍ରତିଶତ ବଢିଯାଇଛି । ଆମେରିକାରେ ପାଖାପାଖି ଏହାର ଦାମ ୫୬ ଟଙ୍କାରେ ବିକ୍ରି ହେଉଛି । ଏହାରି ଭିତରେ ୧ ପାଉଣ୍ଡ ଆଳୁର ଦାମ୍ ୮୪ ଟଙ୍କା, ଚାଉଳ ୮୯ ଟଙ୍କା, ୧୫୫ ଟଙ୍କାରେ ବ୍ରେଡ୍, ଏବଂ ବିଫ୍ ଦାମ୍ ୫୫୭ ଟଙ୍କାରେ ବିକ୍ରି ହେଉଛି ।

## ବିକଶିତ ଛତିଶଗଡ଼ର ସ୍ୱପ୍ନ ପୂରଣ କରିବୁ: ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ କହିଛନ୍ତି ଯେ, ୩ କୋଟି ଜନତା ଆରୋଗ୍ୟ ଲାଭ କରିଛନ୍ତି । ଏହାସହ ବିକଶିତ ଛତିଶଗଡ଼ ଲକ୍ଷ୍ୟ ପୂରଣ କରିବା ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ । ପୂର୍ବ ୨୦ ମାସରେ ପ୍ରଦେଶରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ମଜଭୂତ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା । ବିଶେଷକରି ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଯେଉଁ ଲକ୍ଷ୍ୟ ଥିଲା ତାହା ଆମେ ପୂରଣ କରିପାରିଛୁ । ରାଜଧାନୀ ରାୟପୁରର ଏକ ହୋଟେଲରେ ଆୟୋଜିତ ତିନିଦିବସୀୟ ଡେଣ୍ଟାଲ କନ୍‌ଫରେନ୍ସକୁ ଉଦ୍‌ଘାଟନ କରି ଶ୍ରୀ ସାଏ ଏହା କହିଛନ୍ତି । ସେ କହିଥିଲେ ଦନ୍ତ ଚିକିତ୍ସା ଏବଂ ଦାନ୍ତର ସୁରକ୍ଷା ପାଇଁ ଆବଶ୍ୟକ ଉପକରଣର ଏକ ପ୍ରଦର୍ଶନୀ ଖୋଲାଯାଇଛି । ଏହାକୁ ଦେଖି ସେ ବେଶ୍ ଖୁସି ପ୍ରକଟ କରିଥିଲେ । ସେ କହିଥିଲେ ମୋ ସରକାର ଗଠନ ହେବାର ପ୍ରଥମ ଦିନରେ ମୁଁ ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟସେବା ଦେବା ପାଇଁ ପ୍ରାଥମିକତା ଦେଇଥିଲି । ରାଜ୍ୟରେ ୫ଟି ନୂଆ ମେଡିକାଲ କଲେଜ ଖୋଲିବାକୁ ଅନୁମୋଦନ ଦେଇଥିଲେ । ଏଥିସହ ଫିଜିଓଥେରାପି, ନର୍ସିଂ ଏବଂ ମାତୃ-ଶିଶୁ ହସ୍ପିଟାଲ ଖୋଲାଯାଇଛି । ଛତିଶଗଡ଼ରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଗତି ବୃଦ୍ଧି ପାଇଚାଲିଛି ବୋଲି ସେ କହିଥିଲେ । ସେ କହିଥିଲେ ୨୦୦୦ ମସିହାରେ ଛତିଶଗଡ଼ରେ କେବଳ ଗୋଟିଏ ମେଡିକାଲ କଲେଜ ଥିଲା । ଏବେ ଏହି ସଂଖ୍ୟା ୧୫ରେ ପହଞ୍ଚିଛି । ଆୟୁଷ୍ମାନ ଭାରତ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ବୟବନ୍ଦନ ଯୋଜନାରେ ନିଶୁଳ୍କ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯାଉଛି । ଏହାସହ ଶସ୍ତାରେ ଜେନେରିକ୍ ଔଷଧ ମଧ୍ୟ ପ୍ରଦାନ କରାଯାଉଛି । ସେ କହିଥିଲେ ପାନମସଲା, ଗୁଟଖା ଏବଂ ତମାଖୁ ପାଇଁ ଗମ୍ଭୀର ରୋଗ ଦେଖାଯାଉଛି । ଫଳରେ ମୁଖ ଗହ୍ୱର କ୍ୟାନ୍ସର ବୃଦ୍ଧି ପାଉଛି । ତେଣୁ ଏନେଇ ସମସ୍ତେ ସତର୍କ ରହିବା ସହ ସଚେତନ କରାଇବାକୁ ସେ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଇଣ୍ଡିଆନ ଡେଣ୍ଟାଲ ଆସୋସିଏସନ୍ ଛତିଶଗଡ଼ର ସଭାପତି ଡାକ୍ତର ଅରବିନ୍ଦ କୁମାର, ପୂର୍ବତନ ସଭାପତି ଡାକ୍ତର ରାଜୀବ ସିଂ, ସମ୍ମିଳନୀର ଅଧ୍ୟକ୍ଷ ଡାକ୍ତର ବୈଭବ ତିୱାରୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

### ଋଷରେ ଭୟଙ୍କର ଭୂକମ୍ପ ଝଟ୍‌କା

# ସୁନାମୀ ପାଇଁ ସତର୍କ ସୂଚନା ଜାରି

ନୂଆଦିଲ୍ଲୀ : ଋଷରେ ଶନିବାର ଭୟଙ୍କର ଭୂକମ୍ପ ଝଟକା ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୧ ରେକର୍ଡ କରାଯାଇଛି । ଭୂକମ୍ପ ଋଷର ପୂର୍ବ ଅଞ୍ଚଳରେ କାମଚଟକାରେ ଅନୁଭୂତ ହୋଇଛି । ଏଠାରେ ଜୁଲାଇରେ ମଧ୍ୟ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଏହାପରେ ଋଷ-ଜାପାନରେ ସୁନାମୀ ମଧ୍ୟ ଆସିଥିଲା । ବୈଜ୍ଞାନିକଙ୍କ ଚେତାବନୀ ଅନୁଯାୟୀ, ଭୂକମ୍ପ କେନ୍ଦ୍ର ନିକଟରେ ୩୦୦ କିଲୋମିଟର ଅଞ୍ଚଳ ପର୍ଯ୍ୟନ୍ତ ସମୁଦ୍ରରେ ବଡ ଧରଣର ଲହଡି ହେବାର ସମ୍ଭାବନା ରହିଛି । ଯାହା ସୁନାମୀ ମଧ୍ୟ ଆଣିପାରେ । ଋଷର କାମଚଟକାରେ ଆସିଥିବା ଭୂକମ୍ପର କେନ୍ଦ୍ର ଭୂମି ଠାରୁ ୧୦ କିଲୋମିଟର ଗଭୀର ଓ ଏହାର ତୀବ୍ରତା ୭.୧ ରେକର୍ଡ କରାଯାଇଛି । ଜୁଲାଇ ମାସରେ ଋଷର କାମଚାଟକା ଦ୍ୱୀପରେ ଭୟଙ୍କର ଭୂମିକମ୍ପ ହୋଇଥିଲା, ଯାହାର ତୀବ୍ରତା ରିକ୍ଟର ସ୍କେଲରେ ୮.୮ ମାପ କରାଯାଇଥିଲା । ଏହି ଭୂମିକମ୍ପ ପ୍ରଶାନ୍ତ ମହାସାଗରରେ ସୁନାମି ସୃଷ୍ଟି କରିଥିଲା । ସମୁଦ୍ରରେ ୪ ମିଟର ଉଚ୍ଚ ଢେଉ ଉଠିଥିଲା । ସୁନାମି ଋଷ ଏବଂ ଜାପାନରେ ବହୁତ ଧ୍ୱଂସ ଘଟାଇଥିଲା । ସେହି ସମୟରେ ସୁନାମିର ଚେତାବନୀ ଯୋଗୁଁ ପ୍ରାୟ ୧୦ଟି ଦେଶରେ ହାଇ ଆଲର୍ଟ ଜାରି କରାଯାଇଥିଲା । ଝଡ଼ ପବନ ଏବଂ ପ୍ରବଳ ବର୍ଷା ଏହି ଦେଶଗୁଡ଼ିକରେ କ୍ଷତି କରିଥିଲା ।

# ବାଣିଜ୍ୟ

ନୂଆଦିଲ୍ଲୀ: ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲ ପକ୍ଷରୁ ଭାରତରେ ଏହାର ନୂଆ ଗୋଲ୍ଡ ଜୁଏଲାରୀ କ୍ୟାମ୍ପେନ ଦ ମୋମେଣ୍ଟ ଇଜ୍ ଗୋଲ୍ଡ କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି । ଦ ମୋମେଣ୍ଟ ଇଜ୍ ଗୋଲ୍ଡ କ୍ୟାମ୍ପେନ ଜେନ୍ ଜି ଓ ମିଲେନିଆଲଙ୍କ ମଧ୍ୟରେ ସୁନା ଅଳଙ୍କାରର ପ୍ରାସଙ୍ଗିକତା ଓ ଆକାଂକ୍ଷା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି । ଏହି କ୍ୟାମ୍ପେନ ଟେଲିଭିଜନ, ଡିଜିଟାଲ ଓ ଓଟିଟି ପ୍ଲାଟଫର୍ମ, ସିଟିଭି, ସୋସିଆଲ ମିଡିଆ ଓ ପ୍ରିଣ୍ଟରେ ଲାଇଭ ରହିବ । ଏହାର ମିଡିଆ ପାର୍ଟନର ହେଉଛି ଡବ୍ଲ୍ୟୁପିପି ମିଡିଆ । ଦ ମୋମେଣ୍ଟ ଇଜ୍ ଗୋଲ୍ଡ କ୍ୟାମ୍ପେନ ସମ୍ପର୍କରେ ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲ, ଇଣ୍ଡିଆ, ମାର୍କେଟିଂ ହେଡ୍ ଆରତୀ ସକସେନା କହିଛନ୍ତି, ଦ ମୋମେଣ୍ଟ ଇଜ୍ ଗୋଲ୍ଡ କ୍ୟାମ୍ପେନ ସହ ଆମେ ଦୈନନ୍ଦିନ ଜୀବନର ସମୃଦ୍ଧତାକୁ ସେଲିବ୍ରେଟ କରୁଛୁ । ବିବିଡିଓ ଇଣ୍ଡିଆର ଅଧ୍ୟକ୍ଷ ଓ ଚିଫ୍ କ୍ରିଏଟିଭ ଅଫିସର ଯୋଶି ପଲ୍ କହିଛନ୍ତି, ଅନେକ ପିଢି ପାଇଁ ସୁନା ଜୀବନର ସ୍ମରଣୀୟ ସଫଳତାଗୁଡିକ ସହ ଜଡିତ ହୋଇଆସିଛି । କ୍ୟାମ୍ପେନ ସହିତ ଆମେ ପ୍ରତିଦିନର ଅର୍ଥପୂର୍ଣ୍ଣ, ଉଲ୍ଲେଖନୀୟ ମୁହୂର୍ତ୍ତଗୁଡିକୁ ପାଳନ କରି ସେହି ପରମ୍ପରାକୁ ସୁଦୃଢ କରିଛୁ । ଏହା ସୁନାକୁ ସତେଜ, ଯୁବସୁଲଭ ପ୍ରାସଙ୍ଗିକତା ପ୍ରଦାନ କରିବା ସମ୍ବନ୍ଧିତ ଅଟେ ।

### 'ଟ୍ରେଣ୍ଡସ ଦୁର୍ଗା ପୂଜା ସ୍ପେଶାଲ' ଅଭିଯାନ ଶୁଭାରମ୍ଭ

# ୩,୪୯୯ ଟଙ୍କାର କ୍ରୟ ସହ ଆକର୍ଷଣୀୟ ଉପହାର ସୁଯୋଗ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦୁର୍ଗାପୂଜା ଉତ୍ସବକୁ ସର୍ବଶ୍ରେଷ୍ଠ ଫ୍ୟାଶନ, ଉତ୍ସବ ଓ ଆନନ୍ଦ ସହିତ ପାଳନ କରିବା ପାଇଁ ଭାରତର ସର୍ବବୃହତ ଏବଂ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ରିଲାଏନ୍ସ ରିଟେଲର ପୋଷାକ ଏବଂ ଆସେସୋରିଜ୍ ସ୍ପେଶାଲିଟି ଚେନ୍ ଟ୍ରେଣ୍ଡସ ପକ୍ଷରୁ 'ଦୁର୍ଗା ପୂଜା ସ୍ପେଶାଲ' ଉତ୍ସବ ଅଭିଯାନ ଶୁଭାରମ୍ଭ ଘୋଷଣା କରାଯାଇଛି । ଏହି ଉତ୍ସବ ଅଭିଯାନର ଅଂଶ ଭାବରେ, ୩,୪୯୯ ଟଙ୍କା ଏବଂ ତଦୁର୍ଦ୍ଧ୍ୱ ମୂଲ୍ୟର କ୍ରୟ ସହିତ ଗ୍ରାହକମାନେ ଆକର୍ଷଣୀୟ ଉପହାର ପାଇପାରିବେ, ଯାହା ଉତ୍ସବର ସପିଙ୍ଗକୁ ଅଧିକ ଲାଭଦାୟକ ଏବଂ ସ୍ମରଣୀୟ କରିବ । 'ପୂଜା ସପିଙ୍ଗ, ଏବେ ଅଧିକ ଲାଭଦାୟକ' ଶୀର୍ଷକ ରହିଥିବା ଏହି ଅଭିଯାନ ଜରିଆରେ ଟ୍ରେଣ୍ଡସ ଏହାର ଗ୍ରାହକମାନଙ୍କ ଉତ୍ସବ ଖୁସିକୁ ବହୁଗୁଣିତ କରିବାକୁ ଲକ୍ଷ୍ୟ ରଖିଛି । ଟ୍ରେଣ୍ଡସ ଷ୍ଟୋରଗୁଡ଼ିକ ଭାରତରେ ଫ୍ୟାଶନକୁ ସହଜଲଭ୍ୟ କରିବା ସହିତ ମେଟ୍ରୋ, ମିନି ମେଟ୍ରୋ, ଟାୟାର ୧, ୨ ସହର ଏବଂ ଅନ୍ୟାନ୍ୟ ସ୍ଥାନରେ ଏହାର ଉପସ୍ଥିତିକୁ ସୁଦୃଢ଼ କରିବାରେ ବେଶ ଆଗରେ ରହିଛି ଏବଂ ଭାରତର ସବୁଠାରୁ ପ୍ରିୟ ଫ୍ୟାଶନ ଗନ୍ତବ୍ୟସ୍ଥଳ ଭାବରେ ଉଭା ହୋଇଛି । ଟ୍ରେଣ୍ଡସ ଷ୍ଟୋରଗୁଡ଼ିକ ଆଧୁନିକ ପରିବେଶ ସହିତ ଏକ ଅଭିନବ ସପିଂ ଅନୁଭୂତି ଏବଂ ପ୍ରତ୍ୟେକ ଅଞ୍ଚଳର ପସନ୍ଦ ଅନୁଯାୟୀ ପ୍ରସ୍ତୁତ ଉଚ୍ଚମାନର ଫ୍ୟାଶନ୍ ସାମଗ୍ରୀର ଏକ ବ୍ୟାପକ ସମ୍ଭାର ସୁଲଭ ମୂଲ୍ୟରେ ପ୍ରଦାନ କରିଥାଏ । ଗ୍ରାହକମାନେ ଦୁର୍ଗା ପୂଜା ଅବସରରେ ଟ୍ରେଣ୍ଡସରେ ମହିଳାଙ୍କ ପୋଷାକ, ପୁରୁଷଙ୍କ ପୋଷାକ, ପିଲାମାନଙ୍କ ପୋଷାକ ଏବଂ ଫ୍ୟାଶନ୍ ଆସେସୋରିଜ୍ ଇତ୍ୟାଦିର ଏକ ଆନନ୍ଦଦାୟକ ଉତ୍ସବ ସପିଂ ଅନୁଭୂତି ନେଇପାରିବେ ।

# ଆରଏସ୍‌ପିର ୯ ଜଣ କର୍ମଚାରୀ ପୁରସ୍କୃତ




ରାଉରକେଲା(ଭାସ୍କର ନ୍ୟୁଜ୍): ସେଲ ରାଉରକେଲା ଇସ୍ପାତ କାରଖାନାର ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ପୁରସ୍କାର ବିତରଣ ଉତ୍ସବରେ ମୋ ଆରଏସପି-ମୋ ପରିଚୟ ପ୍ରୟାସ ଅଧୀନରେ ଆରଏସପିର ୯ ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା । ଆରଏସପି ମାନବ ସମ୍ବଳ ବିଭାଗର ସିଜିଏମ ମାନସ ରଞ୍ଜନ ରଥ ଏହି ଉତ୍ସବରେ ଅଧ୍ୟକ୍ଷତା କରି କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ମାନବ ସମ୍ବଳ ଓଡ଼ି ବିଭାଗର ଜିଏମ ସୋମଜିତ ବଡପଣ୍ଡା ଏବଂ ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଉଲ୍ଲେଖଯୋଗ୍ୟ ଯେ, ଜୁଲାଇ ୧୭ ରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲି ଥିବା ପ୍ରତିଯୋଗିତା ସମୟରେ ଆରଏସପି ପୋର୍ଟାଲ୍ ଏମ୍ପ୍ଲୋଇ ଜୋନ୍ (ୱେବ୍ ଏବଂ ମୋବାଇଲ୍ ଆପ୍) ରେ ପୋଷ୍ଟ ହୋଇଥିବା ଶ୍ରେଷ୍ଠ ଚିନ୍ତାଧାରା ଏବଂ ମତାମତକୁ ଏହି ପୁରସ୍କାର ମାଧ୍ୟମରେ ସ୍ୱୀକୃତି ପ୍ରଦାନ କରାଯାଇଛି । ଏହି ଅବସରରେ ପୁରସ୍କୃତ କାର୍ମିକ ମାନେ ହେଉଛନ୍ତି, ନୂତନ ପ୍ଲେଟ୍ ମିଲ୍ ବିଭାଗର ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ସୁଶ୍ରୀ ସୁପ୍ରିୟା ଭୋଇ, ହସ୍ପିଟାଲିଟି-ଏୟାରପୋର୍ଟ ବିଭାଗର ସେକ୍ସନ ଅଫିସର ଶ୍ରୀ ପ୍ରଫୁଲ୍ଲ କୁମାର ପାତ୍ର, ମାନବ ସମ୍ବଳ ବିଭାଗର ବରିଷ୍ଠ କାର୍ଯ୍ୟନିର୍ବାହୀ ସହାୟକ ସୁଶ୍ରୀ ଇପ୍ସିତା ନାୟକ, ଅକ୍ସିଜେନ୍ ପ୍ଲାଣ୍ଟ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଗୋପାଳ ଚନ୍ଦ୍ର ବଡଭୂୟାଁ, କୋଲ କେମିକଲ ବିଭାଗର ଏଜିଏମ ମୁକୁଲ କୁମାର, ମାନବ ସମ୍ବଳ ବିଭାଗର ସେକ୍ସନ୍ ଅଫିସର (କଲ୍ୟାଣ) ଅରୁଣ କୁମାର ପଟ୍ଟନାୟକ, ବ୍ଲାଷ୍ଟ ଫର୍ନେସ ବିଭାଗର ସିନିୟର ମ୍ୟାନେଜର ସିଦ୍ଧାନ୍ତ କୁମାର ପାଲ, ସିଇଏସ ବିଭାଗର ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ସୁବ୍ରତ ଗୋଚ୍ଛାୟତ ଏବଂ ସିଇଏସ ବିଭାଗର ଏଜିଏମ ସୁଶ୍ରୀ ଦିବ୍ୟା ଦାଶ । ଉଲ୍ଲେଖନୀୟ ଯେ, ମୋ ଆରଏସପି-ମୋ ପରିଚୟ ଏକ ଅନନ୍ୟ ପ୍ରୟାସ ଯାହା କର୍ମଚାରୀମାନଙ୍କୁ ସେମାନଙ୍କର ସକାରାତ୍ମକ ଚିନ୍ତାଧାରା, ଭାବନା ଏବଂ ସଂଗଠନର ଅଂଶ ହେବାର ଅଭିଜ୍ଞତା ବାଣ୍ଟିବାକୁ ଉତ୍ସାହିତ କରେ । ଏହି ପଦକ୍ଷେପ ଅନୁଯାୟୀ, କର୍ମଚାରୀଙ୍କୁ ୧୫ ଦିନ ମଧ୍ୟରେ ପ୍ରତ୍ୟହ ଆରଏସପି ଆରଏସପି ବିଷୟରେ ଅତି କମରେ ଗୋଟିଏ ସମ୍ପୂର୍ଣ୍ଣ ସକାରାତ୍ମକ ଚିନ୍ତାଧାରା ଲେଖିବାକୁ ହୋଇଥାଏ ।

## ଓବେନ୍ ଇଲେକ୍ଟ୍ରିକ୍‌ର 'ମେଗା ଫେଷ୍ଟିଭ ଉତ୍ସବ'

ମୁମ୍ବାଇ: ଭାରତର ଅଗ୍ରଣୀ ଘରୋଇ ଓ ଆରଆଣ୍ଡଡି-ଚାଳିତ ଇଲେକ୍ଟ୍ରିକ ମୋଟରସାଇକେଲ ନିର୍ମାତା, ଓମେନ ଇଲେକ୍ଟ୍ରିକ ପକ୍ଷରୁ 'ମେଗା ଫେଷ୍ଟିଭ ଉତ୍ସବ'ର ଶୁଭାରମ୍ଭ କରାଯାଇଛି । ଏହା ହେଉଛି ଏକ



ଜାତୀୟସ୍ତରୀୟ ପାର୍ବଣ କାର୍ଯ୍ୟକ୍ରମ ଯାହାକୁ କମ୍ପାନୀର ଫ୍ଲାଗସିପ ମୋଟରସାଇକେଲ ରୋର୍ ଇଜେଡ ସିଗ୍ମା ଓ ରୋର୍ ଇଜେଡରେ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମ ଗ୍ରାହକଙ୍କୁ ୩୫,୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ସ୍ୱତନ୍ତ୍ର ଲାଭ ପ୍ରଦାନ କରୁଛି । ଏହି ଫେଷ୍ଟିଭ ପ୍ରୋଗ୍ରାମର ଅଂଶ ଭାବେ ରୋର୍ ଇଜେଡ ସିଗ୍ମା କିମ୍ବା ରୋର୍ ଇଜେଡ୍ କ୍ରୟ କରୁଥିବା ଗ୍ରାହକମାନେ ମୂଲ୍ୟରେ ଅନ୍ତର୍ଭୁକ୍ତ ଥିବା ୨୦,୦୦୦ ଟଙ୍କାର ଲାଭ ସହିତ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ କ୍ୟାଶବ୍ୟାକ ଏବଂ ପ୍ରତ୍ୟେକ କ୍ରୟ ସହିତ ଏକ ନିଶ୍ଚିତ ଗୋଲ୍ଡ କଏନ ପାଇପାରିବେ । ଏଥିସହିତ ଜଣେ ଭାଗ୍ୟଶାଳୀ ଗ୍ରାହକ ଏକ ଆଇଫୋନ ଜିତିବାର ସୁଯୋଗ ପାଇବେ । ଏହି ପ୍ରୋଗ୍ରାମ ସମ୍ପର୍କରେ ଓବେନ ଇଲେକ୍ଟ୍ରିକର ପ୍ରତିଷ୍ଠାତା ଓ ସିଇଓ, ମଧୁମିତା ଅଗ୍ରୱାଲ କହିଛନ୍ତି, 'ମେଗା ଫେଷ୍ଟିଭ ଉତ୍ସବକୁ ଚଳିତ ପାର୍ବଣ ଋତୁରେ ଆମର ଗ୍ରାହକଙ୍କୁ ଚମତ୍କାର ମୂଲ୍ୟ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି । ରୋର୍ ଇଜେଡ ସିରିଜ ସହିତ ଆମେ ସହରାଞ୍ଚଳ ଯାତାୟତ ପାଇଁ ଉନ୍ନତ କାର୍ଯ୍ୟଦକ୍ଷତା, ନିର୍ଭରଯୋଗ୍ୟତା ଓ ଅତ୍ୟାଧୁନିକ ଟେକ୍ନୋଲୋଜି ପ୍ରଦାନ କରିବା ପାଇଁ ଇଲେକ୍ଟ୍ରିକ ମୋଟରସାଇକେଲର ନିର୍ମାଣ କରିଛୁ । ଏହି ପାର୍ବଣ ଅଫରର ହାଇଲାଇଟ ହେଉଛି ନିକଟରେ ଲଞ୍ଚ କରାଯାଇଥିବା ନେକ୍ସଟ ଜେନ ଇଲେକ୍ଟ୍ରିକ କମ୍ୟୁଟର ମୋଟରସାଇକେଲ ରୋର ଇଜେଡ ସିଗ୍ମା । ଏଥିରେ ଆଇଡିସି ୧୭୫ କିମି ପର୍ଯ୍ୟନ୍ତରେ, ୯୫କିମି/ଘଣ୍ଟାର ଟପ୍ ସ୍ପିଡ, କେବଳ ୩.୩ ସେକେଣ୍ଡରେ ୦-୪୦ କିମି/ଘଣ୍ଟାର ଆକ୍ସିଲରେଶନ, ୩ଟି ଆଡାପ୍ଟିଭ ରାଇଡ ମୋଡ (ଇକୋ,ସିଟି, ହାଭୋକ), ରିଭର୍ସ ମୋଡ, ୫ ଇଞ୍ଚ ଟିଏଫଟି କଲର ଡିସ୍‌ପ୍ଲେ ସହ ନାଭିଗେଶନ ଓ ସ୍ମାର୍ଟ ଆଲର୍ଟ ଭଳି ଫିଚର ରହିଛି । ଗ୍ରାହକମାନେ ପାର୍ବଣ ଅଫର ପାଇବା ପାଇଁ ନିଜର ନିକଟସ୍ଥ ଶୋ'ରୁମ୍ କିମ୍ବା ଆମାଜନ ମାଧ୍ୟମରେ ଏହାକୁ କ୍ରୟ କରିପାରିବେ ।

## ଆଇକୋନିକ୍ ଜାୱା, ୟେଜ୍‌ଦି ୨ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟରେ ଉପଲବ୍ଧ

ନୂଆଦିଲ୍ଲୀ: କ୍ଲାସିକ ଲିଜେଣ୍ଡ୍ସ (ସିଏଲ୍) ଜାୱା ୟେଜଦି ମୋଟରସାଇକେଲ ଅଧୀନରେ ଏହାର ପ୍ରସିଦ୍ଧ ପ୍ରଦର୍ଶନ କ୍ଲାସିକ୍ ପାଇଁ ନୂତନ ମୂଲ୍ୟ ଘୋଷଣା କରିଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ, ଆଡଭେଞ୍ଚର, ରୋଡଷ୍ଟର, ବବର, ସ୍କ୍ରାମ୍ବଲର ପର୍ଯ୍ୟନ୍ତ, ବର୍ତ୍ତମାନ ୨ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟରେ ଉପଲବ୍ଧ । ଦଶନ୍ଧି ପୂର୍ବେ, ଏକ ନୀତି ପରିବର୍ତ୍ତନ ପରିବେଶ ପାଇଁ ଅନୁପଯୁକ୍ତ ବୋଲି ବିବେଚିତ ୨-ଷ୍ଟ୍ରୋକ୍ ମୋଟରସାଇକେଲକୁ ନିଷିଦ୍ଧ କରିଥିଲା, ଯାହା ଭାରତରେ ଜାୱା ଏବଂ ୟେଜଦିର ଯାତ୍ରାକୁ ବନ୍ଦ କରିଦେଇଥିଲା, ଯେଉଁମାନେ ସେତେବେଳେ ସେମାନଙ୍କ କ୍ଷେତ୍ରରେ ମାର୍କେଟ୍ ଲିଡର ଥିଲେ । ଏହି ମାସରେ, ଆଉ ଏକ ପ୍ରଗତିଶୀଳ ନୀତି ପରିବର୍ତ୍ତନ ସେମାନଙ୍କୁ କେନ୍ଦ୍ର ସ୍ତରରେ ଫେରାଇ ଆଣିଛି । ୩୫୦ ସିସି ତଳେ ମୋଟରସାଇକେଲ୍ ପାଇଁ ଜିଏସଟି ହାରକୁ ୨୮% ରୁ ୧୮% କୁ ସଂଶୋଧନ କରିବା ଦ୍ୱାରା ଜାୱା ୟେଜଦି ମୋଟରସାଇକେଲ୍ ଏବଂ ଏହାର ଟାର୍ଗେଟ ଦର୍ଶକମାନେ ବିଶ୍ୱର ସର୍ବବୃହତ ଦୁଇଚକିଆ ବଜାରରେ ସବୁଠାରୁ ଅଧିକ ଲାଭବାନ ହୋଇଛନ୍ତି । ସମସ୍ତ ଜାୱା ୟେଜଦି ମୋଟରସାଇକେଲରେ ୨୯୩ ସିସି କିମ୍ବା ୩୩୪ ସିସି ଆଲଫା୨ ତରଳ-ଥଣ୍ଡା ଇନ୍ ଅଛି । ସମଗ୍ର ଭାରତରେ ୪୫୦ ରୁ ଅଧିକ ବିକ୍ରୟ ଏବଂ ସେବା ଯୋଗାଯୋଗ ସ୍ଥାନରେ ଅତୁଳନୀୟ ମାନସିକ ଶାନ୍ତି ପାଇଁ ଶିଳ୍ପ-ଅଗ୍ରଣୀ ୪-ବର୍ଷ/୫୦,୦୦୦ କିଲୋମିଟର ୱାରେଣ୍ଟି ଏବଂ ବ୍ୟାପକ ରକ୍ଷଣାବେକ୍ଷଣ ଯୋଜନା ଦ୍ୱାରା ସମର୍ଥିତ ମୋଟରସାଇକେଲ ହୋଇଥିବାବେଳେ ଜିଏସଟି ୨.୦ ସଂସ୍କାର ମଧ୍ୟ ଜାୱା ୟେଜଦି ପୃଷ୍ଠପୋଷକଙ୍କ ପାଇଁ ମାଲିକାନା ମୂଲ୍ୟ ହ୍ରାସ କରିଛି । ଏ ସମ୍ପର୍କରେ ଜାୱା ୟେଜଦି ମୋଟରସାଇକେଲର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି ଯେ 'ସରକାରଙ୍କ ସାହସିକ ଏବଂ ସମୟୋଚିତ ଜିଏସଟି ସଂସ୍କାର ୨-ଷ୍ଟ୍ରୋକ୍ ରୁ ୪-ଷ୍ଟ୍ରୋକ୍ ଇନକୁ ଐତିହାସିକ ପରିବର୍ତ୍ତନକୁ ପ୍ରତିଫଳିତ କରି ବୃହତ ହିତ ପାଇଁ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବ । ଏହା ଆମର ୬୫୨ ସିସି ବିଏସଏ ଗୋଲ୍ଡ ଷ୍ଟାର ଭଳି ଉଚ୍ଚ ସିସି ମୋଟରସାଇକେଲ ପାଇଁ ଟିକସ ବୋଝ ବୃଦ୍ଧି କରିଥିବାବେଳେ ଆମେ ଏହାକୁ ପ୍ରଗତିଶୀଳ ଟିକସର ଚିହ୍ନ ଭାବରେ ଗ୍ରହଣ କରୁଛୁ ।

## ବନ୍ଧନ ଲାଇଫ୍ ପକ୍ଷରୁ ଆଇରିଟାୟାର୍‌ର ଶୁଭାରମ୍ଭ



ମୁମ୍ବାଇ: ବନ୍ଧନ ଲାଇଫ ଇନ୍ସୁରାନ୍ସ ପକ୍ଷରୁ ଆଜି ଏକ ଅବସରକାଳିନ ଯୋଜନା ବନ୍ଧନ ଲାଇଫ ଆଇରିଟାୟାର୍‌ର ଶୁଭାରମ୍ଭ କରାଯାଇଛି । ଏହାକୁ ଆର୍ଥିକ ସ୍ୱାଧୀନତା, ମାନସିକ ଶାନ୍ତି ଏବଂ ନିଜ ସର୍ତ୍ତରେ ଜୀବନ ବଞ୍ଚିବା ନିମନ୍ତେ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ଡିଜାଇନ କରାଯାଇଛି । ଆଇରିଟାୟାର ସହିତ ବନ୍ଧନ ଲାଇଫ ଜୀବନକାଳ ନିଶ୍ଚିତ ଆୟର ଏକ ପ୍ରତିଶ୍ରୁତି ଆଣୁଛି ଯାହା ଅବସର ସାଲିସ କରିବା ପାଇଁ ନୁହେଁ ବରଂ ବର୍ଷ ବର୍ଷର କଠିନ ପରିଶ୍ରମରେ ଗଢିଥିବା ଜୀବନକୁ ଉପଭୋଗ କରିବା ସମ୍ପର୍କିତ ଅଟେ ବୋଲି ନିଶ୍ଚିତ କରିଥାଏ । ଏହି ପ୍ଲାନ ସ୍ଥିର ଆୟ ପ୍ରଦାନ କରିଥାଏ ଯାହା ବ୍ୟକ୍ତିଙ୍କ ଅବସର ପରେ ମଧ୍ୟ ଜୀବନକାଳ ଜାରି ରହିଥାଏ, ଏହା ସେମାନଙ୍କୁ ଆର୍ଥିକ ଚିନ୍ତା ବିନା ଜୀବନଯାପନ କରିବାକୁ ସକ୍ଷମ କରିଥାଏ । ଏହି ଉତ୍ପାଦର ଶୁଭାରମ୍ଭ ସମ୍ପର୍କରେ ବନ୍ଧନ ଲାଇଫର ଏମ୍‌ଡି ଓ ସିଇଓ, ସତିଶ୍ୱର ବି କହିଛନ୍ତି, 'ବନ୍ଧନ ଲାଇଫରେ ଆମେ ବିଶ୍ୱାସ କରୁ ଯେ, ଅବସର ଆର୍ଥିକ ଚିନ୍ତାର ଏକ ସମୟ ନୁହେଁ ବରଂ ଏହା ନୂତନ ସମ୍ଭାବନାଗୁଡିକର ଆରମ୍ଭ ହେବା ଉଚିତ । ଆଇରିଟାୟାର ସହିତ ଆମେ ଆମର ଗ୍ରାହକଙ୍କୁ ସ୍ଥାୟୀ ଆୟର ସୁବିଧା ଓ ସେମାନଙ୍କ ଇଚ୍ଛାରେ ଜୀବନ ବଞ୍ଚିବାର ଆତ୍ମବିଶ୍ୱାସ ପ୍ରଦାନ କରୁଛୁ । ଏହା ନିଜ ପାଇଁ ଓ ନିଜ ପ୍ରିୟଜନଙ୍କ ପାଇଁ ଭବିଷ୍ୟତକୁ ସୁରକ୍ଷିତ ରଖି ଆଜିକୁ ସେଲିବ୍ରେଟ କରିବା ସମ୍ପର୍କିତ ଅଟେ । ବନ୍ଧନ ଲାଇଫ ଆଇରିଟାୟାର ୪୫ରୁ ୮୦ ବର୍ଷ ବୟସର ବ୍ୟକ୍ତିଙ୍କ ପାଇଁ ଖୋଲା ରହିଛି ।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ନୂଆଦିଲ୍ଲୀ: ଚମକିଛନ୍ତି କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ। ଦୀର୍ଘ ୭ ମାସ ପରେ ପ୍ରତିଯୋଗିତା ମୂଳକ କ୍ରିକେଟକୁ ଫେରିଥିବା ଅର୍ଜୁନ ନିଜର ଜଲୱା ଦେଖାଇଛନ୍ତି। ଅନେକ ବର୍ଷ ହେଲା କ୍ରିକେଟ ଖେଳୁଥିଲେ ହେଁ ଅର୍ଜୁନଙ୍କୁ ସେମିତି ଆଖି ଦୃଶିଆ ସଫଳତା ମିଳି ନଥିଲା। ନିକଟରେ ତାଙ୍କର ନିର୍ବନ୍ଧ ମୁମ୍ବାଇର ପ୍ରତିଷ୍ଠିତ ବ୍ୟବସାୟୀ ରବି ଘାଇଙ୍କ ନାତୁଣୀ ସାନିଆ ଚଣ୍ଡୋକଙ୍କ ସହ ହୋଇଥିଲା। ନିର୍ବନ୍ଧ ପରେ କ୍ରିକେଟ ପଡ଼ିଆକୁ ଫେରିଥିବା ଅର୍ଜୁନ ନିଜର ଘାତକ ବୋଲିଂ ଦ୍ୱାରା ସମସ୍ତଙ୍କୁ ଘାଇଲା କରିଛନ୍ତି। (କ୍ୟାପଟେନ୍ କେ ଥିମ୍ମାପିଆ ସ୍ମାରକୀ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ରାଉଣ୍ଡ ଆରମ୍ଭ ହୋଇଥିବା ବେଳେ ଅର୍ଜୁନ ଏଥିରେ ନଜର ଆସିଛନ୍ତି। କର୍ଣ୍ଣାଟକା ରାଜ୍ୟ କ୍ରିକେଟ ଆସୋସିଏସନ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରୁଛି। ଏଥିରେ ଅର୍ଜୁନ ଗୋଆ ପାଇଁ ଖେଳୁଛନ୍ତି। ଗୋଆର ମ୍ୟାଚ୍ ମହାରାଷ୍ଟ୍ର ସହ ଚାଲିଥିବା ବେଳେ ପ୍ରଥମ ଇନିଂସେ ବାମହାତୀ ଦ୍ରୁତ ବୋଲର ଅର୍ଜୁନ ନିଜ ଦଳ ପାଇଁ ଦମଦାର ପ୍ରଦର୍ଶନ କରିଛନ୍ତି। ସେ ଇନିଂସର ପ୍ରଥମ ବଲରେ ୱିକେଟ ପାଇବା ସହ ନିଜର ଅଭିଯାନ ୫ ୱିକେଟ ସଫଳତା ସହ ଶେଷ କରିଛନ୍ତି। ଇନିଂସର ପ୍ରଥମ ବଲରେ ସେ ମହାରାଷ୍ଟ୍ରର ଅନିରୁଦ୍ଧ ସାବାଲେଙ୍କୁ ଆଉଟ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ସେ ଅନିରୁଦ୍ଧଙ୍କ ଓପନିଂ ପାର୍ଟନର ମହେଶ ମହାସ୍କେଙ୍କୁ ଏଲବିଡବ୍ଲ୍ୟୁ କରିଥିଲେ। ଅର୍ଜୁନଙ୍କ ଯୋଗୁ ଗୋଆର ଅନ୍ୟ ଖେଳାଳିଙ୍କ ଭିତରେ ବି ବିଶ୍ୱାସ ଓ ଉତ୍ସାହ ଦେଖିବାକୁ ମିଳିଥିଲା। ଅର୍ଜୁନଙ୍କ ସାଥୀ ଖେଳାଳି ଲଖମେଶ ପାୱାନେ ମଧ୍ୟ ୟାଶ କେ ସାଗରଙ୍କୁ ଆଉଟ କରିଥିଲେ। ଦିଗବିଜୟ ପାଟିଲଙ୍କୁ ପ୍ୟାଭିଲିୟନ ପଠାଇ ଅର୍ଜୁନ ମହାରାଷ୍ଟ୍ର ବିପକ୍ଷରେ ତୃତୀୟ ସଫଳତା ହାସଲ କରିଥିଲେ। ମହାରାଷ୍ଟ୍ର ମଧ୍ୟ ୧୫ ରନରେ ୪ ୱିକେଟ ହରାଇ ସଂଘର୍ଷ ଆରମ୍ଭ କରିଥିଲା। ଏହାପରେ ଦଳ ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲା।

### ଏସିଆ କପ୍

# ୬ ୱିକେଟ୍‌ରେ ଶ୍ରୀଲଙ୍କା ବିଜୟୀ




ଆବୁଧାବି: ଆବୁଧାବିର ଶେଖ ଜାୟେଦ୍ ଷ୍ଟାଡିୟମଠାରେ ଖେଳାଯାଉଥିବା ଏସିଆ କପର ୫ମ ଲିଗ ମ୍ୟାଚ ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଉଛି । ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ଶ୍ରୀଲଙ୍କା ଆଗରେ ୧୪୦ ରନର ଲକ୍ଷ୍ୟ ରଖିଛି । ଏହି ମ୍ୟାଚରେ ଶ୍ରୀଲଙ୍କା ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୩୯ ରନ କରିଥିଲା । ଦଳ ଆରମ୍ଭରୁ ହିଁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ମାତ୍ର ଶେଷ ବେଳକୁ ଜାକର ଅଲ୍ଲି ଓ ଶାମିମ ହୁସେନଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ ପରେ ବାଂଲାଦେଶ ଏକ ସମ୍ମାନଜନକ ସ୍କୋର ଛିଡ଼ା କରିପାରିଥିଲା । ଜାକର ୪୧ ଓ ଶାମିମ ୪୦ ରନ କରିଥିଲେ । ସେହିପରି ଲିଟନ ଦାସ ୨୮ ରନ କରିଥିଲେ । ତେବେ ଶ୍ରୀଲଙ୍କା ୪ ୱିକେଟ୍‌ରେ ୧୪୦ ରନ୍ କରିଥିଲା । ଆସନ୍ତା ରବିବାର ଏସିଆ କପର ସବୁଠାରୁ ହାଇ ପ୍ରୋଫାଇଲ ମ୍ୟାଚ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ ।

## ଭାରତ-ପାକିସ୍ତାନ ମ୍ୟାଚ୍‌କୁ ନେଇ ବଢୁଛି ଉତ୍କଣ୍ଠା

ଦୁବାଇ: ରବିବାର ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଚଳିତ ଏସିଆ କପ୍ ଟି-୨୦ ଟୁର୍ନାମେଣ୍ଟରେ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏହି ହାଇଭୋଲଟେଜ ମ୍ୟାଚ୍‌କୁ ନେଇ ସର୍ବଦା କ୍ରିକେଟ୍ ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ରହିଥାଏ। ହେଲେ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ଶତୃତା ବୃଦ୍ଧି ପାଇଛି। ଏଥିଯୋଗୁ ପାକିସ୍ତାନ ବିପକ୍ଷ ମ୍ୟାଚ୍‌କୁ ସମ୍ପୂର୍ଣ୍ଣ ବର୍ଜନ କରିବାକୁ କିଛି ବର୍ଗ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ପାକିସ୍ତାନ ଠାରୁ ଭାରତ ପାଖରେ ଅଧିକ ଶକ୍ତିଶାଳୀ ଦଳ ଥିବାରୁ ଏହି ମ୍ୟାଚ୍‌କୁ ନେଇ ପ୍ରଶଂସକଙ୍କ ମଧ୍ୟରେ ବିଶେଷ ଆଗ୍ରହ ନାହିଁ। ଏପରିକି ଦୁଇ ସପ୍ତାହ ପୂର୍ବେ ମ୍ୟାଚ୍ ଲାଗି ଟିକେଟ୍ ବିକ୍ରି ଆରମ୍ଭ ହେବା ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ଟିକେଟ୍ ବିକ୍ରି ହୋଇପାରି ନାହିଁ।

## ଭାରତ-ପାକ୍ ମ୍ୟାଚ୍ ନେଇ ଉତ୍ସାହ ନାହିଁ, ଟିକେଟ୍ ବିକ୍ରି ହେଉନି

ଦୁବାଇ: ଚଳିତ ଏସିଆ କପରେ ଭାରତ ଓ ପାକିସ୍ତାନ ମ୍ୟାଚକୁ ସବୁଠାରୁ ହାଇପ୍ରୋଫାଇଲ ମ୍ୟାଚଭାବେ ଗଣନା କରାଯାଉଛି। କିନ୍ତୁ ଆଶାର ବିପରୀତ ଏହି ମ୍ୟାଚକୁ ନେଇ ଯେପରି ଉତ୍ସାହ ଦେଖାଯିବା କଥା ତାହା ଦେଖାଯାଉନାହିଁ । ଟିକେଟ କଳାବଜାରୀ ହେବା ତ ଦୂରର କଥା ଟିକେଟ ବିକ୍ରି ହେଉନାହିଁ । ଏପରିକି ଅଭ୍ୟାସ ଦେଖିବାକୁ ବି ଲୋକଙ୍କ ମଧ୍ୟରେ ଉତ୍ସାହ ନାହିଁ । ଏପରି ସ୍ଥିତିରେ ଆୟୋଜକଙ୍କ ଚିନ୍ତା ବଢିଯାଇଛି । ଆସନ୍ତା ରବିବାର ଏହି ମ୍ୟାଚ୍ ଖେଳାଯିବ । ଏଥିପାଇଁ ଦୁଇଟିମ୍ ଅଭ୍ୟାସ କରିଥିଲେ । ଏହା ସତ୍ତ୍ୱେ ଏଥିପ୍ରତି ଦର୍ଶକଙ୍କ ଉତ୍ସାହ କମ ଥିଲା । ଅତି ଅଳ୍ପ ଦର୍ଶକ ଏହାକୁ ଦେଖିବାକୁ ଆସିଥିଲେ । ଏଥର ଭାରତ ଓ ପାକିସ୍ତାନ ମଧ୍ୟରେ ସଂପର୍କ ଅତି ଖରାପ ଥିବାରୁ ଭାରତରେ ବି କେତେକ ମହଲରେ ଏହାକୁ ତୀବ୍ର ବିରୋଧ କରାଯାଉଛି । ବିରୋଧୀ ଦଳ ଏଥିପାଇଁ ସରକାରଙ୍କୁ ତୀବ୍ର ସମାଲୋଚନା କରୁଛନ୍ତି । ଗୋଟିଏ ପଟେ ସରକାର ପାକିସ୍ତାନ ସହ ସବୁ ପ୍ରକାରର ସଂପର୍କ ଛିନ୍ନ କରିଥିବା ବେଳେ ଅନ୍ୟପଟେ କିପରି କ୍ରିକେଟ ଖେଳୁଛନ୍ତି ବୋଲି ବିରୋଧୀ ଦଳ ପ୍ରଶ୍ନ କରିଛନ୍ତି ।

# ଭାରତ-ପାକ୍ ମ୍ୟାଚ୍ ନେଇ ଅନୁରାଗ ଠାକୁରଙ୍କ ଜବାବ




ନୂଆଦିଲ୍ଲୀ: ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏସିଆ କପ୍ ମ୍ୟାଚ୍ ନେଇ ଦେଶରେ ରାଜନୈତିକ ବିବାଦ ତୀବ୍ର ହୋଇଛି। ୧୪ରେ ଦୁବାଇରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏସିଆ କପ୍ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ନେଇ ଦେଶରେ ହଙ୍ଗାମା ଜାରି ରହିଛି। ପହଲଗାମ୍ ଆକ୍ରମଣକୁ ନେଇ ବିରୋଧୀ ଦଳଗୁଡ଼ିକ ଏହି ମ୍ୟାଚ୍ ବାତିଲ କରିବାକୁ ଦାବି କରୁଛନ୍ତି। ଏହା ସହିତ ବିରୋଧୀ ଦଳ କେନ୍ଦ୍ର ସରକାର ଦୋହରା ମାନଦଣ୍ଡ ଗ୍ରହଣ କରୁଥିବାର ଅଭିଯୋଗ କରିଛନ୍ତି। ବିରୋଧୀ ଦଳର ସଦସ୍ୟ ରକ୍ତପାତ ଏବଂ ଖେଳ ଏକାସାଙ୍ଗରେ ହୋଇ ପାରିବ ନାହିଁ ବୋଲି କହିଛନ୍ତି। ଏହି ମନ୍ତବ୍ୟକୁ ନେଇ ବିଜେପି ସାଂସଦ ଅନୁରାଗ ଠାକୁର ଜବାବ ଦେଇଛନ୍ତି। ସେ କହିଛନ୍ତି ଯେ, ମ୍ୟାଚ୍ ଖେଳିବା ଜରୁରୀ, ଯଦି ଆମେ ଏପରି ନକରୁ ତେବେ ଆମେ ଟୁର୍ଣ୍ଣାମେଣ୍ଟରୁ ବାହାର ହୋଇଯିବୁ। ଏସିଆ କପ୍ ୨୦୨୫ରେ ଭାରତ-ପାକିସ୍ତାନ ମ୍ୟାଚ୍ ବିଷୟରେ ବିଜେପି ସାଂସଦ ଅନୁରାଗ ଠାକୁର କହିଛନ୍ତି, ଯେତେବେଳେ ଏସିସି କିମ୍ବା ଆଇସିସି ଦ୍ୱାରା ବହୁରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥାଏ, ସେତେବେଳେ ଦେଶଗୁଡ଼ିକ ଏଥିରେ ଅଂଶଗ୍ରହଣ କରିବା ବାଧ୍ୟତାମୂଳକ ଏବଂ ଜରୁରୀ ହୋଇଯାଇଥାଏ। ଯଦି ସେମାନେ ଏପରି ନ କରନ୍ତି, ତେବେ ସେମାନେ ଟୁର୍ଣ୍ଣାମେଣ୍ଟରୁ ବାହାର ହୋଇଯିବେ। ସେମାନଙ୍କୁ ମ୍ୟାଚ୍ ହାତଛଡ଼ା କରିବାକୁ ପଡିବ ଏବଂ ଅନ୍ୟ ଦଳ ପଏଣ୍ଟ ପାଇବେ। ସେ କହିଛନ୍ତି, ଭାରତ ପାକିସ୍ତାନ ସହିତ ଦ୍ୱିପାକ୍ଷିକ ଟୁର୍ଣ୍ଣାମେଣ୍ଟ ଖେଳୁ ନାହିଁ। ଆମେ ନିଷ୍ପତ୍ତି ନେଇଛୁ, ଯେପର୍ଯ୍ୟନ୍ତ ପାକିସ୍ତାନ ଭାରତ ଉପରେ ଆତଙ୍କବାଦୀ ଆକ୍ରମଣ ବନ୍ଦ ନ କରିବ, ସେପର୍ଯ୍ୟନ୍ତ ଭାରତ ପାକିସ୍ତାନ ସହିତ ଦ୍ୱିପାକ୍ଷିକ ଟୁର୍ଣ୍ଣାମେଣ୍ଟ ଖେଳିବ ନାହିଁ। ଆପ ନେତା ସଞ୍ଜୀବ ଝା କହିଛନ୍ତି, ଭାରତ-ପାକିସ୍ତାନ ମ୍ୟାଚ୍ ହେବାକୁ ଯାଉଛି। ପାକିସ୍ତାନ ଖେଳାଳି ଅପରେସନ ସିନ୍ଦୂର ଚାଲିଥିବା ସମୟରେ ଆମର ବିଧବା ଭଉଣୀଙ୍କ ପ୍ରତି ଉପହାସ କରିଥିଲେ। ପାକିସ୍ତାନ ସେନା ମୁଖ୍ୟ ଅସିମ ମୁନିର ସିନ୍ଦୂର ଲଗାଉଥିବା ଫଟୋ ପୋଷ୍ଟ କରାଯାଇଥିଲା। ଭାରତୀୟ ଜନତା ପାର୍ଟି କ'ଣ ଚାହୁଁଛି ଯେ, ଆମେ ଏହି ଅପମାନକୁ ସହ୍ୟ କରିବୁ ? ସେଥିପାଇଁ ଆମେ ଏହି ମ୍ୟାଚ୍‌କୁ ବିରୋଧ କରୁଛୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, ରକ୍ତ ଏବଂ ପାଣି ଏକାଠି ବହିବ ନାହିଁ। ତେବେ ରକ୍ତପାତ ଏବଂ କ୍ରିକେଟ୍ କିପରି ଏକାଠି ଚାଲିପାରିବ ? ଆପ ସଂଯୋଜକ ଅରବିନ୍ଦ କେଜରିୱାଲ ଏହି ମ୍ୟାଚ୍‌କୁ ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଟାର୍ଗେଟ କରିଛନ୍ତି। ସେ ଲେଖିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କୁ ପାକିସ୍ତାନ ସହିତ ଏକ ମ୍ୟାଚ୍ ଆୟୋଜନ କରିବାର କ'ଣ ଆବଶ୍ୟକତା ଅଛି ? ସାରା ଦେଶ କହୁଛି ଯେ, ଏହି ମ୍ୟାଚ୍ ହେବା ଉଚିତ୍ ନୁହେଁ। ତେବେ ଏହି ମ୍ୟାଚ୍ କାହିଁକି ଆୟୋଜନ କରାଯାଉଛି ? ଏହା ମଧ୍ୟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାପରେ କରାଯାଉଛି କି ? ଆପଣ ଟ୍ରମ୍ପଙ୍କ ଆଗରେ କେତେ ମୁଣ୍ଡ ନୁଆଁଇବେ କି ?

# ଦୋଷୀ ସାବ୍ୟସ୍ତ ହେଲେ ୟୁସୁଫ୍ ପଠାନ୍

ନୂଆଦିଲ୍ଲୀ: ପୂର୍ବତନ ଭାରତୀୟ କ୍ରିକେଟର ୟୁସୁଫ ପଠାନଙ୍କ ଦ୍ୱାରା ଦାୟର ଆବେଦନକୁ ଗୁଜୁରାଟ ହାଇକୋର୍ଟ ଖାରଜ କରିଦେଇଛନ୍ତି ଯେଉଁଥିରେ ସେ ଭଦୋଦରା ମ୍ୟୁନିସିପାଲ କର୍ପୋରେଶନର ତାଙ୍କ ଘର ପାଖରେ ଥିବା ୯୭୮ ବର୍ଗ ମିଟର ପ୍ଲଟ ଖାଲି କରିବାକୁ ଅନୁରୋଧ କରିଥିବା ନୋଟିସକୁ ଚ୍ୟାଲେଞ୍ଜ କରିଥିଲେ। କୋର୍ଟ ତାଙ୍କ ଆଦେଶରେ କହିଛନ୍ତି ଯେ ୟୁସୁଫ ଜମିକୁ ଜବରଦଖଲ କରିଛନ୍ତି ଏବଂ ଭଦୋଦରା ମ୍ୟୁନିସିପାଲ କର୍ପୋରେଶନ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଆଶା କରାଯାଉଛି। ପ୍ରକୃତରେ, ବର୍ତ୍ତମାନର ତୃଣମୂଳ କଂଗ୍ରେସ ଏମପି ୟୁସୁଫ ପଠାନ ୨୦୧୨ ମସିହାରେ ଭିଏମ୍‌ସିଠାରୁ ଏକ ପ୍ଲଟ ମାଗିଥିଲେ। ଭିଏମ୍‌ସି ଏହି ମାମଲାରେ ଏକ ପ୍ରସ୍ତାବ ପାସ କରିଥିଲା ଯେଉଁଥିରେ ୫୭,୨୭୦ ବର୍ଗ ମିଟର ମୂଲ୍ୟର ପ୍ଲଟକୁ ନିଲାମ ବିନା ୟୁସୁଫ ପଠାନଙ୍କୁ ବିକ୍ରୟ କରିବାକୁ କୁହାଯାଇଥିଲା, କିନ୍ତୁ ୨୦୧୪ ମସିହାରେ ରାଜ୍ୟ ସରକାର ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହା ପରେ ମଧ୍ୟ, ଏହି ପ୍ଲଟ ୩ବର୍ଷ ପାଇଁ ୟୁସୁଫଙ୍କ ପାଖରେ ରହିଲା। ୨୦୨୪ ଲୋକ ସଭା ନିର୍ବାଚନରେ, ୟୁସୁଫ ପଶ୍ଚିମବଙ୍ଗର ବାହାରାମପୁର ଆସନରୁ ଏମପି ନିର୍ବାଚିତ ହୋଇଥିଲେ। ତା'ପରେ ଭିଏମ୍‌ସିର ଜଣେ ସଦସ୍ୟ ପ୍ଲଟର ୟୁସୁଫଙ୍କ ମାଲିକାନା ଉପରେ ପ୍ରଶ୍ନ ଉଠାଇଥିଲେ। ଏହା ପରେ ଭିଏମ୍‌ସି ଏହି ଖେଳାଳିଙ୍କୁ ଏକ ନୋଟିସ ଜାରି କରିଥିଲା, ଯିଏ ୨୦୧୧ ବିଶ୍ୱକପ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ। ଏହି ନୋଟିସ ପରେ, ୟୁସୁଫ ହାଇକୋର୍ଟକୁ ଯାଇଥିଲେ ଯେଉଁଠାରେ ସେ କହିଥିଲେ ଯେ ସେ ବଜାର ଅନୁସାରେ ପ୍ଲଟର ମୂଲ୍ୟ ଦେବାକୁ ପ୍ରସ୍ତୁତ। ଭିଏମ୍‌ସି ଏହାକୁ ବିରୋଧ କରିଥିଲେ ଏବଂ କହିଥିଲେ ଯେ ଜଣେ ଅନ୍ତର୍ଜାତୀୟ ସେଲିବ୍ରିଟି ହୋଇଥିବାରୁ, ୟୁସୁଫ ଜମି ସମ୍ବନ୍ଧୀୟ ନିୟମ ବିଷୟରେ ଅଧିକ ସତର୍କ ରହିବା ଉଚିତ। ଆବେଦନର ଶୁଣାଣି କରି, ଜଷ୍ଟିସ ମୌନା ଭଟ୍ଟ ପଠାନଙ୍କ ଆବେଦନକୁ ଖାରଜ କରି କହିଥିଲେ ଯେ ଆବେଦନକାରୀଙ୍କ ପାଖରେ ପ୍ଲଟ ରଖିବାର କୌଣସି ଅଧିକାର ନାହିଁ। ସେଥିପାଇଁ ନିଗମ ଯାହା କହିଛି ଯେ ଆବେଦନକାରୀ ଜମି ଉପରେ ଜବରଦଖଲ କରିଛନ୍ତି ତାହା ସମ୍ପୂର୍ଣ୍ଣ ଠିକ।



# ମା' ତାରିଣୀ କ୍ଲବ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କରଞ୍ଜିଆପଡା ଠାରେ ମା' ତାରିଣୀ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଖେଳରେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓଡିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ମା' ତାରିଣୀ କ୍ଲବ ୧୯ ବର୍ଷ ଧରି କୋଣଅନୁକୋଣରେ ଥିବା ପ୍ରତିଭାମାନଙ୍କୁ ସୁଯୋଗ ଦେବା ସହିତ ସମ୍ମାନିତ କରିଆସୁଛି। ଗତକାଲି କେନ୍ଦୁଝର ଗସ୍ତ ଅବସରରେ ପ୍ରଥମେ ଘଟଗାଁ ମା' ତାରିଣୀଙ୍କ ଦର୍ଶନ ସହିତ ଆଶୀର୍ବାଦ ନେଇ ମା' ତାରିଣୀ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଖେଳରେ ଯୋଗଦେଇଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ରାଜ୍ୟ ସରକାର କ୍ରୀଡା ଏବଂ ତତସଂଲଗ୍ନ ବିଭିନ୍ନ ବିଷୟ ସମ୍ପର୍କରେ ଚିନ୍ତା ପ୍ରକଟ କରି ପ୍ରତେକ ବ୍ଲକରେ ଏକ ଭବ୍ୟ ଷ୍ଟାଡିଅମ ନିର୍ମାଣ ସହିତ ପ୍ରତେକ ପଞ୍ଚାୟତରେ ମଧ ମିନି ଷ୍ଟାଡିଅମ ନିର୍ମାଣ କରାଯିବ ସହିତ ଆଗାମି ଅଲମ୍ପିକ କ୍ରୀଡାରେ କିପରି ଓଡିଶାର ଖେଳାଳିମାନେ ଭାରତର ନେତୃତ୍ୱ ନେବେ ସେନେଇ ଉଚ୍ଚ ମାନର ପ୍ରଶିକ୍ଷଣ ଦିଆଯିବାକୁ ବ୍ୟବସ୍ଥା କରାଯାଉଛି । ମୁଖ୍ୟମନ୍ତ୍ରୀଙ୍କ ଜନ୍ମମାଟିରେ ଆସିବାର ସୁଯୋଗ ପାଇ ଖୁସି ପ୍ରକଟ କରିଥିଲେ ଉପମୁଖ୍ୟମନ୍ତ୍ରୀ। ଏହି ଉଦଯାପନୀ ଖେଳରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ସାଂସଦ ପ୍ରତିନିଧି ନୀଳମଣି ମହାନ୍ତ, ବିଜେପି ଜିଲ୍ଲା ଉପସଭାପତି ଗଣେଶ୍ୱର ମହାନ୍ତ, ସଦର ନିର୍ବାଚନ ମଣ୍ଡଳୀ ସଂଯୋଜକ ବିବେକାନନ୍ଦ ମହାନ୍ତ ଏବଂ ମା' ତାରିଣୀ କ୍ଲବର ସଭାପତି ବଳଭଦ୍ର ମହାନ୍ତ ମଞ୍ଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ବିଜୟୀ ଦଳ ତ୍ରିଶୂଳ ଏକ୍ସଆଇ ଠାକୁରାଣୀକୁ ଏକ ଲକ୍ଷ ପଚାଶ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ ଉପମୁଖ୍ୟମନ୍ତ୍ରୀ। ସେହିଭଳି ରନର୍ସଅପ ଦଳ ବିଜୟ ଇଲେଭେନ ଝାରଖଣ୍ଡକୁ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ୪୮ଟି ଦଳ ଏହି ଖେଳରେ ଭଗନେଇଥିଲେ। ମା' ତାରିଣୀ କ୍ଲବର ସମ୍ପାଦକ କେଶବଚନ୍ଦ୍ର ମହାନ୍ତ, କୋଷାଧକ୍ଷ ରମେଶଚନ୍ଦ୍ର ମହାନ୍ତ, ସଦସ୍ୟ ରବିନାରାୟଣ ମହାନ୍ତ, ସୁରେନ୍ଦ୍ର ମହାନ୍ତ, ନରହାରୀ ମହାନ୍ତ, ନିରାକାର ମହାନ୍ତ, ହେମନ୍ତ ମହାନ୍ତ, ସୁନୀଲ ରାଉତ ତଥା କ୍ଲବ ର ସମସ୍ତ ସଦସ୍ୟ ମାନେ ପଞ୍ଚଦିନ ଧରି ପରିଚାଳନା କରିବା ସହିତ ଏହି ଟୁର୍ଣ୍ଣାମେଣ୍ଟକୁ ସଫଳ କରିଥିଲେ।

## କୋହଲିଙ୍କୁ ସ୍ୱତନ୍ତ୍ର ଅନୁରୋଧ କଲେ ଅନସ୍ ହକ୍କାନି




ନୂଆଦିଲ୍ଲୀ: ଟିମ ଇଣ୍ଡିଆର ପ୍ରମୁଖ ବ୍ୟାଟ୍ସମ୍ୟାନ ବିରାଟ କୋହଲି ଏବଂ ରୋହିତ ଶର୍ମା ଟି-୨୦ ଏବଂ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏହାକୁ ନେଇ ପ୍ରଶଂସକମାନେ ମଧ୍ୟରେ ନିରାଶ ହୋଇପଡ଼ିଛନ୍ତି। ଅନେକ ପ୍ରଶଂସକ ଉଭୟ ଖେଳାଳିଙ୍କୁ ନିଷ୍ପତ୍ତି ପ୍ରତ୍ୟାହାର କରିବା ଲାଗି ଅନୁରୋଧ କରୁଥିବା ଦେଖିବାକୁ ମିଳିଛି। ତେବେ ଏହି ତାଲିକାରେ ଆଶ୍ଚର୍ଯ୍ୟଜନକ ଭାବେ ଯୋଡ଼ି ହୋଇଛନ୍ତି ଆଉଜଣେ ବ୍ୟକ୍ତି। ତେବେ ସେ କୌଣସି ସାଧାରଣ ପ୍ରଶଂସକ ନୁହନ୍ତି, ବରଂ ତାଲିବାନ ନେତା ଅନସ ହକ୍କାନି। ଶୁଭଙ୍କର ମିଶ୍ରଙ୍କ ପଡକାଷ୍ଟରେ ହକ୍କାନୀ କହିଛନ୍ତି, ରୋହିତଙ୍କ ଅବସର ଯୁକ୍ତିଯୁକ୍ତ। କିନ୍ତୁ କୋହଲିଙ୍କ ନିଷ୍ପତ୍ତିରେ ସେ ସହମତ ନୁହନ୍ତି। ତାଙ୍କ ଅବସର ସମୟ ଆସିନାହିଁ। ଏପରି କି ହକ୍କାନୀ କୋହଲିଙ୍କୁ ୫୦ ବର୍ଷ ପର୍ଯ୍ୟନ୍ତ ଖେଳ ଜାରି ରଖିବାକୁ ଅନୁରୋଧ କରିଥିଲେ। ହକ୍କାନୀ କହିଛନ୍ତି ଯେ, କୋହଲି ବୋଧହୁଏ ଭାରତୀୟ ଗଣମାଧ୍ୟମର ସମାଲୋଚନା ଚାପରେ ବିରକ୍ତ ହୋଇ ଅବସର ନେଇଛନ୍ତି। କିନ୍ତୁ ତାଙ୍କ ନିକଟରେ ପର୍ଯ୍ୟାପ୍ତ ସମୟ ଥିଲା।

# ତାରଲାକୋଟା ହାଇସ୍କୁଲରେ ବ୍ଲକ୍‌ସ୍ତରୀୟ ଖେଳ ପ୍ରତିଯୋଗିତା ଉଦ୍‌ଘାଟିତ



କୋରୁକୋଣ୍ଡା(ଭାସ୍କର ନ୍ୟୁଜ୍ ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଶିକ୍ଷା ଅନ୍ତର୍ଗତ ତାରଲାକୋଟା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ବ୍ଲକ ସ୍ତରୀୟ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରୁକୋଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରୀ ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅରୁଣ ରାୟ, ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସୁଶିଳା ହିଆଲ, ପୂର୍ବତନ ବ୍ଲକ ଅଧକ୍ଷ ମଣିଶଙ୍କର ମଜୁମଦାର, ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ମଞ୍ଜରୀ କୁଲୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୋମନାଥ ବାରସେ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ଠାକୁରଙ୍କ ନିକଟରେ ଦ୍ୱୀପ ପ୍ରଜ୍ୱଳନ ପରେ କ୍ରୀଡା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଭିନ୍ନ ପ୍ରକାରର ଖେଳ ଯଥା: ଦୌଡ ପ୍ରତିଯୋଗିତା, ଖୋଖୋ, କବାଡି, ସଟଫୁଟ, ଡିସ୍କସ, ଲଙ୍ଗ ଜମ୍ପ, ହାଇ ଜମ୍ପ ଏଭଳି ବିଭିନ୍ନ ପ୍ରକାରର ଖେଳ ଅନୁଷ୍ଠିତ ହୋଇଥିଲା। ତେବେ ପୂର୍ବରୁ ବ୍ଲକର ୪ଟି ଜୋନରେ ଏହି ଖେଳ ଅନୁଷ୍ଠିତ ହୋଇଥିବା ବେଳେ ୧୬୦ ଲେଖାଏଁ ପିଲା ୪ଟି ଜୋନରୁ ମନୋନୀତ ହୋଇ ଆଜିର ଏହି ବ୍ଲକ ସ୍ତରୀୟ ଖେଳ ପ୍ରତିଯୋଗିତାରେ ମୋଟ ୪୮୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରୀ କହିଛନ୍ତି। ଏହି ବ୍ଲକ ସ୍ତରରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀ ଆଗାମୀ ଦିନରେ ଜିଲ୍ଲା ସ୍ତରୀୟ ଖେଳ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ମିଳିଛି।

## ରାଜ୍ୟସ୍ତରୀୟ ବିଦ୍ୟାଳୟ ବକ୍ସିଂ, ମାଲ୍‌ଖମ୍ବ ଓ ଜିମ୍ନାଷ୍ଟିକ୍ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ




ପୁରୀ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ସ୍କୁଲ୍ ପରିସର ମଧ୍ୟରେ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ବକ୍ସିଙ୍ଗ, ମାଲ୍ ଖମ୍ବ ଓ ଜିମ୍ନାଷ୍ଟିକ୍ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏହି ପ୍ରତିଯୋଗିତା ୧୭ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ସାରା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଓ ୧୦୦ରୁ କୋଚ୍, ମ୍ୟାନେଜର ତଥା ଅଫିସିଆଲ୍ ମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ପୁରୀ ଜିଲ୍ଲାସ୍ଥ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଦକ୍ଷ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ, କୋଚ୍ ଓ ବିଭିନ୍ନ ବିଭାଗୀୟ ଅଫିସିଆଲ୍ ଯୋଗ ଦେବା ସହ କ୍ରୀଡ଼ାବିତ୍ ଓ ଅନ୍ୟମାନଙ୍କ ସୁବିଧାରେ ରହିବା, ଖାଇବା ଓ କ୍ରୀଡ଼ା ପରିଚାଳନା ଆଦି ସମ୍ପର୍କରେ ବିଭିନ୍ନ କମିଟି ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ଅଧକ୍ଷତାରେ ଗଠିତ ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୁଷଣ ସମରଥ, ଦ୍ୱିତୀକାନ୍ତ ପ୍ରଧାନ, ଜିଲ୍ଲାର ପ୍ରତ୍ୟେକ ବ୍ଲକର ବିଇଓ, ସୁବାସ ଚନ୍ଦ୍ର ସାହୁ, ରାମଚନ୍ଦ୍ର ମିଶ୍ର ପ୍ରଭୃତି ପ୍ରଧାନ ଶିକ୍ଷକ ଓ ଜିଲ୍ଲା ସ୍କୁଲ୍ ପୁରୀର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର କର ପ୍ରଭୃତି ଯୋଗଦାନ କରି ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ ବିଦ୍ୟାଧର ମିଶ୍ର ସ୍ୱାଗତ ଭାଷଣ ଓ ଶାରୀରିକ ଶିକ୍ଷା ଶିକ୍ଷକ ନିହାର ରଞ୍ଜନ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ତଃରାଜ୍ୟ ଗ୍ରାମାଞ୍ଚଳ ଫୁଟ୍‌ବଲ୍ ପ୍ରତିଯୋଗିତା



କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆ କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତଃ ରାଜ୍ୟ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତାର ଚତୁର୍ଥ ଦିନର ପ୍ରଥମ ରାଉଣ୍ଡ ଖେଳ କଣ୍ଟିଡିହା ବନାମ ଜାହାରବସା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଣ୍ଟିଡିହା ଦଳ ୩-୧ ଗୋଲ ରେ ବିଜୟ ଲାଭ କରି ତୃତୀୟ ରାଉଣ୍ଡ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡ ଖେଳ ଜି.କେ. ଷ୍ଟାର କୁଦରସାହି ବନାମ ଖଡ଼ିକୁଦର ମଧ୍ୟରେ ହୋଇ ଟାଇ ବ୍ରେକର ଜରିଆରେ ୨-୧ ଗୋଲରେ ଖଡିକୁଦର ଦଳ ବିଜେତା ହୋଇ ତୃତୀୟ ରାଉଣ୍ଡ ଖେଳରେ କଣ୍ଟିଡିହା ଦଳ ସହିତ ଖେଳିଥିଲେ । ଦୁଇ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ପ୍ରଦର୍ଶନ ହୋଇ କଣ୍ଟିଡିହା ଦଳ ୨-୦ ଗୋଲରେ ବିଜୟ ଲାଭ କରିଥିଲେ । ଖେଳରେ ମୁଖ୍ୟ ଅତିଥି ଡ଼ା: ଜନାର୍ଦ୍ଦନ ଚୌଧୁରୀ, ଯୁଗ୍ମ ସମ୍ପାଦକ ଅଭିମନ୍ୟୁ ତ୍ରିପାଠୀ, ଇଂ ରାଜକିଶୋର ମହାନ୍ତ, ଦେଓ ଜଳସେଚନ ସହକାରୀ ନିର୍ବାହୀ ଯନ୍ତ୍ରୀ ବିକ୍ରମ ଟୁଡୁ, ସହକାରୀ ଯନ୍ତ୍ରୀ ମଧୁସୂଦନ ହେମ୍ବ୍ରମ ଖେଳାଳି ମାନଙ୍କ ସହିତ ପରିଚିତ ହୋଇଥିଲେ। ଖେଳକୁ ପରିଚାଳନା କରିଥିବା ରେଫରୀ ବୁଲେନ୍ଦ୍ର ହେମ୍ବ୍ରମ, ବିଶ୍ୱନାଥ ଟୁଡୁ, ମନୋରଞ୍ଜନ ସେଠୀ, ଶୁକଦେବ ବେହେରା । କ୍ରୀଡ଼ା ସଂସଦର ଟୁଟୁ ମେହେର, ରତିକାନ୍ତ ବାରିକ, କଲ୍ୟାଣ କୁମାର ନାଏକ, ସନ୍ତୋଷ ଦାସ, ଗୌରୀ ବାବୁ, ଝୁଲା ଅଧିକାରୀ ସହଯୋଗ କରିଥିଲେ।

# ହାଇଭୋଲଟେଜ୍ ମ୍ୟାଚ୍ ପୂର୍ବରୁ ଭାରତକୁ ଚ୍ୟାଲେଞ୍ଜ୍ ଦେଲେ ପାକ ଅଧିନାୟକ




ଆବୁଧାବି: ଏସିଆ କପ ୨୦୨୫ର ଉତ୍ସାହ ନିରନ୍ତର ବୃଦ୍ଧି ପାଉଛି। ଶୁକ୍ରବାର ଖେଳାଯାଇଥିବା ଗ୍ରୁପ ଏ ମ୍ୟାଚ୍‌ରେ ପାକିସ୍ତାନ ଓମାନକୁ ୯୩ ରନ୍‌ରେ ପରାସ୍ତ କରି ଟୁର୍ନାମେଣ୍ଟରେ ଏକ ଭଲ ଆରମ୍ଭ କରିଛି। ଏହି ବିଜୟ ପାକିସ୍ତାନୀ ଦଳର ଆତ୍ମବିଶ୍ୱାସକୁ ଦ୍ୱିଗୁଣିତ କରିଥିବା ବେଳେ, ଅଧିନାୟକ ସଲମାନ ଅଲି ଆଗାଙ୍କ ମନୋଭାବ ମଧ୍ୟ ଦେଖିବା ଯୋଗ୍ୟ ଥିଲା। ସେ ମ୍ୟାଚ ପରେ କହିଥିଲେ, ଯଦି ତାଙ୍କ ଦଳ ଏପରି ଖେଳିବାକୁ ଜାରି ରଖେ, ତେବେ ସେମାନେ ଯେକୌଣସି ଦଳକୁ ପରାସ୍ତ କରିପାରିବେ। ଓମାନ ବିପକ୍ଷରେ ବିଜୟ ପରେ, ଅଧିନାୟକ ସଲମାନ ଅଲି ଆଗା ଦଳର ପ୍ରଦର୍ଶନ ଉପରେ ଖୁସି ପ୍ରକାଶ କରିଥିଲେ। କିନ୍ତୁ ଉନ୍ନତିର ଆବଶ୍ୟକତା ମଧ୍ୟ ଦର୍ଶାଇଥିଲେ। ସେ କହିଥିଲେ, ବୋଲିଂ ୟୁନିଟ ଉତ୍କୃଷ୍ଟ ଥିଲା, ମୁଁ ସେମାନଙ୍କ ଉପରେ ବହୁତ ଖୁସି। ଆମର ତିନି ପ୍ରକାରର ସ୍ପିନର ଅଛନ୍ତି ଏବଂ ଏହା ଆମର ଶକ୍ତି। ଏହା ଦୁବାଇ ଏବଂ ଆବୁଧାବିର ପିଚ୍‌ରେ ବହୁତ ଉପଯୋଗୀ ହେବ। ବ୍ୟାଟିଂରେ ଉନ୍ନତିର ସୁଯୋଗ ଅଛି କିନ୍ତୁ ଯଦି ଆମେ ଆମର ଯୋଜନାରେ ଅଟଳ ରହିଥାଉ, ତେବେ ଆମେ ଯେକୌଣସି ଦଳକୁ ପରାସ୍ତ କରିପାରିବୁ। ଏହାପୂର୍ବରୁ ସେ ଅଧିନାୟକଙ୍କ ସାମ୍ବାଦିକ ସମ୍ମିଳନୀରେ କହିଥିଲେ, ଯଦି ଟିମ ଇଣ୍ଡିଆ ଆକ୍ରମଣାତ୍ମକ ପ୍ରଦର୍ଶନ କରିବାକୁ ଚାହେଁ, ତେବେ ତାଙ୍କ ଦଳ ମଧ୍ୟ ଆକ୍ରମଣାତ୍ମକ ମନୋଭାବରେ ଭାରତକୁ ସ୍ୱାଗତ କରିବ। ପାକିସ୍ତାନର ପରବର୍ତ୍ତୀ ମୁକାବିଲା ଏବେ ୧୪ରେ ଦୁବାଇରେ ଭାରତ ସହିତ ହେବ। ଏହି ମ୍ୟାଚକୁ ଟୁର୍ଣ୍ଣାମେଣ୍ଟର ସବୁଠାରୁ ହାଇ-ଭୋଲଟେଜ ମ୍ୟାଚ ବୋଲି ବିବେଚନା କରାଯାଉଛି। ପାକିସ୍ତାନର ବିଜୟ ନିଶ୍ଚିତ ଭାବରେ ଦଳର ଆତ୍ମବିଶ୍ୱାସକୁ ବୃଦ୍ଧି କରିଛି, କିନ୍ତୁ ପ୍ରକୃତ ପରୀକ୍ଷା ଭାରତ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ହେବ।



## ଦେବୀ

✶ ସୁଜିତ କୁମାର ମିଶ୍ର

କେମିତି ଜାଣିବି ଅଛ ବୋଲି ଦେବୀ
କରୁଣାର ଅଭିସାରେ ?
ତୁମେ ଥାଉଁ ଥାଉଁ ଯେଣୁ ଅସଜଡା
ସବୁ ଅନ୍ତରଙ୍ଗତାରେ ।
ନର ଏଠି ନିତି ହିଂସ୍ର ସୌଦାଗର
ତୁମକୁ ସଜେଇ ଦେଇ,
ଜାଣିଛି ସେ ଦେବୀ ଉଦାରର ଋତୁ
ତେଣୁ ନାଚେ ଉଗ୍ର ହୋଇ ।
ଅନ୍ତର ତଳେ ମୋ ଅନନ୍ତ ଆହ୍ୱାନ
ଲୁହର ଶ୍ରାବଣ ଧାରା,
ମହିଷା ଦେଖୁ ତୋ ମାନବୀର ରୂପ
ମ୍ଳେଛ ସଂହାରଣେ ପରା ।
ଭଗ୍ନ ମନ ହେଉ ଦେବୀ ତୋ ଛୁଆଁରେ
ମଗ୍ନ ଭାବ ଶିରାବଣ,
ବୈଶାଖ ପୃଷ୍ଠାରେ ବସନ୍ତର ଚିଠି
ଲେଖାହେଉ ପ୍ରତିକ୍ଷଣ ।
ଶାନ୍ତିର ବରଷା ବର୍ଷୁଥାଅ ମାଆ
ବରାଭୟେ ହୃଦୟରେ,
ନରକ ପରାଏ ପ୍ରତିଟି ଅଗଣା
ସ୍ୱର୍ଗ ହେଉ ତୋ ଛୁଆଁରେ ।
ଦେବୀ ମୋତେ ଦିଅ ଅନ୍ଧାର ମୁଠାଏ
ଆଉ ଅନ୍ଧ ଆଖି ଦୁଇ,
ଅନୁଭବିବି ମୁଁ ତୁମ ଆଲୋକକୁ
ଭାବେ ଆଲୋକିତ ହୋଇ ।

[illegible]

# ଅନ୍ତିମ ସଂସ୍କାର



**ନିରଞ୍ଜନ ସାହୁ**

ସେଦିନ ରାତି ଅଧରେ ଅଚାନକ ନିଦ ଭାଙ୍ଗିଗଲା ସୁବୋଧ ବାବୁଙ୍କର । ଯେତେ ଶୋଇବାକୁ ଚେଷ୍ଟା କରିଲେ ମଧ୍ୟ ନିଦ ତାଙ୍କ ଆଖିରୁ ଦୂରେଇ ଯାଇ କେଉଁଆଡେ ଅଦୃଶ୍ୟ ହୋଇଗଲା । ବିଛଣାରେ ଗଡ଼ପଡ଼ ହେଉହେଉ ସେ ମୋବାଇଲଟିକୁ ସୁଇଚ ଅନ କରି ଫେସବୁକ ଦେଖିବାକୁ ଲାଗିଲେ। ହଠାତ ପୋଷ୍ଟ ହୋଇଥିବା ଏକ ଫଟୋ ଦେଖି ସେ ଏକଦମ ଭୟଭୀତ ହୋଇଉଠିଲେ । ଆରେ ଏ କ'ଣ ପୋଷ୍ଟ ହୋଇଛି । ପୁଣି ପୋଷ୍ଟ କରିଛନ୍ତି ତାଙ୍କ କଲେଜର ପ୍ରିନ୍ସପାଲ ମହୋଦୟ । ସେ ଫଟୋକୁ ଦେଖି ସେ କେବେ ବିଶ୍ୱାସ କରିପାରିଲେ ନାହିଁ । ଏହା କ'ଣ ସମ୍ଭବ ହୋଇପାରେ ? ସେଦିନ ରାତିରେ ସୁବୋଧ ବାବୁ ଯେଉଁ ଫଟୋ ପୋଷ୍ଟ ହେବା ଦେଖୁଥିଲେ ତାହା ଥିଲା ତାଙ୍କ କଲେଜର ଦର୍ଶନ ବିଭାଗର ଅଧ୍ୟାପକ ରାଧାରମଣ ବାବୁଙ୍କର ମୃତ ଶରୀର । ପୋଷ୍ଟ ଉପରେ ଲେଖାଥିଲା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ରାଧାରମଣ ବାବୁଙ୍କର ଦେହାନ୍ତ ହୋଇଯାଇଛି ।

ସୁବୋଧ ବାବୁ ଏ କଥାକୁ ସହଜରେ ବିଶ୍ୱାସ ନ କରିଲେ ମଧ୍ୟ ତାଙ୍କ କଲେଜ ପ୍ରିନ୍ସପାଲଙ୍କ ମୋବାଇଲରୁ ତାହା ପୋଷ୍ଟ ହୋଇଥିବାରୁ ଅବିଶ୍ୱାସ କରିବାର କିଛି ଅବକାଶ ବି ନଥିଲା । ସୁବୋଧ ବାବୁଙ୍କ ମନରେ ଏକ ଭୟର ବାତାବରଣ ଖେଳିଗଲା । ନିଜ ଭଡାଘରେ ସେ ଆଜି ଏକା । ସ୍ତ୍ରୀ ଓ ପିଲାମାନେ ଆଜି ଗାଆଁକୁ ଯାଇଛନ୍ତି । ଗାଆଁରେ ଚନ୍ଦନ ଯାତ୍ରା ବଡ଼ ଧୁମଧାମରେ ହୁଏ । ଗାଆଁ ପୋଖରୀରେ ପ୍ରଭୁ ମଦନମୋହନ ଚାପ ଖେଳନ୍ତି । ପ୍ରାୟ ପାଞ୍ଚଦିନ ଲାଗି ଚନ୍ଦନ ଯାତ୍ରା ଲାଗିରହେ । ଦୋକାନବଜାର ପଡ଼େ । ଗାଆଁ ପିଲାଙ୍କ ଦ୍ୱାରା ତିନିରାତି ଧରି ନାଟକ ପରିବେଷଣ ହୁଏ । ବୈଶାଖ ମାସର ପ୍ରବଳ ଗୁଳୁଗୁଳି ଭିତରେ ଫ୍ୟାନର ସ୍ପିଡ଼ ଯାହାଥାଉନା କାହିଁକି ସୁବୋଧ ବାବୁ ଆଉ ନିଦରେ ଆଖି ବୁଜି ପାରୁନଥିଲେ କି ମୋବାଇଲରେ ସେହି ଫୋଟୋଟିକୁ ଚାହିଁପାରୁ ନଥିଲେ । ଗତକାଲି ସନ୍ଧ୍ୟାରେ ସେ ଓ ରାଧାରମଣ ବାବୁ ବଜାରରେ ସାଙ୍ଗ ହୋଇ ଚା ପିଉଥିଲେ। ଆଜି କଲେଜରେ ମଧ୍ୟ ଷ୍ଟାଫ କମନରୁମରେ ଭେଟ ହୋଇଥିଲେ । ଅଥଚ ଏବେ ଏପରି ଏକ ଅଘଟଣ ଖବର ପୋଷ୍ଟ ହୋଇଛି କିପରି ? ମନରୁ ସନ୍ଦେହ ଦୂର କରିବା ପାଇଁ ସେ ତାଙ୍କ ଅର୍ଥନୀତି ବିଭାଗର ମୁଖ୍ୟଙ୍କ ନିକଟକୁ ଫୋନ ଲଗାଇଲେ । ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପକ ବୀରକିଶୋର ବାବୁ ମଧ୍ୟ ଏ କଥାରେ ସମ୍ମତି ପ୍ରକାଶ କରି କହିଲେ, 'ରାଧାରମଣ ବାବୁ ବାଇକ ଧରି ସନ୍ଧ୍ୟାରେ କଟକ ଯାଉଥିବା ବେଳେ ଜଗତପୁର ଗୋଲେଇ ନିକଟରେ ତାଙ୍କ ପଛ ପଟୁ ଧକ୍କା ଦେଇଥିବା ଏକ ଟ୍ରକ ଯୋଗୁଁ ତାଙ୍କର ଆକସ୍ମିକ ମୃତ୍ୟୁ ହୋଇଛି । ଏକଥା ସେ ଟିଭିରେ ରାତି ଦଶଟା ବେଳ ନିୟୁଜରେ ଦେଖିଥିଲେ । ପୋଷ୍ଟମର୍ଟମ ପରେ ଆସନ୍ତା କାଲି ଶବ ଆସିବା ବେଳକୁ ଦିନ ପ୍ରାୟ ଗୋଟାଏ ହୋଇଯିବ । ତେଣୁ ତାଙ୍କ ଗାଆଁକୁ ସମସ୍ତଙ୍କୁ ଯିବାକୁ ପଡ଼ିବ । '

ରାଧାରମଣ ବାବୁଙ୍କ କଥା ଖୁବ ମନେପଡୁଥିଲା ସୁବୋଧ ବାବୁଙ୍କର । ଯୁବ ଅଧ୍ୟାପକ ଥିଲେ ରାଧାରମଣ ବାବୁ । ଖୁବ ମେଳାପୀ । ଅଳ୍ପ ଦିନ ଭିତରେ ଛାତ୍ର ଓ ଅଧ୍ୟାପକମାନଙ୍କର ଖୁବ ପ୍ରିୟ ହୋଇପାରିଛନ୍ତି। ପ୍ରାୟ ଆଠ ମାସ ତଳେ ତାଙ୍କର ବିଭାଘର ହୋଇଛି । ଅଥଚ ଆଜି............ । ବହୁତ କଷ୍ଟରେ ସେଦିନର ରାତିଟିକୁ କଟାଇ ଯଥା ସମୟରେ କଲେଜରେ ପହଞ୍ଚିଲେ ସୁବୋଧ ବାବୁ । ସ୍ୱର୍ଗତ ଅଧ୍ୟାପକଙ୍କ ପାଇଁ ଏକ ଶୋକସଭା ଓ ଆତ୍ମାର ସଦଗତି ପାଇଁ ଶାନ୍ତିପ୍ରାର୍ଥନା ଶେଷ କରି ଦୁଇଟି କାର ଯୋଗେ କିଛି ଅଧ୍ୟାପକ ଓ ଅଧ୍ୟାପିକା ରାଧାରମଣ ବାବୁଙ୍କ ପୈତୃକ ଗାଆଁ ଅଭିମୁଖେ ଚାଲିଲେ । ସୁବୋଧ ବାବୁ ମଧ୍ୟ ସେମାନଙ୍କ ସହିତ ଗଲେ । ପ୍ରାୟ ଏକ ଘଣ୍ଟାର ଅପେକ୍ଷା ପରେ ରାଧାରମଣ ବାବୁଙ୍କ ପୋଷ୍ଟମର୍ଟମ ହୋଇଥିବା ଶବ ଏକ ଆମ୍ବୁଲାନ୍ସ ଯୋଗେ ତାଙ୍କ ପୈତୃକ ବାସଭବନରେ ପହଞ୍ଚିଲା । ସେଠାକାର ଶୋକାକୁଳ ପରିବେଶ ଅତ୍ୟନ୍ତ ହୃଦୟ ବିଦାରକ ଥିଲା । ରାଧାରମଣ ବାବୁଙ୍କ ଶେଷ ଦର୍ଶନ ପାଇଁ ନାହିଁନଥିବା ଭିଡ଼ ପରିଲକ୍ଷିତ ହୋଇଥିଲା ସେଠାରେ । ଅନେକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ତରଫରୁ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ଶ୍ମଶାନକୁ ଶବ କୋକେଇରେ ନେବା ପାଇଁ ବନ୍ଧାବନ୍ଧି କାର୍ଯ୍ୟକ୍ରମ ଚାଲୁରହିଲା । ଗାଆଁଲୋକଙ୍କ ଅନୁରୋଧରେ ପରିବାର ବର୍ଗ ଶବକୁ ଗ୍ରାମ୍ୟ ମଧ୍ୟରେ ଶୋଭାଯାତ୍ରା କରି ନେବାପାଇଁ ପ୍ରସ୍ତୁତି କରାଯାଇଥବାରୁ ପୁନଶ୍ଚ ଶବକୁ ଆମ୍ବୁଲାନ୍ସ ମଧ୍ୟରେ ରଖି ଗ୍ରାମ ପରିକ୍ରମା କରାଗଲା । ବାଦ୍ୟ, ସଂକୀର୍ତ୍ତନ ଓ ' ରାମ ନାମ ସତ୍ୟ ହେ , ହରି ନାମ ସତ୍ୟ ହେ' ଧ୍ୱନି ଦେଇ ଗ୍ରାମ୍ୟ ପରିକ୍ରମା କରାଗଲା ବେଳେ ଖରାଦିନର ମଧ୍ୟାହ୍ନ ସମୟ ହୋଇଥିବାରୁ ଆତ୍ମୀୟ ସ୍ୱଜନଙ୍କ ବ୍ୟତୀତ ପ୍ରାୟ ଅନ୍ୟମାନେ ଗଛ ଛାଇରେ ଦେଖଣାହାରୀ ସାଜି ଛିଡାହୋଇ ରହିଲେ ।

ଏମିତିକି ତାଙ୍କ କଲେଜରୁ ଯାଇଥିବା ଅଧ୍ୟାପକ ଓ ଅଧ୍ୟାପିକାମାନେ ମଧ୍ୟ ରାଧାରମଣ ବାବୁଙ୍କ ଘର ସାମ୍ନା ବଉଳ ଗଛ ତଳେ ଦଣ୍ଡାୟମାନ ହୋଇ ରହିଲେ । ଯେତିକି ଗ୍ରାମବାସୀ ସେତେବେଳେ ଏକତ୍ରିତ ହୋଇଥିଲେ ଯଦି ସମସ୍ତେ ଶବ ପଛରେ ଅନୁସରଣ କରିଥାନ୍ତେ ତେବେ ଏକ ବିରାଟ ପଟୁଆର ଯିବାପରି ବୋଧ ହୋଇଥାନ୍ତା । ମାତ୍ର ପ୍ରଚଣ୍ଡ ଖରାର ଆଳ କରି ସମସ୍ତେ ନିଜ ନିଜ ସୁବିଧାରେ ରହିଗଲେ । ମାତ୍ର ସୁବୋଧ ବାବୁ ଶବ ଶୋଭାଯାତ୍ରାରେ ଅଂଶଗ୍ରହଣ କରି ରାଧାରମଣ ବାବୁଙ୍କ ସ୍ମୃତିକୁ ମନେମନେ ସ୍ମରଣ କରି ବାଟ ଚାଲୁଥିଲେ । ଶବ ଶୋଭାଯାତ୍ରା ବେଳେ ଗାଆଁରେ ଶୋକାକୁଳ ପରିବେଶ ଅନୁଭବ ହେଉଥିଲେ ମଧ୍ୟ ପ୍ରଚଣ୍ଡ ଖରା ଯୋଗୁଁ କେହି ଶବ ଶୋଭାଯାତ୍ରାରେ ସାମିଲ ହେଉନଥିଲେ । ମାତ୍ର ଶବ ଯେତେବେଳେ ଶୋଭାଯାତ୍ରା କରି ଗାଆଁମୁଣ୍ଡରେ ପହଞ୍ଚିଲା ଓ ସେଠାରୁ ଶ୍ମଶାନ ଯାଏ କୋକେଇ କାନ୍ଧେଇକି ନେବାର ନିଷ୍ପତ୍ତି ନିଆଗଲା ସେହି ସମୟରେ ଶବ ଶୋଭାଯାତ୍ରାରେ ଥିବା ଲୋକଙ୍କ ପାଇଁ କିଛି ପାଣି ଓ ଥଣ୍ଡା ପିଇବା ପାଇଁ କିଛି ଭଦ୍ରବ୍ୟକ୍ତି ବ୍ୟବସ୍ଥା କରି ସେଠାରେ ଥଣ୍ଡା ଓ ପାଣି ପହଂଚାଇବା କ୍ଷଣି ପାଣି ବୋତଲ ଓ ଥଣ୍ଡା ବୋତଲ ନେବା ପାଇଁ ସେଠାରେ ଉପସ୍ଥିତ ଥିବା ଲୋକମାନଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଲାଗିରହିଲା । ଯେଉଁମାନେ ଶବ ଶୋଭାଯାତ୍ରାରେ ଥିଲେ ସେମାନଙ୍କୁ ପଚାରେ କିଏ ? ଯେଉଁମାନେ ଦେଖଣାହାରୀ ଥିଲେ ସେମାନେ ଆଗେ କିପରି ଥଣ୍ଡା ଓ ପାଣି ବୋତଲ ପାଇବେ ସେଥିପ୍ରତି ଧ୍ୟାନ ଦେଇ ଛଡାମଡ଼ା କରି ନେଇଯାଉଥିଲେ । ସେ ସମୟରେ ଆଉ ଶୋକାକୁଳ ପରିବେଶ କେଉଁଆଡ଼େ ହଜିଯାଇଥିଲା । ତା ବଦଳରେ ମଣିଷ ତାହାର ଲୁଣ୍ଠନ କରିବା ପ୍ରକୃତି ଜାରିରଖିଥିଲା । ଯେଉଁମାନେ ମୃତ୍ୟୁ ବାବଦରେ ସାରଗର୍ଭକ ତଥ୍ୟ ଶବ ଶୋଭାଯାତ୍ରାରେ ଦୁଃଖରେ କହି କହି ଚାଲିଥିଲେ ମୁହୂର୍ତ୍ତକ ମଧ୍ୟରେ ପୁଣି ସେମାନେ ପାଣି ଓ ଥଣ୍ଡା ବୋତଲ ନ ପାଇବାରୁ ନିଜର କ୍ଷୋଭ ପ୍ରକାଶ କରୁଥିଲେ । ସୁବୋଧ ବାବୁ ବୁଝିପାରୁ ନଥିଲେ ଏଠି କ'ଣ ଚାଲିଛି ? ଜଣଙ୍କ ପରିବାର ଉଜୁଡ଼ି ଯାଉଛି , ଅଥଚ ଅନ୍ୟମାନେ ଥଣ୍ଡା ଓ ପାଣି ବୋତଲ ପାଇଁ ନିଜ ଭିତରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଧନ୍ୟ ଏମାନେ ! ଧନ୍ୟ ଏମାନଙ୍କର ମଣିଷପଣିଆ ! ଆମ୍ବୁଲାନ୍ସରୁ କୋକେଇ କାଢ଼ିବା ଆଗରୁ କୋକେଇ କାନ୍ଧେଇବାକୁ ପ୍ରସ୍ତୁତ ଥିବା ଲୋକମାନଙ୍କ ପାଇଁ ମଧ୍ୟ ମଦ୍ୟପାନର ବ୍ୟବସ୍ଥା କରାଯାଇଛି । ସେମାନେ ସର୍ବସାଧାରଣଙ୍କ ଠାରୁ ସାମାନ୍ୟ ଦୃଷ୍ଟି ଆଢୁଆଳକୁ ଯାଇ ବୋତଲ ଖୋଲି ଢକଢକ କରି ମଦ୍ୟପାନ କରି କୋକେଇ କାନ୍ଧେଇ 'ହରିବୋଲ ' ପକାଇ ମଶାଣି ନିକଟକୁ ଆଗଭର ହୋଇ ଆଗେଇ ଯାଉଛନ୍ତି ।

ସୁବୋଧ ବାବୁ ବୁଝିପାରୁନଥିଲେ ଏଠି ଏମିତି ପର୍ବ କାହିଁକି ଚାଲୁଛି ? ବିନା ମଦ୍ୟପାନରେ କ'ଣ କୋକେଇ ଉଠିପାରିବନି ? ସୁବୋଧ ବାବୁ ମଶାଣି ନିକଟକୁ ଗଲେ । ସେଠାରେ କୋକେଇ ରଖାଯିବା ପରେ ଦାହ ବିଧି ଅନୁଯାୟୀ ଚିତା ନିର୍ମାଣ ଓ ଶବକୁ ଶେଷ ସମ୍ମାନ ଦେବା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ରାଧାରମଣ ବାବୁଙ୍କ ପରିବାରର କିଛି ବନ୍ଧୁ ଶେଷଦର୍ଶନ ପାଇଁ ଆସୁଥିବାର ଖବର ମିଳିବା କ୍ଷଣି ଶବ ଦାହ ନ କରିବା ପାଇଁ ଆଲୋଚନା ଚାଲୁଥିବା ବେଳେ ପୁଣି କେତେଜଣ ଶୁଭେଚ୍ଛୁ କିଛି ଥଣ୍ଡା ଓ ପାଣି ବୋତଲ ଧରି ସେଠାରେ ପହଂଚିବା କ୍ଷଣି ପୁଣି ପାଣି ବୋତଲ ଓ ଥଣ୍ଡା ବୋତଲ ନେବା ପାଇଁ ସେଠାରେ ଉପସ୍ଥିତ ଲୋକମାନଙ୍କ ମଧ୍ୟରେ ଏକ ଶୀତଳ ଯୁଦ୍ଧ ଲାଗିଗଲା । କିଛି ଲୋକ ବି ମଦ୍ୟପାନ କରି ଚିତା ସଜାଡ଼ିବାକୁ ନେଇ ଯୁକ୍ତିତର୍କରେ ମାତି ନିଜର ପାରିବା ପଣିଆ ଜାହିର କରୁଥିଲେ । ସୁବୋଧ ବାବୁ ଭାରି ଆଶ୍ଚର୍ଯ୍ୟ ହେଉଥିଲେ। ମଶାଣିରେ ମଧ୍ୟ ସଂସାରର ମାୟା ଲାଗିରହିଥିଲା । ଏ ମୋହଗ୍ରସ୍ତ ମଣିଷ ସାମାନ୍ୟ ପାଣି ବା ଥଣ୍ଡା ବୋତଲର ମୋହରୁ ଯେପରି ନିବୃତ ହୋଇପାରୁ ନଥିଲା ସେପରି ମଦ୍ୟପମାନେ ମଧ୍ୟ ମୃତ୍ୟୁର ଦୁଃଖକୁ ଭୁଲିଯାଇ କିପରି ଶବ ଦାହ କାମ ସାରିଦେଇ ନିଜ ନିଜର ଗନ୍ତବ୍ୟ ପଥରେ ଚାଲିଯିବାର ଉପକ୍ରମ କରିବାକୁ ପ୍ରସ୍ତୁତ ହେଉଥିଲେ । ସୁବୋଧ ବାବୁ ଦେଖୁଥିଲେ ଆଉ ଦେଖୁଥିଲେ । ଜଣଙ୍କର ସର୍ବନାଶ ବେଳେ ଅନ୍ୟମାନଙ୍କର ପୁଷମାସ କଥା ଭାବି ସେ ଖୁବ ଦୁଃଖ ପ୍ରକାଶ କରୁଥିଲେ। ମାତ୍ର ତାଙ୍କର ମନୋଭାବକୁ ସେ ପ୍ରକାଶ କରିପାରୁନଥିଲେ । ମନର କଥା ପ୍ରକାଶ କରିଲେ ବି ଶୁଣିବ କିଏ । ଶେଷରେ ସେ ପରିବାରର ଆସିବାକୁ ଥିବା ବନ୍ଧୁମାନେ ମଶାଣିରେ ପହଞ୍ଚି ଶେଷ ଦର୍ଶନ କରିସାରିବା ପରେ ଚିତାଗ୍ନିରେ ଶବ ଦାହ କରାଯାଇଥିଲା। ଖୁବ ମନ ଦୁଃଖରେ ଫେରିଥିଲେ ସୁବୋଧ ବାବୁ । ଅଥଚ ରାଧାରମଣ ବାବୁଙ୍କ ଘର ପାଖରେ ପହଞ୍ଚିବା ବେଳକୁ କଲେଜର ଅଧ୍ୟାପିକାମାନେ ଏକ କାରରେ ଫେରିଯାଇଥିବା ବେଳେ ତାଙ୍କୁ ଅପେକ୍ଷାରତ ଅଧ୍ୟାପକ ବନ୍ଧୁମାନେ ମଧ୍ୟ ଫେରିବା ବିଳମ୍ବ ହେବାରୁ ତାଙ୍କ ଉପରେ ଖୁବ ଅତିଷ୍ଠ ହୋଇ ଉଠିଥିଲେ । କାହାକୁ କିଛି ନ କହି କାର ଭିତରେ ବସିଲେ ସୁବୋଧ ବାବୁ । କାରରେ ଫେରିବା ବେଳେ ବାଟରେ ଭାବୁଥିଲେ ଆଜି ଅନ୍ୟର ମୃତ୍ୟରେ ବି ସୌଜନ୍ୟ ଦୃଷ୍ଟିରୁ ଲୋକଦେଖାଣିଆ ଦୁଃଖ ପ୍ରକାଶ କରାଯାଉଛି। ନଚେତ ଏକାଦଶାହ ପାଇଁ ଭଲଭାବେ ସାଜସଜ୍ଜା, ବିଶିଷ୍ଟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ, ଭୋଜିଭାତ , ଶୋକସଭା , ଭଜନ ସମାରୋହ , ଖବର କାଗଜରେ ଶ୍ରଦ୍ଧାସୁମନ ପୃଷ୍ଠାରେ ଫୋଟୋ ପ୍ରକାଶ , ଖବର କାଗଜରେ ଏକାଦଶାହର ଖବର ପ୍ରକାଶ ଏସବୁ ହୁଅନ୍ତା କାହିଁକି ? ଆଜି ଲୋକମାନଙ୍କ କାର୍ଯ୍ୟକଳାପ ତାଙ୍କୁ ବ୍ୟଥିତ କରିଥିଲା । ସେ ଭାବୁଥିଲେ ରାଧାରମଣ ବାବୁଙ୍କ ଶବକୁ ଏହା ସମ୍ମାନ ପ୍ରଦାନ ନା ତାଙ୍କ ଅକାଳ ନିଧନକୁ ଏହା ଏକ ଚରମ ଉପହାସ ? କାର ଆଗକୁ ଆଗକୁ ଚାଲିଥିଲା। ସୁବୋଧ ବାବୁ ଭାବନା ଭିତରେ ପଛକୁ ପଛକୁ ଫେରୁଥିଲେ । ମନେମନେ ଦିବଂଗତ ବନ୍ଧୁ ଅଧ୍ୟାପକ ରାଧାରମଣ ବାବୁଙ୍କ ପ୍ରତି ନିଜର ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରି ସୁବୋଧ ବାବୁ କହୁଥିଲେ, ' ଆପଣଙ୍କ ଆତ୍ମା ଶାନ୍ତି ପାଉ । ଭଗବାନ ଆପଣଙ୍କୁ ମୋକ୍ଷ ପ୍ରଦାନ କରନ୍ତୁ ।'

*ନିହଲ ପ୍ରସାଦ , ଗଁଡିଆ ପାଟଣା , ଢେଙ୍କାନାଳ*
*ମୋ- ୯୯୩୮୭୪୧୫୮୩*

## କବିତା ଗୁଚ୍ଛ

### ବିଶ୍ୱକର୍ମା ଆସ ତୁମକୁ ପୁଜିବୁ

✶ ନଳିନୀ ଦାଶ



ପ୍ରଜାପିତା ବ୍ରହ୍ମା ନାଭି କମଳରୁ
ବିଶ୍ୱକର୍ମା ଜନମିଲ
ତୁମେ ମହାଜ୍ଞାନୀ କିଶୋରଙ୍କ ସମ
ତେଜିୟାନ ଦିଶୁଥିଲ ।

ସୃଷ୍ଟିର କରତା ସାରା ବିଶ୍ୱ ପରା
ତୁମ ମାନସ ସନ୍ତାନ
ବ୍ରହ୍ମାଙ୍କ ନିର୍ଦ୍ଦେଶେ ନିର୍ମାଣ କରିଲ
ଲଗାଇ ନିହାଣ ମୁନ ।

ଶିଳ୍ପକଳାରତ ଜନକ ବୋଲାଅ
ତୁମେ ଶ୍ରେଷ୍ଠ କାରିଗର
ଚାରିହାତେ ତୁମ ବଟାଳି ମାର୍ତ୍ତୁଳ
ଚକ୍ର ଆଶିଷ ମୁଦ୍ରାର ।

ସୁନାର ଲଙ୍କାକୁ ନିର୍ମାଣ କରିଲ
ଗଢ଼ି ପୁଷ୍ପକ ବିମାନ
ପାଣ୍ଡବଙ୍କ ପାଇଁ ଇନ୍ଦ୍ରପ୍ରସ୍ଥ ନଗ୍ର
ଦ୍ୱାରିକା କଲ ସ୍ଥାପନ ।

ଜଗତର ନାଥ କାଳିଆ ସାଆନ୍ତ
କରିଲ ତାଙ୍କୁ ନିର୍ମାଣ
ଅମରାବତୀର ନିର୍ମାଣ ହୋଇଲା
ତୁମ ଶ୍ରେଷ୍ଠ ନିଦର୍ଶନ ।

ଆହେ ବିଶ୍ୱକର୍ମା ତୁମ ଶ୍ରୀ ଚରଣେ
କରଇ କୋଟି ପ୍ରଣତୀ
କଳା ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଦେବତା
ତୁମ ପାଦେ ଥାଉ ମତି ।

ତୁମ ଜନ୍ମଦିନ ପାଳନ କରୁଛୁ
ଆମେ ସର୍ବେ ବିଶ୍ୱବାସୀ
ନୂତନ କରିଏ ପୃଥିବୀକୁ ଗଢ଼
ଆଶିଷ ଦିଅ ବରଷି ।

ବିଶ୍ୱକର୍ମା ଆସ ପୂଜିବୁ ମରତେ
ତୁମର ଜନମ ଦିନେ
ଧୂପ ଦୀପ ଜାଳି ଫୁଲମାଳ ଦେଇ
ସଭିଏଁ ଆନନ୍ଦ ମନେ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

### ମାଆ ସ୍ନେହ....



✶ ରତିକାନ୍ତ ଜେନା

ଦଶ ମାସ ମତେ ଗର୍ଭରେ ରଖି.
ଦୁନିଆକୁ ମତେ ଆଣିଲୁ ଡାକି,
ଜନମ ଦେଇଛୁ କଷଣ ସହି
ତୋ ଠାରୁ ବଡ କେ ଜଗତେ ନାହିଁ।

ଜନମିଲି ଯେବେ ତୋରି କୋଳେ
କାନ୍ଦେ କୁଆଁ କୁଆଁ ମୁଁ ସବୁବେଳେ,
ସହିଛୁ ଅଳି ତୁ କେତେ ଯେ ମୋର
ତୁ ମୋ ପାଇଁ ବଡ ଠାକୁର।

ଚାଲିବା ଶିଖିଛି ଧରି ତୋ ହାତ
ମୋ ପାଇଁ ସରଗ ତୋ ପଣତ,
ଚାଲୁ ଚାଲୁ ଯେବେ ଯାଏ ମୁଁ ପଡି
ଆକଟ କରୁ ତୁ ଦେଖେଇ ବାଡ଼ି।

ବାଡ଼ି ଦେଖାଉ ତୁ ମୋ ପାଖେ ସିନା
ପାହାର ଗୋଟିଏ ଜମା ବାଜେନା,
ତୋ ଛୁଆ ପାଇଁ ତୋ ବଡ଼ପଣ
ସୁଝି ହେବ ନାହିଁ ତୋରି ଋଣ।

ଧୂଳି ବାଲିରେ ମୁଁ ଯେବେ ଖେଳେ.
ଝାଡ଼ି ଦେଇ ମତେ ଧରୁ ତୋ କୋଳେ,
ଜିଦି ଧରି ଯେବେ କରେ ମୁଁ ଅଳି
ଭୁଲେଇ ଦିଏ ସେ ବଜେଇ ତାଳି।

ଡାକେ ଜହ୍ନମାମୁଁ ଆରେ ଆ
ମୋ ସୁନା ଗେଲହା କୁ ନେଇ ତୁ ଯା,
ଅଣ୍ଟା ସୁତା ବାନ୍ଧେ ଅଣ୍ଟାରେ ମୋର
ଚାଲିଲେ ଶୁଭଇ ଘୁଙ୍ଗୁର ସ୍ୱର।

କଳା ଟିକା ମଖେ ମଥାରେ ମୋର. ମାଆ
ର ମମତା ଲାଗେ ମଧୁର,
ଖାଇବାକୁ ଦିଏ ପେଟ ପୁରାଇ
ନିଜେ ପଛେ ଯାଏ ଉପାସେ ରହି।

*ୟୁନିଟ -୮, ଏସ୍ଏସ୍ଭିଏମ୍,*
*ଭୁବନେଶ୍ୱର*
*ମୋ-୭୦୭୭୨୮୬୫୮୦*

### ହେ ପ୍ରଭୁ ଶିଳ୍ପୀଦେବତା...

✶ ରାମଚନ୍ଦ୍ର ବେହେରା

ବ୍ରହ୍ମାଣ୍ଡ ନିର୍ମାତା ହେ ଶିଳ୍ପୀଦେବତା
ଆସ ପ୍ରଭୁ ମର୍ତ୍ତ୍ୟଧାମେ
ଆନନ୍ଦ ଲହରି ଖେଳିଯାଉ ବିଶ୍ୱେ
ତୁମ ଶୁଭ ଆଗମନେ।
ସର୍ଜନା ତୁମରି ରଚନା ତୁମରି
ମାନବ ନିମିତ୍ତ ମାତ୍ର
ଦେବଲୋକ ଯନ୍ତ୍ରୀ ସୁଦକ୍ଷ ବିନ୍ଧାଣୀ
ଆହେ ପ୍ରଭୁ ବ୍ରହ୍ମା ସୂତ।
ଅମରାବତୀ ଯେ ତୁମରି ସର୍ଜନା
ଶ୍ରେଷ୍ଠ ତୁମ କାରିଗରୀ
ସ୍ୱର୍ଣ୍ଣଲଂକା ତୁମ ଅନୁପମ କୀର୍ତ୍ତି
କିଏ ହେବ ତୁମ ସରି।
ଏକ ନିଶି ମଧ୍ୟେ କରିଥିଲ ପୂର୍ଣ୍ଣ
ପୂଣ୍ୟ ଦ୍ୱାରକା ଭବନ
କୃଷ୍ଣଂକ ନିର୍ଦ୍ଦେଶେ ସଖା ସୁଦାମାଂକ
ନଅର କଲ ନିର୍ମାଣ।
ବୃଦ୍ଧକାଳେ ତୁମେ ଗଢିଥିଲା ପରା
ଅଧାଗଢା କଳାଦିଅଁ
ତାଂକ ଦର୍ଶନାର୍ଥେ ଶ୍ରୀକ୍ଷେତ୍ର ଧାମକୁ
ଛୁଟେ ଭକତଂକ ସୁଅ।
ଜ୍ଞାନ କୌଶଳରେ ନିହାଣ ମୂନରେ
ଗଢିଛ ସୁନ୍ଦର ବିଶ୍ୱ
ଯୁଦ୍ଧ ବିଭିଷିକା ରୋକିଦିଅ ପ୍ରଭୁ
ହେବାକୁ ନଦିଅ ଧ୍ୱଂସ।
ଗଜ ବାହନରେ ଆସ ଦେବଶିଳ୍ପୀ
ଶୁଭାଶିଷ ଦିଅ ଢାଳି
ଶାନ୍ତି ଦୂତ ସାଜି ବିଶ୍ୱକୁ ବଞ୍ଚାଅ
ଏତିକି ମୋହର ଅଳି।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

### ଶୀଥିଳ ପରଶ

✶ ସୁକାନ୍ତ ଚରଣ ଖୁଣ୍ଟିଆ

ଗେରୁଆ ସୁରୁଜ ମାଡ଼ିବସେ ସଞ୍ଜ
କିଏ ଦେଇଥିଲା ରଙ୍ଗ
ତାକୁ ଦେଖି ଜହ୍ନ ସଜବାଜ ହୁଏ
ସଜେଇ ତା ' ଦେହ ଅଙ୍ଗ ।।

ରଣୀ, ରଜନୀରେ ଧବଳ ଧରଣୀ
ଶିଶିରରେ ପ୍ରେମନିଶା
ଜୋଛନା ରାତିରେ କାହାର ଏ କାନ୍ତି
ଶିହରରେ ପ୍ରେମ ଓଦା ।।

ପଳାଶ ସୁଗନ୍ଧ ଆଚ୍ଛନ୍ନ ସୁଷମେ
ଗହଗହ ବାସ ଉଡ଼ି
ଝରକା ଫାଙ୍କରେ ଧୁତ ମଳୟରେ
ପ୍ରକମ୍ପନ ହୁଏ ଛାଡ଼ି ।।

କିଏ ତୁ କପିଶା ସୂକ୍ଷ୍ମ ଅଭିଳାଷୀ
ତାରାଫୁଲ ରାତି ବହ୍ନି
ତୁଷାର ମଳୟେ ଅଳୀକ ଚାନ୍ଦିନୀ
ନିଃଶଙ୍ଗ ଦେହେ ଦାବାଗ୍ନି ।।

ରଜନୀ ପ୍ରହରେ ନିଃଶବ୍ଦ ବିଳାସେ
ଗୋପନ କାନ୍ତି ମୋହିନୀ
ଶୀଥିଳ ପରଶ ପ୍ରଖର ନିଃଶ୍ୱାସେ
ସ୍ୱପ୍ନନିଶା ତୃଷା ବହ୍ନି ।।

*କାକଟପୁର*
*ମୋ- ୯୯୩୮୮୦୫୬୬୧*

### ସମ୍ପର୍କର ଆରପାରେ

✶ ସୁଧାକର ରାଉତ

ବଞ୍ଚିବି ମୁଁ କି ପରିଚୟ ନେଇ
ଅହରହ ଦଂଶନର ଜ୍ୱାଳା ସହି ସହି
ପୂର୍ବରୁ ପଶ୍ଚିମ ଦିଗ୍ ବଳୟ ଯାଏ
କୋଳାହଳର ଶୋଭାଯାତ୍ରାରେ
ନିଃସଙ୍ଗତାର ବଂଶୀସ୍ୱନକୁ
କାନେଇ କାନେଇ ।

ସମ୍ବେଦନହୀନ ସାମାଜିକତାରେ
କିଏ ଅବା ବୁଝେ କାହା ବ୍ୟଥାକୁ
ସଂପର୍କର ଇନ୍ଦ୍ରଧନୁ ରଙ୍ଗକୁ
ହାହୁତାଶ ଜୀବନର ଜ୍ୱଳନକୁ
ବରଂ ଭଲ ନେଇ ବଞ୍ଚିବା
ସେହିସବୁ ଅସଜଡ଼ା ସ୍ମୃତିକୁ ।

ଉଜୁଡ଼ା ସୁନାକ୍ଷେତଟା ପଚାରେ
ତା ପ୍ରଶ୍ନବାଚୀ ଆଖିରେ
ମୋ ଅନଧିକାର ପ୍ରବେଶର ।
ନିରୁତ୍ତର ରହେ
ଶୁଖିଲା ଲୁହର ସେ ପୁରୁଣା ଦାଗ
ଆଉ ଉଷ୍ଣତାର ଗଭୀରତାକୁ ମାପିଥିବା
ସେ ନୀରବ ଶୁଖିଲା ଓଠ ।

ସେମାନେ ସଭିଏଁ ଆଜି ନିଲମ୍ବିତ
ସମ୍ବନ୍ଧର ଖୋଳପା ଭିତରେ
ଶତ୍ରୁ ବି ହୁଏ ଆମନ୍ତ୍ରିତ
ଖାଲି ରକ୍ତର ହିଡ ପରେ
ଆଙ୍କିବାକୁ ଅସଜଡ଼ା ରେଖା ।

*ପ୍ରତାପ ନଗରୀ, କଟକ*
*ମୋ:୮୨୪୯୯୩୨୭୯୨*

### ସୂତ୍ର

✶ ଆଦ୍ୟାଶା ମହାପାତ୍ର

ଆଖିରେ ଆଖିଏ ସ୍ୱପ୍ନ ସମ୍ମେଳନ
ମନେ ଉଦ୍ରେକିତ ଚିନ୍ତା
ଶିଖର ଛୁଇଁବା ଦିବ୍ୟ ସମ୍ମୋହନ
ନିବୃତ୍ତ ନହେଉ ଚେଷ୍ଟା ।।

ଉଜାଣି ନବହୁ ଆଶା ଓ ଆକାଂକ୍ଷା
ଦେଦୀପ୍ୟ ଥାଉ ଭରସା
ପବନରେ ଥାଉ ନିଃଶ୍ୱାସର ଆସ୍ଥା
ଜୀବନେ ଜିଗୀଷା ନିଶା ।।

କଦବା ଉଜୁଡୁ ସାଇତା ସପନ
ଭ୍ରଷ୍ଟ ନହେଉ ଲୟ
ଥିଲେ ଜିଜୀବିଷା ସଙ୍ଗତେ ଅନ୍ୱେଷା
ଲକ୍ଷ୍ୟ ନୁହଁଇ ଦୂରୁହ ।।

ପ୍ରଳୟ ତାଣ୍ଡବ ଧ୍ୱଂସ ସ୍ତୁପ ତଳୁ
ପତ୍ର ମେଲେ ନୂଆ ଭ୍ରୁଣ
ପ୍ରକୃତିରେ ଦେଖ ସବୁଜିମା ଚିତ୍ର
ଅକାରଣ ମ୍ରିୟମାଣ ।।

ପକ୍ଷୀର ସ୍ୱରରେ ପୁଣି ଗୁଞ୍ଜରିତ
ପ୍ରଣବ ଓଁକାର ଧ୍ୱନି
ଏ ଡାଳେ ସେ ଡାଳେ ସ୍ୱାକ୍ଷରିତ ତା'ର
ସମ୍ଭାବନା ସଞ୍ଜିବନୀ ।।

ଶକତି ରହିତ ନୁହେଁ ପଞ୍ଚଭୂତ
ସ୍ରଷ୍ଟାର ସେ ବରଦାନ
ସ୍ୱତଃ ଦୃଶ୍ୟାୟିତ ଜୀବନର ପଥ
ସଂକଳ୍ପିତ ଯେବେ ମନ ।।

ନବ ଉନ୍ମେଷିତ ଆଲୋକର ଧାରା
ଚିର ଚିନ୍ମୟ ରୂପ
ସତକର୍ମ ସଦେବ ଶାନ୍ତି ସ୍ୱସ୍ତି ସୂତ୍ର
ନିର୍ବିବାଦ ନିର୍ବିକଳ୍ପ ।।

*ନୂଆପଡା, କଟକ*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ୩ ଟି ପୃଥକ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ମଦ ଜବତ କରିବା ସହ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ବୌଦ୍ଧ ଥାନା ଉଲ୍ଲଦପୁର ଗ୍ରାମ୍ୟ ରାସ୍ତାରେ ବେଆଇନ ଭାବରେ ମଦ ବିକ୍ରି ହେଉଥିବା ଖବର ପାଇ ବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଅଧିକାରୀ ସତ୍ୟନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ଚଢ଼ାଉ କରି ପ୍ରକାଶ ମିର୍ଦ୍ଧା ନିକଟରୁ ୨୨ ଲିଟର ଦେଶୀ ମଦ ଜବତ କରିଥିବା ବେଳେ ଏକ ମାମଲା ରୁଜୁ କରି ମାଫିଆକୁ କୋର୍ଟ ଚାଲାଣ କରି ଥିବା ଅବକାରୀ ସୂଚନା ଦେଇଛନ୍ତି । ସେହିପରି ଅବକାରୀ ବିଭାଗ ପକ୍ଷରୁ ବୌଦ୍ଧ ଥାନା ଟୁଟୁମ ସିଂ ଗ୍ରାମ୍ୟ ରାସ୍ତାରେ ଚଢ଼ାଉ କରି ସଂଜୁ ନାଏକ ନିକଟରୁ ୧୦ ଲିଟର ଦେଶୀ ମଦ ଜବତ କରି ଏକ ମାମଲା ରୁଜୁ କରି ତାକୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଏସ୍ଆଇ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ସେହିପରି ଅବକାରୀ ଟିମ ମଥୁରା କୁଡ଼ସାହି ଗ୍ରାମ୍ୟ ରାସ୍ତା ନିକଟରେ ଚଢ଼ାଉ କରି ଏକ ବାଇକ ( ଓଡି ୨୭ ସି ୫୭୬୬)ରୁ ୧୫ ଲିଟର ଦେଶୀ ମଦ ଜବତ କରିବା ସହ ଏକ ମାମଲା ରୁଜୁ କରି ମାଫିଆ ବିଜ୍ଞାନ ବେହେରାଙ୍କୁ ଗିରଫ କରି କୋର୍ଟଂଚାଲାଣ କରିଛି ।



# ଶିକ୍ଷାବର୍ଷକୁ ପୂରିଲାଣି ୬ମାସ, ମିଳୁନି ପୋଷାକ

## ଡ୍ରପ୍‌ଆଉଟ୍ ଆଶଙ୍କା, ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ବଢୁଛି ଅସନ୍ତୋଷ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଶିକ୍ଷାବର୍ଷକୁ ୬ମାସରୁ ଉର୍ଦ୍ଧ ବିତିଲାଣି ଏ ପର୍ଯ୍ୟନ୍ତ ମିଳିଲା ନାହିଁ ପୋଷାକ କି ଜୋତା । ପୂର୍ବ ସରକାର ଛାତ୍ର ଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ପୋଷାକ, ଜୋତା ବିତରଣ କରୁଥିଲେ। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ଥିବା ୨୨ଗୋଟି ହାଇସ୍କୁଲ ରେ ବିଦ୍ୟାଳୟରେ ନୂତନ ପୋଷାକ ମିଳିନାହିଁ । ଛାତ୍ର ଛାତ୍ରୀ ଜୋତା ବଦଳରେ ଚପଲ ଓ ଚିରିଯାଇଥିବା ଡ୍ରେସ ପିନ୍ଧି ବିଦ୍ୟାଳୟ ଆସୁଛନ୍ତି । ରାଜ୍ୟ ରେ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ବିକାଶ ଘଟାଇବା ଲକ୍ଷ୍ୟରେ ପୂର୍ବ ସରକାର ନାନା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଶିକ୍ଷା ଦାନ ନିମନ୍ତେ ଛାତ୍ର, ଛାତ୍ରୀ ଓ ଅଭିଭାବକ ଙ୍କ ଉପରେ ଆର୍ଥିକ ବୋଝ ନ ରହିବ ସେ ନେଇ ପୂର୍ବ ସରକାର ସମୟରୁ ମାଗଣାରେ ବହି ପତ୍ର, ପୋଷାକ, ଜୋତା ଓ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିଛନ୍ତି। କିନ୍ତୁ ରାଜ୍ୟରେ ନୂତନ ସରକାର ଆସିବା ପରେ କେବଳ ପୋଷାକ ରଙ୍ଗ ପରିବର୍ତ୍ତନ କରିଦେଲେ କିନ୍ତୁ ଶିକ୍ଷାବର୍ଷ ୬ ମାସରୁ ଉର୍ଦ୍ଧ ହେଲେ ମଧ ଅସ୍ତରଙ୍ଗ ବ୍ଲକ ଅଂଚଳରେ ଥିବା ହାଇସ୍କୁଲ ଗୁଡିକ ରେ ପୋଷାକ ମିଳିଲା ନାହିଁ ।ନବମ ଓ ଦଶମ ଶ୍ରେଣୀ ସମସ୍ତ ଛାତ୍ର ଛାତ୍ରୀଙ୍କୁ ମାଗଣା ୟୁନିଫର୍ମ ଦେବା ପାଇଁ ପୂର୍ବ ସରକାର ଘୋଷଣା କରି ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ପୋଷାକ,ଜୋତା ଦେଉଥିଲେ। କିନ୍ତୁ ସରକାର ବଦଳିବା ପରେ ଅଲୋଡ଼ା ପାଲଟିଛନ୍ତି ସରକାରୀ ବିଦ୍ୟାଳୟର ଛାତ୍ରୀ ଛାତ୍ରୀ । ଶିକ୍ଷାବର୍ଷ ୬ମାସରୁ ଉର୍ଦ୍ଧ ହେବାକୁ ବସିଲାଣି ହେଲେ ଛାତ୍ର ଛାତ୍ରୀଙ୍କୁ ୟୁନିଫର୍ମ ମିଳିନି ।ଦୀର୍ଘ ବର୍ଷେରୁ ଉର୍ଦ୍ଧ ହେବ ମିଳିଥିବା ପୋଷାକ ପିନ୍ଧି ଆସୁଛନ୍ତି । ଛାତ୍ର ଛାତ୍ରୀ ଘରୋଇ ପୋଷାକ ସହ ଛିଣ୍ଡା ପୋଷାକରେ ବିଦ୍ୟାଳୟ ଆସୁଛନ୍ତି ଦେଶର ଭବିଷ୍ୟତ। ନାଁ କାହା ପାଦରେ ଅଛି ଜୋତା, ନାଁ କାହା ପାଖରେ ଅଛି ପରିଚୟ ପତ୍ର। ପୂର୍ବ ସରକାର ଙ୍କ ସମୟରେ ଅଗଷ୍ଟ ମାସରେ ପିଲାଙ୍କୁ ମିଳିଥିବା ୟୁନିଫର୍ମ ହେଲେ ସରକାର ପରିବର୍ତ୍ତନ ପରେ ସମ୍ପୂର୍ଣ ଆଲୋଡା । ନୂଆ ସରକାର ଆସୁ ଆସୁ ରଙ୍ଗ ବଦଳିଲା ହେଲେ ପିଲାଙ୍କ ନିକଟରେ ଡ୍ରେସ ପହଂଚିଲାନାହିଁ । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୨୨ଟି ହାଇସ୍କୁଲ ରହିଥିବା ବେଳେ ପୋଷାକ ମିଳିନଥିବା ଜଣାପଡିଛି । ଏ ନେଇ ଶିକ୍ଷକ ଅଭିଭାବକ ମହଲରେ ଅସନ୍ତୋସ ଦେଖାଦେଇଛି । ଶିକ୍ଷାବର୍ଷ ଆରମ୍ଭ ୬ମାସରୁ ଉର୍ଦ୍ଧ ହେଲାଣି ।ଅନେକ ଙ୍କ ଡ୍ରେସ ଚିରି ଯାଇଥିବାରୁ ବିଦ୍ୟାଳୟ ଆସିବାକୁ ଅନେକ ଛାତ୍ର ଛାତ୍ରୀ ଇଛା ପ୍ରକାଶ କରୁନାହାନ୍ତି । ସରକାର ବଦଳିବା ପରେ ଠିକି ସମୟରେ ନାଁ ମିଳୁଛି ପୋଷାକ ନାଁ ଜୋତା। ଏ ନେଇ ମଣ୍ଡଳ ଶିକ୍ଷାଧିକାରୀ ରଖିନଥିବା ବେଳେ ଶିକ୍ଷାବିତ ଅଶୋକ ସ୍ୱାଇଁ ମାନେ କହିଛନ୍ତି ସରକାର ଗୁରୁତର ସହ ନେଇ ଡ୍ରେସ ଯୋଗାଇବା ପାଇଁ। ଧର୍ମ କୁ ଆଖି ଠାର ନ୍ୟାୟରେ ଅଧିକାରୀ ମାନଙ୍କୁ ହାତ କରି ଏସଏଚଜୀ ଚୟନ କରାଯାଉଥିବା ବେଳେ ବିଦ୍ୟାଳୟ ରେ ଛାତ୍ର, ଛାତ୍ରୀ ଙ୍କୁ ଗୁଣବତା ଅନୁଯାୟୀ ପୋଷାକ ମିଳୁ ନଥିବା ଅଭିଯୋଗ ହେଉଛି। ଏ ପଟେ ପୋଷାକ କ୍ରୟ କରିବା ପାଇଁ ବିଦ୍ୟାଳୟ ଗୁଡିକୁ ଏ ଯାଏଁ ଟଙ୍କା ଆସିନଥିବା ଜଣା ପଡିଛି। ଛାତ୍ର ଛାତ୍ରୀ ଙ୍କୁ ଯେତେ ଶୀଘ୍ର ସମ୍ଭବ ଗୁଣବତ୍ତା ଉପରେ ନଜର ରଖାଯାଇ ଭଲ ଡ୍ରେସ ପ୍ରଦାନ ଖୁବ ଶୀଘ୍ର କରାଯିବା ଉଚିତ।

## ଉପନଗରପାଳ ମାନିନୀଙ୍କୁ ନଗରପାଳ ଦାୟିତ୍ୱ

ଭୁବନ (ଭାସ୍କର ନ୍ୟୁଜ): ଭୁବନ ଏନ୍‌ଏସି ଉପନଗରପାଳ ମାନିନୀ ସାହୁ ଶୁକ୍ରବାର ନଗରପାଳ ଭାବେ କ୍ଷମତାସୀନ ହୋଇଛନ୍ତି । ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବା ପରେ ଦାୟିତ୍ୱରେ ଥିବା କାର୍ଯ୍ୟ ନିର୍ବାହୀ



ଅଧିକାରୀ ପ୍ରଦତ୍ତ ସାହୁ ଶ୍ରୀମତୀ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ । କାଉନସିଲର ଗିରିଧାରୀ ସାହୁ, କୃପାସିନ୍ଧୁ ବେହେରା,ସୁଚିତ୍ରା ସାହୁ,ରଞ୍ଜିତା ସାହୁ,ସୁଶାନ୍ତ ନାୟକ, ନରେନ୍ଦ୍ର କୁମାର ବେହେରା, ସସ୍ମିତା ନାୟକଂ, ପପୁ କୁମାର ସାହୁ,ମଞ୍ଜୁଲତା ସେଠୀ, କବିତା ସେନାପତି, ମନମୋହନ ସାହୁ,କଳ୍ପନା ବେହେରା, ଝୁନା ନାୟକଙ୍କ ସମେତ ସମସ୍ତ କର୍ମଚାରୀ ମାନେ ନୂତନ ନଗରପାଳ ଶ୍ରୀମତୀ ସାହୁଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ନୂତନ ନଗରପାଳଙ୍କୁ ଉତ୍ତରୀୟ ଦେଇ ଶୁଭେଚ୍ଛା ଜଣାଇଥିଲେ । ସୂଚନାଯୋଗ୍ୟ ଯେ,ପୂର୍ବତନ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କୁ ରାଜ୍ୟ ସରକାର ଗତ ୯ ତାରିଖ ଦିନ ବହିଷ୍କାର କରିଥିଲେ ।

# ଚାନ୍ଦା ନଦେବାରୁ ଗାଁରୁ ବାଛନ୍ଦ

## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡିତ ପରିବାର




ଭଦ୍ରକ (ଭାସ୍କର ନ୍ୟୁଜ): ଗାଁ ଅଷ୍ଟପ୍ରହରୀ ଚାନ୍ଦା ନଦେଇ ପାରିବାରୁ ପ୍ରଜାକୋର୍ଟ ଡକାଇ ନିସ୍ତୁକ ମାଡ଼ ମାରିଲେ, ପରେ ଗାଁରୁ ବାଛନ୍ଦ ମଧ କଲେ। ଅଭିଯୋଗକୁ ୯ ମାସ ବିତିଯାଇଥିଲେ ମଧ ପୋଲିସ ନା କାହାକୁ ଗିରଫ କରୁଛି ନା ପୀଡିତ ପରିବାରକୁ ନ୍ୟାୟ ମିଳୁଛି। ଥାନାରୁ ଆରମ୍ଭ କରି ଜିଲ୍ଲା ପୋଲିସ ମୁଖ୍ୟାଳୟକୁ ବାରମ୍ବାର ନ୍ୟାୟ ମିଳୁନି ପୀଡିତ ପରିବାରକୁ । ଏପରି କିଛି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ବାସୁଦେବପୁର ବ୍ଲକ ନାୟକାଣୀଡ଼ିହି ଥାନା ଅନ୍ତର୍ଗତ ଲକ୍ଷ୍ମୀଦାସପୁର ଗ୍ରାମର ସୁକୁମାର ମହାରଣା ଓ ତାଙ୍କ ପରିବାର। ଅଭିଯୋଗ ଅନୁଯାୟୀ ଗାଁ ଅଷ୍ଟପ୍ରହରୀ ପାଇଁ ସୁକୁମାରଙ୍କ ପରିବାରକୁ ୨ ହଜାର ଟଙ୍କା ଚାନ୍ଦା ଦେବାକୁ କୁହାଯାଇଥିଲା। ଗରିବ ପରିବାର ପକ୍ଷରେ ୨ ହଜାର ଟଙ୍କା ଚାନ୍ଦା ଦେବାକୁ କ୍ଷମତା ନଥିବାରୁ ସେ ଏକ ହଜାର ଚାନ୍ଦା ଦେବାକୁ ରାଜି ଥିଲେ। ମାତ୍ର ଗ୍ରାମବାସୀ ଏଥିରେ ରାଜି ନହୋଇ ଗାଁରେ ପ୍ରଜାକୋର୍ଟ ବସାଇବା ସହିତ ପରେ ସୁକୁମାରଙ୍କୁ ଡାକି ନେଇ ନିସ୍ତୁକ ମାଡ଼ ମାରିଥିଲେ। ପରେ ସ୍ୱାମୀକୁ ମାଡ଼ ମାରୁଥିବା ବେଳେ ସ୍ତ୍ରୀ ଅଟକାଇବାରୁ ତାଙ୍କୁ ମଧ ନିସ୍ତୁକ ମାଡ଼ କରିଥିଲେ। ଏପରିକି ମାଡ଼ ମାରିବା ସହିତ ସୁକୁମାରଙ୍କ ଫୋନପେରୁ ମଧ ୨୦୦୦ ଟଙ୍କା ଚାନ୍ଦା ବାବଦକୁ ଜୋର ଜବରଦସ୍ତ ଆଦାୟ କରିଥିଲେ। ଯାହାକୁ ନେଇ ପୀଡିତ ପରିବାର ପକ୍ଷରୁ ନାୟକାଣୀଡ଼ିହି ଥାନାରେ ଡିସେମ୍ବର ୩ ତାରିଖରେ ଅଭିଯୋଗ କରାଯାଇଥିଲେ। ପରେ ପୋଲିସ ବିଭିନ୍ନ ସଂଗୀନ ଦଫାରେ ମାମଲା ରୁଜୁ କରିଛି ସତ, ହେଲେ ଏପର୍ଯ୍ୟନ୍ତ କାହାକୁ ଗିରଫ କରିନଥିବାର ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନେ ଘଟଣାର ସମାଧାନ ପାଇଁ ଚାପ ପକାଇ ସଫଳ ନହେବାରୁ ଏବେ ପୀଡିତ ପରିବାରକୁ ନିଆଁପାଣି ବନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ମାଡ଼ ମାରିଥିବା ଲୋକେ ପ୍ରମୁଖ ରାଜନୈତିକ ଦଳର ଆଗଧାଡିର ନେତା ହୋଇଥିବାରୁ ପୋଲିସ ସେମାନଙ୍କୁ ଗିରଫ କରୁନଥିବା ଅଭିଯୋଗ ହୋଇଛି। ଏଥିନେଇ ପୁନର୍ବାର ଶୁକ୍ରବାର ପୀଡିତ ପରିବାର ପୁଣି ଥରେ ଭଦ୍ରକ ଏସପିଙ୍କୁ ଭେଟିବା ସହିତ ନ୍ୟାୟ ଭିକ୍ଷା କରିଛନ୍ତି।

## ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଭଦ୍ରକ (ଭାସ୍କର ନ୍ୟୁଜ ) ଭଦ୍ରକ 'ମଲ୍ଟି ଏକ୍ସିଲ' ଟିପର ଆସୋସିଏସନର ନୂତନ କାର୍ଯ୍ୟାଳୟ ଉଦଘାଟନ ସ୍ଥାନୀୟ ନୂତନ ବସଷ୍ଟାଣ୍ଡ ନିକଟରେ ହୋଇଯାଇଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ରିବନ ଫିତା କାଟି କାର୍ଯ୍ୟାଳୟର ଶୁଭ ଉଦଘାଟନ କରିଥିଲେ । ଏହି ଆସୋସିଏସନ ୨୦୧୫ ରୁ ଜନସାଧାରଣଙ୍କୁ ପରିବହନ କ୍ଷେତ୍ରରେ ସହଯୋଗ ପ୍ରଦାନ କରି ଆସୁଛି । କର୍ମକର୍ତ୍ତା ଭାବେ ସମସ୍ତ ଟିପର ମାଲିକମାନେ ଯୋଗ ଦେଇ ଏହି ଉଦଘାଟନୀ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଆସୋସିଏସନର ସଭାପତି ସୁଶାନ୍ତ କୁମାର ସାହୁ ବିଧାୟକଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିଥିବା ବେଳେ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର କର ଓ ଅନ୍ୟାନ୍ୟ ସଦସ୍ୟ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅନ୍ୟ ମାଲିକ ମାନଙ୍କ ମଧ୍ୟରେ ସଞ୍ଜୟ ପ୍ରଧାନ, ରାଜୀବ ପରିଡା, ବିନୋଦ ବିହାରୀ ଦୀକ୍ଷିତ, ନାରାୟଣ ଓଝା, ଦୟାନିଧି ରାଉତ, ଅମର କୁମାର ସାହୁ, ସୁକାନ୍ତ ମିଶ୍ର, ବିଶାଳ ଲଖାନୀ, ଅଧର ମଲ୍ଲିକ ଓ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରାଇଥିଲେ, ଶେଷରେ ବିଧାୟକ ମା' ଭଦ୍ରକାଳୀଙ୍କୁ ଆସୋସିଏସନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

# ଗଜଲକ୍ଷ୍ମୀ ପୂଜା ପାଇଁ ବୈଠକ




ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବଜାର ଗଜଲକ୍ଷ୍ମୀ ପୂଜା କମିଟି ବୈଠକ ଗତ ଗୁରୁବାର ସନ୍ଧ୍ୟାରେ ପୂଜାମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ମହେନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ, ସୁଧାଂଶୁ ମୋହନ ମିଶ୍ର, ଲକ୍ଷ୍ମୀବଜାର ବ୍ୟବସାୟୀ ସଂଗ୍ରାମ କେଶରୀ ସାହୁ, ରାଜକିଶୋର ରାଉତ, ଚଗଲା ନାୟକ, ଜ୍ଞାନେନ୍ଦ୍ର ସାହୁ, ରାଜକିଶୋର ଦାସ, ନାରାୟଣ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଆଗାମୀ ୬ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ପାଳନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରସାଦ ସେବନ ଓ ଭସାଣ ଉତ୍ସବ ପାଳନ ସମ୍ପର୍କରେ ବିଭିନ୍ନ ନିଷ୍ପତ୍ତି ନେଇଥିଲେ।

## 'ଶତଦ୍ରୁଦା' ପୁସ୍ତକ ଉନ୍ମୋଚିତ

ପରଜଙ୍ଗ(ଭାସ୍କର ନ୍ୟୁଜ୍): ପରଜଙ୍ଗ ମହାବିଦ୍ୟାଳୟ ସଭା ଗୃହରେ ଶୁକ୍ରବାର ଦିନ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରସନ୍ନ କୁମାର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଓଡିଆ ବିଭାଗ ପକ୍ଷରୁ ନୂତନ ପୁସ୍ତକ ଉନ୍ମୋଚିତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ସମାରୋହରେ ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ମିତାରାଣୀ ସାହୁ ମୁଖ୍ୟ ଅତିଥି ଭାବେ, ପ୍ରାଧ୍ୟାପକ ବିକାଶ କୁମାର ପ୍ରଧାନ ମୁଖ୍ୟବକ୍ତା, ଅଧ୍ୟାପିକା ଶୁଭଶ୍ରୀ କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ବିଭାଗର ପ୍ରାଚୀର ପତ୍ର 'ଶତଦ୍ରୁଦା' ପୁସ୍ତକକୁ ଉନ୍ମୋଚନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ବିଭାଗର ଅଧ୍ୟାପକ ଅଞ୍ଜନ କୁମାର ମହାରଣା, କୁଳମଣି ମେହେର,ଅଧ୍ୟାପିକା ଦେବୀକୃପା ପ୍ରଜ୍ଞା ପାରମିତା ଦଳବେହେରା ପ୍ରମୁଖ ଉପସ୍ଥିତ ରହି ନୂତନ ଭାବେ ଉନ୍ମୋଚିତ ହୋଇଥିବା ପୁସ୍ତକର ଉପାଦେୟତା ସମ୍ପର୍କିତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ ।ପରିଶେଷରେ ଆଲୋଚନା ଚକ୍ରର ସମ୍ପାଦିକା ପ୍ରତିମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ୩ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ




ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର-ଓସ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୩ଜଣ କୃତୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମହେଶ୍ୱର ପ୍ରତିଭା ପରିଷଦ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ପ୍ରଧାନ ଶିକ୍ଷକ ନିମାଇଁ ଚରଣ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ତଥା ବିଜେପି ନେତା ରମେଶ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଂଚ ମନୋରଞ୍ଜନ ସ୍ୱାଇଁ, ସୁବାଷ ଚନ୍ଦ୍ର ଓଝା, ଉତମ ଚରଣ ମଲିକ, ଶରତଚନ୍ଦ୍ର ନାୟକ, ପରିଷଦର ସଭାପତି ରବିନ୍ଦ୍ରନାଥ ପଣ୍ଡା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦେବପ୍ରସାଦ କର ପ୍ରମୁଖ ଅତିଥିରୂପେ ଯୋଗଦାନ କରି ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ଶିକ୍ଷୟିତ୍ରୀ ରୋମାଲିନ ନାୟକ, ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ଶିକ୍ଷୟିତ୍ରୀ ତନୁଶ୍ରୀ ନାୟକ ଓ ଗୁରୁ ଗୌରବ ସମ୍ମାନ ପାଇଥିବା ପ୍ରଧାନ ଶିକ୍ଷକ ନିମାଇଁ ଚରଣ ସାହୁଙ୍କୁ ଉତ୍ତରୀୟ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚିତରଞ୍ଜନ ପ୍ରଧାନ, ଶିକ୍ଷକ ମନୋଜ କୁମାର ଓଝା, ଚିତରଞ୍ଜନ ଦଳାଇ, କଳ୍ପନା ମହାନ୍ତି, ରଶ୍ମିରେଖା ଦାସ, ଶୁଭସ୍ମିତା ନାୟକ, ସୋନୁରାଣୀ ସାହୁ, ନିରଞ୍ଜନ ପୃଷ୍ଟି, ଗୋପିନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କୁଲସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଘାଟିତ

କଣିହାଁ (ଭାସ୍କର ନ୍ୟୁଜ): ପିଏମଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,କଣିହାଁ ଠାରେ ସ୍କୁଲ ସ୍ତରୀୟ ବିଜ୍ଞାନ ମେଳା ଶୁକ୍ରବାର ପ୍ରଦର୍ଶିତ ହୋଇଯାଇଛି। ଏହି ବିଜ୍ଞାନ ମେଳାକୁ ଅତିଥିଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦାଶରଥି ଜେନା, ପ୍ରାକ୍ତନ ଶିକ୍ଷକ କୁଳମଣି ସାମଲ, ଦିଲ୍ଲିପ କୁମାର ପ୍ରଧାନ ଓ ଏସଏମସି ର ସଭାପତି ଅଭିନ୍ନ ଚନ୍ଦ୍ର ପ୍ରଧାନ ଓ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସିଦ୍ଧି ପ୍ରସାଦ ସାହୁ ଉଦ୍ଘାଟନ କରିଥିଲେ। ଉକ୍ତ ବିଜ୍ଞାନ ମେଳାରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ୧୮ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଆଜି ସମସ୍ତ ପ୍ରକଳ୍ପ ଗୁଡିକ ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତା ମାନେ ବୁଲି ଦେଖିଥିଲେ। ଏଥିରେ କୁନି ବୈଜ୍ଞାନିକମାନଙ୍କୁ ପଚାରି ସମସ୍ତ ତଥ୍ୟ ପଚାରି ବୁଝିଥିଲେ। ବରିଷ୍ଠ ବିଭାଗରେ ଶ୍ରୀନିବାସ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ବାଇଓ ପ୍ଲାଷ୍ଟିକ ପ୍ରସ୍ତୁତି କରଣ, ସ୍ମିତାସ୍ମିନ ପାତ୍ର ଓ କିରଣ ସାହାଣି ଙ୍କ ଦ୍ୱିଘାତ ସମୀକରଣକୁ ବର୍ଗଚିତ୍ର ମାଧ୍ୟମରେ ସମାଧାନ କରିବା ଓ ବାଦଲ ମିଶ୍ରଙ୍କ ଘାସ କାଟିବା ଯନ୍ତ୍ର ଉଚ୍ଚ ପ୍ରଶଂସିତ ହୋଇଥିବାବେଳେ କନିଷ୍ଠ ବିଭାଗରେ ମୋହିତ ବାରିକ ଓ ଶ୍ରୀ ପାଣିଙ୍କ ପ୍ରକଳ୍ପ ବିନା ମାଟିରେ ଫସଲ, ଭାଗ୍ୟଶ୍ରୀ ନାଏକଙ୍କ ଶସ୍ୟ ସୁରକ୍ଷା, ଶୁଭମ, ଲକ୍ଷ୍ମଣ, ବିଦୁର ଓ ଆର୍ଯ୍ୟନ ଙ୍କ ଭୂମିକମ୍ପରେ ସତର୍କ ଘଣ୍ଟି ଉଚ୍ଚ ପ୍ରଶଂସିତ ହୋଇଥିଲା। ସମସ୍ତ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବ୍ଲକ ସ୍ତରୀୟ ବିଜ୍ଞାନ ମେଳାକୁ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରୁ ଗୋଟିଏ ଲେଖାଏଁ ପ୍ରକଳ୍ପ ନିର୍ବାଚିତ ହୋଇଥିଲା। ଏହି ବିଜ୍ଞାନ ମେଳାରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଭୀମସେନ ସାମଲ, ଦେବାଶିଷ ହୋତା, ଜାଗାର୍ଶ୍ରିତା ସାହୁ, ଆଦ୍ୟାଶା ଅନିନ୍ଦିତା ସାହୁ, ଜିଜ୍ଞାସୁ ଡେମନଷ୍ଟ୍ରେଟର ଶେଖର ଚନ୍ଦ୍ର ନାଥ ପ୍ରମୁଖ ଛାତ୍ର ଛାତ୍ରୀମାନଙ୍କୁ ଦିଗଦର୍ଶନ ଦେଇଥିବାବେଳେ, ବିଦ୍ୟାଳୟର ଶିକ୍ଷକ ଅମିତା ଦେହୁରୀ, ଯସ୍ମିନ ପ୍ରଧାନ, ପ୍ରଶାନ୍ତ କୁମାର ବେହେରା, ଗୋଦାବରୀ ଗଡ଼ନାୟକ, ବୀଣାପାଣି ସାହୁ, ସନ୍ତୋଷିନୀ ସାହୁ, ବବିସ୍ମିତା ନାୟକ ଓ ସସ୍ମିତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମା' ଚର୍ଚ୍ଚିକାଙ୍କ ମହାଷ୍ଟମୀ ଓ ଦଶହରା ପୂଜା ପାଇଁ ପ୍ରସ୍ତୁତି ବୈଠକ



ବାଙ୍କୀ(ଭାସ୍କର ନ୍ୟୁଜ): ମା ଚର୍ଚ୍ଚିକାଙ୍କ ମହାଷ୍ଟମୀ ଓ ଦଶହରା ପୂଜାକୁ ମହାସମାରୋହରେ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମହାଷ୍ଟମୀ ଓ ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ବହୁ ଯାତ୍ରୀ ଓ ଭକ୍ତଙ୍କ ସମାଗମ ହେବାର ଥିବାରୁ କିପରି ତାହା ସୂଚାରୁ ରୁପେ ପରିଚାଳନା କରାଯାଇପାରିବ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ମନ୍ଦିର ବାହାରେ ଓ ଭିତରେ ଆଲୋକ ବ୍ୟବସ୍ଥା,ମନ୍ଦିର ରାସ୍ତାରୁ ଅବରୋଧ ହଟାଇବା ପାଇଁ ପଦକ୍ଷେପ ଗ୍ରହଣ କରିବା। ଷଷ୍ଠୀପୂଜା ଠାରୁ କୁମାର ଉତ୍ସବ ପର୍ଯ୍ୟନ୍ତ ଦୁଇଟି ଟ୍ୟାଙ୍କର ପାନୀୟ ଜଳ ମନ୍ଦିର ତଳେ ରଖାଯିବ ଓ ପରିମଳ ବ୍ୟବସ୍ଥା, ଯାତ୍ରୀମାନଙ୍କ ସୁବିଧା ପାଇ ଏନଏସି ମଧ୍ୟରେ ଅସ୍ଥାୟୀ ପରିସ୍ରାଗାର ସ୍ଥାପନ,ସ୍ଥାୟୀ ପରିସ୍ରାଗାର ନିୟମିତ ସଫେଇ ଓ ପାଦଧୁଆ କୁଣ୍ଡକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଏନ.ଏ.ସି ନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ ।ପୂଜା ସମୟରେ ମନ୍ଦିର ମଧ୍ୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ଫୋର୍ସ ମୁତୟନ ପାଇଁ ଥାନା ଅଧିକାରୀ ବାଙ୍କୀଙ୍କୁ ଅନୁରୋଧ କରିଥିଲେ ।ଏହି ପରିପ୍ରେକ୍ଷୀରେ ନିଶା ସେବନ କରି ମନ୍ଦିର ପରିସର ମଧ୍ୟରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଲେ ସେହି ବ୍ୟକ୍ତି ବିଶେଷ ପ୍ରତି ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଙ୍କୀ ଥାନା ଆଇଆଇସି ଦିଲ୍ଲିପ କୁମାର ମର୍ଦ୍ଦରାଜ ଭୂୟାଁ ପ୍ରକାଶ କରିଥିଲେ। ଷଷ୍ଠୀପୂଜା ଠାରୁ କୁମାର ଉତ୍ସବ ପର୍ଯ୍ୟନ୍ତ ବିଦ୍ୟୁତ କାଟ ନ କରିବା ସହିତ ଆବଶ୍ୟକ ମରାମତି ପାଇଁ ଟି.ପି.ସି.ଓ.ଡି.ଏଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାଳକୃଷ୍ଣ କହଁର , ବାଙ୍କୀ ବିଜ୍ଞାପିତ ଅଞ୍ଚଳ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ନଗରପାଳ ମାଣିକ ସାହୁ, ମନ୍ଦିର ଟ୍ରଷ୍ଟି କାଳନ୍ଦୀ ଚରଣ ମହାପାତ୍ର, କାଉନସିଲର ସନାତନ ବେହେରା ,ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ରଣା,ସମ୍ପାଦକ ନୀଳମଣି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ତହସିଲଦାର ବାଙ୍କୀ ଅଶେଷ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ଅଗସ୍ତି ହୋଣ୍ଡାରେ ପ୍ରଥମ କରି ଦୁଇଟି ନୂତନ ମଡେଲ ବାଇକ୍ ଲୋକାର୍ପିତ



ଯାଜପୁର (ଭାସ୍କର ନ୍ୟୁଜ): ସର୍ବାଧିକ ବିକ୍ରୀ ଏବଂ ଉତ୍ତମ ସେବା ଯୋଗାଇ ଦେଇ ବାଇକ୍ ଓ ସ୍କୁଟର ଗ୍ରାହକମାନଙ୍କ ପ୍ରିୟଭାଜନ ହୋଇପାରିଥିବା ଯାଜପୁର ଟାଉନ୍‌ର ଅଗସ୍ତି ହୋଣ୍ଡା ସୋରୁମରେ ପ୍ରଥମ କରି ଦୁଇଟି ନୂତନ ମଡେଲ ବାଇକ୍ ଲୋକାର୍ପିତ ହୋଇଛି ।ସାଇନ୍ ୧୦୦ ଡିଏକ୍ସ ଏବଂ ସିବି ହରନେଟ ୧୨୫ ର ଏହି ନୂତନ ମଡେଲ ବେଶ୍ ଆକର୍ଷଣୀୟ ଲୁକ ସହିତ ବିଶେଷ ମାଇଲେଜ ପାଇଁ ସ୍ୱତନ୍ତ୍ରତା ରଖୁଛି। ଜିଲ୍ଲାରେ ସର୍ବାଧିକ ବିକ୍ରୀ କରି ରେକର୍ଡ ସୃଷ୍ଟି କରିଥିବା ଅଗସ୍ତି ହୋଣ୍ଡା, ଯାଜପୁର ଟାଉନ୍‌ରେ ପ୍ରଥମ କରି ଏହି ଦୁଇଟି ମଡେଲକୁ ଓଡ଼ିଶା ହୋଣ୍ଡାର ଆଂଚଳିକ (ମୁଖ୍ୟ ଜୋନାଲ ହେଡ) ରାଜେଶ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉନ୍ମୋଚନ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଂଚଳିକ ସେଲସ ମ୍ୟାନେଜର ଜୟଦୀପ ଶାହା ଯୋଗ ଦେଇଥିଲେ। ହୋଣ୍ଡାର ଏହି ଉଭୟ ଅଧିକାରୀ ଅଗସ୍ତି ହୋଣ୍ଡାର ଉତ୍ତମ ଗ୍ରାହକ ସେବା ଏବଂ ଆଶାନୁରୂପ କାରବାର ଉପରେ ସନ୍ତୋଷ ପ୍ରକାଶ କରିବା ସହ ଏହାର ସ୍ୱତ୍ୱାଧିକାରୀ ଜିତେନ ମହାନ୍ତିଙ୍କୁ ଧନ୍ୟବାଦ ଦେଇଥିଲେ। ଶ୍ରୀ ମହାନ୍ତି ଅତିଥି ଦ୍ୱୟଙ୍କୁ ସ୍ୱାଗତ କରିଥିବାବେଳେ ସୋରୁମର ସାଧାରଣ ପରିଚାଳକ ରିଆଜୁଲ ଆଲାମ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସ୍ୱତ୍ୱାଧିକାରୀ ଶ୍ରୀ ମହାନ୍ତି ସାମ୍ବାଦିକ ମାନଙ୍କୁ ସୂଚନା ଦେଇ ଆଗାମୀ ଦୁର୍ଗା ପୂଜା ସମୟରେ ଗାଡ଼ି କ୍ରୟ କଲେ ଗ୍ରାହକ ମାନଙ୍କୁ ସୋରୁମ ପକ୍ଷରୁ ବିଭିନ୍ନ ଆକର୍ଷଣୀୟ ଉପହାର ପ୍ରଦାନ ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ।

## ନଦୀରେ ଭାସି ଯାଉଥିବା ମହିଳାଙ୍କୁ ଉଦ୍ଧାର କଲେ ଯୁବକ

ଆଳି(ଭାସ୍କର ନ୍ୟୁଜ୍):କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଧୋୟାଅଞ୍ଚଳର ଗୋବିନ୍ଦପୁର ଗ୍ରାମର ଜଣେ ମହିଳା ଖରସ୍ରୋତା ନଦୀରେ ବୁଡିଯାଉଥିଲା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର କରାଯାଇଥିବା ନେଇ ସୂଚନା ମିଳିଛି। ଘଟଣା ସୂତ୍ରରୁ ପ୍ରକାଶ ଯେ ଆଳି ବ୍ଲକ ଗୋବିନ୍ଦପୁର ଗ୍ରାମର ସ୍ନିଗ୍ଧା ସରିତା ଦାସ (୩୫) ଆଜି ପୂର୍ବାହ୍ନ ସାଢ଼େ ଦଶଟା ସମୟରେ ନିକଟରେ ଥିବା ନଦୀକୁ ଘରୋଇ କାର୍ଯ୍ୟ ପାଇଁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ନଦୀର ପ୍ରଖର ସ୍ରୋତ ରେ ଭାସିଯାଇଥିଲେ । ଦୀର୍ଘ ସମୟ ପରେ ନଦୀରେ ଭାସି ଯାଉଥିବା ଦେଖି ଗ୍ରାମର କିଛି ସାହସୀ ଯୁବକ ନିଜ ଜୀବନକୁ ବାଜି ଲଗାଇ ନଦୀ ମଧ୍ୟକୁ ଡେଇଁଥିଲେ। ବନ୍ୟାର ପ୍ରଖର ସ୍ରୋତ ସତ୍ତ୍ୱେ ସାହସୀ ଯୁବକ ଓ ଗ୍ରାମବାସୀଙ୍କ ସହଯୋଗରେ ସ୍ନିଗ୍ଧାଙ୍କୁ ନଦୀରୁ ଉଦ୍ଧାର କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ନଥିବାରୁ ତାଙ୍କୁ ଗୋବିନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ଖବର ଶେଷ ସୁଦ୍ଧା ସେ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଗୋବିନ୍ଦପୁର ସେତୁ ଉପରୁ ଉକ୍ତ ମହିଳା ନଦୀକୁ ଡେଇଁ ଥିବା ନେଇ ସାଧାରଣ ରେ ଚର୍ଚ୍ଚା ହେଉଛି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

■ ୩୭୭ଜଣ ଭିନ୍ନକ୍ଷମ ଚିହ୍ନଟ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ମୋଟ ୩୭୭ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଛି। ଅସ୍ତରଙ୍ଗ ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଧ୍ୟକ୍ଷା ଆରତୀ ନାଏକ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ବାରିକି ପ୍ରମୁଖ ଯୋଗଦେଇ ଥିଲେ। ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ଏହି ଶିବିର ଆୟୋଜନର ଆଭିମୁଖ୍ୟ ଓ ଉପାଦେୟତା ସମ୍ବନ୍ଧରେ ଉପସ୍ଥାପନା କରିବା ସହ ଶିବିରରେ ମୁଖ୍ୟତଃ ବିଭିନ୍ନ ପ୍ରକାର ଭିନ୍ନକ୍ଷମ ବ୍ୟକ୍ତିଙ୍କ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ବ୍ଲକ ଅଧ୍ୟକ୍ଷା ଆରତୀ ନାଏକ ଏହି ଯୋଜନାର ନାମ କରଣ ଯଥାର୍ଥତା ପ୍ରତିପାଦନ କରିବା ସହ ଇତିହାସ ପୃଷ୍ଠଭୂମି ସ୍ମୃତିଚାରଣ କରି ଏହି ଶିବିରର ପରିକଳ୍ପନା ସମ୍ପର୍କରେ ମତ ଦେଇଥିଲେ। ଶିବିରରେ ୩୭୭ବିଭିନ୍ନ ପ୍ରକାର ଭିନ୍ନକ୍ଷମ ନାମ ପଞ୍ଜିକରଣ କରିଥିଲେ। ଅସ୍ଥି ଶଲ୍ୟ ବିଭାଗ ବିଶେଷଜ୍ଞ ଡ଼ଃ ସୁଶୀଲ କୁମାର ନାୟକ, ଡ଼ଃ ଚନ୍ଦ୍ରଶେଖର ମହାପାତ୍ର, ଆଖି ବିଶେଷଜ୍ଞ ଡ଼ଃ ଜୋତ୍ସ୍ନା ରାଣୀ ତ୍ରିପାଠୀ, ଇଏନଟି ବିଶେଷଜ୍ଞ ରବୀନ୍ଦ୍ର ଗଡ଼ାଇ, ମେଡ଼ିସିନ ବିଶେଷଜ୍ଞ ଡ଼ଃ ଗିରିଶ ଚନ୍ଦ୍ର ବେହେରା, ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡ଼ଃ ସମ୍ବିତ ପାତ୍ର, ଡ଼ଃ ସୁବ୍ରତ କୁମାର ମହାପାତ୍ରଙ୍କ ସମେତ ଅନ୍ୟ ବିଶେଷଜ୍ଞମାନେ ଭିନ୍ନକ୍ଷମଙ୍କୁ ପରୀକ୍ଷା କରି ଚିହ୍ନଟ କରିଥିଲେ। ଶିବିରରେ ଅସ୍ଥି ଶଲ୍ୟରେ ୧୬୩ଜଣ, ଦୃଷ୍ଟି ବାଧିତରେ ୪୬ଜଣ,ମାନସିକ ଅନଗ୍ରସର ୭୨ଜଣ, ଇଏନଟିରେ ୬୪ଜଣ ଓ ଅନ୍ୟାନ୍ୟ ୩୨ଜଣ ଚିହ୍ନଟ କରାଯାଇଥିଲା। ଉକ୍ତ ଶିବିର ପରିଚାଳନାରେ ବ୍ଲକ କର୍ମଚାରୀ ମାନେ ସହଯୋଗ କରିଥିବା ବେଳେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ରାଜ କିଶୋର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ଶୁକ୍ରବାର ନମାଜପାଠ କରିବାକୁ ଯାଉଥିବା ଜଣେ ବାଇକ ଚାଳକଙ୍କର ଏକ ଟ୍ରାକ୍ଟର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ସଂଗ୍ରାମପୁର ଗ୍ରାମର ବ୍ୟବସାୟୀ ସେକ ଅନୱର ଅଲ୍ଲୀ(୬୦) ମଧ୍ୟାହ୍ନରେ ସ୍ଥାନୀୟ ମହମ୍ମଦପୁର ମସଜିଦରେ ନମାଜପାଠ କରିବା ନିମନ୍ତେ ଏକ ବାଇକ ଯୋଗେ ଯାଉଥିଲେ। ଏହି ସମୟରେ ନାହାଳପୁର ଠାରେ ଥିବା ଇଟା ଫାକ୍ଟ୍ରିରୁ ଏକ ଟ୍ରାକ୍ଟର ଇଟା ବୋଝେଇ କରି ଦ୍ରୁତ ଗତିରେ ବିଲହାଟ ଅଭିମୁଖେ ଆସୁଥିଲା। ବେପରୁଆ ଭାବେ ଓ ଦ୍ରୁତଗତିରେ ଗାଡି ଚାଳନା ହେତୁ ଟ୍ରାକ୍ଟରଟି ବାଇକ ଚାଳକକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଅନୱରଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣା ପ୍ରଚାରିତ ହେବା କ୍ଷଣି ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଭିଡ ଜମିବା ସହ ଉତେଜନା ପ୍ରକାଶ ପାଇଥିଲା। ତେବେ ଏହି ସମୟରେ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଥିଲେ।

# ଝାଡ଼ପଡା ବରିଷ୍ଠ ନାଗରିକ କଲ୍ୟାଣ ପରିଷଦର ୩ୟ ବାର୍ଷିକୋତ୍ସବ

ରଣପୁର(ଭାସ୍କର ନ୍ୟୁଜ): ରଣପୁର ବ୍ଲକ୍ ଝାଡ଼ପଡା ଦୁର୍ଗା ମଣ୍ଡପ ଠାରେ ଝାଡପଡା ବରିଷ୍ଠ ନାଗରିକ କଲ୍ୟାଣ ପରିଷଦର ୩ୟ ବାର୍ଷିକୋତ୍ସବ ପରିଷଦର ସଭାପତି ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ପୌରହିତ୍ୟରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହ ଅବସରରେ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ମହାସଚିବ ଶ୍ରୀଯୁକ୍ତ ରାଜକିଶୋର ସାମନ୍ତରାୟ ମୁଖ୍ୟବକ୍ତା, ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ର ମୁଖ୍ୟ ଅତିଥି , ଜଗନ୍ନାଥ ସଂସ୍କୃତି ଗବେଷକ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସମ୍ପର୍କୀତ ବହୁମୂଲ୍ୟ ଉପାଦେୟ ତଥ୍ୟ ଉପସ୍ଥାପନ କରି ଉପସ୍ଥିତ ବରିଷ୍ଠ ନାଗରିକଙ୍କ ହୃଦୟକୁ ଜିଣିଥିଲେ ।ଅନ୍ୟତମ ସମ୍ମାନିତ ଅତିଥି ମାନଙ୍କ ଭିତରେ ବିଜୟ କୁମାର ରାଉତ, ବାଳକୃଷ୍ଣ ମିଶ୍ର,ଡାକ୍ତର ମଧୁସୂଦନ ସେନାପତି, ସୁରେନ୍ଦ୍ର ରାଉତ, ଲିଙ୍ଗରାଜ ସାହୁ,ମନୋଜ ପାତ୍ର, ରମେଶ ରାଉତ, ରଘୁନାଥ ପରିଡା,ସରପଞ୍ଚ ସ ?ରୀବନ୍ଧୁ ସାହୁ, ଝାଡପଡା ଗ୍ରାମ ସଭାପତି ହରିବନ୍ଧୁ ଜଗଦେବ, ପ୍ରଫୁଲ୍ଲ ଭଟ୍ଟ, ଭାଗ୍ୟଧର ଦଳେଇ, ଜଗବନ୍ଧୁ ରାଉତ, ଦଣ୍ଡପାଣି ଜେନା, ଦୁଃଖିଶ୍ୟାମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶୈଳବାଳା ଦେଇଙ୍କୁ ସମାଜ ସେବାପାଇଁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବର୍ତ୍ତମାନ ସମୟରେ ସମାଜର ଅବହେଳିତ ବୃଦ୍ଧ ପିତମାତା ମାନଙ୍କର ସେବାପାଇଁ ଉଦବେଗ ପ୍ରକାଶ କରି ଯୁବଗୋଷ୍ଠୀ ସହଯୋଗ କରିବା ନିମନ୍ତେ ସଭିମଞ୍ଚରେ ଉପସ୍ଥିତ ସବୁ ଅତିଥିମାନେ ମତ ପୋଷଣ କରିଥିଲେ। ଅବସରପ୍ରାପ୍ତ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରିଯୁକ୍ତ ରବୀନ୍ଦ୍ର କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବରିଷ୍ଠ ନାଗରିକ କଲ୍ୟାଣ ପରିଷଦର ସଭାପତି ଭାସ୍କର ଚନ୍ଦ୍ର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ତାଳପଦା ପଞ୍ଚାୟତସ୍ଥିତ କାଉକବି ପାଠାଗାର ପରିସରରେ ଶୁକ୍ରବାର ଅକ୍ଷିମୁନି ଆଗ୍ରୋ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ ପକ୍ଷରୁ କୃଷି ଦକ୍ଷତା ବିକାଶ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମ୍ପାନୀର ନିର୍ଦ୍ଦେଶକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସମିତିସଭ୍ୟ ତଥା ଆଇନଜୀବୀ ଚିତ୍ତରଂଜନ ଦାସ ଯୋଗଦେଇ କୃଷକମାନଙ୍କର ଦକ୍ଷତା ବୃଦ୍ଧି ହେଲେ କୃଷିର ବିକାଶ ହେବା ସଙ୍ଗେସଙ୍ଗେ ସେମାନଙ୍କର ଆର୍ଥିକ ମେରୁଦଣ୍ଡ ସୁଦୃଢ଼ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବ୍ଲକ କୃଷି ଅଧିକାରୀ ରଘୁନାଥ ପତି ଯୋଗଦେଇ ଧାନଚାଷ ସହିତ ରବିଜାତୀୟ ଫସଲ ଓ କୃଷକମାନେ ପନିପରିବା ଚାଷକରି ନିଜର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଗ୍ରାମ୍ୟ କୃଷି କର୍ମଚାରୀ ଆଲୋକ କୁମାର ମଲ୍ଲିକ, ନାଟ୍ୟକାର କୃପାସିନ୍ଧୁ ଖୁଣ୍ଟିଆ ଓ ବିଶ୍ୱରଂଜନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସମିତିସଭ୍ୟ ହରିଶ୍ଚନ୍ଦ୍ର ମିଶ୍ର, କୃଷକସାଥୀ ପ୍ରତାପ ଚନ୍ଦ୍ର ନାୟକ, ଦେବିଦାସ ସେଠୀ, ଜଗବନ୍ଧୁ ମିଶ୍ର, ନିରୁପମା ରାୟମହାପାତ୍ର, ରମେଶ ମହାପାତ୍ର, ପ୍ରିୟମ୍ବଦା ପତି, ହରିହର ବାରିକ, ଜଗବନ୍ଧୁ ନାୟକ, ସୋମନାଥ ଶୁକ୍ଳ, ସେଫଟା ପଣ୍ଡା, ଗୌରହରି ଜେନା, ମଦନମୋହନ ପଣ୍ଡା, ମାନସ କୁମାର ନାୟକ, ପ୍ରଫୁଲ୍ଲ ସାହୁ, ବିକାଶ ମହାପାତ୍ର, ନାରାୟଣ ମହାନ୍ତି, ସରୋଜ ତ୍ରିପାଠୀ, ପୀତବାସ ପୁହାଣ, ଜୟଶ୍ରୀ ଜେନା, ଚନ୍ଦ୍ରକାନ୍ତ ମିଶ୍ର ପ୍ରମୁଖଙ୍କ ସମେତ ବହୁ ଚାଷୀ କର୍ମଶାଳାରେ ଉପସ୍ଥିତ ଥିଲେ।

## ତହସିଲ ସ୍ଥାପନ ଉଦ୍ଦେଶ୍ୟରେ କ୍ରିୟାନୁଷ୍ଠାନ କମିଟି ଗଠିତ



କୋଷାଗୁମୁଡ଼ା, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ବ୍ଲକ୍ ଏକ ସର୍ବ ବୃହତ ବ୍ଲକ୍ ହୋଇଥିବା ବେଳେ ସର୍ବମୋଟ ୨୬ଗୋଟି ପଞ୍ଚାୟତକୁ ନେଇ ବ୍ଲକଟି ଗଠିତ। କୋଷାଗୁମୁଡ଼ା ବ୍ଲକର ୨୬ଗୋଟି ପଞ୍ଚାୟତର ଜନସାଧାରଣ ସମସ୍ତ କାର୍ଯ୍ୟ ପାଇଁ କୋଷାଗୁମୁଡ଼ା ଉପରେ ନିର୍ଭର କରି ଆସୁଥିବା ବେଳେ ତହସିଲ କାର୍ଯ୍ୟ ପାଇଁ କିନ୍ତୁ କୋଡ଼ିଙ୍ଗା ପଞ୍ଚାୟତ ସଦର ମହକୁମା ଉପରେ ନିର୍ଭର କରିବାକୁ ପଡୁଛି। ବ୍ଲକ୍ କାର୍ଯ୍ୟାଳୟ, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ସମସ୍ତ କାର୍ଯ୍ୟାଳୟ ଗୁଡ଼ିକ ବ୍ଲକ୍ ସଦର ମହକୁମାରେ ଅବସ୍ଥିତ ହୋଇଥିବା ବେଳେ ତହସିଲ କାର୍ଯ୍ୟାଳୟ କିନ୍ତୁ କୋଡ଼ିଙ୍ଗା ପଞ୍ଚାୟତ ସଦର ମହକୁମାରେ ସ୍ଥାପିତ ହୋଇଛି। ଫଳରେ ବ୍ଲକ୍‌ର ପଚାଶ ପ୍ରତିଶତ ଜନସାଧାରଣ ସଠିକ ସମୟରେ ତହସିଲ ସେବାରୁ ବଞ୍ଚିତ ରହୁଥିବା ଅଭିଯୋଗ ହେଉଛି। ପ୍ରାୟ ପଞ୍ଚାୟତ ମାନଙ୍କ ଠାରୁ ତହସିଲ କାର୍ଯ୍ୟାଳୟର ଦୂରତା ୩୦ରୁ ୩୫କିଲୋମିଟର ଦୂର ହେଉଥିବାରୁ ଅନେକ ସମୟରେ ଗମନାଗମନ ତଥା ଯାନବାହାନ ନମିଳିବା ଯୋଗୁଁ ଲୋକେ ସଠିକ୍ ସମୟରେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ପାରୁନାହାନ୍ତି ଓ ବିଭିନ୍ନ ସେବାରୁ ବଞ୍ଚିତ ରହୁଛନ୍ତି। ତେଣୁ କୋଷାଗୁମୁଡ଼ା ଠାରେ ତହସିଲ କାର୍ଯ୍ୟାଳୟ ସ୍ଥାପନ କରିବା ନିମନ୍ତେ ଆଜି କୋଷାଗୁମୁଡ଼ା ତଥା ଆଖପାଖ ପଞ୍ଚାୟତର ବୁଦ୍ଧିଜୀବୀ, ଜନ ପ୍ରତିନିଧି, ସମାଜସେବୀ, ଭଦ୍ର ବ୍ୟକ୍ତି ଓ ଜନସାଧାରଣ ଏକ ବୈଠକ କରି ଏ ବିଷୟରେ ଆଲୋଚନା କରିବା ସହ କୋଷାଗୁମୁଡ଼ା କ୍ରିୟାନୁଷ୍ଠାନ କମିଟି ନାମରେ ଏକ କମିଟି ଗଠନ କରିଥିବା ସୂଚନା ମିଳିଛି। ଏହି କମିଟି ଆଗାମୀ ଦିନରେ କୋଷାଗୁମୁଡ଼ାଠାରେ ତହସିଲ ସ୍ଥାପନ ପାଇଁ ସରକାରଙ୍କ ଠାରେ ଦାବୀ କରିବା ସହିତ ସ୍ଥାନୀୟ ଜନସାଧାରଣଙ୍କ ସମସ୍ୟା ଗୁଡ଼ିକ ଉପସ୍ଥାପନା କରିବ ବୋଲି ସୂଚନା ମିଳିଛି। ତେବେ ଆଜିର ଏହି ବୈଠକରେ ଉପସ୍ଥିତ ଜନସାଧାରଣ ସଭାପତି ଭାବେ ହରିବନ୍ଧୁ ମାଝୀ, ଉପ ସଭାପତି ଭାବେ ସହଦେବ ପରିଡ଼ା, ସମ୍ପାଦକ ଭାବେ ସୁରେଶ କୁମାର ପାତ୍ର, କୋଷାଧକ୍ଷ ଭାବେ ଲକ୍ଷ୍ମଣ ପୂଜାରୀଙ୍କୁ ଚୟନ କରିଥିବା ବେଳେ କମିଟିର ଉପଦେଷ୍ଟାମାନଙ୍କ ମଧ୍ୟରେ କୈଳାଶ ନାୟକ, କୃଷ୍ଣଚନ୍ଦ୍ର ସାହୁ ଓ ମଧୁସୁଦନ ଭତରାଙ୍କୁ ଚୟନ କରିଥିବା ବେଳେ କମିଟିର ସଭ୍ୟ ଭାବେ ସେନାପତି ବିଶୋଇ, ଗୋବର୍ଦ୍ଧନ ଗୌଡ଼, ଚିତ୍ରସେନ ନାୟକ, ଭୁବନେଶ୍ୱର ନାୟକ ଓ ଦେବାନନ୍ଦ ପଟ୍ଟନାୟକଙ୍କୁ ଚୟନ କରିଥିବା ସୂଚନା ମିଳିଛି।

## ଭାଜପା ପାଳିବ 'ସେବା ପକ୍ଷ'



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍):- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନକୁ'ସେବା ପକ୍ଷ' ଭାବେ ପାଳନ କରିବ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅଞ୍ଚଳରେ ଭାଜପା। ପ୍ରଧାନମନ୍ତ୍ରୀ ଜନ୍ମଦିନ ୧୭ସେପ୍ଟେମ୍ବର ପଡୁଛି। ତେଣୁ ଭାଜପା ପକ୍ଷରୁ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ 'ସେବା ପକ୍ଷ' ପାଳନ କରାଯିବ ବୋଲି ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ୍ ପ୍ରତିନିଧି ଦିବାକର ଛାଟୋଇ ସୂଚନା ଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅସ୍ତରଙ୍ଗ ମଣ୍ଡଳ ତରଫରୁ ଅସ୍ତରଙ୍ଗ ସବୁଜ ଶାଖା ପରିସରରେ ଅତିଥି ଭାବେ ପୁରୀ ଜିଲ୍ଲା ଉପସଭାପତି ରତିକାନ୍ତ ବେହେରା, ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ୍ ପ୍ରତିନିଧି ଦିବାକର ଛାଟୋଇ, ଅସ୍ତରଙ୍ଗ ଏକ ନମ୍ବର ମଣ୍ଡଳର ସଭାପତି ଇନ୍ଦ୍ରମଣି ଜେନା ପ୍ରମୁଖ ଉପସ୍ଥିତ ଥିବା ବେଳେ ଅସ୍ତରଙ୍ଗ ବ୍ଲକ୍ ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଭାଜପା କର୍ମୀ ମାନେ ବୈଠକରେ ଉପସ୍ଥିତ ଥିଲେ। ଭାଜପା କର୍ମୀ ଓ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତତ ଜନପ୍ରତିନିଧି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେବେ। ବିଭିନ୍ନସ୍ଥାନରେ ଯେପରିକି ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଚକ୍ଷୁ ପରୀକ୍ଷା, ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହା ସହ ହସ୍ପିଟାଲରେ ଫଳ ବଣ୍ଟନ କରାଯିବ। ଦିବ୍ୟାଙ୍ଗମାନଙ୍କ ଶିକ୍ଷା ଏବଂ ପାଳନ ପୋଷଣ ପାଇଁ ବିଭିନ୍ନ ସାମାଜିକ ସଂଗଠନ ଗୁଡ଼ିକ ସହିତ ସହଭାଗିତାରେ ସେବା କାର୍ଯ୍ୟ କରାଯିବ। ପ୍ରଧାନମନ୍ତ୍ରୀ 'ସିଙ୍ଗଲ ୟୁଜ ପ୍ଲାଷ୍ଟିକ' ତଥା ପ୍ଲାଷ୍ଟିକ୍ ମୁକ୍ତ ଭାରତ ପାଇଁ ଯେଉଁ କଳ୍ପନା କରିଛନ୍ତି, ତାହାକୁ ସାକାର କରିବା ପାଇଁ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତା ଶପଥ ନେବେ। ଏହି ପରିପ୍ରେକ୍ଷୀରେ ଭାଜପା କାର୍ଯ୍ୟକର୍ତ୍ତାମାନେ ନିଜ ଅଞ୍ଚଳର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କୁ ପ୍ଲାଷ୍ଟିକ୍ ବସ୍ତୁ ବର୍ଜନ କରିବା ଏବଂ ଜଳ ସଂରକ୍ଷଣ ପାଇଁ ସଚେତନ କରାଇବେ। ପ୍ରତ୍ୟେକ ସାର୍ବଜନିନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରାଯିବ। ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ବୃକ୍ଷରୋପଣ କରାଯିବ। ଦଳର ପଦାଧିକାରୀ ମୁଖ୍ୟତଃ ଏହି ସବୁର ପ୍ରମୁଖ ଦାୟିତ୍ୱ ତୁଲାଇବେ ବୋଲି ମଣ୍ଡଳ ୧ସଭାପତି ଇନ୍ଦ୍ରମଣି ଜେନା ମତ ଦେଇଥିଲେ।

## କିଡ୍‌ନୀ ପୀଡିତଙ୍କୁ 'ଭରସା' ପରିବାର ଟ୍ରଷ୍ଟର ସହାୟତା



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟର ବେଡ୍ ନଂ-୪୮ରେ ଗୁରୁତର କିଡ୍‌ନୀ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିବା କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ଡାଙ୍ଗୁଆ ପଶି ଗ୍ରାମର ଭୋଳାନାଥ ନାୟକଙ୍କ ଜରୁରୀ ଆବଶ୍ୟକତା ପାଇଁ ଭରସା ପରିବାରର ସକ୍ରିୟ ସଦସ୍ୟ ବିଦ୍ୟାଧର ମହାନ୍ତଙ୍କୁ ରୋଗୀଙ୍କ ସଂପର୍କୀୟ ଚତୁର୍ଭୁଜ ନାୟକ ଅନୁରୋଧ କରିଥିଲେ। ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭରସା ପରିବାର ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସଭାପତି ଲମ୍ବୋଦର ମହାନ୍ତଙ୍କୁ ସେ ତୁରନ୍ତ ଖବର ଦେଇଥିଲେ।ଲମ୍ବୋଦର ମହାନ୍ତଙ୍କ ପରାମର୍ଶକ୍ରମେ ରକ୍ତଦାତା ସଂଯୋଜକ ସେକ୍ ତହିଦ୍ ସଙ୍ଗେ ସଙ୍ଗେ ରକ୍ତ ଯୋଗାଡ଼ ପାଇଁ ଲାଗିପଡ଼ିଥିଲେ । ଶେଷରେ ବହୁ ଚେଷ୍ଟା ପରେ ସୁଦୂର ବିହାର ରାଜ୍ୟର ଆଝାର୍ ହୁସେନ୍ ନାମକ ଜଣେ ଯୁବକ କେନ୍ଦୁଝର ରକ୍ତଭଣ୍ଡାରରେ ପହଞ୍ଚି ସ୍ୱେଚ୍ଛାକୃତ ରକ୍ତ ଦାନ କରିଥିଲେ। ତାଙ୍କୁ ଉତ୍ସାହିତ କରିବାପାଇଁ ଭରସା ପରିବାରର ସଭାପତି ଲମ୍ବୋଦର ମହାନ୍ତ, ରକ୍ତଦାତା ସଂଯୋଜକ ସେକ୍ ତହିଦ୍ ,ସକ୍ରିୟ ସଦସ୍ୟ ବିଦ୍ୟାଧର ମହାନ୍ତ , ମହମ୍ମଦ୍ ଓ୍ୱାସିମ୍ ରକ୍ତଭଣ୍ଡାରରେ ପହଞ୍ଚି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଟ୍ରଷ୍ଟ ପକ୍ଷରୁ ପ୍ରତ୍ୟେକ ଦିନ ୪ ରୁ ୫ ୟୁନିଟ ଜରୁରୀକାଳୀନ ରକ୍ତର ଆବଶ୍ୟକତା ପୂରଣ କରାଯାଇଥାଏ।

## ଦଶହରା ପାଇଁ ବୈଠକ



ପାପଡାହାଣ୍ଡି, (ଓଡିଶା ଭାସ୍କର): ଆଜି ପାପଡାହାଣ୍ଡି ବ୍ଲକ ସମ୍ମିଳନୀ କକ୍ଷଠାରେ ଆଗାମୀ ଦଶହରା ପାଇଁ ପୋଲିସ, ପ୍ରଶାସନ, ପୂଜା କମିଟି ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି, ପୂଜା କିଭଳି ସୁରୁଖୁରୁରେ ଶାନ୍ତିପୂର୍ଣ ଭାବେ ପାଳିତ ହେବ ସେଥିପାଇଁ ସ୍ଥାନୀୟ ପୂଜାକମିଟି ଏବଂ ପ୍ରସାଶନିକ ଅଧିକାରିଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ ଆଲୋଚନା ହୋଇଛି,ଏଥିରେ ମୁଖ୍ୟତଃ ଟ୍ରାଫିକ ନିୟନ୍ତ୍ରଣ, ପିଇବା ପାଣି, ବାଇପାସ ରାସ୍ତା ଶୀଘ୍ର ମରାମତି କରି ଭାରିଜାନ, ଗାଡି ଚଳାଚଳ ପାଇଁ ଉପଯୁକ୍ତ କରାଇବା, ସାହି ମାନଙ୍କରେ ଅନ୍ଧାରୁଆ ସ୍ଥାନରେ ଆଲୋକିତ କରିବା ସହିତ ଷଷ୍ଠିଠାରୁ ବିସର୍ଜନ ଦିନ ପର୍ଯ୍ୟନ୍ତ ପୂଜାରେ ପୋଲିସ ଫୋର୍ସ ମୃତୟନ କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା, ଆଜିର ବୈଠକ ପାପଡାହାଣ୍ଡି ଗୋଷ୍ଠି ଉନ୍ନୟନ ଅଧିକାରୀ କପିଳଦେବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ତହସିଲଦାର ତପନ ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସତ୍ୟଜିତ କଣ୍ଡାଂକେଲ, ଆଇଆଇସି ଦୀପକ କୁମାର ଜେନା,ଉପାଧ୍ଯକ୍ଷ ସୁଶାନ୍ତ କୁମାର ବେହେରା, ପାପଡାହାଣ୍ଡି ସରପଞ୍ଚ ଚନ୍ଦ୍ରଶେଖର ମାଝୀ, ସାର୍ବଜନୀନ ଦୁର୍ଗାପୂଜା କମିଟି ସଭାପତି ବି ଜଗନମୋହନ ରାଓ, ଦୁର୍ଗାପୂଜା କମିଟି ସଭାପତି ଜି ଅନନ୍ତ ମୂର୍ତ୍ତି, ସ୍ୱାଧୀନ ପଟ୍ଟନାୟକ, ଶଙ୍କର ବିଶୋଇ, ତ୍ରିନାଥ ପ୍ରଧାନ, ରାଜକିଶୋର ରାଓ, ଭି ଶ୍ରୀନିବାସ ରାଓ, ତରଣୀ କଶ୍ୟପ, ବି ସନ୍ତୋଷ ରାଓ, ହରି ପାଣିଗ୍ରାହୀ, ଏନ ସନ୍ତୋଷ ରାଓ, ସୂର୍ଯ୍ୟ ଭତରା, ଗୁପ୍ତ ଭତରା, ସ୍ୱାଧୀନ ମହାନ୍ତି, ଜି. ଆରିୟନ ରାଓ, ସାଧୁ ଭତରା, ହରି ରାଓ, ଆକାଶ ରାଓ, ସାଧୁ ଭତରା, ଗୁଲଟୁ ଭତରା, ପୁଷ୍ପ ପାତ୍ର, ରିଙ୍କୁ ଭତରା, ଜେଇ ରାସ୍ତା ବିଭାଗ, ଜେଇ ବିଦୁ୍ୟତ ବିଭାଗ, ଜେଇ ପାନୀୟ ଜଳ ଯୋଗାଣ ବିଭାଗଙ୍କ ସହିତ ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## ଯୌନ ନିର୍ଯାତନା ସମ୍ପର୍କିତ ସଚେତନତା ବୈଠକ




କରଞ୍ଜିଆ, (ଭାସ୍କର ନ୍ୟୁଜ୍): ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଦିନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ଯୌନ ନିର୍ଯାତନା ସମ୍ପର୍କିତ ଏକ ସଚେତନ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୁଖ୍ୟଙ୍କ ଦ୍ୱାରା ଗଠିତ ହୋଇଥିବା ସରକାରଙ୍କ ନିର୍ଦ୍ଦେଶାନାମା ଅନୁଯାଇ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇ ଥିଲେ । ଛାତ୍ରୀମାନେ ଯଦି କୌଣସି କ୍ଷେତ୍ରରେ ଶାରିରୀକ ଓ ମାନସିକ ନିର୍ଯାତନାର ଶିକାର ହୁଅନ୍ତି ଏହି ଆଭ୍ୟନ୍ତରୀଣ ଅଭିଯୋଗ କମିଟିକୁ ଲିଖିତ ଭାବରେ ଜଣାଇ ପାରିବା ସହିତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ନମ୍ବର ମାଧମରେ ସରକାରଙ୍କ ନିକଟରେ ଅଭିଯୋଗ କରିପାରିବେ ବୋଲି କମିଟିର ସଦସ୍ୟା ପଦାର୍ଥ ବିଜ୍ଞାନ ଅଧାପିକା ଅର୍ଚ୍ଚନା ମାଝୀ ସୁଚିତ କରିଥିଲେ। କମିଟିର ଅନ୍ୟ ସଦସ୍ୟାମାନେ ହେଲେ ସଂସ୍କୃତ ପିଜିଟି ଅଧାପିକା ଦେବଜାନୀ ନାଏକ, ଲେବ ଆସିଷ୍ଟାଣ୍ଟ ସ୍ମିତାମୟୀ ମହାନ୍ତ, କନିଷ୍ଠ କିରାଣି ନନ୍ଦିନୀ ସାହୁ , ଲାଇବ୍ରେରୀ ଆଟେଣ୍ଡାଣ୍ଟ ନନ୍ଦିନୀ ମହାନ୍ତ, ଛାତ୍ରୀ ପ୍ରତିନିଧି କଳା ବିଭାଗର ଜ୍ଞାନେଶ୍ୱରୀ ମୁଖାର୍ଜୀ, ବିଜ୍ଞାନ ବିଭାଗର ସୁଶ୍ରୀ ବିଶ୍ୱ ବନ୍ଦିତା ମୁଣ୍ଡା , ସାମାଜିକ କର୍ମୀ ଦମୟନ୍ତୀ ମହାନ୍ତ । ଏହି ସଚେତନତା କାର୍ଯ୍ୟକ୍ରମରେ ଅଭିଯୋଗ କମିଟିରର ସଦସ୍ୟାମାନେ ନିର୍ଯାତନାର ବିଭିନ୍ନ ଦିଗପ୍ରତି ଦୃଷ୍ଟି ଅକର୍ଷଣ କରାଇବା ସହିତ ଅନ୍ୟାୟ ଅଗରେ ମୁଣ୍ଡ ନ ନୁଆଁଇବା ପାଇଁ ଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇ ଥିଲେ । କାର୍ଯ୍ୟକ୍ରମ ଶେଷରେ ପଦାର୍ଥ ବିଜ୍ଞାନ ଅଧାପିକା ଅର୍ଚ୍ଚନା ମାଝୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଦାନୀ ଫାଉଣ୍ଡେସନ ପକ୍ଷରୁ ଉପ-କାରାଗାରରେ ସ୍ୱାସ୍ଥ୍ୟ ଶିବିର

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ଉପ-କାରାଗାର ଅନ୍ତେବାସୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସୁବିଧା ଯୋଗାଇବା ସହ ବ୍ୟକ୍ତିଗତ ସ୍ୱଚ୍ଛତାରେ ଉନ୍ନତି ଆଣିବା ଲକ୍ଷ ନେଇ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଉପ କାରାଗାର ପରିସରରେ ଆଜି ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏହି ଉପ କାରାଗାରରେ ରହୁଥିବା ପାଖାପାଖି ୧୦୮ ଜଣ ଅନ୍ତେବାସୀଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିକୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ଉପକାରାଗାର ସୁପେରିଟେଣ୍ଡେଣ୍ଟ ପ୍ରସନ୍ନ କୁମାର ସାହୁ, ଗୋପାଳପୁର ବନ୍ଦର ସିଏସଆର ମୁଖ୍ୟ ଦେବଦତ୍ତ ମିଶ୍ର ଉପସ୍ଥିତ ଥିଲେ। ବିଶେଷଜ୍ଞ ଏବଂ ସାଧାରଣ ଚିକିତ୍ସକ ବିଭାଗର ଦକ୍ଷ ଡାକ୍ତରଙ୍କ ଦ୍ୱାରା ବିଭିନ୍ନ ରୋଗର ନିରୂପଣ ଓ ପରାମର୍ଶ ଇତ୍ୟାଦି କରାଯିବା ସଙ୍ଗେ ସଙ୍ଗେ ଅନ୍ତେବାସୀଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରାଯାଇଥିଲା । ବିଶେଷକରି ମୌଳିକ ସ୍ୱାସ୍ଥ୍ୟ ସେବା ସହ ବ୍ୟକ୍ତିଗତ ସ୍ୱଚ୍ଛତାର ଅଭ୍ୟାସ କରିବା ବିଷୟରେ ପରାମର୍ଶ ଦିଆଯାଇଥିଲା।ଏହି ଉପ କାରାଗାରର ଅନ୍ତେବାସୀମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଉପ କାରାଗାର ପରିସରରେ ଏକ ୪୦ ଲିଟର କ୍ଷମତା ବିଶିଷ୍ଟ ଆରଓ ଫିଲ୍ଟର ମେଶିନ ସ୍ଥାପନା କରାଯାଇଛି। ଆଦାନୀ ଫାଉଣ୍ଡେସନ ଦ୍ୱାରା କରାଯାଇଥିବା ସାମାଜିକ ଦାଇତ୍ୱବୋଧ କାର୍ଯକ୍ରମକୁ ଛତ୍ରପୁର ଉପ କାରାଗାର ସୁପେରିଟେଣ୍ଡେଣ୍ଟ ସାହୁ ଉଚ୍ଚପ୍ରଶଂସା କରିଥିଲେ।

## ଶାରଦୀୟ ଦୁର୍ଗୋତ୍ସବ, ସୁନାବେଶରେ ଦର୍ଶନ ଦେବେ ମା' ପାର୍ବତୀ



ଢେଙ୍କାନାଳ, (ଭାସ୍କର ନ୍ୟୁଜ): ପ୍ରସିଦ୍ଧ ଶୈବପୀଠ କପିଳାସର ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜିଉଙ୍କ ବିଜେସ୍ଥଳୀ ବେଢ଼ା ପରିସରରେ ରହିଛି ମା ପାର୍ବତୀ ଦେବୀଙ୍କ ମନ୍ଦିର । କପିଳାସରେ ପାର୍ବତୀ ହେଉଛନ୍ତି ଜଗଦମ୍ବା ମହିଷାମର୍ଦ୍ଦିନୀ ଦେବୀ ଦୁର୍ଗା। ପୀଠର ପର୍ବପର୍ବାଣୀ ମଧ୍ୟରେ ଶରତକାଳୀନ ଦୁର୍ଗୋତ୍ସ୍ୱ ଏକ ବିଶେଷ ମହତ୍ତ୍ୱ ପ୍ରତିପାଦନ କରେ। ଦୁର୍ଗୋତ୍ସବର ଆଦ୍ୟପର୍ବ ହେଉଛି ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ ତିଥି । ଯାହା ମୂଳାଷ୍ଟମୀ ଭାବେ ପରିଚିତ । ମୂଳାଷ୍ଟମୀଠାରୁ ଦଶହରା ପଯନ୍ତ ମା ପାବତୀଙ୍କ ସ୍ୱତନ୍ତ୍ର ପର୍ବ ଏଠାରେ ପାଳନ କରାଯଏ । କପିଳାସ ପୀଠରେ ମୂଳାଷ୍ଟମୀ ତିଥି ଅର୍ଥାତ୍ ରବିବାରଠାରୁ ମା' ପାର୍ବତୀ ଦେବୀଙ୍କ ଷୋଡ଼ଶ ଉପଚାର ପୂଜାର୍ଚ୍ଚନା ପାଇଁ ସ୍ୱତନ୍ତ୍ର ଆୟୋଜନ କରାଯଇଛି। ଦେବୀ ଦୁର୍ଗାଙ୍କ ସହ ସହସ୍ରାକୁମ୍ଭାଷେକ ଓ ଦେବୀ ଉତ୍‌ଥାପନ ନୀତି ଅନୁଷ୍ଠିତ ହେବ। ସକାଳେ ଦ୍ୱାରଟି ନୀତି ଓ ମଙ୍ଗଳ ଆଳତୀ ପରେ ମା'ଙ୍କୁ ୧୦୦୮ କୁମ୍ଭ ଜଳରେ ମହାସ୍ନାନ କରାଯିବ। ପୂଜାରମ୍ଭ ହେବ। ଏହାପରେ ଘଟ ସ୍ଥାପନ, ଆବାହନ, ହୋମ ଯଜ୍ଞ, ଚଣ୍ଡୀପାଠ କରାଯଇ ମା' ଙ୍କ ନିକଟରେ ବିଭିନ୍ନ 'ଳ ସହ ମାଣ୍ଡୁଅ ଭୋଗ ଲାଗି କରଯିବ। ବର୍ଷର କୌଣସି ଦିନରେ ମାଣ୍ଡୁଅ ଭୋଗ ହୋଇନଥାଏ । କେବଳ ଶାରଦୀୟ ଦୁର୍ଗୋତ୍ସବରେ ଏହି ଭୋଗ ହୋଇଥାଏ। ଏହିପରି ପୂଜା ଷୋଳଦିନ ଧରି ଚାଲିବ। ଏଥିସହ ମା' ଙ୍କୁ ଷୋଡ଼ଶ ଦିନ ବ୍ୟାପି ବିଭିନ୍ନ ବେଶରେ ବିଭୂଷିତା କରାଯିବ। ଦଶହରା ଦିନ ଦେବୀଙ୍କର ଚଳନ୍ତି ପ୍ରତିମା ଶୋଭାଯତ୍ରାରେ କପିଳାସ ପାହାଡ଼ ପାଦଦେଶରେ ଥିବା ଦେଓଗାଁ ଯତ୍ରା ପଡ଼ିଆକୁ ବିଜେ କରିବେ। ସେଠାରେ ପାଇକ ଆଖଡ଼ା ଖେଳ ସହିତ ପାରମ୍ପରିକ ରୀତିରେ ଦଶହରା ପାଳନ କରାଯଏ। ଦୁର୍ଗାପୂଜା ସମୟରେ ମାଙ୍କର ସୁନାବେଶ ଅନୁଷ୍ଠିତ ହୁଏ। ଏଥିପାଇଁ ଢେଙ୍କାନାଳ ଟ୍ରେଜେରୀରୁ ପୁଲିସ୍ ବାହିନୀ ସୁରକ୍ଷାରେ ସୁନା ଅଳଙ୍କାର ପୀଠରେ ପହଞ୍ଚା ଯଇଛି। ଦେବୀ ଏହ ସମୟରେ ସ୍ୱର୍ଣ୍ଣ ନିର୍ମିତ ନୂପୁର, ତାଟଙ୍କ, ଚୂଡ଼ି, ବଳୟ, କଙ୍କଣ, କିରାଟୀ, ପଦ୍ମମାଳ ଆଦି ଆଦଦୂଷଣରେ ବିଭୂଷିତ ହୁଅନ୍ତି। ଇତିହାସରୁ ଜଣାଯାଏ, ୧୨୪୬ ଖ୍ରୀଷ୍ଟାବ୍ଦରେ ପୁରୀ ଗଜପତି ମହାରାଜ ଲାଙ୍ଗୁଳା ନରସିଂହ ଦେବଙ୍କ ସମୟରେ କପିଳାସ ପୀଠ ଶ୍ରୀଚନ୍ଦ୍ରଶେଖର ଜିଉଙ୍କ ବେଢ଼ା ସଂଲଗ୍ନରେ ପାର୍ବତୀ ଦେବୀଙ୍କ ମନ୍ଦିର ତିଆରି ହୋଇଛି। ଏହି ମନ୍ଦିରର ଆକୃତି ଯଦିଓ ଛୋଟ କିନ୍ତୁ କଳାମୁଗୁନି ପଥରେ ନିର୍ମିତ ମୂର୍ତ୍ତି ବେଶ କମନୀୟ । ସାଧାନ୍ତଣତଃ ମା' ଦୁର୍ଗା ଅଷ୍ଟଭୂଜା, ଦଶଭୂଜା ହୋଇ ମହିଷାମର୍ଦ୍ଦିନୀ ରୂପେ ବିଭିନ୍ନ ସ୍ଥାନରେ ପୂଜା ପାଉଥିବାବେଳେ କପିଳାସ ପୀଠରେ ଥିବା ମା' ଦୁର୍ଗାଙ୍କ ମୂର୍ତ୍ତି ଚତୁର୍ଭୂଜା। ମା' ଗୋଟିଏ ହସ୍ତରେ ଚକ୍ର ଧରିଥିବାବେଳେ ଅଉ ଦୁଇହସ୍ତରେ ତ୍ରିଶୂଳ ସାହାଯ୍ୟରେ ମହିଷାସୁରକୁ ବଦ୍ଧ କରୁଥିବାର ମୂର୍ତ୍ତି ନିର୍ମାଣ କରାଯାଇଛି। ମା'ଙ୍କୁ ସମ୍ପୂର୍ଣ୍ଣ ବସ୍ତ୍ର ପରିଧାନ କରି ରଖାଯଇଥୁବାରୁ ଏଠାରେ ମହିଷାସୁର ବଦ୍ଧ ଦୃଷ୍ଟିଗୋଚର ହୁଏନାହିଁ । କାରଣ ସମ୍ପୂର୍ଣ୍ଣ ଦୃଶ୍ୟ ବସ୍ତ୍ର ଦ୍ୱାରା ଆଚ୍ଛାଦିତ ହୋଇ ରହିଥାଏ। ତେଣୁ ଏହାକୁ ଅଧିକାଂଶ ପାର୍ବତୀ ଦେବୀ ବୋଲି କୁହନ୍ତି। କିନ୍ତୁ ବାସ୍ତବରେ ସପ୍ତସତୀ ଚଣ୍ଡୀରେ ବର୍ଣ୍ଣିତ ମା' ଦୁର୍ଗାଙ୍କର ସ୍ୱରୂପ ଭଳି ନିର୍ମାଣ କରାଯାଇଛି। ଶାରଦୀୟ ଦୁର୍ଗୋତ୍ସବ ପାଇଁ କପିଳାସ ପୀଠ ଉତ୍ସବ ମୁଖର ହୋଇଉଠିଛି। ନୀତିକାନ୍ତି ପରିଚୀଳନା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ଆବଶ୍ୟକ ସମସ୍ତ ସାମଗ୍ରୀ ଯୋଗାଇ ଦିଆଯାଇଛି। ରବି ବାରଠାରୁ ମା'ଙ୍କର ଷୋଳ ପୂଜାର ଶୁଭାରମ୍ଭ ହେବ। ପୂଜା ନୀତିକାନ୍ତି ପରିଚାଳନା ପାଇଁ ସେବାୟତମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯଇଛି। ସମୟ ଅନୁସାରେ ଓ ଶୃଙ୍ଖଳାର ସହ ପୂଜା କରିବା ପାଇଁ କୁହାଯାଇଛି। ଏଥୁପାଇଁ ଆବଶ୍ୟକ ସାମଗ୍ରୀ ମଧ୍ୟ ପୀଠରେ ପହଞ୍ଚାଯାଇଛି। ଦେବୋତ୍ତର ନିରୀକ୍ଷକ ଉପସ୍ଥିତ ରହି ନୀତିକାନ୍ତି ପରିଚାଳନା କରିବେ। ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

## ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ



ଭଦ୍ରକ (ଭାସ୍କର ନ୍ୟୁଜ): ୧୨୮୦ଟି ମୋକଦ୍ଦମା ଆପୋଷ ସମାଧାନ, ଭଦ୍ରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ ସେବା ପ୍ରାଧିକାରଣ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଆଇନ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିବାବେଳେ ଜିଲ୍ଲା ଆଇନ୍ ସେବା ପ୍ରାଧିକାରଣର ଭାରପ୍ରାପ୍ତ ସଚିବ ଶ୍ରୀମତୀ ଅରୋଲିପି ପରିଜା ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ। ମୋଟ ୫୦୪୪୩୮୧୨,୬୫ ଟଙ୍କାରେ ୧୨୮୦ ଟି ମୋକଦ୍ଦମାର ଆପୋଷ ସମାଧାନ ହୋଇଥିଲା । ସେଗୁଡିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବୁନାଲର ବିଚରାଧୀନ ଥିବା ୪୨ଟି ମାମଲାର ୩୧୭୨୧୭୦୦ ଟଙ୍କାରେ, ୪୫ଟି ଚେକ ବାଉନ୍ସ, ପୁନଃରୁଦ୍ଧାର ମାମଲା ୭୫୩୧୮୪୧ ଟଙ୍କାରେ, ୩୦ ଟି ବୈବାହିକ ବିବାଦ, ୫୯୨ ଟି ରାଜସ୍ୱ ମୋକଦ୍ଦମା, ୧୩୨୩୫୩ ଟଙ୍କାରେ, ୧୧୩ଟି ଅନ୍ୟାନ୍ୟ ଦେୱାନୀ ମାମଲା, ପ୍ରାକ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କ ର ୨୬୮ଟି ବ୍ୟାଙ୍କ ଋଣ ମାମଲା ୬୭୫୭୦୭୯ ଟଙ୍କାରେ ଭାରତ ସଂଚାର ନିଗମ ଲିମିଟେଡ଼ର ଟେଲିଫୋନେ ବିଲ ସମ୍ବନ୍ଧୟ ୧୧ ଟି ମାମଲା ୨୧୪୮୨ ଟଙ୍କାରେ, ବିଦ୍ୟୁତ୍ ବିଭାଗର ୫୭ଟି ମାମଲା ୧୨୦୫୦୦୦ ଟଙ୍କାରେ ଆପୋଷ ବୁଝା ମଣା ମାଧ୍ୟମରେ ସମାଧାନ କରା ଯାଇ ଅଛି ।

## ଗାଁ ସାଥି ସଙ୍ଘର ବିଡିଓଙ୍କୁ ଦାବିପତ୍ର

ନିଶ୍ଚିନ୍ତକୋଇଲ, (ଭାସ୍କର ନ୍ୟୁଜ୍): ବ୍ଲକ୍ ଗାଁ ସାଥି ସଙ୍ଘ ତରଫରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ଦିନ ହେଲା ଗାଁ ସାଥିମାନଙ୍କୁ ଉପେକ୍ଷା କରାଯାଉଥିବାର ଅଭିଯୋଗ ହୋଇଛି। ଏପରିକି ଗାଁ ସାଥି ମାନଙ୍କ ଅଗୋଚରରେ ଏକାଧିକ ସ୍ଥାନରେ ମନରେଗା ଯୋଜନାରେ କାର୍ଯ୍ୟ କରାଯାଉଥିବାର ନଜିର ରହିଛି। ଗାଁ ସାଥିଙ୍କ ଅଗୋଚରରେ କାର୍ଯ୍ୟାଦେଶ ଦିଆ ନଯିବା, ଏଗ୍ରିମେଣ୍ଟ କପି ଗାଁ ସାଥିଙ୍କୁ ପ୍ରଦାନ କରାଯିବା ଓ ଗାଁ ସାଥିଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରାଯିବା ପ୍ରଭୃତି ଦାବି ନେଇ ସଙ୍ଘ ତରଫରୁ କବିତା ଭଞ୍ଜ, ଗଣେଶ୍ୱର ବେହେରା, ବିଜୟ କୁମାର ବେହେରା ,ଶରତ କୁମାର ଜେନା ପ୍ରମୁଖ କାର୍ଯ୍ୟକର୍ତାମାନେ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ସାକ୍ଷାତ କରି ଦାବିପତ୍ର ଦେବା ସହ ଗାଁସାଥିଙ୍କ ସମସ୍ୟା ସମାଧାନ କରିବା ନିମନ୍ତେ ଦାବି କରିଥିଲେ।

## ମହିଳାଙ୍କ ଆତ୍ମହତ୍ୟା

ଆଳି, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଧୀନ ଅଟାଳ ଗ୍ରାମର ଜଣେ ମହିଳା ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ମହିଳା ଙ୍କ ଭାଇ ଆଳି ଥାନା ରେ ଲିଖିତ ସୂଚନା ଦେଇଛନ୍ତି କ୍ଷ ସୂଚନା ରୁ ପ୍ରକାଶ ଆଳି ଥାନା ଅନ୍ତର୍ଗତ ଅଟାଳ ଗ୍ରାମର ସଞ୍ଜୟ ଦାସ ଙ୍କ ପତ୍ନୀ ରୀନାରାଣୀ ଦୀର୍ଘଦିନ ହେବ ପେଟ ଯନ୍ତ୍ରଣା ରୋଗ ରେ ପୀଡିତ ଥିଲେ କ୍ଷ ଆଜି ସକାଳେ ଘରେ କେହି ନ ଥିବା ବେଳେ ରୀନାରାଣୀ ପେଟ ଯନ୍ତ୍ରଣା ସହି ନ ପାରି ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ରୀନାରାଣୀ ଙ୍କ ଭାଇ ଗୋବିନ୍ଦ ପରିଡ଼ା ଆଳି ଥାନା ରେ ଏକ ଏତଲା ଦେଇଛନ୍ତି କ୍ଷ ଏତଲା ଆଧାର ରେ ଆଳି ପୋଲିସ ଶବ କୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲା ।

## ଚାଷୀଙ୍କ ସାର ଓ ରାସନ୍ କାର୍ଡ ସମସ୍ୟା ନେଇ ଜିଲ୍ଲା ପ୍ରଶାସନଙ୍କ ସହ ଆଲୋଚନା

ଆସିକା, (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଆସିକା ଗ୍ରସ୍ତରେ କରି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜିଲ୍ଲାପ୍ରଶାସନଙ୍କ ସହ ଚାଷୀମାନଙ୍କ ପାଇଁ ସାର ଓ ରାସନ୍ କାର୍ଡ ସମସ୍ୟା ନେଇ ଆଲୋଚନା କରିଛନ୍ତି। ଚାଷୀମାନଙ୍କୁ କିଭଳି ଆବଶ୍ୟକ ଅନୁଯାୟୀ ସାର ଯୋଗାଇ ଦିଆଯିବ ସେ ନେଇ ଯୋଗାଣ ମନ୍ତ୍ରୀ ଆସିକା ରାଜସ୍ୱ ଡ଼ାକ ବଙ୍ଗଳାଠାରେ ଜିଲ୍ଲା ପ୍ରଶାସନଙ୍କ ସହ ବୈଠକ କରି ଆଲୋଚନା କରିଛନ୍ତ। ବୈଠକପରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରତିକ୍ରିୟା ରଖି କହିଛନ୍ତି ଯେ ଗଞ୍ଜାମ ଜିଲ୍ଲା ଚାଷୀମାନଙ୍କ ସାର ସମସ୍ୟାର ତୁରନ୍ତ ସମାଧାନ ହେବା ସହ ବାକି ରହିଯାଇଥିବା ହିତାଧିକାରୀଙ୍କୁ ନୂଆ ରାସନ୍ କାର୍ଡ ଶୀଘ୍ର ପ୍ରଦାନ କରାଯିବ। ଆସନ୍ତା କାଲି ଆସିକା ସମସ୍ତ ଅଞ୍ଚଳରେ ସାର ପହଞ୍ଚିବା ନେଇ ପ୍ରତିଶ୍ରୁତି ମଧ୍ୟ ରଖିଛନ୍ତି। ତେବେ ଏହି ବୈଠକରେ ଆସିକା ବିଧାୟକ ସରୋଜ ପାଢ଼ୀ, ସାଂସଦ ଅନିତା ଶୁଭଦର୍ଶନୀ ଓ ବିଭିନ୍ନ ନିର୍ବାଚନ ମଣ୍ଡଳୀର ବିଧାୟକ, ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଆସିକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲିପିନା ଦାସ, ତହସିଲଦାର ସଙ୍ଗୀତା ସେନ ପ୍ରମୁଖ ଯୋଗ ଦେଇଥିବାବେଳେ ବିଧାୟକ ପ୍ରତିନିଧି ସଙ୍ଗିତ ପାଢ଼ୀ, ସଂଦିପ ପାଢ଼ୀ, ବିଜେପି ଜିଲ୍ଲା ସଭାପତି ବିଜୟ ସ୍ୱାଇଁ ବ୍ଲକ୍ ସଭାପତି ବିଜୟ ସ୍ୱାଇଁ, ସମାଜ ସେବୀ ତଥା ବରିଷ୍ଠ ବିଜେପି ନେତା ଭଗବାନ ସାହୁ,ନଗର ସଭାପତି ଭିକି ପାତ୍ର, ଆସିକା ଓ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବ୍ଲକ୍‌ର ସରପଞ୍ଚ ,ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟା ଓ ପ୍ରତିନିଧି ସହ ବହୁ ଦଳୀୟ ଛାମୁଆଁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଭୀମଭୋଇ ସାମର୍ଥ୍ୟ ଶିବିର ଆୟୋଜିତ



ଢେଙ୍କାନାଳ,(ଭାସ୍କର ନ୍ୟୁଜ): ଜିଲ୍ଲା ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଆଜି ଗଁଦିଆ ବ୍ଲକ ସଭାଗୃହ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାର ବିଭିନ୍ନ ପ୍ରକାରର ଯୋଜନା କରିଛନ୍ତି । ଏହି ଯୋଜନା ସେମାନଙ୍କୁ ସହାୟତା ପ୍ରଦାନ କରାଯାଉଛି। ଗଁଦିଆ ବ୍ଲକର ୨୯ଟି ପଞ୍ଚାୟତରୁ ବିଭିନ୍ନ ସ୍ଥାନରୁ ଭିନ୍ନକ୍ଷମ ମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ସାର୍ଟିଫିକେଟ୍ ପାଇଁ ଆବେଦନ କରାଯାଇଥିଲା। ଶତାଧିକ ଭିନ୍ନକ୍ଷମମାନେ ଆସି ଏହି ଶିବିରରେ ଯୋଗଦେଇଥିଲେ। ଏହି ଶିବିରରେ ମୋଟ ୪୧୮ଜଣ ହିତାଧିକାରୀ ସେମାନଙ୍କର ନାମ ପଞ୍ଜିକାରଣ କରିଥିଲେ। ସେଥିମଧ୍ୟରୁ ମାନସିକ ଅନଗ୍ରସର ବିଭାଗରେ ୬୬ଜଣ , ଅସ୍ତି ଶଲ୍ୟ ବିଭାଗର ୯୨ଜଣ ,ଦ୍ରୁଷ୍ଟି ଶକ୍ତି ବିଭାଗର ୭୧ଜଣ ,ଶ୍ରବଣ ବିଭାଗର ୪୪ଜଣ ମେଡିସିନ ବିଭାଗର ୪୨ଜଣ ଅଶେଷମେଣ୍ଟ କରାଯାଇଛି । ଏହି ଶିବିରରେ ସମସ୍ତ ବିଭାଗର ଚିକିତ୍ସକମାନେ ଯୋଗଦାନ କରିବା ସହ ଭିନ୍ନକ୍ଷମମାନଙ୍କୁ ପରୀକ୍ଷା ନିରୀକ୍ଷା କରିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ବ୍ଲକ୍ ପ୍ରତିନିଧି ତଥା ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ, ବ୍ଲକ ରିନାରାଣୀ ଖଟୁଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏସ. ନୈବେଦ୍ୟ , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ କୁମାର ସ୍ୱାଇଁ ,ଏଡିଓ ଦୀପକ ନାୟକ, ଡିପିଏ.ଦିବ୍ୟରଞ୍ଜନ ମହାନ୍ତି ଓ କୋଡିନେଟର ଶୁଭଶିଷ ମହାପାତ୍ର, ଗୋଷ୍ଠି ସାମାଜିକ ଅଧିକାରୀ ସମ୍ବିତୀ ସାମଲ, ବୀପିଏ ଲୀନା ରାଣୀ ସ୍ୱାଇଁ ଓ ସମସ୍ତ ବ୍ଲକ୍ କର୍ମଚାରୀଙ୍କ ଉପସ୍ଥିତରେ ପ୍ରଦିପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଆସିଥିବା ସମସ୍ତ ଦିବ୍ୟାଙ୍ଗ, ବିକଳାଙ୍ଗ,ବୟସ୍କ ବ୍ୟକ୍ତି ବିଶେଷ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯିବା ସହିତ ପାନୀୟ ଜଳ, ମ୍ଧାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା।

## ରାଜପଥ ସମ୍ପ୍ରସାରଣ ପାଇଁ ଜବରଦଖଲ ଉଚ୍ଛେଦ

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ପାରାଦୀପଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ୫୩ ନମ୍ବର୍ ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଆବଶ୍ୟକ ହେଉଥିବା ସ୍ଥାନ ଗୁଡ଼ିକୁ ଜବର ଦଖଲ କରିଥିବା ବ୍ୟବସାୟୀମାନଙ୍କ ଘରକୁ ଶନିବାର ଦର୍ପଣ ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଜବର ଦାଖଲ ଜାଗା ଗୁଡ଼ିକୁ ଯେସିବି ମେସିନ ଲଗାଇ ଭଙ୍ଗା ଯାଇଥିବା ଦେଖିବାକୁ ମିଳିଛି। ପୂର୍ବରୁ ଜବରଦଖଲ କକ୍ଷରି ମାନଙ୍କୁ ୭ ଦିନ ସମୟ ଦିଆ ଯାଇଥିଲା। ଉଚ୍ଛେଦ ସମୟରେ ଦର୍ପଣ ଅତିରିକ୍ତ ତହସିଲ ଦାର ବିରଜା ପ୍ରସନ୍ନ ରାୟ, ବଡ଼ଚଣା ଥାନା ଅଧିକାରୀ ସୁରେନ୍ଦ୍ର କୁମାର ଜେନା, ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଶ୍ରୀନିବାସ ପାଙ୍ଗାରିଙ୍କ ସହ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ଶିବିର ଉଦ୍‌ଘାଟିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ): ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମରେ କଳାହାଣ୍ଡି ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏନଏସଏସ ବ୍ୟୁରୋ ପକ୍ଷରୁ ତିନିଦିନିଆ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ଶିବିର ଶନିବାର ଦିନ ଏକ ଚିତ୍ତାକର୍ଷକ ପରିବେଶ ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଯୁବସଂସ୍କାର ଅଡିଟୋରିୟମ ଠାରେ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କଳାହାଣ୍ଡିର ଅତିରିକ୍ତ ପୋଲିସ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥିଭାବେ ଏନସିସି ୧୩ ବାଟାଲିୟନ କମାଣ୍ଡିଙ୍ଗ ଅଫିସର ସୁନୀଲ କୁମାର, ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ. ଜଗଦେବ ସାହୁ, ବିଶ୍ୱବିଦ୍ୟାଳୟର ଏନଏସଏସ କୋଅର୍ଡିନେଟର ଚିତ୍ତରଞ୍ଜନ ଖୁଣ୍ଟିଆ, ଜିଲ୍ଲା ଏନଏସଏସ ଅଧିକାରୀ ପ୍ରିୟବ୍ରତ ବାଣ୍ଡିଆ, ଏନଏସଏସ ପ୍ରୋଗ୍ରାମ ଅଫିସର ପ୍ରିୟରଞ୍ଜନ ବେହେରା, ଏନଏସଏସ ପ୍ରୋଗ୍ରାମ ଅଫିସର ଜୟନ୍ତ ଦଣ୍ଡସେନା ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ ଅଫିସରମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଏନଏସଏସ ପ୍ରୋଗ୍ରାମ ଅଫିସର ପ୍ରିୟରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ସୋମବାର ପର୍ଯ୍ୟନ୍ତ ଚାଲିବ। ଏହି ଶିବିରରେ କଳାହାଣ୍ଡି ଜିଲ୍ଲାର ୨୭ ଟି ମହାବିଦ୍ୟାଳୟର ଏନଏସଏସ ସ୍ୱେଚ୍ଛାସେବୀ ମାନେ ଯୋଗଦେଇଛନ୍ତି ବୋଲି ଏନଏସଏସ କୋଅର୍ଡିନେଟର ଚିତ୍ତରଞ୍ଜନ ଖୁଣ୍ଟିଆ କହିଛନ୍ତି।

## ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କଲେ ଧର୍ମଗଡ଼ ବିଧାୟକ



କୋକସରା/ଧର୍ମଗଡ,(ଭାସ୍କର ନ୍ୟୁଜ): କୋକସରା ବ୍ଲକ କ୍ଷୁଦ୍ର ଜଳସେଚନ ବିଭାଗର ବିଭିନ୍ନ ଜଳସେଚନ ପ୍ରକଳ୍ପ ଶୁକ୍ରବାର ପରିଦର୍ଶନ କରିଛନ୍ତି ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ। ପ୍ରଥମେ ସେ ଗୋଡମୁଣ୍ଡା ପଞ୍ଚାୟତରେ ଥିବା ଅଠରନାଳା, ପିପିଲ ଝାପର ନିକଟରେ ଥିବା ପେନଖାଲ ନାଳା, ବଡ ଚୋର, ଡୁଙ୍ଗୁରାଠେଙ୍ଗା ପଞ୍ଚାୟତରେ ଥିବା କ୍ଷୁଦ୍ର ଜଳସେଚନର ଫ୍ଲ ବୃହତ ପ୍ରକଳ୍ପ ବେହେରା ଡ୍ୟାମ, ସର୍ଗିଗୁଡା ଜଗାଖାଲିଆ ଚେକ ଡ୍ୟାମ, ଆମପାଣି ପଞ୍ଚାୟତ କନ୍ଦାଗଡ଼ ନିକଟରେ ଥିବା ମୋଟୋସିଲ ଚେକଡ୍ୟାମ, କରକ ନାଳା ଚେକ ଡ୍ୟାମ ପରିଦର୍ଶନ କରିବା ସହ ଏହି ସବୁ ପ୍ରକଳ୍ପରେ ଚାଷିଙ୍କ ପାଇଁ ଜଳସେଚନରେ ରହିଥିବା ସମସ୍ୟା ନେଇ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ସହ ଆଲୋଚନା କରିବା ସହ ଉପସ୍ଥିତ କ୍ଷୁଦ୍ର ଜଳସେଚନର ନିର୍ବାହୀ ଯନ୍ତ୍ରୀ ସରୋଜ ସାଙ୍କୁ ଚାଷିଙ୍କ ସମସ୍ୟା ଓ ଜଳସେଚନ କେମିତି ଶେଷ ମୁଣ୍ଡ ପର୍ଯ୍ୟନ୍ତ ଯିବ ସେନେଇ ଆବଶ୍ୟକ ସ୍ଥଳେ ପ୍ରକଳ୍ପ ଓ କେନାଲ ମରାମତି କରି ଚାଷିଙ୍କ ସମସ୍ୟା ସମାଧାନ କରିବାକୁ କହିଛନ୍ତି। ତେବେ ବିଗତ ସରକାରଙ୍କ ସମୟରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ କୋଟି କୋଟି ଟଙ୍କା ଉନ୍ନତି ନାଁରେ ଖର୍ଚ୍ଚ ହୋଇଥିବା ବେଳେ, କେବଳ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ପକେଟକୁ ଯାଇଛି ଚାଷୀ ଆଜି ମଧ୍ୟ ବିଭିନ୍ନ କ୍ଷୁଦ୍ର ଜଳସେଚନ ଅଧୀନରେ ଥିବା ପ୍ରକଳ୍ପରୁ ଜଳସେଚନରୁ ବଞ୍ଚିତ ଥିବା ନେଇ ଚାଷୀମାନେ ବିଧାୟକଙ୍କୁ ଅଭିଯୋଗ କରିଥିଲେ। ବିଧାୟକଙ୍କ ଏହି ଗସ୍ତ ସମୟରେ ବିଭାଗୀୟ ସହକାରୀ ଯନ୍ତ୍ରୀ ତପନ କୁମାର ଦାସ, କନିଷ୍ଠ ଯନ୍ତ୍ରୀ ସୌମ୍ୟରଂଜନ ନାଏକ,ବିଜେପି ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ସାଧାରଣ ସମ୍ପାଦକ ତୁଳାରାମ ନାଏକ,ଦ୍ରୋଣାଚାର୍ଯ୍ୟ ପୂଜାରୀ, ଜିଲ୍ଲା ପ୍ରତିନିଧି ଅର୍ଜୁନ ଭାଟି, ଗୋପାଳ ଅଗ୍ରୱାଲ , କୋକସରା ମଣ୍ଡଳ ଜିଲ୍ଲା ପ୍ରତିନିଧି ଦୁର୍ଗା ପ୍ରସାଦ ପ୍ରଧାନୀ , ଯୁବ ମୋର୍ଚ୍ଚା ସଭାପତି ତ୍ରିଲୋକ୍ୟ ବେଶ୍ରା , ସନ୍ତୋଷ କୁମାର ମାଝୀ , ଭୁବନେଶ୍ୱର ନାଏକ,କାମଦେବ ମାଝୀ, ମକରନ୍ଦ ବାଗ, ଅଭିଜିତ ସରାବୁ, ସନାତନ ସୁନାନୀ, ଚକ୍ରଧର ବେଶ୍ରା , ନରେଶ ଗୁପ୍ତା , ଭଜନମ ନାଏକ ସମେତ ବିଜେପି କାର୍ଯ୍ୟକର୍ତ୍ତା ଓ ଚାଷୀ ମାନେ ଉପସ୍ଥିତ ଥିଲେ।

## ଯୁବତୀଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ କୋର୍ଟଚାଲାଣ

ଧର୍ମଗଡ଼ (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ମାନଝରି ଗ୍ରାମର ଜଣେ ଯୁବତୀ ଧର୍ମଗଡ ଥାନାରେ ଦୁଷ୍କର୍ମ ହୋଇଥିବା ଅଭିଯୋଗ ଦେଲା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ଧର୍ମଗଡ ପୋଲିସ। ଅଭିଯୋଗ ଥାଉ କି ଧର୍ମଗଡ ଥାନା କାସିବାହାଲ ଗାଁର ଜଣେ ବିବାହିତ ଯୁବକ ଚନ୍ଦ୍ରଶେଖର ଚଣ୍ଡୀ ଏବଂ ଉକ୍ତ ପୀଡିତା ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ପୀଡିତା ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇଥିବା ବେଳେ ଦୁହିଁଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ମଧ୍ୟ ରହି ଆସିଥିଲା। ପରେ ସମ୍ପୃକ୍ତ ଯୁବକ ଚନ୍ଦ୍ର ଶେଖର ବିବାହିତ ହୋଇଥିବା ବେଳେ ପୀଡିତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲା। ଏ ନେଇ ପୀଡିତା ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ଧର୍ମଗଡ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ଧର୍ମଗଡ ଥାନା କେସ ନମ୍ବର ୨୪୯/୨୫ ରେ ଏକ ମାମଲା ରୁଜୁ କରି ପୋଲିସ ସମ୍ପୃକ୍ତ ଯୁବକକୁ ଗିରଫ କରି ଥାନା କୁ ଆଣି ପଚରା ଉଚୁରା କରିବା ପରେ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୁଦର୍ଶନ ନାୟକ ସୂଚନା ଦେଇଛନ୍ତି।

## ଯୌତୁକ ନିର୍ଯାତନା ଦେଇ ହତ୍ୟା ମାମଲା, ସ୍ୱାମୀ ଗିରଫ

କେସିଙ୍ଗା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଭମରମାଲ ଗ୍ରାମରେ ଯୌତୁକ ନିର୍ଯାତନାରେ ହତ୍ୟା ଅଭିଯୋଗ ଘଟଣାରେ କେସିଙ୍ଗା ପୋଲିସ ଅଭିଯୁକ୍ତ ସ୍ୱାମୀ ଜଗନ୍ନାଥ ସାହୁଙ୍କୁ ଗିରଫ କରିଛି। ମୃତ କ୍ଷୀରବତୀଙ୍କ ବିଷ କ୍ରିୟାରେ ମୃତ୍ୟୁ ହେବା ପରେ ତାଙ୍କ ବାପା କେସିଙ୍ଗା ଥାନାରେ ତାଙ୍କ ଝିଅକୁ ସ୍ୱାମୀ ଜଗନ୍ନାଥ ଓ ତାଙ୍କ ପରିବାର ଲୋକ ମିଶି ବିଷ ପିଆଇ ମାରିଦିଆଯାଇଥିବା ଅଭିଯୋଗ କରିଥିଲେ। ଗତ ଗୁରୁବାର ଦିନ ଗ୍ରାମକୁ ମୃତଦେହ ନିଆଯାଇଥିବା ବେଳେ ଗ୍ରାମବାସୀ ଶବ ସତ୍କାର କରାଇ ଦେଇନଥିଲେ। ଜଗନ୍ନାଥଙ୍କ ପରିବାରକୁ ବିରୋଧ କରିଥିଲେ ଉତ୍ତେଜନାକୁ ନଜରରେ ରଖି ଗ୍ରାମରେ ପୋଲିସ ମୁତୟନ ହୋଇଥିଲେ। ମୃତଦେହ ପଡିରହିଥିବା ବେଳେ ଶୁକ୍ରବାର ବହୁ ବିଳମ୍ବରେ ଅପରାହ୍ନରେ ଶେଷକୃତ୍ୟ ହୋଇଥିଲା। ଗ୍ରାମରେ ପୁଲିସ ଛାଉଣୀ ଦେଖିବାକୁ ମିଳିଥିଲା। ବିବାହ ସମୟରେ ଦିଆଯାଇଥିବା ବିଭିନ୍ନ ସାମଗ୍ରୀ ଫେରା ଯାଇଛି। ପୋଲିସ ମୃତ କ୍ଷୀରବତୀଙ୍କ ସ୍ୱାମୀ ଜଗନ୍ନାଥଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନଙ୍କୁ ଖୋଜୁଥିବା ଜଣାପଡିଛି।।

## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ ୨୦୨୫' ଅନୁଷ୍ଠିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଟାଉନହଲ ଠାରେ ଜିଲ୍ଲାସ୍ତରୀୟ ମହକ କାର୍ଯ୍ୟକ୍ରମ ଆନନ୍ଦଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାର ଶିଶୁଯତ୍ନ ଅନୁଷ୍ଠାନମାନଙ୍କରେ ରହୁଥିବା ଶିଶୁମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ କଳାପ୍ରତିଭାର ବିକାଶ କରିବା ଉଦ୍ଦେଶ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ତଥା ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କଳାହାଣ୍ଡି ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ସ୍ନିଗ୍ଧା ପଣ୍ଡା, ବାଲଗୋପାଲ ସେବା ନିକେତନ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁ ଅତିଥି ବାବୁଲି ମାଝୀ , ଶିଶୁ ମଙ୍ଗଳ ସମିତିର ଅଧକ୍ଷ ରୂପେଶ କୁମାର ହୋତା,ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁଯତ୍ନ ଅନୁଷ୍ଠାନର ଶିଶୁମାନଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ବକ୍ତୃତା ଏକକ ସଙ୍ଗୀତ, ଚିତ୍ରାଙ୍କନ, କୁଇଜ୍ ଏବଂ ଦଳଗତ ନୃତ୍ୟ ଭଳି ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୫ ଟା ସମୟରେ ଏହି କାର୍ଯ୍ୟକ୍ରମର ଉଦଯାପନୀ ପର୍ବ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ, କଳାହାଣ୍ଡିର ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ର୍ଦ୍ୱାନ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ, ଶିଶୁ ମଙ୍ଗଳ ସମିତିର ଅଧକ୍ଷ ରୂପେଶ କୁମାର ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରା ଯାଇଥିଲା। ଏହି ଜିଲ୍ଲାସ୍ତରୀୟ ମହକ କାର୍ଯ୍ୟକ୍ରମରେ ସମସ୍ତ ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିବା କୃତି ପ୍ରତିଯୋଗୀ ମାନେ ଆସନ୍ତା ନଭେମ୍ବର ମାସରେ ହେବାକୁ ଥିବା ରାଜ୍ୟସ୍ତରୀୟ ମହକ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ମନୋନୀତ ହୋଇଛନ୍ତି ଏବଂ ସେମାନେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରି ଜିଲ୍ଲା ପାଇଁ ଗୌରବ ଆଣିବା ପାଇଁ ଆଶାବାଦୀ ଅଛନ୍ତି।




## ଜଳ ବିଭାଜିକା ହିତାଧିକାରୀ ତାଲିମ ଶିବିର

ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମହେନ୍ଦ୍ରପୁର ଗ୍ରାମଠାରେ ଜଳ ବିଭାଜିକା ତରଫରୁ ହିତାଧିକାରୀ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିନାପାଲି ସରପଞ୍ଚ ନୌକେଶ୍ୱର ପଟେଲ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଲୋଚନ ସାହୁ, ସାମ୍ବାଦିକ ସୁଶାନ୍ତ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ । ଜଳ ବିଭାଜିକା ତରଫରୁ ବୃଷ୍ଟିପୃଷ୍ଟ ଅଞ୍ଚଳ ଉନ୍ନୟନ ଆରଏଡି ଯୋଜନା ଜରିଆରେ ମହେନ୍ଦ୍ରପୁର ଗ୍ରାମର ବିକାଶ ପାଇଁ ଏହି ଗ୍ରାମକୁ ପାଇଲଟ ପ୍ରୋଜେକ୍ଟରେ ନେଇଥିବା ବେଳେ ଏହି ଗ୍ରାମର ଲୋକଙ୍କୁ ପନିପରିବା ଚାଷ, ତୈଳ ବୀଜ ଜାତୀୟ ଚାଷ, କୁକୁଡ଼ା ପାଳନ, ଛେଳି ଚାଷ, ମହୁ ଚାଷ, ଜିଆ ଉତ୍ପାଦନ ପାଇଁ ସରକାରୀ ସହାୟତା ପ୍ରଦାନ କରାଯିବ । ମୃତ୍ତିକା ସଂରକ୍ଷଣ ବୈଶୟୀକ ତାଲିମ ଦାତା ରାମେଶ୍ୱର ବାଗ ଏହି କାର୍ଯ୍ୟକ୍ରମ ବିଷୟରେ ଉପସ୍ଥିତ ଗ୍ରାମବାସୀଙ୍କୁ ବିଶଦ ଆଲୋଚନା କରି ବୁଝାଇଥିଲେ । ମୃତ୍ତିକା ସଂରକ୍ଷଣ ବ୍ଲକ ଅଧିକାରୀ ସୁରଥ ମାଝୀ ଏହି ଯୋଜନାର ସଠିକ୍ ରୂପାୟନ କରିବାକୁ ଆହ୍ୱାନ ଦେବା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଭାଗ, ମତ୍ସ୍ୟ ବିଭାଗ, ଉଦ୍ୟାନ କୃଷି ବିଭାଗ, ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।




## ଯାଦବ ସମାଜର ନୂଆଁଖାଇ ଭେଟଘାଟ



ନର୍ଲା,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ରୁପ୍ରାରୋଡ ଗ୍ରାମ ପଞ୍ଚାୟତ ଯାଦବ ସମାଜ ପକ୍ଷରୁ ଲକ୍ଷ୍ମୀପୂଜା ମଣ୍ଡପ ଠାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯାଦବ ସଂସ୍କୃତିର ମହାନ ବିଭବ ବାଡ଼ିଖେଳ ସହ ଘୁମୁରା, ଗଣାବଜା ସହ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଏକ ଭବ୍ୟ ଶୋଭାଯାତ୍ରାରେ ବରଗାଁ ସମଲେଇ ମନ୍ଦିରରୁ ଛତର ଆସିଥିବାବେଳେ ଜଗନ୍ନାଥ ମନ୍ଦିରରୁ ରାଧାକୃଷ୍ଣଙ୍କ ଫଟୋଚିତ୍ରକୁ ମଞ୍ଚକୁ ଆଣି ସ୍ଥାପନ କରାଯାଇଥିଲା। ସମସ୍ତେ ଏକାଠି ବସି କୁରେ ପତରରେ ନୂଆ ଖାଇବା ପରେ ଜୁହାର ଭେଟ ହୋଇଥିଲେ। ରୁପ୍ରାରୋଡ ଗ୍ରାମ ପଞ୍ଚାୟତ ଯାଦବ ସମାଜର ସଭାପତି ତ୍ରିଲୋଚନ ଗଉଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ସମାରୋହ ତଥା ସାମାଜିକ ସଭାରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଢ, ବିଶିଷ୍ଟ ଅତିଥି ଭାବେ ଉତ୍କଳ ଯାଦବ ମହାସଭାର ସମ୍ପାଦକ ଗୋବିନ୍ଦ ବନଛୋର, ମୁଖ୍ୟ ବକ୍ତା ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡାମାଝୀ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଅଭ୍ୟର୍ଥନା କମିଟି ସଭାପତି ଗିରିଧାରୀ ଗଉଡ, ନର୍ଲା ବ୍ଲକ୍ ଯାଦବ ସମିତି ସଭାପତି ଲିଙ୍ଗରାଜ କରୁଆଁ, ପୂର୍ବତନ ବ୍ଲକ ସଭାପତି ହୃଷିକେଶ ଭୋଇ, ନର୍ଲା ବ୍ଲକ ଯୁବ ଯାଦବ ମହାସଭା ସଭାପତି ପ୍ରସୁନ୍ନ କୁମାର ଜାଲ, ଶିକ୍ଷାବିତ ମାଧବ ନାଗ ଓ ଜୟଚନ୍ଦ୍ର ହାତୀ, ସମଲେଇ ପୂଜକ ଗୁଷିନାଥ ବାଗ, ବାଏଚନ ବାଗ, ଭୀମ ବାଗ, ରୁପ୍ରାରୋଡ ଗ୍ରାମ ପଞ୍ଚାୟତ ଯାଦବ ସମାଜର ଉପସଭାପତି ପିତାମ୍ବର ଖୁଣ୍ଟୁଲା, ଯୁଗ୍ମ ସମ୍ପାଦକ ସୁବାସ ଗହୀର ପ୍ରମୁଖ ମଞ୍ଚାସୀନ ରହି ସମାଜ ସଙ୍ଗଠନକୁ ଆହୁରି ମଜଭୂତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ମୁଖ୍ୟ ବକ୍ତା ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡାମାଝୀ, ସମ୍ମାନିତ ଅତିଥି ଭାବେ ଉସ୍ତାଦ ବିସମିଲା ଖାଁ ଜାତୀୟ ପୁରସ୍କାର ପ୍ରାପ୍ତ ଲୋକକଳାକାର ସର୍ବେଶ୍ୱର ଭୋଇ, ରୁପ୍ରାରୋଡ ସରପଞ୍ଚ ହେମନ୍ତ ଭୋଇ, ଭୀମକେଲା ସରପଞ୍ଚଙ୍କ ପ୍ରତିନିଧି ଜୟନ୍ତ ଗଉଡ, ବିଖ୍ୟାତ ମୃଦଙ୍ଗ ବାଦକ ଖଗେଶ୍ୱର ଗଉଡ ପ୍ରମୁଖ ମଞ୍ଚାସୀନ ରହି ଗଣପର୍ବ ନୂଆଖାଇର ତତ୍ୱ ଓ ଦର୍ଶନ ଉପରେ ଆଲୋକପାତ କରିବା ସହ ଲୋକକଳାର ପୁନଃରୁତ୍ଥାନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ରୁପ୍ରାରୋଡଠାରେ ନୂତନ ଯାଦବ ଭବନ ନିର୍ମାଣ ପାଇଁ ବିଧାୟିକା ଶ୍ରୀମତୀ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ। ଏହି ଯାଦବ ଭବନ ନିର୍ମାଣ ପାଇଁ ବିଷ୍ଣୁ ବିଶି ଓ ତାଙ୍କ ଧର୍ମପତ୍ନୀ ଧ୍ରୁବେନ ବିଶି, ପିତାମ ଖୁଣ୍ଟିଲା ଓ ତାଙ୍କ ଧର୍ମପତ୍ନୀ ଗୁଣମତୀ ଖୁଣ୍ଟିଲା ଭୂମୀଦାନ କରିବେ ବୋଲି ମଞ୍ଚରେ ଘୋଷଣା କରିଥିଲେ। ଉଦଯାପନୀ ସମାରୋହରେ ଯାଦବ ଲଳନା ମାନଙ୍କୁ ନେଇ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯୁବ ଗାଳ୍ପିକ ସୁଧୀର କୁମାର ଧଙ୍ଗଡାମାଝୀ ମଞ୍ଚ ପରିଚାଳନା କରିଥିବାବେଳେ ରୁପ୍ରାରୋଡ ଗ୍ରାମ ପଞ୍ଚାୟତ ଯାଦବ ସମାଜର ଉପସଭାପତି ପିତାମ୍ବର ଖୁଣ୍ଟୁଲା, ଯୁଗ୍ମ ସମ୍ପାଦକ ସୁବାସ ଗହୀର, କୋଷାଧ୍ୟକ୍ଷ ଅର୍ଜୁନ ଭୋଇ, ନରେଶ ଗଉଡ, ନିରାକାର ଗଉଡ଼, ଜନକ ପୋଢ, ପୂର୍ଣ୍ଣଚନ୍ଦ୍ର କରୁଆଁ, ଅଶୋକ ହଂସ, ଗିରିଧାରୀ ବାଗ, ସନ୍ତୋଷ ସେଲମା ପ୍ରମୁଖଙ୍କ ସମେତ ଅନେକ ମହିଳା ଓ ଯୁବ ଯାଦବ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନିଃଶୁଳ୍କ ଆକ୍ୟୁପ୍ରେସର୍ ଥେରାପି ଚିକିତ୍ସା ଶିବିର ଉଦ୍‌ଯାପିତ



ଧର୍ମଗଡ (ଭାସ୍କର ନ୍ୟୁଜ)ଧର୍ମଗଡ ଜଗନ୍ନାଥ ସେବା ସମିତି ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ଶ୍ରୀକୃଷ୍ଣ ଭବନ ଠାରେ ନିଃଶୁଳ୍କ ଆକ୍ୟୁ ପ୍ରେସର୍ ଥେରାପି ଚିକିତ୍ସା ଶିବିର ର ଉଦ୍‌ଯାପିତ ହୋଇଯାଇଛି। ଜଗନ୍ନାଥ ସେବା ସମିତିର ଅଧକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ଉଦଯାପନୀ କାର୍ଯ୍ୟକ୍ରମରେ ଧର୍ମଗଡ ବିଡିଓ ସଦାଶିବ ନାୟକ, ବିଶିଷ୍ଟ ସମାଜସେବୀ ସୁକଲାଲ ଅଗ୍ରୱାଲ,ପୁର୍ବତନ ଜିଲ୍ଲା ପରିଷଦ ସଭ୍ୟ ଘନଶ୍ୟାମ ଅଗ୍ରୱାଲ ଯୋଗ ଦେଇଥିଲେ।ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ସାହୁ କାର୍ଯକ୍ରମ ପରିଚାଳନା କରୁଥିବା ବେଳେ ଅନୁଷ୍ଠାନର ସଦସ୍ୟ ନବୀନ ଅଗ୍ରୱାଲ ଧନ୍ୟବାଦ୍ ଅର୍ପଣ କରିଥଲେ। ରାଜସ୍ଥାନ ଯୋଧପୁରରୁ ଆସିଥିବା ଆକ୍ୟୁ ପ୍ରେସର୍ ଥେରାପି ସ୍ପେସିଆଲିଷ୍ଟ କୌଶଳ ସିଂ ରାଜ ପୁରୋହିତ ଓ ଡାକ୍ତର ତେଜରାଜ ଚୌଧୁରୀଙ୍କ ଦ୍ୱାରା ଛଅ ଦିନ ଧରି ଅନୁଷ୍ଠିତ ଏହି ଶିବିରରେ ବିଭିନ୍ନ ରୋଗରେ ପୀଡିତ ଥିବା ପ୍ରାୟ ୨୦୦ ରୋଗୀଙ୍କ ରୋଗର ଉପଚାର ବିନା ଔଷଧ ରେ ଆକ୍ୟୁ ପ୍ରେସର୍ ଥେରାପି ଦ୍ୱାରା ମାଗଣାରେ କରାଯାଇଥିଲା। ଏହି ଅବସରରେ ଆକ୍ୟୁ ପ୍ରେସର୍ ଥେରାପି ସ୍ପେସିଆଲିଷ୍ଟ କୌଶଳ ସିଂ ରାଜ ପୁରୋହିତ ଓ ଡାକ୍ତର ତେଜରାଜ ଚୌଧୁରୀ ଜଗନ୍ନାଥ ସେବା ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମା' କର୍ଲାସନୀଙ୍କ ଝାମୁଯାତ୍ରା ପାଳିତ


ନର୍ଲା,(ଭାସ୍କର ନ୍ୟୁଜ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ କୁର୍ମେଲ୍ ପଞ୍ଚାୟତର ଗୋରକେଲ୍ ଗାଁରେ ମା' କର୍ଲାସନୀଙ୍କ ଝାମୁଯାତ୍ରା ମହା ଆଡ଼ମ୍ବର ସହିତ ପାଳନ କରାଯାଇଛି। ଦୀର୍ଘ ତିନି ପିଢ଼ିରୁ ଆୟୋଜିତ ହେଉଥିବା ଉକ୍ତ ଯାତ୍ରାରେ ୧୨ ହାତ ଲମ୍ବର ଏକ ନିଆଁ କୁଣ୍ଡରେ କାଳିସୀ ଲାଗିଥିବା ବ୍ୟକ୍ତି ଖାଲି ପାଦରେ ଚାଲିଥାନ୍ତି। ସେଥିପାଇଁ ଗାଁ ଲୋକେ ସକାଳ ଆଠଟାରୁ ବଡ଼ ବଡ଼ କାଠକୁ ଜାଳି ଅଙ୍ଗାର ପ୍ରସ୍ତୁତ କରିଥାନ୍ତି। ଗାଁର ଗୌନ୍ତିଆ ଚିନ୍ତାମଣି ପାତ୍ରଙ୍କୁ ମା' କର୍ଲାସନୀଙ୍କ ଆବିର୍ଭାବ ପରେ ସେହି କାଳିସୀ ପ୍ରଥମେ ଗାଁ ପରିକ୍ରମା କରି ଘରେ ଘରେ ପୂଜା ପାଇବା ଦୃଶ୍ୟ ଦେଖିବାକୁ ମିଳିଥିଲା। ସେଥିପାଇଁ ଗାଁର ପ୍ରତ୍ୟେକ ଘର ସାମ୍ନାରେ କଳସ ସ୍ଥାପନ କରି ମା'ଙ୍କୁ ପୂଜା ଅର୍ଚ୍ଚନା କରାଯାଇଥିଲା। ପରେ ସନ୍ଧ୍ୟା ୫ ଟା ୩୦ ମିନିଟରେ କାଳିସୀ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଅଗ୍ନିକୁଣ୍ଡରେ ଚାଲୁଥିବା ଦୃଶ୍ୟ ଦେଖଣାହାରୀଙ୍କ ମନରେ ବିଶ୍ୱାସ ଓ ଭକ୍ତି ଜାଗ୍ରତ କରିଥିଲା। ଏହି ଯାତ୍ରା ଦେଖିବାକୁ ଆଖ ପାଖ ଅଞ୍ଚଳର ହଜାର୍ ହଜାର୍ ଲୋକଙ୍କ ସମାଗମ ହୋଇଥିଲା।

## ରାଶିଫଳ


**ରବିବାର, ୧୪ ସେପ୍ଟେମ୍ବର ୨୦୨୫**




**ମେଷ :** ଦିନଟି ଲାଭଦାୟକ ହେବ। ଆଜି ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ଆଜିର ଦିନଟି ଭଲ ଆକାରରେ କଟିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ।




**ବୃଷ :** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଜନମାଷ୍ଟମୀ ଦିନ ବହୁତ ଲାଭ ଆଣିପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ। ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ।



**ମିଥୁନ :** ଛାତ୍ରଛାତ୍ରୀ ସଫଳତା ହାସଲ କରିବ। ପାର୍ଟି ଏବଂ ପିକନିକ୍ ଉପଭୋଗ କରାଯିବ। ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରାଯାଇପାରେ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ।




**କର୍କଟ :** କିଛି ବଡ ଅସୁବିଧା ଆସିପାରେ। ଅଧିକ ତ୍ୱରାନ୍ୱିତ ହେବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ଅନାବଶ୍ୟକ ନକାରାତ୍ମକତା ଦେଖାଯିବ।



**ସିଂହ :** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ, ଯେ କୌଣସି ବ୍ୟକ୍ତିଙ୍କ ସହ ସହଯୋଗ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ। ବ୍ୟବସାୟ ବୃଦ୍ଧି ପାଇବ।




**କନ୍ୟା :** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ଶତ୍ରୁମାନେ ସକ୍ରିୟ ରହିବେ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ବ୍ୟବସାୟ ଅନୁକୂଳ ଲାଭ ଦେବ।




**ବିଛା :** ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ବ୍ୟବସାୟ ଭଲ ହେବ।



**ଧନୁ :** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ। ସେଠାରେ ଭୟ ଏବଂ ସନ୍ଦେହ ରହିବ। ପରିବାର ସହାୟତା ଉପଲବ୍ଧ ହେବ। ସୁଖ ରହିବ।



**ମକର :** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ତତ୍ପରତା ନାହିଁ ।



**କୁମ୍ଭ :** ଆଜି ଏକ ବିଶେଷ ପୂଜା ଦିବସ ହେବ। ଚାକିରିରେ କାମ କରିବାକୁ ଭଲ ପାଆନ୍ତି। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ।



**ମୀନ :** ବ୍ୟବସାୟ ଲାଭଦାୟକ ହେବ। ଅଳସୁଆତା ଜିତିବ। ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଥାଇପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।



ଶ୍ରୀପତି ଉବାଚ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯